୧ ଫେବୃଆରୀ ୨୦୧୬ : ୧୦ଟଙ୍କା

ଉର୍ଜ୍ଜନା

ମାଘ ୧୫୨୨

LIST OF WORKERS WHO INITIATED ABOVE THOUSAND (DEC-2015 TERM)

AMBARISH CHAKRABORTY
ANINDYADYUTI CHAKRAVARTY
AMITRAJIT CHAKRAVORTY
ADAITYA NASKAR
ANIL KUMAR MONDAL
ANIRUDDHA DASH
BHAGABAN DAS
BHASWAR BANERJEE
BIDHU BHUSAN DEBNATH
BIJOY KRISHNA BARMAN
BISWAJIT DEY
BRAHMA PRASAD DAS
BROJO GOPAL GURU
CHINTAMANI MOHAPATRA
CHITTARANJAN BANERJEE
DEBASHIS SAHA
DIPANKAR DASSARKAR
DIPENDRA NATH RAY
GAJENDRA PRASAD SINGH
GOURKRISHOR DEYJOARDAR
HARAN CHANDRA MANDAL
HARIKANTA SARKAR
HIMANGSHU CHANDRA SARKAR
HIREN KRISHNA PAL
HRUSHIKESH SENAPATI
JITENDRA NATH PAL
JOGESH CHANDRA HAIT
JUGAL DAS
LALIT NARAYAN OJHA
NANDAN HUNJA RAY
NARAYAN PRASAD
NIRMAL CHANDRA PAL
NRIPENDRA NARAYAN KAR
OMPRAKASH SHARMA
PANKAJ KUMAR BHOWMIK
PARESH NATH ROY
PRAMOD KUMAR DAS
PRASENJIT DASCHOUDHURY
RABINDRA DAS
RAJESH KUMAR KHANDELWAL
RAMESH CHANDRA NAYAK
RICKSUNDRA SARKAR
SAGAR KUMAR PATI
SHUBHRANSHU SARKAR
SUDHANGSHU PUSTI
SUNIL KUNDU
SWAPAN KUMAR CHANG
SWARUP CHAKRABARTY
TAPAN KUMAR SAHA
TARUN KANTI KARMAKAR
TEJENDRA NATH MANDAL
TRILOKESH BERA
UPENDRA NATH CHAKRABARTY

ଉର୍ଜ୍ଜନା

(ଜୀବନ–ବୃଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)

ଯେନାତ୍ମନସ୍ତଥାନ୍ୟେଷାଂ ଜୀବନଂ
ବର୍ଦ୍ଧନଞ୍ଚାପି ଧ୍ରୀୟତେ ସ ଧର୍ମଃ ।

ଦେଉଛ ତୁମେ, ନେଉଛି ତୁମର,
ପ୍ରୀତିର ତୋଡ଼େ ଦେଉନା,
ଠିକ୍ ଜାଣ ତା'ର କୃତିରେ ନାହିଁ
ବିଭବ–ବିଭା **ଉର୍ଜ୍ଜନା** । ୭ ।
(ଅନୁଶ୍ରୁତି, ୫ମଖଣ୍ଡ, ଚରିତ୍ର)

36th Year, 5th issue
Magha-1422, February-2016
Anukulabda- 70
Price - Rs.10/-

ପ୍ରଚ୍ଛଦ : ସତ୍‌ସଙ୍ଗ ବିହାର, ନଳହାଟି, ବୀରଭୂମ, ପଶ୍ଚିମବଙ୍ଗ
ଅଳଙ୍କରଣ : ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର

ଉର୍ଜ୍ଜନା କାର୍ଯ୍ୟାଳୟ

ସତ୍‌ସଙ୍ଗ ବିହାର, ବକ୍ସିବଜାର, କଟକ–୧
ଫୋନ୍ : (୦୬୭୧) ୨୩୦୪୧୪୦

visit us to : www.urjana.net
E-mail: mail@satsang.org.in

ସମ୍ପାଦକ : ଡାଃ. ବିନାୟକ ମହାପାତ୍ର

ଉର୍ଜ୍ଜନାର ନିୟମାବଳୀ : ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଉର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତା୧ରିଖ ଓ ତା୧୫ରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତା୧୯/୨୦ରିଖରେ ଡାକଯୋଗେ ପଠାଯାଏ ।

୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍‌ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।

୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଉର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।

୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଉର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।

୫. ଭାରତରେ ଡାକଖର୍ଚ୍ଚ ସହ ଅର୍ଘ୍ୟର ହାର : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ଟ୧୦.୦୦ ପଇସା ।

୬. ଟଙ୍କା ପଠାଇବାର ଠିକଣା–**ମ୍ୟାନେଜର, ଉର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର, (ଝାଡ଼ଖଣ୍ଡ), Pin. : 814116**

୭. ଏଜେନ୍‌ସିର ନିୟମାବଳୀ ପାଇଁ ପତ୍ର ଲେଖନ୍ତୁ ।

ଉର୍ଜ୍ଜନାର ଲେଖକମାନଙ୍କ ପ୍ରତି

୧. ଉର୍ଜ୍ଜନାରେ ପ୍ରକାଶ ପାଇଁ ସମଗ୍ର ରଚ୍‌ନାର **ଡ଼ି.ଟି.ପି କରି ନିଜର ସଂପୂର୍ଣ୍ଣ ନାମ, ଠିକଣା ଓ ଫୋନ୍ ନମ୍ବର** ସହିତ ପଠାଇବା ଆବଶ୍ୟକ । କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶିତ ହେବାର ବାଧ୍ୟବାଧକତା ନାହିଁ। ଅମନୋନୀତ ରଚନା ଫେରସ୍ତ ଦିଆଯାଏ ନାହିଁ। ରଚନାର ପ୍ରକାଶନ ତଥା ଅଂଶବଶେଷର ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କ ଇଚ୍ଛାଧୀନ ।

୨. ରଚ୍‌ନା ମଧ୍ୟରେ ଯେକୌଣସି ଉଦ୍ଧୃତିର ମୂଳ ପୁସ୍ତକର ନାମ, ଲେଖକ ଓ ପୃଷ୍ଠାସଂଖ୍ୟା ଉଲ୍ଲେଖ କରିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେ ଲେଖା ପ୍ରକାଶିତ ହୁଏନା ।

୩. ଚଳିତ ସଂଖ୍ୟାରେ କୌଣସି ରଚନା ବା ସମ୍ବାଦ ପ୍ରକାଶ କରିବାକୁ ହେଲେ ଅନ୍ତତଃ ଏକ ମାସ ଆଗରୁ ଲେଖା ପହଞ୍ଚିବା ଅବଶ୍ୟ ପ୍ରୟୋଜନ ।

୪. ଲେଖା ଓ ସମ୍ବାଦ — **ସଂପାଦକ (Editor) , ଉର୍ଜ୍ଜନା ପୋ.: ସତ୍‌ସଙ୍ଗ , ଦେଓଘର (ଝାଡ଼ଖଣ୍ଡ),**
Pin. : 814116 ଠିକଣାରେ ପଠାଇବାକୁ ହେବ ।

ମୂଲ୍ୟ : ଟ୧୦.୦୦ପ.

ସୂଚୀପତ୍ର

ମାଘ– ୧୪୨୨ ସାଲ

- **ପ୍ରେଷ୍ଠ–ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ** – ୨୯୨
- **ଶ୍ରୀଶ୍ରୀଠାକୁରଙ୍କ ସହିତ କଥୋପକଥନ – ଆଲୋଚନା–ପ୍ରସଙ୍ଗ :** *ଶ୍ରୀପ୍ରଫୁଲ୍ଲ କୁମାର ଦାସ* – ୨୯୫
  - **ନାନା–ପ୍ରସଙ୍ଗ :** *ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ* – ୩୦୧
  - **କଥା–ପ୍ରସଙ୍ଗ :** *ଶ୍ରୀସୁଶୀଳ ଚନ୍ଦ୍ର ବସୁ* – ୩୦୪
  - **ଅମୀୟ ବାଣୀ :** *ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ* – ୩୦୬
  - **ପ୍ରତୁଳଦୀପ୍ତି :** *ଶ୍ରୀମଣିଲାଲ ଚକ୍ରବର୍ତ୍ତୀ* – ୩୦୮
- **ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ – ଇଷ୍ଟପ୍ରସଙ୍ଗ :** *ଡ଼ଃ. ଶ୍ୟାମସୁନ୍ଦର ରକ୍ଷିତ* – ୩୧୦
- **ପ୍ରସଙ୍ଗ : ସତ୍ୟାନୁସରଣ** – ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା – ୩୧୨
- **ସାଧନାର ପଥେ** – ଦୀକ୍ଷା ନେବା କାହିଁକି ? – ୩୧୪
- **କର୍ମୀ–ଦର୍ପଣ** – ଶ୍ରୀଶ୍ରୀଠାକୁରଙ୍କ ସୁଖ କେଉଁଥିରେ ? – ୩୧୫
- **ମାତୃ ଜଗତ** – ମଣିଷ ଭିନ୍ନ ଭିନ୍ନ ପ୍ରକୃତିର ହୁଏ କାହିଁକି ? – ୩୧୬
- **ପ୍ରସଙ୍ଗ : ଶିକ୍ଷା** – ଶିକ୍ଷକର କରଣୀୟ – ୩୧୭
- **ବର୍ଣ୍ଣାଶ୍ରମ–ବ୍ୟବସ୍ଥା** – ବର୍ଣ୍ଣାଶ୍ରମ ଭିତ୍ତିକ ସମାଜ ଗଠନର ଉପକାରିତା – ୩୧୮
- **ଯେମନ ତାଁକେ ଦେଖି** – ଯେମିତି ତାଙ୍କୁ ଦେଖେ – ୩୧୯
- **ପୂର୍ବବର୍ତ୍ତୀଙ୍କ ପ୍ରସଙ୍ଗରେ** – ଗୁରୁ–ପୁରୁଷୋତ୍ତମ ଶ୍ରୀଶ୍ରୀରାମକୃଷ୍ଣଦେବ (୧) – ୩୨୧
- **ଦିବ୍ୟଲୀଳା** – ରକ୍ଷକ ଯେଉଁଠି ଇଷ୍ଟଦେବ ।/ମୃତ୍ୟୁହିଁ ପାଇବ ପରାଭବ ।।: *ଡ଼କ୍ଟର ନିରଞ୍ଜନ ମିଶ୍ର* – ୩୨୨
- **ଦିବ୍ୟ ଅନୁଭୂତି** – ଅନୁପମେୟ : *ଶ୍ରୀଦୁଲାଲ ମଜୁମଦାର* – ୩୨୬
- **ଶ୍ରୀଶ୍ରୀବଡ଼ଦା ସ୍ମରଣେ** – ସ୍ମୃତିର ଆଲୋକରେ : *ଶ୍ରୀଗିରୀନ୍ଦ୍ରନାଥ ଦେବଶର୍ମା* – ୩୩୧
- **ବିବରଣୀ** – କର୍ମୀମାନଙ୍କ ଉଦ୍ଦେଶ୍ୟରେ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା – ୩୩୪
  - ରତ୍ୱିକ୍–ସମ୍ମେଳନରେ ସତ୍‌ସଙ୍ଗ–ସଭାପତି ପୂଜ୍ୟପାଦ ମେଜଦା – ୩୩୭
  - ରତ୍ୱିକ୍–ସମ୍ମେଳନରେ ପୂଜନୀୟ ବାବାଇବାବୁ – ୩୩୮
- ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୫ତମ ଜନ୍ମ ମହୋତ୍ସବ ଏବଂ ୩୦୨ତମ ସତ୍‌ସଙ୍ଗ ରତ୍ୱିକ୍–ସମ୍ମେଳନ – ୩୪୨
- ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ୪୮ତମ ପବିତ୍ର ବନଭୋଜନ ଉତ୍ସବ (ମାଣିକପୁରଠାରେ) – ୩୫୪
- **ଆଶ୍ରମ ସମ୍ବାଦ** – ୩୫୮
- **ସମ୍ପାଦକୀୟ** – ୩୬୦



ପରମପ୍ରେମମୟ
ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ

ବାଗ୍‌ବିଦ୍ୱେଷୀ ହୁଅନା,
ବାକ୍‌କୁ ବ୍ୟତିକ୍ରମଦୁଷ୍ଟ କରିବାକୁ ଯାଅନା,
ବାକ୍‌ର ଉଦ୍ଭାବୟିତାହିଁ ହେଉଛନ୍ତି —
ବାଗ୍‌ଦେବୀ,
ଆଉ, ବାଗ୍‌ଦେବୀଙ୍କ ଆଶୀର୍ବାଦରେହିଁ
ଆମେମାନେ ବାକ୍ୟବିତ୍,
ଆମେମାନେ କାହିଁକି,
ପଶୁପକ୍ଷୀ ଇତ୍ୟାଦି ସବୁ-ସମେତ, —
ଯା'ର ଯେଉଁଭଳି ପରିବେଶ,
ଯା'ର ଯେଉଁଭଳି ପ୍ରକୃତି —
ତଦନୁପାତିକ ବିନ୍ୟାସ-ବିଭବରେ
ବିଭବାନ୍ୱିତ ହୋଇ ଚାଲିଛି,
ଚାଲିବ ଏବେବି;
ମୂକ ହୋଇ ଯିବା
କିମ୍ବା ବାଗ୍‌ବିରୋଧୀ ହେବା —
ସେଇ ବାଗ୍‌ଦେବୀଙ୍କ ଆଶୀର୍ବାଦରୁହିଁ
ବଞ୍ଚିତ ହେବା,
ବିଦୀପ୍ତ ନ ହୋଇ ଚାଲିବା;

ବାଗ୍‌ଦେବୀ ଆମମାନଙ୍କର
ଅନ୍ତରଦୀପନାର ସ୍ୱରସମ୍ବେଗ, —
ଯେଉଁ ସ୍ୱରସମ୍ବେଗ
ଉଦ୍ଭାସିତ ହୋଇଉଠେ ସୁରଦୀପନାରେ;
ପୁଣି, ଏହି ସୁରଦୀପନାହିଁ ନେଇ ଆସେ —
ସନ୍ଦୀପନୀ ଉର୍ଜ୍ଜନା,
କିମ୍ବା ତାମସଦୀପନୀ ତମସା;
ତେଣୁ କହେ —
ବାକ୍‌ର ପୂଜାରୀ ହୁଅ, —
ତା'ର ଆବିର୍ଭାବ
ତୁମ ନିକଟରେ
ଯେଉଁଭଳି କରିହିଁ ହୋଇ ଥାଉ ନା କାହିଁକି,
ଆଉ, ଏହି ବାକ୍‌ର ଭିତର ଦେଇ
ତୁମମାନଙ୍କର ବୋଧ
ଆଶିସ୍‌–ଦୀପନାରେ ଉଚ୍ଛ୍ୱସିତ ହୋଇ
ଉଦ୍ଭାସିତ ହୋଇଉଠିବ ସମସ୍ତଙ୍କ ନିକଟରେ
ସମସ୍ତଙ୍କ ଅନ୍ତଃସ୍ଥ ସମ୍ବର୍ଦ୍ଧନୀ ସ୍ୱଭାବ ନେଇ
ଏହି ବାକ୍‌କୁ
ବିଭୂତି–ଉତ୍ସର୍ଜ୍ଜନାରେ ସୁସଜ୍ଜିତ କରିବାକୁ
ଟିକେବି ତ୍ରୁଟି କରିବନି;
ଯେଉଁଠି ଭାଷାବିରୋଧ
ବାଗ୍‌ବିରୋଧବି ସେଠାରେ,
ଆଉ, ସେଇଠାରେହିଁ ବାଗ୍‌ଦେବୀ
ତାଚ୍ଛଲ୍ୟ–ତମସାରେ
ଆରତିହୀନ ମୁହ୍ୟମାଣ ହୋଇ
ବୋଧବିକାଶକୁ
କୁତ୍ସିତ ବିକୃତ୍ୟଣାରେ ବିଲୋଳ କରି
ବ୍ୟକ୍ତିତ୍ୱକୁ ସ୍ଥବିର କରିତୋଳନ୍ତି;
ଏହି ବାକ୍‌ହିଁ ଈଶ୍ୱରଙ୍କର ସ୍ୱଭାବ–ଐଶ୍ୱର୍ଯ୍ୟ,
ଈଶ୍ୱର ସିଏ —
ଯା'ଙ୍କ ଧାରଣପାଳନ–ସମ୍ବେଗର ଭିତର ଦେଇ
ଆମେମାନେ ସଂସ୍ଥ ହୋଇ ଅଛୁ,
ବଞ୍ଚି ଅଛୁ;
ତା'ହେଲେହିଁ ହେଉଛି —
ଆମମାନଙ୍କର ବଞ୍ଚାବଢ଼ାକୁ
ଆମେମାନେହିଁ ତାଚ୍ଛଲ୍ୟ କରୁଛୁ,
ଘୃଣା କରି
ଲଜ୍ଜାକର ଦମ୍ଭରେ
ଆମେମାନେ ଆମମାନଙ୍କୁ
ନାରକୀୟ ସନ୍ଦୀପନାରେ ସୁଦୃଢ଼ କରି ତୋଳୁଛୁ;
କାହିଁକି ?
ସତ୍ତା ତ ତୁମମାନଙ୍କର ଶତ୍ରୁ ନୁହେଁ !
ସତ୍ତା ବଞ୍ଚି ରହୁ
ବଢ଼ି ଚାଲୁ,
ସତ୍ତା —
ସଙ୍ଗତିଲାଭ କରି
ବିରାଟ ହୋଇଉଠୁ,
ବିପୁଳ ଉର୍ଜ୍ଜନାରେ
ତୁମର ପରିବାର,
ପରିବେଶ,
ଜାତି —
ଏପରିକି, ଦୂରଦୂରାନ୍ତ ପର୍ଯ୍ୟନ୍ତ ଉଦ୍ଭାସିତ କରି
ତୁମମାନଙ୍କର ଆରତିମଣ୍ଡିତ ହୋଇଉଠୁ;
ଏହିଭଳି ଭ୍ରମ–କଳଙ୍କ
କାହିଁକି ତୁମମାନଙ୍କୁ ଧରିବ ?
ତୁମେମାନେ କ'ଣ ମଣିଷ ନୁହଁ ?
ଦେବଦ୍ୟୁତି କ'ଣ
ତୁମମାନଙ୍କ ଭିତରେ ଜାଗ୍ରତ ନାହିଁ ?
ଏକଦମ ଲିଭି ଗଲା ?
ତା' କୌଣସିଥିରେହିଁ ନୁହେଁ,
ତା' ହୋଇପାରେନା;
ପ୍ରାଣଖୋଲି କୁହ —
'ସରସ୍ୱତ୍ୟୈ ନମୋନିତ୍ୟଂ ଭଦ୍ରକାଳ୍ୟୈ ନମୋନମଃ ।
ବେଦ–ବେଦାଙ୍ଗ–ବେଦାନ୍ତ–ବିଦ୍ୟାସ୍ଥାନେଭ୍ୟ ଏବ ଚ ॥'
ପୁଣି, କୁହ —
ବୀଣାପାଣି !
ସ୍ୱରସନ୍ଦୀପ୍ତ ଆମମାନଙ୍କର ପ୍ରାଣନ–ବୀଣାରେ
ତୁମେ ଅଧିଷ୍ଠିତ ଥାଅ,

ଉଦ୍ଦୀପ୍ତ ହୋଇଉଠ,
ସନ୍ଦୀପ୍ତ ହୋଇ ଚାଲ,
ପ୍ରତିପ୍ରତ୍ୟେକକୁ
ମଙ୍ଗଳର ଅଧିକାରୀ କରିତୋଳ;
ତୁମେହିଁ ତ
ବର୍ଦ୍ଧନାର ଜନନୀ,
ସନ୍ଦୀପନୀ ମନ୍ତ୍ର,
ଉତ୍ସର୍ଜ୍ଜନୀ ଆବେଗ,
ଜୀବନର
ସମୃର୍ଦ୍ଧନାର ଆରୋହଣୀ ଉଦ୍ୟମ,
ଉତ୍ସାହର ନନ୍ଦନ–ବିଭା;
କଳନିନାଦିତ ସୁରସ୍ରୋତ
ତୁମର ସେଇ ବୀଣା–ଝଙ୍କାରର ନର୍ତ୍ତନ–ବିଭବରେ
ନାଚି–ନାଚି ଢ଼ଉ ଖେଳି
ହଂସନିନାଦ–ତାତ୍ପର୍ଯ୍ୟରେ
ତୁମକୁ ବହନ କରି ନେଇ ଚାଲିଛି;
ମା' !
ଏପରି ସୌଭାଗ୍ୟ ଦିଅ —
ଦିଅ ମା' !
ଏପରି ଶିଷ୍ଟ ଆଗ୍ରହ ଦିଅ, —
ଧୃତିକୃତିର ସମ୍ୟକ୍ ବିଧାୟନା —
ଯା' ଆମମାନଙ୍କ ଭିତରେ ଉତ୍ସବାନ୍ୱିତ ହୋଇ
ଉତ୍ସର୍ଜ୍ଜନାରେ ଉଦ୍ଦୀପ୍ତ ହୋଇଥାଏ;
ତୁମେ ଆସ —
ମୋର ସାରାଦୁନିଆର ଦୋଦୁଲ୍ୟ ନର୍ତ୍ତନରେ —
ଯେପରି ସାରାଦୁନିଆର ଆବେଗ–ଉଚ୍ଛ୍ୱାସ
ଉଜ୍ଜ୍ୱଳ ହୋଇଉଠେ,
ଉଦ୍ଦୀପ୍ତ ଅଭିସାରେ
ସାମଗାନର ସ୍ୱର୍ଗକୁ
ସୁସଜ୍ଜିତ କରିତୋଳେ —
ଆମମାନଙ୍କର ପ୍ରତିପ୍ରତ୍ୟେକର
ଅନ୍ତଃସ୍ଥ ହୃଦୟକୁ ନଚେଇ,
ଉଲ୍ଲୋଳ ଆଶିସ୍–ଉଚ୍ଛଳାରେ
ସମସ୍ତଙ୍କର ଅନ୍ତରରେ ପରିବ୍ୟାପ୍ତ ହୋଇ
ସଙ୍ଗତିର ଶୁଭ ବନ୍ଧନରେ
ସମସ୍ତଙ୍କୁ
ଜୀବନର କୃତିଦୀପାଳୀ ବ୍ୟକ୍ତିତ୍ୱରେ
ଜୀବିତ କରି ତୋଳ;
ତେଣୁ ତୁମେ ମା' —
ବୀଣାପାଣି !
ବୀଣା–ବିଦୀପ୍ତ ଝଙ୍କାରରେ
ବିସ୍ତାରିଣୀ ଜ୍ଞାନ–ସ୍ଫୋଟନାରେ
ବିଜ୍ଞ ଦର୍ଶନ–ଦୀପନୀ ତାତ୍ପର୍ଯ୍ୟରେ
ସବୁଗୁଡ଼ିକ
ଫୁଲି ଉଠୁ,
ଫୁଲି ଉଠୁ,
ଫୁଲି ଉଠୁ —
ଦୋଦୁଲ୍ୟ ନର୍ତ୍ତନରେ
ପ୍ରତି ପ୍ରତ୍ୟେକଙ୍କ ଅନ୍ତରରେ —
ସାମ–ଅଧିଷ୍ଠିତିରେ;
କୁହ ପ୍ରାଣ ଖୋଲି —
'ଯା କୁନ୍ଦେନ୍ଦୁ–ତୁଷାରହାରଧବଳା ଯା ଶ୍ୱେତପଦ୍ମାସନା
ଯା ବୀଣାବରଦମଣ୍ଡିତଭୂଜା ଯା ଶୁଭ୍ରବସ୍ତ୍ରାବୃତା ।
ଯା ବ୍ରହ୍ମାଚ୍ୟୁତ–ଶଙ୍କର ପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ଭଗବତୀ ସରସ୍ୱତୀ ନିଃଶେଷଜାଡ଼୍ୟାପହା ॥'
ଉଦାତ୍ତକଣ୍ଠରେ ପୁଣି କୁହ —
'ସରସ୍ୱତି ! ମହାଭାଗେ ! ବିଦ୍ୟେ ! କମଳଲୋଚନେ !
ବିଶ୍ୱରୂପେ ! ବିଶାଳାକ୍ଷି !
ବିଦ୍ୟାଂ ଦେହି ନମୋଽସ୍ତୁତେ ॥'

(ଶିକ୍ଷା–ବିଧାୟନା–୧୧୯)

ପାଦଟୀକା :

ଉତ୍ସର୍ଜ୍ଜନୀ–ଆବେଗ : ଉନ୍ନତି ବା ବିସ୍ତାର–ଅଭିମୁଖୀ ଆବେଗ ।
ସୁରଦୀପନା : ସୁର ଅର୍ଥାତ୍ ସ୍ପନ୍ଦନର ବିକାଶ ।
ବିଜୃମ୍ଭଣା : ବିକାଶ, ପ୍ରକାଶ କରିବାର କ୍ରିୟା ।
ବିଲୋଳ : ଦୋଦୁଲ୍ୟମାନତା, ଦୋଳାୟମାନ ଅବସ୍ଥା ।
ଦେବଦ୍ୟୁତି : ଦେବୋପମ ଦ୍ୟୁତି । ଦେବସୁଲଭ ଅନୁଶୀଳନ ଭିତର ଦେଇ ବିକଶିତ ହେଉଥିବା ଔଜ୍ଜ୍ୱଲ୍ୟ ।

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ଆଲୋଚନା ପ୍ରସଙ୍ଗେ

(ଦ୍ୱାଦଶ ଖଣ୍ଡ)

ସଂକଳୟିତା— **ଶ୍ରୀ ପ୍ରଫୁଲ୍ଲ କୁମାର ଦାସ,** *ଏମ୍.ଏ.*

(ପୂର୍ବପ୍ରକାଶିତ ଉଦ୍ଧାରୁ.....)

ଅପରାହ୍ଣରେ ଶ୍ରୀଶ୍ରୀଠାକୁର ତମ୍ବୁରେ ବିଛଣାରେ ବସିଛନ୍ତି । ଗୋସାଇଁଭାଇ, ଦକ୍ଷିଣାଭାଇ (ସେନଗୁପ୍ତ), ଶରତଭାଇ (ହାଲଦାର), ରନ୍ଦେଶ୍ୱରଭାଇ (ଦାଶଶର୍ମା), ହରିଚରଣଭାଇ (ମଜୁମଦାର), ନଗେନଭାଇ (ବସୁ), ଶ୍ରୀଶଭାଇ (ରାୟଚୌଧୁରୀ), ଜ୍ଞାନଭାଇ (ଦତ୍ତ), ଗୋପେନଭାଇ (ରାୟ), ପ୍ରଫୁଲ୍ଲଭାଇ (ଚାଟାର୍ଜ୍ଜୀ), ଆଶୁଭାଇ (ରାୟ), ରବିଭାଇ (ବ୍ୟାନାର୍ଜ୍ଜୀ), ମହିମଭାଇ (ଦେ), ହରେନଭାଇ (ବସୁ), ଖଗେନଭାଇ (ଡପାଦାର), ଭଗୀରଥଭାଇ (ସରକାର), କାଳୀଷଷ୍ଠୀମା', ହେମପ୍ରଭାମା', ସୁରବାଳାମା', ରାଣୀମା', କାଳୀଦାସୀମା', ଅମୂଲ୍ୟଭାଇଙ୍କ ମା', ବିଜୟଭାଇଙ୍କ ମା', ଦାରୋଗାଦା ଘରର ମା', ବଳରାମର ମା' ଓ ଜେଜେମା', ସେବାଦି, ସୁଶୀଳାଦି ପ୍ରଭୃତି ଭକ୍ତବୃନ୍ଦ ତାଙ୍କର ଅନୁପମ ସଙ୍ଗ ଲାଭ କରି ମରଲୋକରେ ଅମରାର ଅମୃତ ଆସ୍ୱାଦନରେ ଧନ୍ୟ ହେଉଛନ୍ତି । ଆଜି ଆକାଶ ବେଶ୍ ପରିଷ୍କାର, ଏବେବି ଖରା ଅଛି । ଚତୁର୍ଦ୍ଦିଗରେ ଆନନ୍ଦମୟ ପରିବେଶ । ଟିକିଏ ପରେ ମନ୍ମଥଭାଇ (ବ୍ୟାନାର୍ଜ୍ଜୀ) ଗୋଟିଏ ନବଦୀକ୍ଷିତ ପରିବାର ସହିତ ଆସିଲେ । ସେମାନେ ପ୍ରଣାମ କରି ବସିଲେ ।

ମନ୍ମଥଭାଇ କହିଲେ— ଏ ଭାଇଙ୍କର ସମୟ ଖୁବ୍ ଖରାପ ଚାଲିଛି । ମୁଁ ତାଙ୍କୁ କହିଛି, ଶ୍ରୀଶ୍ରୀଠାକୁର ଯେଉଁ କୁଷ୍ଠିପ୍ରହରୀ କଥା କହିଛନ୍ତି ଏହି ସମୟରେ ତାହା କରନ୍ତୁ । ସେଇ ହିସାବରେ ସେ ଶହେ ଟଙ୍କା ନେଇ ଆସିଛନ୍ତି, ଆପଣ ଯଦି କହନ୍ତି, ତା'ହେଲେ ଦେବେ ।

ଶ୍ରୀଶ୍ରୀଠାକୁର— ଦେବୁ ତ ପ୍ରାଣଖୋଲି ଦେବୁ । ଭଲ ହେବ, ମନ୍ଦ ହେବ ଭାବି ଦେବୁ ନାହିଁ । ମନ୍ମଥଭାଇ ଗୋଟିଏ କ୍ୟାମେରା ନେଇ ଆସିଛନ୍ତି । କାଜଲଭାଇ (ଶ୍ରୀଶ୍ରୀଠାକୁରଙ୍କ କନିଷ୍ଠପୁତ୍ର) ଶ୍ରୀଶ୍ରୀଠାକୁରଙ୍କ ବିଛଣାରେ ବସି କ୍ୟାମେରାଟା ଦେଖୁଛନ୍ତି ଓ ଫଟୋ ଉଠାଇବା କଥା କହୁଛନ୍ତି । କଥାରେ କଥାରେ କହିଲେ— ଘର ପାଇଁ ଗୋଟେ ବଡ଼ କ୍ୟାମେରା ଓ ବାହାର ପାଇଁ ଗୋଟେ ଛୋଟ କ୍ୟାମେରା ହେଲେ ଭଲ ହେବ ।

ଶ୍ରୀଶ୍ରୀଠାକୁର— ଆମର ଖୁବ୍ ଭଲ ଭଲ କ୍ୟାମେରା ଅଛି । ଆଉ ତୁମର ଚିନ୍ତା କ'ଣ ? କେତେ ଭାଇ ତୁମର ଅଛନ୍ତି । ତୁମେ ବଡ଼ ହେଲେ କେତେ କ୍ୟାମେରା, କେତେ ଜିନିଷ ଯାହା ଦରକାର ହେବ ପାଇବ । ତୁମେ ମଧ୍ୟ ଭାଇମାନଙ୍କୁ ଭଲପାଅ, ସେମାନେ ଯେପରି ସୁଖରେ ରୁହନ୍ତି, ସୁସ୍ଥ ରୁହନ୍ତି, ଉନ୍ନତ ହୁଅନ୍ତି ତାହାହିଁ କର ।

କାଜଲଭାଇ— ମା' ଆଜି ଖରାବେଳେ ଆଗକାଳର ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ଗଳ୍ପ କରୁଥିଲେ, ଶୁଣି ଅବାକ୍ ହୋଇ ଯିବାକୁ ହୁଏ ।

ଶ୍ରୀଶ୍ରୀଠାକୁର— ତୁମେ ମଧ୍ୟ ଯଦି ଚେଷ୍ଟା କର, ତୁମେ ମଧ୍ୟ

ଦର୍ଶନର ହିଁ ବସ୍ତାବାହୀ
ବଳଦ ନୁହେଁଟି, ସାଧୁ ଯିଏ,
ବରଂ ପଟୁ ନ୍ୟାୟର ଯୋଦ୍ଧା
ବିଧିର ବାହକ ଜାଣିବୁ ସିଏ । ୫ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ସେହିପରି ବ୍ରାହ୍ମଣ ହୋଇଉଠିବ । ତୁମେ ମଧ୍ୟ କେତେ କ'ଣ କରିପାରିବ ।

ପରେ କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ମଣିଷ ମଧ୍ୟରେ sacrifice for Love (ପ୍ରେଷ୍ଠଙ୍କ ପାଇଁ ତ୍ୟାଗ) ନ ଥିଲେ life (ପ୍ରାଣ) ଆସେନା । ଅର୍ଥାତ୍ ପ୍ରାଣବନ୍ତ ହୁଏନା । ପ୍ରାଣବନ୍ତ ନ ହେଲେ ପ୍ରାଣବନ୍ତ ଭାଷା ମଧ୍ୟ ବାହାରେ ନାହିଁ । Sacrifice for Love (ପ୍ରେଷ୍ଠଙ୍କ ପାଇଁ ତ୍ୟାଗ) ଯାହାର ଯେତେ ବେଶୀ, ସେ ସେତେ ପ୍ରାଣବନ୍ତ । ତା'ର ଭାବ, ଭାଷା, ଚଳନ ମଧ୍ୟ ସେହିପରି ପ୍ରାଣବନ୍ତ, ସମସ୍ତଙ୍କୁ ତାହା ସ୍ପର୍ଶ କରେ । କାରଣ ତା'ର ନିଜର ଅନ୍ତର ତୃପ୍ତ ଓ ଭରପୁର । ମଣିଷର ଅନ୍ତରରେ ସର୍ବଦା ଗୋଟେ ଖାଲି ଖାଲି ଭାବ ଲାଗି ରହିଥାଏ ଏବଂ କୌଣସିମତେ ବି ତାହା ପୂର୍ଣ୍ଣ ହୁଏନା, ଯେପର୍ଯ୍ୟନ୍ତ ତା'ର ଅନୁରାଗ ଶ୍ରେୟନିବଦ୍ଧ ନ ହୋଇଛି । ସେ ଅନୁରାଗ ପୁଣି ହେବା ଉଚିତ୍ ଅଚ୍ୟୁତ, ତାହାକୁ ଦୁଃଖ, କଷ୍ଟ, ଦୈନ୍ୟ ଏପରିକି, ରୋଗବ୍ୟାଧି ପର୍ଯ୍ୟନ୍ତ କାବୁ କରିପାରେନା । ମଣିଷ ଜୀବନରେ ଯେତେ କିଛି ପ୍ରଚେଷ୍ଟା ଏହି ଖାଲି ଜାଗାକୁ ପୂରଣ କରିବା ପାଇଁ । କିଏ ଭାବେ ଟଙ୍କାରେ ଉକ୍ତ ଶୂନ୍ୟସ୍ଥାନ ପୂରଣ ହେବ, ତେଣୁ ଟଙ୍କା ପଛରେ ଗୋଡ଼ାଏ, କିଏ ତା' ପାଇଁ କରେ ଚୋରି । କିଏ ଭାବେ ପିଲାଛୁଆ ହେଲେ ଶୂନ୍ୟତା ପୂରଣ ହେବ, କିଏ ଭାବେ ସ୍ତ୍ରୀ ଦ୍ୱାରା ଶୂନ୍ୟକୁ ପୂର୍ଣ୍ଣ କରିବା, କିଏ ଭାବେ ନାମଯଶ ପାଇଲେ ହେବ । ତାହାହିଁ ନେଇ ସବୁ ଭୁଲି ରହିବ— ଜଣେ ଜଣେ, ଗୋଟେ ଗୋଟେ ଭାବରେ, ଗୋଟେ ଗୋଟେ ରକମରେ ଏହି ଏକା ଚେଷ୍ଟାହିଁ କରନ୍ତି । କିନ୍ତୁ କେବଳ ସେଇ ପ୍ରେଷ୍ଠାନୁରାଗ ଛଡ଼ା କୌଣସିପ୍ରକାରେ ଏହି ଶୂନ୍ୟତାର ପୂରଣ ହୁଏନା । ମୋର ଏହି ଶୂନ୍ୟତା ନ ଥିଲା, ଯେତେଦିନ ଯାଏ ମା' ଥିଲେ । ଆଜି ମା' ଚାଲିଯିବାରୁ ମୋର ସବୁ ଯେପରି ଫାଙ୍କା । ଫାଙ୍କାଟା ସର୍ବଦା ଯେପରି କାହାକୁ ଧରିବାକୁ ଚାହେଁ । ଆଉ ସେହି କିଏ ଯଦି ଜଣାଏ— 'ମୁଁ ତୁମର କେହି ନୁହେଁ', ସେତେବେଳେ ପ୍ରାଣ ଯାଏ ଯାଏ, ଗଲି ଗଲି ମନେହୁଏ ।

ନିକ୍‌ଚୋଡ଼ାର୍ମା ବୋଲି ଗୋଟିଏ ଔଷଧ ଶ୍ରୀଶ୍ରୀଠାକୁରଙ୍କ ହାତରେ ଲଗାଯାଏ । ପ୍ୟାରୀଭାଇ ଆସି କ୍ଷୁବ୍ଧ ହୋଇ କହିଲେ ଯେ, ଔଷଧଟା ଯେଉଁଠି ରଖିଥିଲେ ସେଠାରେ ମିଳୁ ନାହିଁ ।

ଶ୍ରୀଶ୍ରୀଠାକୁର ରହସ୍ୟ କରି ସହାସ୍ୟେ କହିଲେ— କୋଉ ପ୍ରେୟସୀ ନେଇ ଯାଇଥିବ, ତା'ର କ'ଣ ଠିକ୍ ଅଛି ? ମୁଁ ତ ବେଦଖଲ ହୋଇ ଯାଇଛି । ନ ଜଣାଇ କେଉଁଠି କିଏ ସବୁ ନେଇ ଯାଆନ୍ତି ।

ପ୍ୟାରୀଭାଇ ଓ ଅନ୍ୟ ସମସ୍ତେ ହସିଦେଲେ ।

ପ୍ରଫୁଲ୍ଲ— ମଣିଷ ଯାହାକୁ ଧରି ଶୂନ୍ୟତାକୁ ପୂରଣ କରିବାକୁ ଚାହେଁ, ତା'ଠାରୁ ଯଦି ପ୍ରତିଦାନ ନ ପାଏ, ତା'ହେଲେ ତ ଖୁବ୍ କଷ୍ଟଦାୟକ ହୁଏ ।

ଶ୍ରୀଶ୍ରୀଠାକୁର— ଶୂନ୍ୟତା ହିଁ ତା'ର ସର୍ବସ୍ୱ ହୁଏ । ବୁଦ୍ଧଦେବଙ୍କ ଜୀବନରେ ଏହି ଶୂନ୍ୟତା ହିଁ ତାଙ୍କର ସର୍ବସ୍ୱ ହୋଇଥିଲା, ତେଣୁ 'ନିର୍ବାଣ' 'ନିର୍ବାଣ' କରି ଯାଇଛନ୍ତି । କୃଷ୍ଣ ଭଗବାନଙ୍କର ମଧ୍ୟ ଶୂନ୍ୟତା ଥିଲା । ତେଣୁ ବିରହର ବ୍ୟଥା ମିଳିଥାଏ । ରାମକୃଷ୍ଣଦେବ, ଚୈତନ୍ୟଦେବ ସମସ୍ତଙ୍କ ଜୀବନ ଏହି ଶୂନ୍ୟତାରେ ଭରି ରହିଥିଲା । ଚୈତନ୍ୟଦେବଙ୍କର ତ ଆହୁରି ବେଶୀ । ତେଣୁ ଈଶ୍ୱରଙ୍କ ପାଇଁ ଏତେ ତୀବ୍ର ବ୍ୟାକୁଳତା । ଏହା ଯେ କ'ଣ ସାଧାରଣ ମଣିଷ ଧାରଣା ହିଁ କରିପାରିବେ ନାହିଁ । କାଳୀ (ସେନ) ସହିତ ସେତେବେଳେ ଏହି କଥାହିଁ କହୁଥିଲି । ମୋ ମା' ଯେତେଦିନ ଥିଲେ, ମା'ଙ୍କ ସଙ୍ଗେ ମଶିଣାରେ ବସି ଯେ ଗଳ୍ପ କରୁଥିଲି, ଖାଲି ତାହା ନୁହେଁ । ଆଖି ଆଗରେ ଚଳପ୍ରଚଳ ହେଉଛି, ଦେଖୁଛି, ସେଥିରେହିଁ ସୁଖ । ମନେ ହେଉଥିଲା— ଯେତେବେଳେ ଦରକାର ପାଇବି ତ । ଏବେ ଯେପରି କେହି ନାହାଁନ୍ତି ଯାହାକୁ ଧରି ବଞ୍ଚିବାକୁ ଚାହିଁବି । ଏହି ଶୂନ୍ୟତାର ବୋଧହିଁ ଫୁଟି ଉଠିଛି ରବୀନ୍ଦ୍ରନାଥଙ୍କ କବିତାରେ, ରାମପ୍ରସାଦଙ୍କ ସଙ୍ଗୀତରେ । ରାମପ୍ରସାଦ କିପରି କହିଛନ୍ତି— 'ବିଦେଶେ ଆଣିଣ ମାଗୋ କରିଲୁ ମତେ ଲୌହଚୁମ୍ବକ, ତେବେ ମା' ବୋଲି ଡ଼ାକେ ସାବାସ ମୋର ବିଶାଳବକ୍ଷ ।'

ଶ୍ରୀଶ୍ରୀଠାକୁର କଥା କହୁ କହୁ ହଠାତ୍ 'ବାବା !' ବୋଲି କହି ଦୀର୍ଘନିଃଶ୍ୱାସ ଛାଡ଼ିଲେ । ତା'ପରେ କହିଲେ— ଶୂନ୍ୟତାଟାହିଁ ବେଳେ ବେଳେ 'ବାବା !' 'ବାବା !' 'ଦୟାଳ ! ' 'ଦୟାଳ !' କରି ଯେପରି ଆର୍ତ୍ତନାଦ କରିଉଠେ । ଶୂନ୍ୟତାର ବୋଧ କମ୍ ଥିଲେ ଗୀତ ଧରେ, କେତେ ପ୍ରକାର ବକ୍ ବକ୍ କରେ ।

ଦକ୍ଷିଣାଭାଇ— ମୋର ଶୂନ୍ୟତା ବୋଧ ଖୁବ୍ ବେଶୀ । ବଜାର ଯାଉଛି ହଠାତ୍ ମନେମନେ ଗୋଟେ କିଛି କହିଦେଲି । ପରେ ମନେ ମନେ ଭାବେ ଲୋକେ ପାଗଳ କହିବେ ନାହିଁ ତ ।

ଶ୍ରୀଶ୍ରୀଠାକୁର ହସି କହିଲେ— ପାଗଳ ପରି ତ କଥା !

ଟିକେ ପରେ ଶ୍ରୀଶ୍ରୀଠାକୁର କହିଲେ— କେଷ୍ଟଭାଇ କହନ୍ତି

ଇଷ୍ଟରାଗେ ବିଧିର ପଥେ
ଉପଚୟେ ଚଳା,
ଏହାକୁ କହେ ଧର୍ମ ଖାଣ୍ଟି
ନହେଲେ ତ ନିଷ୍ଫଳା । ୯ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ମଣିଷ ମଧ୍ୟରେ sacrifice for Love (ପ୍ରେଷ୍ଠଙ୍କ ପାଇଁ ତ୍ୟାଗ) ନ ଥିଲେ life (ପ୍ରାଣ) ଆସେନା । ଅର୍ଥାତ୍ ପ୍ରାଣବନ୍ତ ହୁଏନା । ପ୍ରାଣବନ୍ତ ନ ହେଲେ ପ୍ରାଣବନ୍ତ ଭାଷା ମଧ୍ୟ ବାହାରେ ନାହିଁ । Sacrifice for Love (ପ୍ରେଷ୍ଠଙ୍କ ପାଇଁ ତ୍ୟାଗ) ଯାହାର ଯେତେ ବେଶୀ, ସେ ସେତେ ପ୍ରାଣବନ୍ତ । ତା'ର ଭାବ, ଭାଷା, ଚଳନ ମଧ୍ୟ ସେହିପରି ପ୍ରାଣବନ୍ତ, ସମସ୍ତଙ୍କୁ ତାହା ସ୍ପର୍ଶ କରେ । କାରଣ ତା'ର ନିଜର ଅନ୍ତର ତୃପ୍ତ ଓ ଭରପୁର । ମଣିଷର ଅନ୍ତରରେ ସର୍ବଦା ଗୋଟେ ଖାଲି ଖାଲି ଭାବ ଲାଗି ରହିଥାଏ ଏବଂ କୌଣସିମତେ ବି ତାହା ପୂର୍ଣ୍ଣ ହୁଏନା, ଯେପର୍ଯ୍ୟନ୍ତ ତା'ର ଅନୁରାଗ ଶ୍ରେୟନିବଦ୍ଧ ନ ହୋଇଛି । ସେ ଅନୁରାଗ ପୁଣି ହେବା ଉଚିତ୍ ଅଚ୍ୟୁତ, ତାହାକୁ ଦୁଃଖ, କଷ୍ଟ, ଦୈନ୍ୟ ଏପରିକି, ରୋଗବ୍ୟାଧି ପର୍ଯ୍ୟନ୍ତ କାବୁ କରିପାରେନା । ମଣିଷ ଜୀବନରେ ଯେତେ କିଛି ପ୍ରଚେଷ୍ଟା ଏହି ଖାଲି ଜାଗାକୁ ପୂରଣ କରିବା ପାଇଁ । କିଏ ଭାବେ ଟଙ୍କାରେ ଉକ୍ତ ଶୂନ୍ୟସ୍ଥାନ ପୂରଣ ହେବ, ତେଣୁ ଟଙ୍କା ପଛରେ ଗୋଡ଼ାଏ, କିଏ ତା' ପାଇଁ କରେ ଚୋରି । କିଏ ଭାବେ ପିଲାଛୁଆ ହେଲେ ଶୂନ୍ୟତା ପୂରଣ ହେବ, କିଏ ଭାବେ ସ୍ତ୍ରୀ ଦ୍ୱାରା ଶୂନ୍ୟକୁ ପୂର୍ଣ୍ଣ କରିବା, କିଏ ଭାବେ ନାମଯଶ ପାଇଲେ ହେବ । ତାହାହିଁ ନେଇ ସବୁ ଭୁଲି ରହିବ — ଜଣେ ଜଣେ, ଗୋଟେ ଗୋଟେ ଭାବରେ, ଗୋଟେ ଗୋଟେ ରକମରେ ଏହି ଏକା ଚେଷ୍ଟାହିଁ କରନ୍ତି । କିନ୍ତୁ କେବଳ ସେଇ ପ୍ରେଷ୍ଠାନୁରାଗ ଛଡ଼ା କୌଣସିପ୍ରକାରେ ଏହି ଶୂନ୍ୟତାର ପୂରଣ ହୁଏନା । ମୋର ଏହି ଶୂନ୍ୟତା ନ ଥିଲା, ଯେତେଦିନ ଯାଏ ମା' ଥିଲେ । ଆଜି ମା' ଚାଲିଯିବାରୁ ମୋର ସବୁ ଯେପରି ଫାଙ୍କା । ଫାଙ୍କାଟା ସର୍ବଦା ଯେପରି କାହାକୁ ଧରିବାକୁ ଚାହେଁ । ଆଉ ସେହି କିଏ ଯଦି ଜଣାଏ — 'ମୁଁ ତୁମର କେହି ନୁହେଁ', ସେତେବେଳେ ପ୍ରାଣ ଯାଏ ଯାଏ, ଗଲି ଗଲି ମନେହୁଏ ।

ଶୂନ୍ୟତା ବୋଧ ନାହିଁ । ଏହା ତ ମହାଭାଗ୍ୟର କଥା । ଶୂନ୍ୟତା ବୋଧଟା ଏପରି ଯେପରି ସତ୍ତାକୁ ଗ୍ରାସ କରି ପକାଇବାକୁ ଚାହେଁ । ତେଣୁ ଆମେ ଅଜ୍ଞାତସାରରେ ସ୍ୱସ୍ତିର ଆଶାରେ ଥାଇ ଥାଇ 'ମା' 'କାଳୀ' 'ତାରା' 'ଦୁର୍ଗା' ଇତ୍ୟାଦି କହି ଡ଼ାକ ଛାଡୁ ।

ଶ୍ରୀଶ୍ରୀଠାକୁର ପୂର୍ବପ୍ରସଙ୍ଗର ସୂତ୍ର ଧରି କହିଲେ — କୁକୁରମାନଙ୍କର ମଣିଷ ପରି ହୁଏ, ହତାଶ ହୋଇ ମଣିଷ ପରି ଦୀର୍ଘନିଃଶ୍ୱାସ ଛାଡ଼ନ୍ତି ।

ନନୀମା' — ମୁଁ ମେଦିନୀପୁରରେ ଯେତେବେଳେ ଥିଲି ସେତେବେଳେ ମତେ ଯେପରି କିଛି ଭଲ ଲାଗୁ ନଥିଲା । ଖାଇ ବି ସୁଖ ନାହିଁ, ବସି ବି ସୁଖ ନାହିଁ, ଶୋଇ ବି ସୁଖ ନାହିଁ । ସେତେବେଳେ ହରିନାମ କରୁଥିଲି । ତା'ପରେ ଧୀରେ ଧୀରେ ସ୍ୱପ୍ନରେ ଗୋଟେ ଅନୁଭୂତି ହେଲା । ତା'ପରେ ଯାଇ ଶାନ୍ତି ମିଳିଲା ।

ଶ୍ରୀଶ୍ରୀଠାକୁର — ଭଲ ।

ଦକ୍ଷିଣାଭାଇ — ବେଳେ ବେଳେ ମନେହୁଏ ଏକା ରହିବି, ପୁଣି ବେଳେ ବେଳେ ମନେହୁଏ ଲୋକଙ୍କ ସଙ୍ଗହିଁ ଭଲ । ସେତେବେଳେ ଛୁଟି ବାହାରି ଯିବାକୁ ଇଚ୍ଛା ହୁଏ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହି ଭାବଟା ମଧ୍ୟ ବଢ଼େ ।

ଶ୍ରୀଶ୍ରୀଠାକୁର — ଯେତେ ମନେହୁଏ କେହି ନାହାଁନ୍ତି, ସେତେ ଫାଙ୍କା ଲାଗେ । ଭଲପାଇବା ଛଡ଼ା ଏହି ବୋଧ କମେ ନାହିଁ । ଭଲପାଇବା ପୁଣି ବଡ଼ଙ୍କ ପ୍ରତି ନ ହେଲେ ହୁଏନା । ସ୍ତ୍ରୀକୁ ଭଲପାଏ, ପିଲାଙ୍କୁ ଭଲପାଏ, ମନର ଶୂନ୍ୟତା ପୂରଣ ହୁଏନା । ବାପା, ମା', ଗୁରୁଙ୍କୁ ଭଲପାଇ ମନଟା ଥଣ୍ଡା ହୁଏ । ଯାହାକୁ ଭଲପାଇବି, ସେ ଜୀବନ୍ତ ମୂର୍ତ୍ତ superior (ଶ୍ରେୟ) ହେବା ଦରକାର ।

ଯାହା କରିଲେ ବଞ୍ଚା-ବଢ଼ା
ସମନ୍ୱୟେ ବଢ଼ିହିଁ ଯାଏ,
ତା'କୁହିଁ ଜାଣିଥା' ଧର୍ମ ବୋଲି
ଧର୍ମ ଥାଏ ଆଉ କୁଆଡ଼େ । ୧୪ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ରନ୍ଦେଶ୍ୱରଭାଇ— ମୋର କିନ୍ତୁ ଓଲଟା ହୁଏ । ଫାଙ୍କା ଲାଗେନା । ବେଳେବେଳେ ଦୀର୍ଘନିଃଶ୍ୱାସ ଯେ ବାହାରେ ନାହିଁ ତାହା ନୁହେଁ । କିନ୍ତୁ ତା' ଏହା ଭାବି ହୁଏ ଯେ, ଯିଏ ମୋର ଏତେ ମାତ୍ରାରେ ଅଛନ୍ତି, ତାଙ୍କର କିଛିବି କରିପାରିଲି ନାହିଁ ।

ଶ୍ରୀଶ୍ରୀଠାକୁର— ଶୂନ୍ୟତା ବୋଧ ନ ରହିବାଟା ମହାସମ୍ପଦ, ସେଇ ତ ମହାପୁରୁଷ ।

ଏହାପରେ ହଠାତ୍ ବର୍ଷା ଆସିଲା । ଶ୍ରୀଶ୍ରୀଠାକୁର ତମ୍ବୁରୁ ଉଠି ଆସି ବାରଣ୍ଡାରେ ବସିଲେ । ସମସ୍ତେ ତାଙ୍କର ଗତ୍ତୁ, ଗାମୁଛା, ବିଛଣା, ପିକଦାନୀ ପ୍ରଭୃତି ଧରି ସଙ୍ଗେ ସଙ୍ଗେ ଆସିଲେ । ଶ୍ରୀଶ୍ରୀଠାକୁର ବାରଣ୍ଡାରେ ଆସି ବସିବା ପରେ ସୁରେନଭାଇ (ଦେ) ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲେ— ବଡ଼ଦା ମତେ ଏଇ ଘଡ଼ିଟା ଦେଇଛନ୍ତି ।

ଶ୍ରୀଶ୍ରୀଠାକୁର ଚଷମାଟା ଆଣିବାକୁ କହିଲେ ।

ପ୍ରଫୁଲ୍ଲ ଚଷମା ଆଣି ଦେଲା ।

ଶ୍ରୀଶ୍ରୀଠାକୁର ଚଷମାଟା ପିନ୍ଧି ଭଲ ରୂପେ ଦେଖି କହିଲେ— ବେଶ୍ ହୋଇଛି ।

ପୂଜ୍ୟପାଦ ବଡ଼ଦା ସେତେବେଳେ ଉପସ୍ଥିତ ଥିଲେ । ଶ୍ରୀଶ୍ରୀଠାକୁର ତାଙ୍କୁ ପଚାରିଲେ— ଖୋକନର କ୍ୟାମେରାଟା ଦେଖିଛୁ ?

ବଡ଼ଦା— ଦେଖିବି ।

ଏହାପରେ ଗୋଟେ ରୋଗୀ ବିଷୟରେ କଥା ଉଠିଲା । ତା'ର ଖୁବ୍ ସମ୍ଭବ Intestinal T.B. (ପାକସ୍ଥଳୀରେ ଯକ୍ଷ୍ମା) । ରାସ୍ତାରୁ ତା'କୁ ଉଠାଇ ଆଣି ବଡ଼ଦା ଘରେ ଆଶ୍ରୟ ଦେଇଛନ୍ତି । ପୂଜନୀୟା ବଡ଼ବୌଦି ତା'ର ସେବା-ଶୁଶ୍ରୂଷା କରୁଛନ୍ତି ।

ଶ୍ରୀଶ୍ରୀଠାକୁର ସେଇ ସମ୍ପର୍କରେ କହିଲେ— ଯେ ହିଁ ହୁଅନ୍ତୁ କାହାକୁ ତ ଦେଖିବାକୁ ହେବ । ତେବେ precaution (ସାବଧାନତା) ସହକାରେ କରେ ଯେପରି ।

ଏହିସବୁ କଥା ପରେ ମନ୍ମଥଭାଇଙ୍କ ସଙ୍ଗେ କୃଷ୍ଟିପ୍ରହରୀ ଟଙ୍କା ସମ୍ବନ୍ଧରେ କଥା ଉଠିଲା । ସେ କଲିକତାରୁ କୃଷ୍ଟିପ୍ରହରୀ ପାଇଁ ସାତଶହ ଟଙ୍କା ସଂଗ୍ରହ କରି ଆଣିଛନ୍ତି ।

ଶ୍ରୀଶ୍ରୀଠାକୁର ବଡ଼ଦାଙ୍କୁ କହିଲେ— ଟଙ୍କାଟା ବ୍ୟାଙ୍କରେ ଜମା ଦେଇ ଦିଅ ।

ଶ୍ରୀଶ୍ରୀଠାକୁର ମନ୍ମଥଭାଇଙ୍କୁ କହିଲେ— ଯେଉଁମାନେ ଦେଇଛନ୍ତି ସେମାନେ ଯେପରି ନିୟମିତ ଦିଅନ୍ତି ସେ ଦିଗରେ ଲକ୍ଷ୍ୟ ରଖ ।

ଏହାପରେ ରହସ୍ୟ କରି କହିଲେ— ତୁମେ ସବୁ ହୁଏତ ପାରିବ, ମୁଁ ପାରିଲେ ହେଲା । ଖବରକାଗଜର ଲୋକମାନେ ଯେତେବେଳେ କାଗଜ, ପେନସିଲ୍ ନେଇ ପାଖରେ ଆସି ବସିବେ, ନାନା ବିଷୟରେ ପ୍ରଶ୍ନ ପଚାରିବେ, ପରମଦୟାଳ ସେତେବେଳେ ଯଦି ଯୋଗାଣ ଦିଅନ୍ତି, ତାହାହେଲେ ତ ହେବ ।

କୌଣସି ଜଣେ କର୍ମୀ ସମ୍ବନ୍ଧରେ କଥା ଉଠନ୍ତେହିଁ ଶ୍ରୀଶ୍ରୀଠାକୁର କହିଲେ— ନୀଚସ୍ଥ ରାହୁ always supports ill-fated intellect. (ସର୍ବଦା ଦୁର୍ଭାଗା ବୁଦ୍ଧିକୁ ସମର୍ଥନ କରେ) । ସେ ହୁଏତ ନିଜ ବୁଦ୍ଧିର ତାରିଫ କରି କହିବ— ମୁଁ ଆଗରୁ ତ କହିଥିଲି— ଏହା ହେବନି । ତା'ର ପଛଟାଣ ବେଶୀ । ହଲି ପାରେନା, ଅଥଚ କରୁ ନାହିଁ ବୋଲି ସବୁବେଳେ ଅବଶୋଷ ଲାଗି ରହିଥାଏ । ଆଉ, ରାହୁ ଯଦି ଉଚ୍ଚସ୍ଥ ହୁଏ ଏବଂ ତାହା ଯଦି ଅନ୍ୟ ଦୁଷ୍ଟ ଗ୍ରହ ଦ୍ୱାରା ପ୍ରପୀଡ଼ିତ ନ ହୁଏ, ତା'ହେଲେ ମଣିଷଟା ହୁଏ race-horse (ଦୌଡ଼ର ଘୋଡ଼ା) ପରି । ଗୋଟେ egoistic incentive (ଅହଂକୃତ ପ୍ରଣୋଦନା) ଥାଏ ସମସ୍ତଙ୍କୁ ଟପି ଆଗକୁ ଯିବାର । ଗୋଟେ race-horse (ଦୌଡ଼ର ଘୋଡ଼ା) ଯେପରି ହୁଏତ ଛୁଟି ଆଗେଇ ଯାଇ ବେକଟା ଦୁଇହାତ ଲମ୍ବା କରି ଦେଇ destinationରେ (ଗନ୍ତବ୍ୟରେ) ପହଞ୍ଚିଲା । ସେଇ ଅବସ୍ଥାରେ ପଡ଼ି ହୁଏତ ମରିଗଲା, ମରିଗଲା ତଥାପି win (ଜୟ) କଲା । ନୀଚସ୍ଥ ରାହୁ ହେଲା କାଳମକ୍ଷୀ— କାଳକବଳିତ ଆଉ ଉଚ୍ଚସ୍ଥ ରାହୁ ହେଲା କାଳଦକ୍ଷୀ ।

ଶ୍ରୀଶ୍ରୀଠାକୁର ଆଜି ପୂର୍ବାହ୍ନ ଏଗାରଟା ବେଳେ ଗୋଟିଏ ଛଡ଼ା (ଗୀତିବାଣୀ) ଦେଇଛନ୍ତି ।

କାଳଦକ୍ଷୀ ଯୋଗାଡ଼ପଟୁ
କୁଶଳକର୍ମା ଯେ ହିଁ,
ଅଭାବ-ବେଘୋର ବିପାକ ପୀଡ଼ାରେ
କମ୍ ହିଁ ପଡ଼େ ସେ ହିଁ ।

ଏଇ ଛଡ଼ାଟି ସମ୍ପର୍କରେ କହିଲେ— ଏଥିରେ ଉଚ୍ଚସ୍ଥ ରାହୁର character (ଚରିତ୍ର) ମିଳେ ।

ଶ୍ରୀଶ୍ରୀଠାକୁର କଥା-ପ୍ରସଙ୍ଗରେ କହିଲେ— ଦ୍ୱାଦଶରେ ବୁଧ ଥିଲେ ସେ ଲୋକଙ୍କୁ ଖୁବ୍ ଖୁଆଏ ।

କେଉଁ ପ୍ରକାର ଗ୍ରହ ସମାବେଶ ଥିଲେ ମଣିଷ ପରିବେଶର

ବଞ୍ଚାବଢ଼ା କ୍ଷୁଣ୍ଣ ଯହିଁରେ
ଏପ୍ରକାର ନିଚ୍ଛକ ଯାହା,
ଅଧର୍ମ ତାହା ହେବହିଁ ହେବ
ପାପ ବୋଲିବି ତୁ ଜାଣିଥା' ତାହା । ୧୬ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ଦାସ ନ ହୋଇ ପରିବେଶ ଉପରେ ପ୍ରଭୁତ୍ୱ କରିପାରେ ସେ କଥା କହିଲେ । ପ୍ରସଙ୍ଗକ୍ରମେ କହିଲେ— ଲୁଥରଙ୍କର (ମାଟିନ ଲୁଥର) କିଛିଟା ଏହି ପ୍ରକାର ଥିଲା । ତେଣୁ ଜନମତ mould (ନିୟନ୍ତ୍ରିତ) କରି ପ୍ରୋଟେଷ୍ଟାଣ୍ଟିଜମ୍ ସୃଷ୍ଟି କରି ପାରିଥିଲେ । ଅବଶ୍ୟ ତା' ଯେ ଭଲ କାମ ହୋଇଥିଲା ସେ କଥା କହିବା ଠିକ୍ ନୁହେଁ ।

କେଷ୍ଟଭାଇ— ରୋମାନ କ୍ୟାଥଲିକ୍ ଚର୍ଚ୍ଚର ତ୍ରୁଟି ସଂସ୍କାର ନ କରି ଏହା କରିବାକୁ ଯାଇ ପୋପ୍‌ଙ୍କ ଆଧିପତ୍ୟ ନଷ୍ଟ ହେଲା ଏବଂ ସେହି ସମୟରୁହିଁ ଇଉରୋପରେ ଅବନତି ଆରମ୍ଭ ହେଲା । ଅଷ୍ଟମ ହେନେରି ଆଉ ଗୋଟିଏ ବିବାହ କରିବାର ଅନୁମତି ନ ପାଇ ପୋପ୍‌ଙ୍କର ଆଧିପତ୍ୟ ଅସ୍ୱୀକାର କରି ଚର୍ଚ୍ଚ ଅଫ ଇଂଲଣ୍ଡ କଲେ । ଦେଖିଶୁଣି ମନେହୁଏ ଏହିସବୁର ପଛରେ ବେଶ୍ କିଛି କିଛି ପ୍ରବୃତ୍ତିର ପ୍ରରୋଚନା ଥିଲା ।

ଶ୍ରୀଶ୍ରୀଠାକୁର— ଖ୍ରୀଷ୍ଟ ଯାହା କରିଥିଲେ ତା'କୁ କୁହାଯାଏ ବିପ୍ଳବୀର ବିପ୍ଳବ । ପରବର୍ତ୍ତୀ ଘଟଣା ସବୁ ବିଦ୍ରୋହୀ ବିପ୍ଳବ ।

କେଷ୍ଟଭାଇ— ପଲ୍‌ଙ୍କ ଖ୍ରୀଷ୍ଟଧର୍ମ, ଖ୍ରୀଷ୍ଟଙ୍କ ଖ୍ରୀଷ୍ଟଧର୍ମଠାରୁ ତଫାତ୍ ।

ଶ୍ରୀଶ୍ରୀଠାକୁର— ରାମକୃଷ୍ଣଦେବ ଏବଂ ବିବେକାନନ୍ଦଙ୍କ ରାମକୃଷ୍ଣ ଯେପରି । ବିବେକାନନ୍ଦଙ୍କ ରାମକୃଷ୍ଣରେ ରାମକୃଷ୍ଣ ଅନେକଟା ବାଦ୍ ପଡ଼ିଛନ୍ତି ଏବଂ ଅନ୍ୟପ୍ରକାର ମାନେ ହୋଇଯାଇଛି । ସେହିପରି ଖ୍ରୀଷ୍ଟ ଓ ଖ୍ରୀଷ୍ଟଙ୍କ ଖ୍ରୀଷ୍ଟଧର୍ମ ଏବଂ ପଲଙ୍କ ଖ୍ରୀଷ୍ଟ ଓ ଖ୍ରୀଷ୍ଟଧର୍ମ ମଧ୍ୟରେ ଅନେକଟା ତଫାତ୍ ।

କେଷ୍ଟଭାଇ— Pauline Christianity (ପଲଙ୍କ ଖ୍ରୀଷ୍ଟଧର୍ମ) divorce (ବିବାହ ବିଚ୍ଛେଦ) support (ସମର୍ଥନ) କରିଛି ।

ଶ୍ରୀଶ୍ରୀଠାକୁର— ଅଥଚ ଯୀଶୁଖ୍ରୀଷ୍ଟ ଏହା ବିରୁଦ୍ଧରେ କେତେ ବିଷାକ୍ତ କଥା କହି ଯାଇଛନ୍ତି । ରସୁଲଙ୍କର ମଧ୍ୟ ଅନେକଟା ସେହି ପ୍ରକାର । ଏହା ସମ୍ବନ୍ଧରେ କେତେ ସାବଧାନବାଣୀ ଉଚ୍ଚାରଣ କରିଛନ୍ତି ।

କେଷ୍ଟଭାଇ— ମନୁ ଆମିଷ ଆହାରକୁ ପ୍ରବୃତ୍ତିପରାୟଣତା କହିଛନ୍ତି ଏବଂ ନିରାମିଷ ଆହାରକୁ ହିଁ ପ୍ରଶଂସା କରିଛନ୍ତି । କୋରାଣ ମଧ୍ୟ ପ୍ରଥମେ ପଶୁହତ୍ୟା ଓ ମାଂସ ଖାଇବା ସମ୍ବନ୍ଧରେ support (ସମର୍ଥନ) ଦେଇ କେତେ ପୁଣି condition (ସର୍ତ୍ତ) ବାନ୍ଧି ଦେଇଛି । ଶେଷରେ କୁହାଯାଇଛି— ଜୀବର ରକ୍ତମାଂସ ଈଶ୍ୱରଙ୍କଠାରେ ପହଞ୍ଚେ ନାହିଁ ।

ଶ୍ରୀଶ୍ରୀଠାକୁର— ହଁ ।

କେଷ୍ଟଭାଇ— ପୁନଶ୍ଚ ଜ୍ୟୋତିଷ ସମ୍ପର୍କରେ କଥା ଉଠାଇଲେ ।

ଶ୍ରୀଶ୍ରୀଠାକୁର— ପ୍ରତ୍ୟେକ science (ବିଜ୍ଞାନ) ହିଁ ଗୋଟେ art (ଶିଳ୍ପକଳା) ।

ରନେ୍ଦ୍ରଶ୍ୱରଭାଇ— ଜ୍ୟୋତିଷର ତ ଥଳକୁଳ ମିଳେ ନାହିଁ ।

ଶ୍ରୀଶ୍ରୀଠାକୁର— ଥଳକୁଳର କ'ଣ ଶେଷ ଅଛି । Prediction (ଭବିଷ୍ୟବାଣୀ) ଯେ କରାଯାଏ, ଏଇଟାହିଁ କ'ଣ କମ୍ achievement (ସାଫଲ୍ୟ) ? ଭୃଗୁ କେତେ କରି ଯାଇଛନ୍ତି ।

ରନେ୍ଦ୍ରଶ୍ୱରଭାଇ— ଠିକ୍ ଠିକ୍ prediction (ଭବିଷ୍ୟବାଣୀ) କରିପାରିଲା କିଏ ?

କେଷ୍ଟଭାଇ— ତା' କାହିଁକି କହୁଛନ୍ତି ? Prediction (ଭବିଷ୍ୟବାଣୀ) ଅଛି । ଆସକାଇଲାସ ବୋଲି ସକ୍ରେଟିସ୍‌ଙ୍କ ସମୟରେ ଜଣେ ପ୍ରସିଦ୍ଧ କବି ଥିଲେ । ତା'କୁ ଜଣେ ଜ୍ୟୋତିଷୀ କହିଥିଲେ କିଛି ଜିନିଷ ତାଙ୍କ ମୁଣ୍ଡ ଉପରେ ପଡ଼ିଯାଇ ମୃତ୍ୟୁ ହେବ । ତେଣୁ ସେ ସେହି ଭୟରେ ଘରେ ରହୁ ନଥିଲେ । ଶେଷ ପର୍ଯ୍ୟନ୍ତ ଦିନେ ଗୋଟାଏ କଇଁଛ ତାଙ୍କ ମୁଣ୍ଡ ଉପରେ ପଡ଼ିଲା । ମୁଣ୍ଡ ଚନ୍ଦା ଥିଲା । ସେହି ଅବସ୍ଥାରେ ତାଙ୍କର ମୃତ୍ୟୁ ହେଲା । ଏହି ଧରଣର prediction (ଭବିଷ୍ୟବାଣୀ) ଅନେକ ଦେଖାଯାଏ ।

ଶ୍ରୀଶ୍ରୀଠାକୁର— ଜ୍ୟୋତିଷ-ଚର୍ଚ୍ଚା ହୋଇ ଯାଇଛି । ଯାହା ଘଟି ଯାଇଛି ତାହା ଯେଉଁମାନେ କେବଳହିଁ କହନ୍ତି ସେମାନଙ୍କଠାରୁ ଯେଉଁମାନେ ଅନ୍ଦାଜ କରି ଭବିଷ୍ୟତର କଥା କହନ୍ତି ସେମାନଙ୍କର intuitive knowldege (ଅନ୍ତର୍ଦୃଷ୍ଟିମୂଳକ ଜ୍ଞାନ) ବୃଦ୍ଧି ପାଏ । ସେ (ମନ୍ମଥଭାଇଙ୍କୁ ଲକ୍ଷ୍ୟ କରି) ସେହି କାମ କରେ । Coloured (ରଙ୍ଗିଳ ହେଲେ) କିନ୍ତୁ ଏ କାମ ପାରେନା । Physiognomist (ଚେହେରା ବିଶେଷଜ୍ଞ) ଯେଉଁମାନେ ସେମାନେ ମଧ୍ୟ ଏହି କାର୍ଯ୍ୟ କରନ୍ତି ।

ରନେ୍ଦ୍ରଶ୍ୱରଭାଇ— ୨/୪ଟା କ୍ଷେତ୍ରରେ ନୂଆ ଲୋକଙ୍କୁ ଦେଖି କହି ଦେଇପାରିଛି । ପାରିହୁଏ ତାହା ବୁଝି ପାରିଛି ।

ଶ୍ରୀଶ୍ରୀଠାକୁର— One white crow disproves that all crows are black (ଗୋଟିଏ ଧଳା କାଉ ପ୍ରମାଣ କରେ ଯେ ସବୁ କାଉ କଳା ନୁହଁନ୍ତି) ।

କେଷ୍ଟଭାଇ ରନେ୍ଦ୍ରଶ୍ୱରଭାଇଙ୍କୁ କହିଲେ— ଆପଣ ଯାହା

ନିତ୍ୟ ଜୀବନେ ଧର୍ମ ଯେଉଁଠି
ନନ୍ଦନେ ପାଏ ମୂର୍ଚ୍ଛନା,
ଅର୍ଥ, କାମ, ମୋକ୍ଷ
ହୋଇ ସ୍ଥୀତ ବକ୍ଷ
କେତେ କରେ ତା'ର ଅର୍ଚ୍ଚନା । ୧୮ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ନୀଚସ୍ଥ ରାହୁ always supports ill-fated intellect. (ସର୍ବଦା ଦୁର୍ଭାଗା ବୁଦ୍ଧିକୁ ସମର୍ଥନ କରେ) । ସେ ହୁଏତ ନିଜ ବୁଦ୍ଧିର ତାରିଫ କରି କହିବ — ମୁଁ ଆଗରୁ ତ କହିଥିଲି — ଏହା ହେବନି । ତା'ର ପଛଟାଣ ବେଶୀ । ହଲି ପାରେନା, ଅଥଚ କରୁ ନାହିଁ ବୋଲି ସବୁବେଳେ ଅବଶୋଷ ଲାଗି ରହିଥାଏ । ଆଉ, ରାହୁ ଯଦି ଉଚ୍ଚସ୍ଥ ହୁଏ ଏବଂ ତାହା ଯଦି ଅନ୍ୟ ଦୁଷ୍ଟ ଗ୍ରହ ଦ୍ୱାରା ପ୍ରପୀଡ଼ିତ ନ ହୁଏ, ତା'ହେଲେ ମଣିଷଟା ହୁଏ race-horse (ଦୌଡ଼ର ଘୋଡ଼ା) ପରି । ଗୋଟେ egoistic incentive (ଅହଂକୃତ ପ୍ରଣୋଦନା) ଥାଏ ସମସ୍ତଙ୍କୁ ଟପି ଆଗକୁ ଯିବାର । ଗୋଟେ race-horse (ଦୌଡ଼ର ଘୋଡ଼ା) ଯେପରି ହୁଏତ ଛୁଟି ଆଗେଇ ଯାଇ ବେକଟା ଦୁଇହାତ ଲମ୍ବା କରି ଦେଇ destinationରେ (ଗନ୍ତବ୍ୟରେ) ପହଞ୍ଚିଲା । ସେଇ ଅବସ୍ଥାରେ ପଡ଼ି ହୁଏତ ମରିଗଲା, ମରିଗଲା ତଥାପି win (ଜୟ) କଲା । ନୀଚସ୍ଥ ରାହୁ ହେଲା କାଳମକ୍ଷୀ — କାଳକବଳିତ ଆଉ ଉଚ୍ଚସ୍ଥ ରାହୁ ହେଲା କାଳଦକ୍ଷୀ ।

ଶ୍ରୀଶ୍ରୀଠାକୁର ଆଜି ପୂର୍ବାହ୍ନ ଏଗାରଟା ବେଳେ ଗୋଟିଏ ଛଡ଼ା (ଗୀତିବାଣୀ) ଦେଇଛନ୍ତି ।

କାଳଦକ୍ଷୀ ଯୋଗାଡ଼ପଟୁ
କୁଶଳକର୍ମା ଯେ ହିଁ,
ଅଭାବ–ବେଘୋର ବିପାକ ପୀଡ଼ାରେ
କମ୍ ହିଁ ପଡ଼େ ସେ ହିଁ ।

ଏଇ ଛଡ଼ାଟି ସମ୍ପର୍କରେ କହିଲେ — ଏଥିରେ ଉଚ୍ଚସ୍ଥ ରାହୁର character (ଚରିତ୍ର) ମିଳେ ।

କହିଛନ୍ତି ସେଇଟା psychology (ମନ ବିଜ୍ଞାନ), astrology (ଜ୍ୟୋତିଷ) ନୁହେଁ ।

ଶ୍ରୀଶ୍ରୀଠାକୁର — Astronomy (ଜ୍ୟୋତିର୍ବିଜ୍ଞାନ)କୁ astrologyରେ (ଜ୍ୟୋତିଷରେ) ଆଣିବାକୁ ହେଲେ astronomy (ଜ୍ୟୋତିର୍ବିଜ୍ଞାନ)ର ପ୍ରତ୍ୟେକଟା ଜିନିଷର character (ବୈଶିଷ୍ଟ୍ୟ) ଠିକ୍ କରିବାକୁ ପଡ଼ିବ । Physiognomy (ଚେହେରା ତତ୍ତ୍ୱ), palmistry (ହସ୍ତରେଖା ବିଚାର) ଇତ୍ୟାଦି ଦେଇ ଯେ କହି ଦିଆଯାଏ ତା'ର କାରଣ ଆମମାନଙ୍କର ମୁଣ୍ଡ, ହାତ ଏଗୁଡ଼ିକ ହେଲା nerve-ending (ସ୍ନାୟୁର ଅନ୍ତଭାଗ) । ଯେକୌଣସି impulse (ସମ୍ବେଗ) ହିଁ brainରେ (ମସ୍ତିଷ୍କରେ) ଆସୁ ନା କାହିଁକି ତା'ର ripples (ତରଙ୍ଗ) extremityରେ (ପ୍ରାନ୍ତ ଭାଗରେ) change (ପରିବର୍ତ୍ତନ) ଆଣେ । Tenor of ripples (ତରଙ୍ଗର ଧାରା), ଯା'ର impression (ଛାପ) ପଡ଼ିଛି, ତା'ହିଁ ଧରି ଯଦି କେହି ଅନର୍ଗଳ କହିଯାଇ ପାରିବ । କିନ୍ତୁ କୃଷ୍ଣ ଠାକୁରଙ୍କ ପରି ମଣିଷଙ୍କ କ୍ଷେତ୍ରରେ କହିବା କଠିନ । କାରଣ, ଅଚ୍ୟୁତ ହୋଇ ବି ବହୁରୂପୀ ସେମାନେ । କୌଣସିଟାରେ ହିଁ ଆବଦ୍ଧ ନୁହଁନ୍ତି । ଯେତେବେଳେ ଯେପରି ପ୍ରୟୋଜନ ସେତେବେଳେ ସେପରି କରନ୍ତି । ଅବଶ୍ୟ ମୂଳ ଉଦ୍ଦେଶ୍ୟ ଥାଏ ଲୋକମଙ୍ଗଳ । ତେଣୁ ହାତର ରେଖା ବି ଟକ୍ ଟକ୍ କରି change କରି (ବଦଳି) ଯାଏ ।

ରାଜେନଭାଇ — ମୋହିନୀଭାଇଙ୍କଠାରୁ ଶୁଣିଛି ଆପଣଙ୍କ ହସ୍ତରେଖା କାଳେ ଖୁବ୍ ବଦଳି ଯାଏ ।

କେଷ୍ଟଭାଇ — ଜ୍ୟୋତିଷ ଶିଖିବାକୁ ହେଲେ କେବଳ analytical brain (ବିଶ୍ଳେଷଣାତ୍ମକ ମସ୍ତିଷ୍କ) ହେଲେ ଚଳିବ ? ନା । ଏକସଙ୍ଗେ analysis (ବିଶ୍ଳେଷଣ) ଓ synthesis (ସଂଶ୍ଳେଷଣ) ଦୁଇହିଁ ଦରକାର ହୁଏ ?

ଶ୍ରୀଶ୍ରୀଠାକୁର — ଦୁଇଟିରହିଁ combination (ସମାବେଶ) ଦରକାର । ଗୋଟେ ଯେପରି ଅଛି mathematics for the sake of mathematics (ଅଙ୍କ ପାଇଁ ଅଙ୍କ) କଷି ଯାଉଛି । ଆଉ ଯେପରି ଅଛି applied mathematics (ଫଳିତ ଗଣିତ) । ଗୋଟେ ହେଲା ଅଙ୍କ କଷି ଯାଉଛି, ବାସ୍ତବ ଦୁନିଆ ସହିତ ତା'ର କୌଣସି ସମ୍ପର୍କ ନାହିଁ । ଆଉ ଗୋଟାକ ଭିତର ଦେଇ ସେଇଟା ବାସ୍ତବ ଜୀବନର ବାସ୍ତବ ଘଟଣା ଉପରେ apply (ପ୍ରୟୋଗ) କରି ସେଇ ଜ୍ଞାନର ସାର୍ଥକତା ଖୋଜି ବାହାର କରିବା । ତେଣୁ ଦୁଇର combination (ସମାବେଶ) ଦରକାର । ତା'ଦ୍ୱାରା ଦଖଲଟା ଶକ୍ତ ହୁଏ ।

(କ୍ରମଶଃ)

ଅନୁବାଦକ : ଶ୍ରୀଯତୀନ୍ଦ୍ରନାଥ ମହାନ୍ତି

ଇଷ୍ଟସ୍ୱାର୍ଥ–ପ୍ରତିଷ୍ଠାପର
ହୋଇ ଧର୍ମେ ଚାଲିବୁ ଯେତେ,
ଧର୍ମ ଆଣିବ ଅର୍ଥ ତୁମର
କାମ–ମୋକ୍ଷ ସେପରି ସେତେ । ୨୧ ।

(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

କାକା ପ୍ରସଙ୍ଗ

(ଦ୍ୱିତୀୟ ଖଣ୍ଡ)

ସଂକଳୟିତା— **ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ.**

(ପୂର୍ବପ୍ରକାଶିତ ଉତ୍ତାରୁ.....)

ପ୍ରଶ୍ନ— ଆହୁରି ଦୁଇଟି କଥା ଅଛି— 'ମୁକ୍ତି' ଆଉ 'ଉଦ୍ଧାର' । ଆପଣଙ୍କ ନିକଟକୁ ତ ଅନେକେହିଁ ମୁକ୍ତି ଆଉ ଉଦ୍ଧାର ପାଇବାକୁ ଆସନ୍ତି— ପଚାରିଲେ ସେମାନେ ବି କହି ପାରନ୍ତିନି, କ'ଣ ସେମାନେ ପ୍ରକୃତରେ ଚାହାଁନ୍ତି । ଏସବୁର ବା ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ମୁକ୍ତି ମଣିଷର ସେତେବେଳେହିଁ ହୁଏ— ମଣିଷ ଯେତେବେଳେ ତା'ର Idealରେ ଏହିପରିଭାବେ attached ହୁଏ, ଯେଉଁଥିରେ ତା'ର complexଗୁଡ଼ିକ ଆଉ ତା' ଉପରେ କୌଣସି ପ୍ରକାରେହିଁ ଆଧିପତ୍ୟ କରି ପାରେନା; ବରଂ ତା'ର attachment of Ideal ହିଁ ବୃତ୍ତିଗୁଡ଼ିକୁ rule କରେ ।

ଆଉ, ଉଦ୍ଧାର ହୁଏ ମୁଁ ବୁଝେ ସେତେବେଳେ, ମଣିଷର ସମସ୍ତ ବୃତ୍ତିଗୁଡ଼ିକୁ ସର୍ବତୋଭାବେ ଊର୍ଦ୍ଧ୍ୱ ବା ଉଚ୍ଚକୁ ଧାରଣ କରେ ଯେତେବେଳେ ।

ପ୍ରଶ୍ନ— ଊର୍ଦ୍ଧ୍ୱ ବା ଉଚ୍ଚ ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ଏହିଭଳି Ideal ଯିଏ ମଣିଷର Being and Becomingକୁ higher elevationର ଦିଗରେ accelerate କରି ଦେଇ ପାରନ୍ତି ବା ଯା'ଙ୍କ ପ୍ରତି attachmentରେ higher becoming accelerated ହୁଏ ।

ପ୍ରଶ୍ନ— ପୁଣି ପିଲାଦିନରୁହିଁ 'ବୋଧୋଦୟ' ପଢ଼ିବାକୁ ଆରମ୍ଭ କରିହିଁ ଶୁଣି ଆସୁଛି, 'ଭଗବାନ ଚୈତନ୍ୟମୟ' । ତା'ର ମାନେ ?

ଶ୍ରୀଶ୍ରୀଠାକୁର— ଭଗବାନ ମାନେ ହେଉଛି ଐଶ୍ୱର୍ଯ୍ୟବାନ— ଆଉ ଯିଏ ଐଶ୍ୱର୍ଯ୍ୟରେ ଆଧିପତ୍ୟ କରନ୍ତି ସିଏହିଁ ଈଶ୍ୱର । ଆଉ, ଏହି ଆଧିପତ୍ୟ କରିବାଟା ତାଙ୍କରହିଁ ସ୍ୱାଭାବିକ ଯା'ଙ୍କର ଚୈତନ୍ୟ ଅର୍ଥାତ୍ ସାଡ଼ାପ୍ରବଣତା ବିଶେଷଭାବେ keen. ଏହି ସାଡ଼ାପ୍ରବଣତା ଯା'ଙ୍କର ଯେତେ keen, ସିଏ ବିଷୟ ବା ବସ୍ତୁକୁ ସେତେ ବୋଧ କରି ପାରନ୍ତି— ଆଉ ଏହି ବୋଧ କରିବାରୁହିଁ ସିଏ ସେମାନଙ୍କୁ manipulate କରି ପାରନ୍ତି । ଆଉ, ଏହି manipulation ହିଁ ଆହୁରି କରି ଆଧିପତ୍ୟ କରିପାରେ । ତେବେ ହିଁ ଏହି ଚୈତନ୍ୟ ଯିଏ top to toe conscious, ସିଏହିଁ ଭଗବାନ, ସିଏହିଁ ଈଶ୍ୱର ।

ପ୍ରଶ୍ନ— ଆପଣ ଯେଉଁ ଚୈତନ୍ୟ ମାନେ କହିଲେ ସାଡ଼ାପ୍ରବଣତା— ତା'ର ମାନେ ?

ଶ୍ରୀଶ୍ରୀଠାକୁର— ସାଡ଼ାପ୍ରବଣତା ମାନେ ହେଉଛି ଅନ୍ୟ କିଛିର ସଂଘାତରେ ଯଥାଯଥଭାବେ ତତ୍‌ସମ୍ବନ୍ଧରେ ଅନୁଭୂତି ବା ଜାଣିବାର ଶକ୍ତି ।

ପ୍ରଶ୍ନ— ଆପଣ ଭଗବାନ ମାନେ କହିଲେ ଠିକ୍, କିନ୍ତୁ ପିଲାଦିନରୁ ସମସ୍ତଙ୍କ ନିକଟରୁ ଶୁଣି ଆସୁଛି ଏହି ଭଗବାନ ସୂକ୍ଷ୍ମଦେହରେ ଆକାଶରେ ବିରାଜ କରନ୍ତି— ତା' ହିଁ କି ?

ଶ୍ରୀଶ୍ରୀଠାକୁର— ସିଏ ଆକାଶରେବି ରହିପାରନ୍ତି, ପାତାଳରେବି ରହିପାରନ୍ତି, ମାଟିରେ ବି ରହିପାରନ୍ତି, ପଶୁରେବି

ଯେପରି ଚଳନେ-କଥନେ-ଭୋଜନେ
ବଞ୍ଚି-ବଢ଼ିବାରେ ହୁଏ ଧୃତି,
ଧର୍ମ ଜାଣିଥା' ସେହି ଚଳନେ
ସେହି ତ ଜାଣିଥା' ସାର ନୀତି । ୧୯ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ରହିପାରନ୍ତି, ମଣିଷଠାରେ ବି ରହି ପାରନ୍ତି — ଫଳକଥା, ଯେଉଁଠାରେ ଈଶତ୍ୱ ଅର୍ଥାତ୍ ଆଧିପତ୍ୟ ଅଛି, ସେଠାରେହିଁ ଈଶ୍ୱରତ୍ୱ ଅଛି ।

ପ୍ରଶ୍ନ — ଈଶ୍ୱରଙ୍କୁ ମଣିଷ କୋଉଠି ଖୋଜି ପାଇବ ତା'ହେଲେ ?

ଶ୍ରୀଶ୍ରୀଠାକୁର — ପାତଞ୍ଜଳରେ ଅଛି — କ୍ଲେଶ, କର୍ମ ଆଉ ତଦ୍‌ଭୁତ ବିଡ଼ମ୍ବନା, ବୃତ୍ତିସମ୍ଭୂତ ବାସନା ଇତ୍ୟାଦି ଯାହାକୁ ଆମର୍ଦ୍ଦିତ କରି ପାରେନା ଏହିଭଳି ଯେଉଁ ବିଶେଷପୁରୁଷ ତାହାକୁ ଈଶ୍ୱର କୁହା ଯାଇପାରେ । ପୁଣି ଅତୁଟ ଇଷ୍ଟୈକପ୍ରାଣ — ସମସ୍ତ ବୃତ୍ତିର ଚାହିଦାଗୁଡ଼ିକ ଯା'ଙ୍କର ଇଷ୍ଟସ୍ୱାର୍ଥ-ପ୍ରତିଷ୍ଠାତପ୍ତର, ଆଉ ସେଇ ଉତ୍ସାଦନା-ଉଦ୍‌ବୋଧନାରେ ସେଇ ଅତୁଟ ଇଷ୍ଟପ୍ରାଣତା-ହେତୁ ତତ୍‌ସ୍ୱାର୍ଥ ଓ ପୁଷ୍ଟିର ଆତ୍ମପ୍ରସାଦୀ ସମ୍ବେଗରେ କ୍ଲେଶ, କର୍ମ ଆଉ ତଦ୍ଭୁତ ବିଡ଼ମ୍ବନା, ବୃତ୍ତିସମ୍ଭୂତ ବାସନା ଇତ୍ୟାଦି ଦ୍ୱାରା ସତତ ଅମର୍ଦ୍ଦିତ ରହି କୃତକାର୍ଯ୍ୟତାରେ କୃତାର୍ଥ ଓ ସାର୍ଥକ ସଙ୍କଳ୍ପ-ବିକଳ୍ପମନା ଯେ — ସବୁ ବିଷୟରେହିଁ ସେ ପ୍ରଭୁତ୍ୱ ଲାଭ କରି ଥାଆନ୍ତି — ଏହିଭଳି ତାଙ୍କୁ ବି ଆମେମାନେ ଈଶ୍ୱର-ଆଖ୍ୟାରେ ଅଭିହିତ କରିପାରୁ ।

ପ୍ରଶ୍ନ — ଶାସ୍ତ୍ରରେ ଅଛି — ଈଶ୍ୱର ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବଦର୍ଶୀ — ଏହାର ମାନେବି ତ କିଛି ବୁଝେନା ।

ଶ୍ରୀଶ୍ରୀଠାକୁର — ତେବେ ହିଁ ବୁଝନ୍ତୁ, ଯେ ତାଙ୍କର ଭୂତ ବା ବିଷୟ ଉପରେ ଆଧିପତ୍ୟ କରିପାରନ୍ତି, ସେହିଁ ତାଙ୍କର ଭୂତସମୂହ ସମ୍ବନ୍ଧରେ ପ୍ରକୃଷ୍ଟରୂପେ ଜାଣନ୍ତି, ପ୍ରକୃଷ୍ଟରୂପେ ଦେଖନ୍ତି ଏବଂ ଆଧିପତ୍ୟ ରହିବା ଯୋଗୁଁ ସୃଷ୍ଟି, ସ୍ଥିତି, ଲୟ ବି କରି ପାରନ୍ତି ।

ପ୍ରଶ୍ନ — ଆମମାନଙ୍କ ଭଳି ଦେଖିବାକୁ କୌଣସି ବ୍ୟକ୍ତିଠାରେ ଏ ଗୁଣ ରହିବ କିପରି କରି ? ସେ ଜଣେ ବ୍ୟକ୍ତି ବା ହୋଇପାରନ୍ତି କିପରି ?

ଶ୍ରୀଶ୍ରୀଠାକୁର — ଗୁଣକୁ ଗୁଣୀଠାରେହିଁ ଦେଖି ହୁଏ । ଗୁଣୀ ବାଦ ଦେଇ ଗୁଣକୁ କ'ଣ କିଏ ଦେଖିଛି, ବାହାର କରି ପାରିଛି ? ଆପଣମାନଙ୍କୁ କ'ଣ ଏହିଭଳି କିଛି ଜଣା ଅଛି — ବିଜ୍ଞାନରେ-ଟିଜ୍ଞାନରେ, ଦର୍ଶନରେ-ଟର୍ଶନରେ ? ସେଇ ଅବ୍ୟକ୍ତ ହିଁ ବିଧିକ୍ରମେ ଯଥାଯଥରୂପେ ଜଗଦାକାରେ ଏବଂ ଜାଗତିକ ଯା'କିଛି ପ୍ରତିପ୍ରତ୍ୟେକରୂପେ ବ୍ୟକ୍ତ ହୋଇଛନ୍ତି । ଆଉ, ଯା' ମଣିଷର ସାଧାରଣତଃ ଇନ୍ଦ୍ରିୟ-ଗୋଚର ନୁହେଁ ତା'ହିଁ ବୋଧ ଓ ଜ୍ଞାନର ଅଗୋଚର ।— ଆଉ, ସେଇ ବୋଧ ଓ ଜ୍ଞାନର ବାସ୍ତବଭାବେ ଗୋଚରୀଭୂତ ଯା'ର ଯେତେ ଯା', ତା'କୁ ଆମେମାନେ ସେମାନଙ୍କରହିଁ ପ୍ରତୀକ କହିପାରୁ ତ ? ତେଣୁ, ଏହି ସମସ୍ତ principle and process ଯା'ର ବାସ୍ତବଭାବେ ଗୋଚରୀଭୂତ, ସେ ସେହି ଅବ୍ୟକ୍ତରହିଁ ବ୍ୟକ୍ତ ପ୍ରତୀକ — ତା' କହିଲେ କ'ଣ ଭୁଲ ହେବ ?

ଭଗବାନ ଚୈତନ୍ୟମୟ

ଭଗବାନ ମାନେ ହେଉଛି ଐଶ୍ୱର୍ଯ୍ୟବାନ — ଆଉ ଯିଏ ଐଶ୍ୱର୍ଯ୍ୟରେ ଆଧିପତ୍ୟ କରନ୍ତି ସିଏହିଁ ଈଶ୍ୱର । ଆଉ, ଏହି ଆଧିପତ୍ୟ କରିବାଟା ତାଙ୍କରହିଁ ସ୍ୱାଭାବିକ ଯା'ଙ୍କର ଚୈତନ୍ୟ ଅର୍ଥାତ୍ ସାଡ଼ାପ୍ରବଣତା ବିଶେଷଭାବେ keen. ଏହି ସାଡ଼ାପ୍ରବଣତା ଯା'ଙ୍କର ଯେତେ keen, ସିଏ ବିଷୟ ବା ବସ୍ତୁକୁ ସେତେ ବୋଧ କରି ପାରନ୍ତି — ଆଉ ଏହି ବୋଧ କରିବାରୁହିଁ ସିଏ ସେମାନଙ୍କୁ manipulate କରି ପାରନ୍ତି । ଆଉ, ଏହି manipulation ହିଁ ଆହୁରି କରି ଆଧିପତ୍ୟ କରିପାରେ । ତେବେ ହିଁ ଏହି ଚୈତନ୍ୟ ଯିଏ top to toe conscious, ସିଏହିଁ ଭଗବାନ, ସିଏହିଁ ଈଶ୍ୱର ।

ପୁଣି ସେହି ପ୍ରତୀକର ଭିତର ଦେଇହିଁ — ଯା'କିଛି ଆମମାନଙ୍କ ନିକଟରେ ଅବ୍ୟକ୍ତ ଥିଲା — ସେଗୁଡ଼ିକ କ୍ରମଶଃହିଁ ଗୋଚରୀଭୂତ ହୋଇ ଉଠିପାରେ, — ଆଉ ଏହି ଉଠିବାର ରକମଟା ଆମମାନଙ୍କ ଭିତରେହିଁ ଶୋଇ ରହିଛି, କାରଣ ଆମେମାନେ ପ୍ରତିପ୍ରତ୍ୟେକେହିଁ ଯେ ଏକମାତ୍ର ତାଙ୍କରହିଁ ଉପକ୍ଷେପ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି —

''ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।
ପରଂ ଭାବମଜାନନ୍ତଃ ମମାବ୍ୟୟମନୁତ୍ତମମ୍ ॥''

ପୁଣି କହିଛନ୍ତି, ''ଅବ୍ୟକ୍ତାଂ ବ୍ୟକ୍ତୟଃ ସର୍ବାଃ। ପ୍ରଭବନ୍ତ୍ୟହରାଗମେ ।'' ତା'ହେଲେହିଁ ବୁଝନ୍ତୁ, principle ଯେତେବେଳେ ବାସ୍ତବ ବେଉଦ୍ଧିରେ personified, ସେତେବେଳେହିଁ ତାହାକୁ ପ୍ରଭୁ — ପ୍ରକୃଷ୍ଟରୂପେ ହେବା — କହି ପାରି ହୁଏ, ଈଶ୍ୱର କହି ପାରି ହୁଏ — ଆଉ ସେହିଁ ସେଇ ଅବ୍ୟକ୍ତରହିଁ ବ୍ୟକ୍ତ ପ୍ରତୀକ ନୁହଁନ୍ତି କି ?

ପ୍ରଶ୍ନ — ଆଚ୍ଛା, ଆପଣ ବ୍ରହ୍ମ ମାନେ ତ ସେଇ ପ୍ରକାର କହିଲେ, କିନ୍ତୁ ଉପନିଷଦରେ ତ ଦେଖେ କୋଉଠିବି ଜଳକୁ ବ୍ରହ୍ମ କହିଛନ୍ତି, କୋଉଠି ବି ମରୁତତ୍ତ୍ୱ, କୋଉଠିବି ବ୍ୟୋମକୁ — ଏ କଥାଗୁଡ଼ିକର ତା'ହେଲେ ସାମଞ୍ଜସ୍ୟ କୋଉଠି ?

ଶ୍ରୀଶ୍ରୀଠାକୁର — ତା'ର ମାନେ ହେଉଛି, pursue ବା

ଧର୍ମ ଯଦି ନାହିଁରେ ଫୁଟିଲା
ଜୀବନର ମଧ୍ୟେ, ନିତ୍ୟ କର୍ମେ,
ବାତିଲ କରି ରଖ୍ ତା'କୁ
କ'ଣ ହେବ ତୋ'ର ସେପରି ଧର୍ମେ ? ୨୦ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ଅନୁଧାବନ କରି କରି ଯେତେବେଳେ ଯେଉଁଟାକୁ common factor ବୋଲି ପ୍ରତୀୟମାନ ହୋଇଛି ସେମାନଙ୍କ ନିକଟରେ, ତା'କୁ ସେତେବେଳେହିଁ ସେମାନେ ବା ସେ ବ୍ରହ୍ମ ବୋଲି ଆଖ୍ୟା ଦେଇଛନ୍ତି ।

ପ୍ରଶ୍ନ — ବ୍ରହ୍ମ କ'ଣ ତେବେ ବୈଜ୍ଞାନିକ ସତ୍ୟ ଭଳି ? ଏହି atom ଜଣା ଗଲା, ତା'ପରେ electron, ତା'ପରେ sub-electron ଏହିଭଳି ?

ଶ୍ରୀଶ୍ରୀଠାକୁର — ବ୍ରହ୍ମ କ'ଣ ବୈଜ୍ଞାନିକ ସତ୍ୟ ନୁହେଁ ? ଏହି ବ୍ରହ୍ମଜ୍ଞାନକୁହିଁ ତ ଋଷିମାନେ ବିଜ୍ଞାନ ଆଖ୍ୟା ଦେଇଛନ୍ତି ?

ପ୍ରଶ୍ନ — ବୈଜ୍ଞାନିକ ସତ୍ୟ ଆଉ ଆଧ୍ୟାତ୍ମିକ ସତ୍ୟ ମଧ୍ୟରେ କ'ଣ ତେବେ କୌଣସି ତଫାତ୍ ନାହିଁ ? ଧର୍ମ ଆଉ ବିଜ୍ଞାନରେ ତ ଶୁଣିବାକୁ ପାଏ ଚିରବିରୋଧ ?

ଶ୍ରୀଶ୍ରୀଠାକୁର — ଆଧ୍ୟାତ୍ମିକ fact ମାନେ ମୁଁ ବୁଝେ evolving ନିୟତ-ଚଳତ୍‌ଶୀଳ principle, ଯା'କୁ ଅଧିକାର କରି ଯା' କିଛି grow କରିଛି, ରହିଛି ଓ ଚାଲିଛି; ଆଉ, ମଣିଷର ଜାଣିବା — ତା' ଦର୍ଶନର ଭିତର ଦେଇହିଁ ହେଉ, ବିଜ୍ଞାନର ଭିତର ଦେଇହିଁ ହେଉ ଆଉ ଯେପରି କରି ସମ୍ଭବ ସେପରି କରିହିଁ ହେଉ, — ସେଇ ତା'କୁହିଁ ମାନେ ସେଇ principleକୁହିଁ ଜାଣିବାକୁ ହେବ — ତା' ବାଦ ଦେଲେ କିଏ ହିଁ ବା ଜାଣିବ ଆଉ କ'ଣ ହିଁ ବା ଜାଣିବ ?

ତେଣୁ, ବୈଜ୍ଞାନିକ fact ଓ ଆଧ୍ୟାତ୍ମିକ fact ପରସ୍ପର ତଫାତ୍ ତ ନୁହେଁହିଁ, ବରଂ ମୋର ଆହୁରି fulfilling ବୋଲିହିଁ ମନେ ହୁଏ । ବୈଜ୍ଞାନିକ factକୁ study କରେ analytically — କେତେକ through instrument, କେତେକ through distinctive analysis. ଏହା ଭିତର ଦେଇ inter-linking factଗୁଡ଼ିକର ଅନେକଟାହିଁ escape କରି ଯିବା ସମ୍ଭବ । ଆଉ, ଆଧ୍ୟାତ୍ମିକ fact ଅର୍ଥାତ୍ ଆଧ୍ୟାତ୍ମିକତାକୁ stimulate କରି ଏହି ଶରୀର-ବିଧାନକୁହିଁ ଯଥାଯଥ ସାଡ଼ାପ୍ରବଣ ଓ ସାଡ଼ାଗ୍ରହଣକ୍ଷମ କରି, ବୋଧୋପଯୋଗୀ କରି ତୋଳି ଯଥାଯଥଭାବେ living and growing factକୁ through stimulus and sensation ଇନ୍ଦ୍ରିୟଗ୍ରାହ୍ୟ ରକମ କରି ଯେଉଁମାନେ ଦେଖିବାକୁ ପାଆନ୍ତି — ଆଉ ସେଇ ଦେଖାରୁ ଯେଉଁମାନଙ୍କର ଜାଣିବା, — ଟିକେ ଭାବି ଦେଖିଲେହିଁ ବୁଝି ପାରିବେ ଏଇଟାର କିସ୍‌ମତ୍ କେତେଦୂର ।

ତା' ବୋଲି ବୈଜ୍ଞାନିକମାନଙ୍କର ଜାଣିବା କେବଳ ଯେ ଗୋଟେ ବଦହଜମୀ ବ୍ୟାପାର ତା' ମୁଁ କହୁନି, — ଆଉ ଏହି ଜାଣିବାକୁ ହେଲେ ଯେ ଏକ-ରକମରେହିଁ ଜାଣିବାକୁ ହେବ ତା'ରହିଁ ବା ମାନେ କ'ଣ ?

ଏହି ଜାଣିବାର factor — ଜାଣିବାକୁ ଗଲେ ଯେପରି କରି ଯେତେ ରକମ କରି ଜାଣି ପାରିହୁଏ ସବୁଗୁଡ଼ିକ combined ହୋଇ ଯେଉଁଠାରେ investigate କରିବାକୁ ଆରମ୍ଭ କରିଛି, ଜାଣିବାର ନିଖୁଣତ୍ୱ ଯେ ସେଠାରେ ନିଖୁଣ ଦୀପ୍ତିରେ ଦେଖାଇ ଦେବେ, ସେ ବିଷୟରେ ଆଉ ସନ୍ଦେହ କ'ଣ ? ଋଷିମାନଙ୍କ ଭିତରେବି ଯେ ଏହିଭଳି ଥିଲା ନା ବା ବୈଜ୍ଞାନିକମାନଙ୍କର ଜାଣିବାର ଉପାୟଗୁଡ଼ିକ ସେମାନେ ignore କରୁଥିଲେ ବା ନିଜେ ସେମାନଙ୍କ ଭଳି କରି ମୋଟେହିଁ ଜାଣି ପାରିନାହାଁନ୍ତି ତା' କିନ୍ତୁ ମୋଟେ ହିଁ ନୁହେଁ । ତତ୍‌ସାମୟିକ ଜାଣିବାର ସବୁଗୁଡ଼ିକ ଉପାୟକୁହିଁ ସେମାନେ ଉପାୟ ବୋଲି ଗ୍ରହଣ କରିଥିଲେ ଏବଂ ବ୍ୟବହାର କରି ଜାଣିବି ଥିଲେ । ତା'ହେଲେ ବୁଝନ୍ତୁ, ଯେଉଁଥିରେ ଯା' କିଛି ଥାଏ, ବଢ଼େ ତା'ହିଁ ଆଉ ଧର୍ମ; — ବୈଜ୍ଞାନିକ ହୁଅନ୍ତୁ, ଆଉ ଯେ କେହି ହୁଅନ୍ତୁ ନା କାହିଁକି ଏହାକୁ କିପରି ignore କରି ଚାଲିପାରନ୍ତି ତା' ତ ବୁଝିପାରେନା । ତେଣୁ ମୋର ମନେହୁଏ, ଧର୍ମ ଓ ବିଜ୍ଞାନରେ ଯେଉଁମାନେ ଚିରବିରୋଧ କହି ଥାଆନ୍ତି ସେମାନଙ୍କର ହାମବଡ଼ାଇଶୀଳ, ପାଗଳା, ବେକୁବୀ-ମସ୍ତିଷ୍କବାଲା ଭଦ୍ରଲୋକ ଛଡ଼ା ଆଉ କ'ଣ ଭାବି ପାରିହୁଏ, କୁହନ୍ତୁ ଦେଖି ? *(କ୍ରମଶଃ)*

ଈଶ୍ୱରଙ୍କୁ ମଣିଷ ଖୋଜି ପାଇବ କେଉଁଠି ?

ଶ୍ରୀଶ୍ରୀଠାକୁର — ପାତଞ୍ଜଳରେ ଅଛି — କ୍ଲେଶ, କର୍ମ ଆଉ ତଦ୍‌ଭୁତ ବିଡ଼ମ୍ବନା, ବୃତ୍ତିସମୂହ ବାସନା ଇତ୍ୟାଦି ଯାହାକୁ ଆମର୍ଦ୍ଦିତ କରି ପାରେନା ଏହିଭଳି ଯେଉଁ ବିଶେଷପୁରୁଷ ତାହାକୁ ଈଶ୍ୱର କୁହା ଯାଇପାରେ । ପୁଣି ଅତୁଟ ଇଷ୍ଟୈକପ୍ରାଣ — ସମସ୍ତ ବୃତ୍ତିର ଚାହିଦାଗୁଡ଼ିକ ଯା'ଙ୍କର ଇଷ୍ଟସ୍ୱାର୍ଥ-ପ୍ରତିଷ୍ଠାତତ୍ପର, ଆଉ ସେଇ ଉନ୍ନାଦନା-ଉଦ୍‌ବୋଧନାରେ ସେଇ ଅତୁଟ ଇଷ୍ଟପ୍ରାଣତା-ହେତୁ ତତ୍‌ସ୍ୱାର୍ଥ ଓ ପୁଷ୍ଟିର ଆତ୍ମପ୍ରସାଦୀ ସମ୍ବେଗରେ କ୍ଲେଶ, କର୍ମ ଆଉ ତଦ୍ଭୁତ ବିଡ଼ମ୍ବନା, ବୃତ୍ତିସମୂହ ବାସନା ଇତ୍ୟାଦି ଦ୍ୱାରା ସତତ ଅମର୍ଦ୍ଦିତ ରହି କୃତକାର୍ଯ୍ୟତାରେ କୃତାର୍ଥ ଓ ସାର୍ଥକ ସଙ୍କଳ୍ପ-ବିକଳ୍ପମନା ଯେ — ସବୁ ବିଷୟରେହିଁ ସେ ପ୍ରଭୁତ୍ୱ ଲାଭ କରି ଥାଆନ୍ତି — ଏହିଭଳି ତାଙ୍କୁ ବି ଆମେମାନେ ଈଶ୍ୱର-ଆଖ୍ୟାରେ ଅଭିହିତ କରିପାରୁ ।

ଇଷ୍ଟଭୃତିରେ ଦୀକ୍ଷା ବଞ୍ଚେ
ଶରୀର ବଞ୍ଚେ କର୍ମେ,
ସଦାଚାରେ ସମାଜ ବଞ୍ଚେ
ଜୀବନ ବଞ୍ଚେ ଧର୍ମେ । ୨୪ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

କଥା-ପ୍ରସଙ୍ଗ

(ଦ୍ୱିତୀୟ ଖଣ୍ଡ)

ପ୍ରଶ୍ନକର୍ତ୍ତା — ଶ୍ରୀସୁଶୀଳ ଚନ୍ଦ୍ର ବସୁ

(ପୂର୍ବପ୍ରକାଶିତ ଉତ୍ତାରୁ.....)

ପ୍ରଶ୍ନ । ଆଚ୍ଛା, 'ଭାବଗ୍ରାହୀ ଜନାର୍ଦ୍ଦନ' ବୋଲି ଯେଉଁ ଗୋଟେ କଥା ଅଛି, ତାହାର ମାନେ କ'ଣ ? ଅନେକେ ତ ବୁଝି ଥାଆନ୍ତି ଯେ, ଯଦି ତୁମେ କିଛି ନ କର, ତେବେ ବି ତୁମର ଭାବ ଠିକ୍ ଥିଲେହିଁ ସେ ସେହି ଭାବ ଗ୍ରହଣ କରି ତୁମଠାରେ ତଦନୁପାତିକ ଫଳ ଦେବେ । ତାହା କି ?

ଶ୍ରୀଶ୍ରୀଠାକୁର । ଜଣେ ବାବାଜୀ ଥିଲା; ତା'ର ମଠରେ ବହୁତ କଦଳୀ ଗଛ ଥିଲା । ସେହି କଦଳୀ ବିକି ହିଁ ସେ ଖାଉଥିଲା । କିନ୍ତୁ ଏପରି ଘଟଣା ଆରମ୍ଭ ହେଲା — କଦଳୀ ଗଛଗୁଡ଼ିକରେ କାନ୍ଦି ପଡ଼ିଛି, କଦଳୀ ପାଚିବାକୁ ବି ଆରମ୍ଭ ହୋଇଛି । ବାବାଜୀ ଗୋବିନ୍ଦ ଭଜେ ଆଉ କଦଳୀ କାନ୍ଦି ଆଡ଼େ ଚାହେଁ — ଭାବେ, ଗୋବିନ୍ଦର ଆମ ପ୍ରତି ଦୟା ହୋଇଛି, ଏଥର କଦଳୀ ବିକି ଖାଇପିଇ ହୁଏତ କିଛି ସଞ୍ଚୟ ବି କରିପାରିବି — ଆଉ ସେ ଆଶାରେ କଦଳୀ ଗଛଗୁଡ଼ିକୁ ଯତ୍ନାଦି ବି କରେ ବେଶ୍ ।

କିନ୍ତୁ ଶାଲା ବାଦୁଡ଼ିଗୁଡ଼ିକ ଭାବିଲେ, ଗୋବିନ୍ଦ ସେମାନଙ୍କ ପ୍ରତି ବିଶେଷ ହିଁ କୃପା କରିଛନ୍ତି; ରାତିରେ ବୁଲିବାଲି ବିଶେଷ କୌଣସି ଖାଦ୍ୟଟାଦ୍ୟ ସଂଗ୍ରହ କରିବା ବି ମୁସକିଲ — ବାବାଜୀର କଦଳୀ ବଗିଚା ହେଲା ସେମାନଙ୍କର ଲକ୍ଷ୍ୟସ୍ଥଳ । ସନ୍ଧ୍ୟା ହେଉ ହେଉ ଦଳ ଦଳ ବାଦୁଡ଼ି ଆସି ସେହି କଦଳୀ ବଗିଚାରେ ସେହି କଦଳୀ କାନ୍ଦିରେ ଲାଗି ଯାଆନ୍ତି । ଯେଉଁ କଦଳୀଟି ପାଚିଲା ପାଚିଲା ହୋଇଛି, ବାଦୁଡ଼ିମାନେ ତାହା ଏପରି ସାବାଡ଼ କରି ପକାନ୍ତି । ବାବାଜୀ ବହୁତ ଚେଷ୍ଟା କରିଲା ବାଦୁଡ଼ି ଶାଲାମାନଙ୍କୁ ତଡ଼ିବାକୁ; ଆଉ ଜ୍ଞାତସାରରେ ବାଦୁଡ଼ି ତଡ଼ାଇବାର ଯେତେଗୁଡ଼ିଏ କୌଶଳ ଥିଲା, ଗୋଟି ଗୋଟି ସବୁହିଁ ପ୍ରୟୋଗ କଲା, କିନ୍ତୁ ସେଥିରେ ବାଦୁଡ଼ିମାନଙ୍କର ଆଉ କଦଳୀ ବଗିଚାକୁ ଆସିବା ନିରୋଧ କରି ପାରିଲାନି ।

ସେତେବେଳେ ଉପାୟ-ଫୁପାୟ ଆଦି ନ ପାଇ ଯେ ହିଁ ବାଦୁଡ଼ି କଦଳୀ କାନ୍ଦିରେ ଆସି ବସେ, ସେକ୍ଷଣି ହିଁ ଚିତ୍କାର କରି କହେ — 'ଅମୁକ ଗଛରେ କଦଳୀ ଗୋବିନ୍ଦାୟ ନମଃ' — ଗୋବିନ୍ଦ, ତୁମକୁ ନିବେଦନ କରି ଦେବି ବୋଲି ସେହି କାନ୍ଦି ରଖିଛି, ଦେଖ, ତା' ଯେପରି ବାଦୁଡ଼ି ଖାଇ ନ ପାରେ । କିନ୍ତୁ ଆଉ ଶାଲା ବାଦୁଡ଼ି କି ଆଉ ତା' ଶୁଣେ ? ବାବାଜୀର ବାଦୁଡ଼ିଙ୍କ ପ୍ରତି ଯେତେ ଅତ୍ୟାଚାର, ସବୁ ପ୍ରଯୁକ୍ତ ହୋଇ ଗୋବିନ୍ଦ-ଚିତ୍କାରରେ ପର୍ଯ୍ୟବସିତ ହୋଇଛି — ବାଦୁଡ଼ିମାନେ ଅବାଧ ହୋଇ କଦଳୀ ଖାଇବାରେ ଲାଗି ପଡ଼ିଲେ ଆଉ କ'ଣ !

ଅବଶେଷରେ ବାବାଜୀ ହତାଶ ହୋଇ ଭାବିବାକୁ ଲାଗିଲା, ଶୁଣିଥିଲି ଭାବଗ୍ରାହୀ ଜନାର୍ଦ୍ଦନ, ମନେ ମନେ କେତେ ଭାବେ, ମୁଖରେ ଚିତ୍କାର କରି, ଗୋବିନ୍ଦକୁ କେତେ ଯେ ନିବେଦନ କରି କହିଲି, ତା'ର ଆଉ ଇୟତ୍ତା ନାହିଁ; କିନ୍ତୁ ଗୋବିନ୍ଦ କାହିଁ କ'ଣ କଲେ ? ବାବାଜୀ ମନ ଦୁଃଖରେ ଅଧୀର ହୋଇ ରାସ୍ତା ଦେଇ ଯିଏ ଯାଏ ତା'କୁ ହିଁ ସେହିସବୁ କଥା କହେ ।

ଜଣେ ମୋଟି ଜୋତା ମରାମତି କରିବାର ଯନ୍ତ୍ରପାତି ନେଇ ତମାଖୁ ଖାଇବାର ଟାଣରେ ବାବାଜୀର ମଠରେ ପ୍ରବେଶ କଲା । ବାବାଜୀ ତା'କୁ ବି ସେହିସବୁ କଥା କହିବାକୁ ଲାଗିଲା, ଆଉ ଗୋବିନ୍ଦ ଯେ ତା'ର କଥା ଶୁଣୁ ନାହାଁନ୍ତି, ସେଥିପାଇଁ ବି ଖୁବ୍‌ହିଁ

ଧର୍ମ ଯଦି ଅଭ୍ୟୁଦୟ
ପୂର୍ବ-ପୁରୁଷ ଜାଗରଣ,
ତାହାହିଁ କି ତେବେ ଧର୍ମ ହୁଏ
ବଞ୍ଚି ଯହିଁରେ ହୁଏ ମରଣ ? ୨୫ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ଦୁଃଖିତ ହୋଇ ଅନେକ କଥା କହିଲା । ମୋଚି କାନପାତି, ମୁଣ୍ଡ ହଲାଇ ସବୁ ହିଁ ଶୁଣିଲା । ଶୁଣି ଉତ୍ତର ଦେଲା — ବାବାଜୀ, ତୁମର ଏତେ ଦୁଃଖ କାହିଁକି ? ତୁମେ ତ କଦଳୀଗୁଡ଼ିକୁ ଗୋବିନ୍ଦଙ୍କୁ ହିଁ ଦେଇ ଦେଇଥିଲ, ଗୋବିନ୍ଦ ତା' ବାଦୁଡ଼ି ଦେଇହିଁ ଖୁଆଉ, ଆଉ ସେ ନିଜେହିଁ ଖାଉ, ସେଥିରେ ତୁମର କ'ଣ ଅଛି ?

ଏକଥା ଶୁଣିହିଁ ବାବାଜୀ ଭୀଷଣ ରାଗିଗଲା । ଏମିତି କହି ଉଠିଲା — ମର ଶାଲା ମୋଚି, ତୋ'ର ଯେପରି ବୁଦ୍ଧି, ସେପରି ତୋର କଥା । ତୁ ପୁଅ ଭକ୍ତି କ'ଣ ଜାଣିଛୁ ? ଜାଣିଛୁ, ଶାସ୍ତ୍ରରେ ଅଛି ଭାବଗ୍ରାହୀ ଜନାର୍ଦ୍ଦନ ! ସେ କ'ଣ ଆଉ କଦଳୀ ଖାଆନ୍ତି ? ମନରେ ଭାବି ଭାବି ତାଙ୍କୁ ଯାହା ନିବେଦନ କରାଯାଏ, ତାହାହିଁ ସେ ଖାଆନ୍ତି । ତୁ ଶଳା ମୋଚି, ତୋ'ର କି ସେସବୁ ଜ୍ଞାନ ଅଛି ? ତୋ'ର ଲକ୍ଷ୍ୟ ମଣିଷର ପାଦରେ — କେଉଁଠି କା'ର ଜୋତା ଛିଣ୍ଡିଯାଇଛି, ନା ଶାସ୍ତ୍ରଫାସ୍ତ୍ରର କଥା ଚିନ୍ତା କରିବୁ ? ଦେଖନା, ପୁଅ ହତଚ୍ଛଡ଼ା ! ମୁଁ କହିଲି କ'ଣ ଆଉ ସେ ଉତ୍ତର ଦେଲା କ'ଣ ?

ମୋଚି ଏତେ ସମୟ ପର୍ଯ୍ୟନ୍ତ ଚୁପ୍ ରହିଥିଲା । ହୁକା ଟାଣି ତମାଖୁ ଖାଉଥିଲା । ହୁକାକୁ ମାଟିରେ ରଖି କାନ୍ଧ ହଲାଇ କହିବାକୁ ଲାଗିଲା — 'ବାବାଜୀ, ଏବେ ବୁଝି ପାରୁଛି ! ଆମେ ମୋଚି, ଏତେସବୁ କ'ଣ ଜାଣୁ — କଦଳୀ ଗଛ ଆଡ଼େ ଚାହିଁ ମନେ ମନେ ଗୋବିନ୍ଦଙ୍କୁ କଦଳୀ ଖାଅ କହିଲେ ଯେ ସେ ଖାଆନ୍ତି ଏହା ତ ବୁଝିପାରିନି । ମଣିଷର ପାଦରେ ଛିଣ୍ଡା ଜୋତା ଦେଖି, ସେଆଡ଼କୁ ଦେଖିଜାଣି ଜୋତା ନେଇ ସିଲାଇ କରିଦିଏ — ଜୋଡ଼ା ପ୍ରତି ଦୁଇଚାରିଟା ପଇସା ଦିଏ, ତା' ଦେଇ ହିଁ କୌଣସି ଭାବେ ପେଟ ପୋଷେ । ନ କରି, ଭାବି ଭାବି ସିଲାଇ କରିଲେ ଯଦି ମଣିଷର ପାଦର ଜୋତା ସିଲାଇ ହେଉଥା'ନ୍ତା ଆଉ ତା' ମଣିଷ ପାଦରେ ଦେଇ ଖୁସି ହୋଇ ପଇସା ଦେଉଥା'ନ୍ତା, ତେବେ ତ ବଞ୍ଚିହିଁ ଯାଆନ୍ତି । ତା' କ'ଣ ହୁଏ ବାବାଜୀ ?

ଆଚ୍ଛା, ବାବାଜୀ, ତୁମେ ଆଉ ଗୋଟେ କାମ କଲେ ହୁଅନ୍ତା — କଦଳୀଗୁଡ଼ିକ ଟିକେ ପାକଳ ହୋଇଲେହିଁ ଯଦି କାଟି ଆଣି ରଖି ଦିଅନ୍ତ, ତା'ହେଲେ ଗୋବିନ୍ଦଙ୍କୁ ବି ଦୋଷାରୋପ କରିବାକୁ ହୁଅନ୍ତାନି, ଆଉ ବାଦୁଡ଼ି ବି ଖାଇ ପାରନ୍ତେନି — ଦୁଇଚାରିଦିନ ଘରେ ରଖିଲେହିଁ ପାଚି ଯାଆନ୍ତା, ବିକ୍ରୀ କରି ପଇସା ବି ପାଆନ୍ତ । ତୁମେ ଯେ ଭାବର ଦିଆ ଦେଉଛ, କାହିଁ ସେ ଭାବର ପାଇବା ପାଇ ତ ଖୁସି ହୋଇ ପାରୁନା ।

ଯେଉଁ ଭାବର ପାଇବାରେ ଖୁସି ହେଉନା, ସେ ଭାବର ଦେବାରେ — ଯାହାକୁ ଦିଅ ତା', ସେ କିପରି ଖୁସି ହେବ ? ତେଣୁ, ଗୋବିନ୍ଦ ବାଦୁଡ଼ିବି ତଡ଼ି ନାହାଁନ୍ତି, ବରଂ ତୁମର ଭାବର ଦାନ ଗୋବିନ୍ଦ ବାଦୁଡ଼ି ଭାବେହିଁ ଖାଉଛନ୍ତି — ମୁଁ ତ ତୁମ କଥା ଦେଇ ଏପରି ବୁଝିପାରିଲି' ।

ବାବାଜୀ ଆଉ ବେଶୀ ରଗାରଗି କରିଲାନି । ମନେହେଲା

ବାବାଜୀ ପରି ଯଦି ଭାବ ହୁଏ, ଭାବରେ ଜନାର୍ଦ୍ଦନଙ୍କୁ ନିବେଦନ କଲେ, ତାଙ୍କୁ ଦେଇ ପହରାଦାରୀ କରି ନେଇ, ସେଇ ଭାବ-ପ୍ରସାଦୀ କଦଳୀ ମଣିଷ ପାଖରେ ବିକ୍ରୀ କରି ପଇସା ଜମାଇବାହିଁ ଉଦ୍ଦେଶ୍ୟ ହୁଏ, ତା'ହେଲେ ଜନାର୍ଦ୍ଦନ ସେଇ ଏପରିଭାବେ କରିହିଁ ତାହା ଗ୍ରହଣ କରିଥାଆନ୍ତି ! ବାବାଜୀର ଜନାର୍ଦ୍ଦନଙ୍କ ଉପରେ ଯଦି ଟାଣ ହିଁ ଥାଆନ୍ତା, ବାସ୍ତବରେ ତାଙ୍କୁ ନିବେଦନ ନ କରିହିଁ ହୁଏତ ରହି ପାରି ନଥା'ନ୍ତା । ଆଉ, ସେଥିପାଇଁ ସେ ମୋଚିର ଯୁକ୍ତି ପରି ପାକଳ ଅବସ୍ଥାରେ ହିଁ କଦଳୀ କାଟି ଘରେ ରଖିବାର ବୁଦ୍ଧିବି ହୋଇଥା'ନ୍ତା ।

ଭାବଗ୍ରାହୀ ଜନାର୍ଦ୍ଦନ କଥାଟା ଯେପରି ତା' ପାଖରେ ଧରା ପଡ଼ିଛି ।

କେବଳ ଚିନ୍ତାର ଭାବିବାକୁ ହିଁ ତ ଆଉ ଭାବ କହେନା ! ଭାବ ହେଉଛି — ଟାଣ, କାହାରି ପ୍ରତି ଅନୁରାଗ । ସେ ଅନୁରାଗର ପ୍ରକାଶ ଯେ ପର୍ଯ୍ୟନ୍ତ କରିବା ଓ କହିବା ଭିତର ଦେଇ ଉଛୁଳି ନ ଉଠିଛି — ଭାବ ସେ ପର୍ଯ୍ୟନ୍ତ ବାସ୍ତବରେ ପରିଣତ ହୋଇନି । ତେଣୁ, ବାସ୍ତବରେ କହିବା କରିବାର ଭିତର ଦେଇ ଯେଉଁ ଭାବର ଉନ୍ମେଷ ହୁଏ, ସେହି ଭାବହିଁ ଅର୍ଥାତ୍ ସେହି ଟାଣ ବା ଅନୁରାଗହିଁ — ଯା' ପ୍ରତି ତା', ସେଥିରେ ସାର୍ଥକ ହୋଇଉଠେ — ତା' ସେ ପ୍ରକଟ ହିଁ ଥାଆନ୍ତୁ ଆଉ ଅପ୍ରକଟହିଁ ଥାଆନ୍ତୁ । ଆଉ ସେପ୍ରକାର ଭାବ ଯଦି ଜନାର୍ଦ୍ଦନରେ ନ୍ୟସ୍ତ ହୁଏ, ଜନାର୍ଦ୍ଦନ ଯେପରିହିଁ ଥାଆନ୍ତୁ ନା କାହିଁକି, — ତାହା ଗ୍ରହଣ ନକରି ଆଉ ଯିବେ କୁଆଡ଼େ ?

କିନ୍ତୁ ବାବାଜୀ ପରି ଯଦି ଭାବ ହୁଏ, ଭାବରେ ଜନାର୍ଦ୍ଦନଙ୍କୁ ନିବେଦନ କଲେ, ତାଙ୍କୁ ଦେଇ ପହରାଦାରୀ କରି ନେଇ, ସେଇ ଭାବ-ପ୍ରସାଦୀ କଦଳୀ ମଣିଷ ପାଖରେ ବିକ୍ରୀ କରି ପଇସା ଜମାଇବାହିଁ ଉଦ୍ଦେଶ୍ୟ ହୁଏ, ତା'ହେଲେ ଜନାର୍ଦ୍ଦନ ସେଇ ଏପରିଭାବେ କରିହିଁ ତାହା ଗ୍ରହଣ କରିଥାଆନ୍ତି ! ବାବାଜୀର ଜନାର୍ଦ୍ଦନଙ୍କ ଉପରେ ଯଦି ଟାଣ ହିଁ ଥାଆନ୍ତା, ବାସ୍ତବରେ ତାଙ୍କୁ ନିବେଦନ ନ କରିହିଁ ହୁଏତ ରହି ପାରି ନଥା'ନ୍ତା । ଆଉ, ସେଥିପାଇଁ ସେ ମୋଚିର ଯୁକ୍ତି ପରି ପାକଳ ଅବସ୍ଥାରେ ହିଁ କଦଳୀ କାଟି ଘରେ ରଖିବାର ବୁଦ୍ଧିବି ହୋଇଥା'ନ୍ତା । *(କ୍ରମଶଃ)*

ଦାନ ଓ ଦୟା ଧର୍ମ ପଥେ
ହେଲେ ସୁଶାସିତ,
ପ୍ରାପ୍ତି ତାହାର ସମ୍ବର୍ଦ୍ଧନୀ
ଚାଲେହିଁ ସୁନିଶ୍ଚିତ । ୩୪ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ଅମୀୟ-ବାଣୀ

ସଂକଳୟିତା – ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଏଥର କଥାପ୍ରସଙ୍ଗରେ ଅନ୍ତର୍ଯ୍ୟାମୀ ଦୟାଳ ଠାକୁର ମୁଁ ଦିବସରେ ଯେଉଁସବୁ ବିଷୟରେ ଚିନ୍ତାଦି କରିଛି ସେସବୁର କଥା କହୁଛନ୍ତି ଏବଂ ମତେ ଶାରୀରିକ ଓ ମାନସିକ ବିକାରରୁ ଉଦ୍ଧାରର ଉପାୟ ନିର୍ଦ୍ଦେଶ କରୁଛନ୍ତି । କହିବା ବାହୁଲ୍ୟ, ଯେଉଁସବୁ ବିଷୟର କଥା କହୁଛନ୍ତି, ତା' ମଣିଷ ହିସାବରେ ତାଙ୍କର ଜାଣିବାର କୌଣସିବି କାରଣ ନାହିଁ । ସେହିସବୁ ବିଷୟ ମୁଁ ଦିନରେ ମନେ ମନେ ଚିନ୍ତା କରିଛି ମାତ୍ର । କହୁଛନ୍ତି, 'ଧରନ୍ତୁ ନା ଆପଣଙ୍କ ନିଜର କଥା । ଏହି ହୁଏତ ଭାବୁଛନ୍ତି ଗୁମାସ୍ତା ଅବିନାଶ ରୋଜହିଁ ଘରକୁ ଯାଇ ବିଷୟ ସମ୍ପତ୍ତିର ବ୍ୟବସ୍ଥା କରି ଆସିବାକୁ ଚିଠି ଲେଖୁଛି, ନ ହେଲେ ସବୁ ନଷ୍ଟ ହୋଇପାରେ; ଟଙ୍କାପଇସା ନାନା କାରଣରୁ ଦରକାର ହୋଇ ପଡ଼ିଛି । ତାହାହିଁ ବା କେଉଁଠି ପାଉ, ଠାକୁର ବି ଘରକୁ ଯିବାକୁ କହନ୍ତିନି, ଶରୀରଟାବି ସମ୍ପୂର୍ଣ୍ଣ ସୁସ୍ଥ ହୁଏନା, ପେଟରେ ଟିକେ ଟିକେ wind ହେଉଛି, ଘୁଡୁଘୁଡୁ କରୁଛି ଇତ୍ୟାଦି । କିନ୍ତୁ ଜାଣିବେ ଏପ୍ରକାର ବିଷୟ ଚିନ୍ତା ଓ ଶରୀରର ଚିନ୍ତା ଯଦି କରି ଚାଲନ୍ତି ଏବଂ ତତ୍ତ୍ୱାଲୋଚନାଦି ବା ଜପ-ଧ୍ୟାନାଦି ନ କରନ୍ତି, ତେବେ ଆପଣଙ୍କର ଦୁଃଖ-ଦାରିଦ୍ର୍ୟ, ରୋଗ-ଭୋଗାଦି ଆହୁରିବି ବଢ଼ିଯିବ । ଆହୁରିବି ସେହିସବୁ ବିପଦ ଯେ ଆସୁଛି, ସେହି ପ୍ରକାର ଚିନ୍ତାହିଁ ତା'ର ପ୍ରକାଶକ symptom, ଝୁଡ଼ି ଝୁଡ଼ି ଔଷଧ ଖାଇଲେବି ବ୍ୟାଧି ଉପଶମ ହେବନି, ସର୍ବଦା ଯଦି ଶରୀରର ଚିନ୍ତା, ବ୍ୟାଧିର ଚିନ୍ତା ନେଇ ରୁହନ୍ତି । ରୋଗ ଆଦି ଆଗେ ହୁଏ ମନରେ, ''ତେଣୁ ତ ଭଲ ଲାଗୁନି, ହୁଏତ ଅସୁସ୍ଥ ଲାଗେ'' ଇତ୍ୟାଦି ଚିନ୍ତା ଆସିଥାଏ, କ୍ରମେ ତାହାର ପ୍ରକାଶ ହୁଏ ଶରୀରରେ । ହ୍ୟାନୀମ୍ୟାନ ବି ବୋଧହୁଏ ଏହିପରି କହିଛନ୍ତି । ଦେଖନ୍ତୁ ନା, ହୋମିଓପ୍ୟାଥିକ୍ ବହିରେ କେଉଁ ରୋଗରେ କି ପ୍ରକାର ମାନସିକ ଭାବ ପ୍ରକାଶ ପାଏ ତାହାବି ଲେଖା ଅଛି । ଅତଏବ ସେସବୁ ଭୁଲି ସଦା ତତ୍ତ୍ୱାଲୋଚନା, ନାମଜପାଦି ଦ୍ୱାରା energy ବଢ଼ାଇ ଚାଲନ୍ତୁ, ତା'ହେଲେ ସବୁ ଭଲ ହୋଇଯିବ । ଦୁଃଖ, ଦାରିଦ୍ର୍ୟ, ଅଭାବାଦି ବି ଆସିବ ନାହିଁ— ଆସିଲେବି ଶରୀରରେ ଲାଗିବ ନାହିଁ । ଆସେ ହିଁ ନାହିଁ ପ୍ରକୃତରେ, ସେସବୁ ଚଲାଇଲେ ଦୁଃଖ ଇତ୍ୟାଦି ଆସେ ହିଁ ନାହିଁ । ଏହି ଯେ କହୁଥିଲେ, ପୂର୍ବଜନ୍ମର ବା ପୂର୍ବକୃତ କର୍ମଫଳରେ କିଛି ହୁଏ, ତା'ହେଲେବି ପୂର୍ବକୃତ କର୍ମଫଳରେ ବି ଯଦି ସେସବୁ ଆସେ ତେବେ ସେଗୁଡ଼ିକ ତିଷ୍ଠିବାର ଜାଗା ପାଇବନି, flow of energyରେ ଶରୀର-ମନ ପୂର୍ଣ୍ଣ କରି ପକାଇଲେ ଛିଡ଼ା ହେବ କେଉଁଠି ? ବସା ବାନ୍ଧି ପାରିବନି, ଆସିବା ମାତ୍ରେ ଛିଟିକି ପଡ଼ିବ । କୁମ୍ଭୀର ଦେହକୁ ଗୁଳି ମାରିବା ପରି— ଗୁଳି ମାରିଲ, ଲାଗିଲାବି ଯାଇ, କିନ୍ତୁ ଚମଡ଼ାର ସ୍ତର ଥିବା ହେତୁ ବିନ୍ଧି ପାରିଲାନି, ଛିଟିକି ପଡ଼ିଲା, ଏହିପରି । ପୁନଶ୍ଚ, ପୂର୍ବକୃତ କର୍ମଫଳ ଯେ ସବୁ ସମୟରେ ଆସିବହିଁ ତା'ର କୌଣସି ମାନେ ନାହିଁ । ସାଧନ ଫଳରେ ତା' ଧ୍ୱଂସ ବି ହୋଇ ଯାଇପାରେ । ସାଧନାଦି କର୍ମ ଦ୍ୱାରା ସେହିସବୁ କର୍ମଫଳ ଧ୍ୱଂସ ବି ହୋଇଯାଏ ।''

ଚୈତ୍ର-୬, ଶନିବାର- ଆଶ୍ରମରେ ଲାଇବ୍ରେରୀ ଘରର ବାରଣ୍ଡାରେ ବେଞ୍ଚ ଉପରେ ବସି ଅଛି । ବେଳା ପ୍ରାୟଃ ଚାରିଟା । ଶ୍ରୀଶ୍ରୀଠାକୁର ଆସି ବେଞ୍ଚରେ ବସିଲେ । ଉଠି ଛିଡ଼ା ହେବାରୁ ହାତ ଧରି ପାଖରେ ବସାଇ କହିଲେ, ''ଅଶ୍ୱିନୀଦା, ଏଠାରେ ସଂସାର

ମତବାଦ ହେଉ ନା ଯାହାହିଁ
ହେଉନା ଗୁରୁ ଯେ ଜାତି-ଜନ,
ସେଇଟାରେ ତୁଇ ଧର୍ମ ଜାଣିବୁ
କରିପାରେ ସବୁ ପୂରଣ । ୩୨ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ବି ନାହିଁ, ସନ୍ନ୍ୟାସ ବି ନାହିଁ, ସଂଯମ ବି ନାହିଁ, ଅସଂଯମ ବି ନାହିଁ; ଦୁଃଖ ବି ନାହିଁ, ସୁଖ ବି ନାହିଁ । କିନ୍ତୁ ଏହା ତ କୁହାଯାଏନା, ବୁଝେ କିଏ ଏ କଥା ?''

ଶୁଣି ମୁଁ ଭାବୁଛି, ଶ୍ରୀଶ୍ରୀଠାକୁର ନିଜର ହିଁ ଅବସ୍ଥାର କଥା କହୁଛନ୍ତି । ସର୍ବପ୍ରକାର ଭାବର ଅତୀତ ଏକ ଅବ୍ୟୟ ଅବସ୍ଥାରେ ସିଏ ହିଁ ଅବସ୍ଥିତ ଅଛନ୍ତି, ତାଙ୍କରହିଁ ଇଙ୍ଗିତ କରୁଛନ୍ତି କି ?

ଚୈତ୍ର–୭, ରବିବାର– ମଧ୍ୟାହ୍ନରେ ଘରୁ ଖାଇ ଶ୍ରୀଶ୍ରୀଠାକୁର ଆଶ୍ରମକୁ ଆସୁଛନ୍ତି । ମୁଁ ପଛେ ପଛେ ଆସୁଛି । ଶ୍ରୀଶ୍ରୀଠାକୁର ପ୍ରାୟଃ ପ୍ରତ୍ୟହ ହିଁ ଆହାରାନ୍ତେ ମୁଁ ଯେଉଁ ଘରେ ରହେ ସେହି ଘରକୁ ଥରେ ଆସନ୍ତି, ଆଜିବି ଆସିବେ ଏବଂ ତାଙ୍କୁ ଭଲ ତମାଖୁ ସଜାଇ ଖୁଆଇବି ମନେ କରି କରି ଆସୁଛି; କିନ୍ତୁ ସେ ଘର ପାର ହୋଇ ନିଜର ଶୋଇବା ଘର ଆଡ଼େ ଚାଲି ଯାଉଛନ୍ତି ଦେଖି ଶ୍ରୀଶ୍ରୀଠାକୁରଙ୍କୁ ତମାଖୁ ଖୁଆଇ ପାରିଲିନି ବୋଲି ଭାବୁଅଛି । କାରଣ, ଶୋଇବା ଘର— ଯା' ଚତୁର୍ଦ୍ଦିଗରୁ ଘେରା, ସେଠାକୁ ବିନା ଆହ୍ୱାନରେ ଯିବା ନିଷେଧ । ଏହିପରି ଭାବୁ ନ ଭାବୁ ସେ ଏମିତି ମତେ ଡ଼ାକି ତମାଖୁ ସଜାଇ ନେଇ ଶୋଇବା ଘରକୁ ଯିବା ପାଇଁ ଇଙ୍ଗିତ କଲେ । ମୋ ମନର ଭାବ ଧରା ପଡ଼ି ଯାଇଛି ବୋଲି ତାଙ୍କ ଆଡ଼େ ଚାହିଁ ଟିକେ ହସିଲି, ସେ ବି ମୁରୁକି ହାସ୍ୟରେ ଓ ନୟନ ଭଙ୍ଗୀରେ ତା' ପ୍ରକାଶ କରି ଶୟନ ଗୃହକୁ ଗଲେ ।

ତମାଖୁ ସଜାଇ ନେଇ ଉକ୍ତ ଘରେ ଉପସ୍ଥିତ ହେଲି । ଛୋଟ ଖଟଟି ଉପରେ ଶୟନ କରି ଅଛନ୍ତି । ହୁକା ଦେଲେ ଶୋଇ ଶୋଇ ହିଁ ତମାଖୁ ଖାଉଛନ୍ତି ଆଉ କହୁଛନ୍ତି, ''ମାଂସ କଥାର କେତେ ପ୍ରକାର ଅର୍ଥ ଜାଣନ୍ତି ଅଶ୍ୱିନୀଦା'' ?

ମୁଁ କୌଣସିବି ତନ୍ତ୍ରରେ ତାହାର ସାଧାରଣ ଅର୍ଥ ଛଡ଼ା ଅନ୍ୟ ଅର୍ଥ ବି ଦେଖିଛି ମନେହୁଏ । ଜିହ୍ୱାକୁବି ମାଂସ ଅର୍ଥରେ ବ୍ୟବହାର କରିଛି ବୋଲି ମନେହୁଏ । ମାଂସ–ସାଧକ ଅର୍ଥରେ ରସନା–ସଂଯମୀକୁ ବୁଝାଏ ଏହିପରି କହିଛନ୍ତି ମନେହୁଏ । 'ମା' ଅର୍ଥରେ ରସନା, ତା'ରହିଁ ଅଂଶ ବାକ୍ୟ ଅତଏବ ବାକ୍ୟ–ସଂଯମୀ ବା ମୌନୀକୁ ମାଂସ–ସାଧକ କହନ୍ତି । ନିଗମାନନ୍ଦ ତାଙ୍କ ବହିରେ ଏହିପରି ଲେଖିଛନ୍ତି ।

ଶ୍ରୀଶ୍ରୀଠାକୁର— ଆଚ୍ଛା, ଥରେ literal ମାନେ କରିଲେ କ'ଣ ହୁଏ ? 'ମାଂ' ମାନେ ମତେ, 'ସ' ମାନେ ସେହି, ଆଉ 'କହିଯାଆନ୍ତୁ' କ୍ରିୟାପଦଟି ଉହ୍ୟ ଧରି ନେଲେ; 'ମତେ ସେହି ଅର୍ଥାତ୍ ପରମାତ୍ମା କହି ଯାଆନ୍ତୁ' ଏହିପରି ଅର୍ଥବି କରାଯାଏ କି ନା ? ତା'ହେଲେ 'ମାଂସ' କେତେକାଂଶରେ 'ସୋ꣣ହଂ' କଥା ସଦୃଶ ହୋଇପଡ଼େ ।

ମୁଁ— ତା' ସେପରି ଅର୍ଥ କରିଲେ ତ ଭଲ ହିଁ ହୁଏ ।

ଶ୍ରୀଶ୍ରୀଠାକୁର— ଆଚ୍ଛା, ଅଭିଧାନ ଓ ତନ୍ତ୍ରାଦି ଖୋଜି ଦେଖିବେ ତ, ତା'ର କି କି ମାନେ ହୁଏ ।

ଆଚ୍ଛା, ଥରେ literal ମାନେ କରିଲେ କ'ଣ ହୁଏ ? 'ମାଂ' ମାନେ ମତେ, 'ସ' ମାନେ ସେହି, ଆଉ 'କହିଯାଆନ୍ତୁ' କ୍ରିୟାପଦଟି ଉହ୍ୟ ଧରି ନେଲେ; 'ମତେ ସେହି ଅର୍ଥାତ୍ ପରମାତ୍ମା କହି ଯାଆନ୍ତୁ' ଏହିପରି ଅର୍ଥବି କରାଯାଏ କି ନା ? ତା'ହେଲେ 'ମାଂସ' କେତେକାଂଶରେ 'ସୋ꣣ହଂ' କଥା ସଦୃଶ ହୋଇପଡ଼େ ।

ଶ୍ରୀଶ୍ରୀଠାକୁର ଘର ଭିତରେ ବସିଲେ । କହିଲେ, ''ମୋର ବି ଖୁବ୍ ଦର୍ଶନାଦି ହେଉଥିଲା, ତା' ଖାଲି ଆଖିରେବି— ରାସ୍ତାର ଟେଲିଗ୍ରାଫ ପୋଷ୍ଟ, ଶରବ୍ୟ ଇତ୍ୟାଦି ସବୁ ଜ୍ୟୋତିର୍ମୟ ଦେଖୁଥିଲି । ବାହାରେ ସୂର୍ଯ୍ୟ, ଆକାଶ, ପୁନଶ୍ଚ ଭିତରେ ବି ଅନନ୍ତ ନୀଳ ଆକାଶ ଏବଂ ମଧ୍ୟାହ୍ନ–ସୂର୍ଯ୍ୟ ଏକ ସମୟରେ ହିଁ ଦେଖୁଥିଲି । ଖରା ମଧ୍ୟରେ ବିନା ଛତାରେ ଖାଲି ପାଦରେ ଚାଲୁଛି, କିନ୍ତୁ ସେଥିରେ କୌଣସି ପ୍ରକାର ଅସୁସ୍ଥତା ଓ ଅସୁବିଧା ବୋଧ ନାହିଁ, ଯେପରି ବାହାରର ଓ ଭିତରର ସୂର୍ଯ୍ୟ ଉଭୟେ ମିଶି ମତେ ଶୀତଳ କରି ହିଁ ରଖୁଥିଲେ । ଆନନ୍ଦରେ ବେଳେବେଳେ ଫାଟିଗଲି ଫାଟିଗଲି ହେଉଥିଲି, କିନ୍ତୁ ସେହିସବୁରେ ବିଶେଷ ଆଣ୍ଠ ନ ଥିଲା, ସେସବୁ enjoy କରିବାର ବଡ଼ ଗୋଟେ ଇଚ୍ଛା ନଥିଲା— ଅଛି ତ ଅଛି, ନାହିଁ ତ ନାହିଁ । ଆଉ, ଭିତରେ ସେସବୁ ଅସାଧାରଣ ଦେଖାଶୁଣାର ଅବସ୍ଥାରେ ଏବଂ ସାଧାରଣ ଅବସ୍ଥାରେ ସର୍ବଦାହିଁ ଗୋଟେ ଦ୍ୱନ୍ଦାତ୍ମକ ଆତ୍ମବୋଧ ରୂପକ ଆତ୍ମାନନ୍ଦ ଜାଗି ରହୁଥିଲା, ସେଇଟାରେ ହିଁ ମସଗୁଲ ହୋଇ ରହି ହେଉଥିଲା; ସେସବୁ visionର ଆଦି ବା ଜଗତର ସୁଖ ଦୁଃଖାଦିରେ ତେଣୁ ଆନ୍ତ ବାନ୍ଧୁ ନ ଥିଲା । ଆତ୍ମବୋଧ ରୂପକ ସେ ଆନନ୍ଦ ଥରେ ଭିତରେ ଜାଗିଗଲେ ଆଉ କୌଣସିମତେ ହିଁ ତାହା ଛାଡ଼େନା; ତା' ହଜାରେ କଷ୍ଟରେ ବି ସେ ବୋଧ ରହେହିଁ । ଧରନ୍ତୁ, ପାଦ ଭାଙ୍ଗି ଯାଇଛି, ଖୁବ୍ ଯନ୍ତ୍ରଣା ବି feel କରା ଯାଉଛି, କିନ୍ତୁ ସେହି ଯେ ଆତ୍ମବୋଧ ରୂପକ ଆନନ୍ଦ ତା' ବି ଅଛି— ଛାଡ଼ି ନାହିଁ । ଯନ୍ତ୍ରଣାର ଅଭିବ୍ୟକ୍ତି ସଙ୍ଗେ ସଙ୍ଗେ ସେଇ ଆନନ୍ଦର ଭାବ ବି ପ୍ରକାଶ ହୋଇ ପଡୁଛି, ପାଦର ଯାତନାର କଥା ହୁଏତ ସଙ୍ଗୀତର ସ୍ୱରରେ 'ପାଦେ ବଡ଼ ବ୍ୟଥା ହୋଇଛି ରେ' ବୋଲି ପ୍ରକାଶ କରା ହେଉଛି ଇତ୍ୟାଦି ।'' *(କ୍ରମଶଃ)*

ପାପରେ ଯେକ୍ଷଣି ଆସେ ଘୃଣା
ଆସେ ଆକ୍ରୋଶ, ଅପମାନ,
ଇଷ୍ଟପ୍ରାଣନ ଫାମ୍ପି ଉଠେ
ତେବେହିଁ ପାପର ପରିତ୍ରାଣ । ୩୭ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ପ୍ରସଙ୍ଗକଥା

ସଂକଳୟିତା — **ଶ୍ରୀ ମଣିଲାଲ ଚକ୍ରବର୍ତ୍ତୀ**

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଶ୍ରୀଶ୍ରୀଠାକୁର — ହଁ । କିରଣ କେଷ୍ଟଦାଙ୍କୁ ଭଲ ପାଉଥିଲା । କେଷ୍ଟଦାଙ୍କୁ ବଡ଼ କରିବାକୁ ଚାହେଁ । ତା' କରୁ । ତୁ ମତେ ୫୦୦ଟଙ୍କା ଦେବୁ ?

ମଣି — ଆଜ୍ଞା । ଦେବି ।

ଶ୍ରୀଶ୍ରୀଠାକୁର — କିରଣକୁ ଦେବୁ । କିରଣ ସଙ୍ଗେ ଯେଉଁମାନେ ଅଛନ୍ତି ସେମାନଙ୍କୁବି ଦେବୁ । ତୁ ମନେ କରାଇ ଦେବୁ କ'ଣ ପାଇଁ ଚାହୁଁଛି ।

ମଣି — ଆଜ୍ଞା ।

ଶ୍ରୀଶ୍ରୀଠାକୁର ଦେବୀଭାଇଙ୍କ (ଦେବୀପ୍ରସାଦ ମୁଖାର୍ଜ୍ଜୀ) ଆଡ଼େ ଚାହିଁ କହିଲେ, ୫/୭ ଶହ ଟଙ୍କା ଯୋଗାଡ଼ କରି ରଖିବୁ । ସେମାନଙ୍କୁ ଦେବୁ ।

ଜ୍ୟେଷ୍ଠ–୭, ମଙ୍ଗଳବାର, ବଂ–୧୩୭୫
(ଇଂ ତା୨୧।୦୫।୧୯୬୮ରିଖ)

ସକାଳବେଳା ଶ୍ରୀଶ୍ରୀଠାକୁର ପାର୍ଲରରେ ଉପବିଷ୍ଟ ଅଛନ୍ତି । ଭକ୍ତବୃନ୍ଦ ଆସି ପ୍ରଣାମ କରି ଯାଉଛନ୍ତି । ପୂଜ୍ୟପାଦ ବଡ଼ଦା ଆସି ବସିଛନ୍ତି । ଶ୍ରୀଶ୍ରୀଠାକୁର ବଡ଼ଦାଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି । କିଛିକ୍ଷଣ ପରେ ଶ୍ରୀଶ୍ରୀବଡ଼ଦା ଘରକୁ ଯାଆନ୍ତି ।

ଅଜିତ ଗାଙ୍ଗୁଲୀଭାଇ ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲେ — ଠାକୁର । ସଦ୍‌ଗୁରୁ ଗ୍ରହଣ କରିଲେ କ'ଣ ମଣିଷର ସଂସ୍କାର ପଲଟିଯାଏ ?

ଶ୍ରୀଶ୍ରୀଠାକୁର — ପଲଟେ ନାହିଁ । ରକମଫେର ହୁଏ ।

ଅଜିତଭାଇ — ପିଲାପିଲିମାନଙ୍କର ସଂସ୍କାରକୁ କିପରି କରି ପୋଷଣ ଦିଆ ଯାଏ ?

ଶ୍ରୀଶ୍ରୀଠାକୁର — ପିଲାପିଲିମାନଙ୍କର ଏକ ଏକ ବୟସରେ ଏକ ଏକ ରକମ ସଂସ୍କାରର ଉଦୟ ହୁଏ । ଏକ ସମୟରେ ହୁଏତ ଗଢ଼ିବାର ସଂସ୍କାର ଜାଗିଲା । ପୁଣି କେତେବେଳେ ବା ଭାଙ୍ଗିବାର ସଂସ୍କାରବି ଜାଗେ । ଗଠନ କରିବାର ଝୁଙ୍କ୍ ଯେତେବେଳେ ଆସେ ସେତେବେଳେ ତା'କୁ ସୁଯୋଗ ଦେବାକୁ ହୁଏ । ହୁଏତ କାଠ ଆଣି ଦେଲ, ପିରିଖ, ହାତୁଡ଼ୀ ଦେଲ, ବଟାଳି ଦେଲ, ତା' ଦେଇ ପିଣ୍ଡି ତିଆରି କରିଲା । କାଠର ଘର କରିଲା । ମାଟି ଆଣି ଦେଲ । ତା' ଦେଇ କଣ୍ଢେଇ ଓ ଖେଳନା ତିଆରି କରିଲା । ଗଠନ ପ୍ରବୃତ୍ତିକୁ ଏହିପରିଭାବେ ସହାୟତା କରିବାକୁ ହୁଏ । ଭାଙ୍ଗିବାର ପ୍ରବୃତ୍ତିବି ଅନେକ ସମୟରେ ପ୍ରବଳ ହୋଇଉଠେ । ସେତେବେଳେ ଲାଭଜନକ ସଂସ୍କାର ଦେଖି ପିଲାପିଲିମାନଙ୍କୁ ଉତ୍ସାହ ଦେବାକୁ ହୁଏ, ହାତରେ ନାତରେ କାମ ଶିଖାଇ ଦେବାକୁ ହୁଏ । ଘଡ଼ି ମରାମତି କରିବା, ଲୁଗାପଟା ସିଲାଇ କରିବା, ଚର୍ଚ୍ଚ ମରାମତି କରିବା, ବଗିଚାରେ ବାଡ଼ ଦେବା, ସୁଯୋଗ ସୁବିଧା ଅନୁସାରେ ପୋଥିଗତ ବିଦ୍ୟା ସଙ୍ଗେ ଏଗୁଡ଼ିକବି ଶିଖାଇ ଦେଲେ ଭଲ । କରିବାକୁ ହୁଏ

ଧର୍ମ ତୁମର ଇଷ୍ଟାର୍ଥରେ
ପାଉଛି କି ନା ବର୍ଦ୍ଧନା,
ଚତୁର୍ବର୍ଗହିଁ ହେଉଛି ତାହାର
ସୁଷ୍ଠୁ ଶୋଭନ ଲକ୍ଷଣା । ୪୦ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ଝୁଙ୍କ୍ ବୁଝି । ଏହିପରିଭାବେ ଶିଖାଇବାକୁ ହୁଏ । ସେଥିରେ ଅଭିଜ୍ଞତା ଜନ୍ମେ ଏବଂ ନିଜ ମଧ୍ୟରେ ବିଶ୍ୱାସ ଜାଗିଉଠେ । ଏପରିଭାବେ ମଣିଷ ଫୁଟି ଉଠିଥାଏ । ଅର୍ଜୁନ ପ୍ରବୃତ୍ତି ଯେତେ ବଢ଼େଇ ଦିଆଯାଏ ସେଥିରେହିଁ ଭଲ । ଦରୋଟି କଥା ସମୟରୁ ହିଁ ଶିଶୁମାନଙ୍କୁ ପୋଷଣ ଦେବାକୁ ହୁଏ ।

ଅଜିତଭାଇ — ଆଜ୍ଞା ।

ଜ୍ୟେଷ୍ଠ–୮, ବୁଧବାର, ବଂ–୧୩୭୫
(ଇଂ ତା୨୨।୦୫।୧୯୬୮ରିଖ)

ସକାଳବେଳା ପାଞ୍ଚଟା ବେଳେ ପୂଜ୍ୟପାଦ ବଡ଼ଦା ଠାକୁରବଙ୍ଗଳାକୁ ଆସନ୍ତି । ଶ୍ରୀଶ୍ରୀଠାକୁରଙ୍କୁ ବଡ଼ଦା ଗାଡ଼ି କରି ନେଇ ଯାଆନ୍ତି । ପ୍ରାୟଃ ୫୦ ମିନିଟ୍ ପୂଜ୍ୟପାଦ ବଡ଼ଦା ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କୁ ନେଇ ମାଣିକପୁରର ସେଇଆଡ଼େ ବୁଲାଇ ପୁଣି ଠାକୁରବଙ୍ଗଳାରେ ଆସି ଉପସ୍ଥିତ ହୁଅନ୍ତି । ସକାଳ ୬ଟା ବେଳେ ପୂଜ୍ୟପାଦ ବଡ଼ଦାଙ୍କ ପରିଚାଳନାରେ ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖରେ ବିନତି–ପ୍ରାର୍ଥନା ହୁଏ ।

ପରମପୂଜ୍ୟପାଦ ବଡ଼ଦା, ପୂଜନୀୟ ସୁନୁଦା (ଅଲୋକକୁମାର ଚକ୍ରବର୍ତ୍ତୀ, ଶ୍ରୀଶ୍ରୀବଡ଼ଦାଙ୍କ ଦ୍ୱିତୀୟ ପୁତ୍ର), ହରିପଦ ସାହାଭାଇ ଓ କବିରାଜ) ବିଶୁଭାଇଙ୍କ (ଡ଼ାଃ ବିଶ୍ୱନାଥ ମୁଖାର୍ଜ୍ଜୀ) ଓ ଅନ୍ୟାନ୍ୟ ଭକ୍ତବୃନ୍ଦ ତାଙ୍କ ନିକଟରେ ବସିଛନ୍ତି ।

ଶ୍ରୀଶ୍ରୀଠାକୁର କହିଲେ — କାଲି ରାତିରେ ମୁଁ କୋଉଠି ଶୋଇଥିଲି !

ସରୋଜିନୀମା' — ବାହାରେ ଶୋଇଥିଲେ । ଘରେ ଗରମ ତ ।

ଶ୍ରୀଶ୍ରୀଠାକୁର — କୋଉଠି ?

ବଡ଼ଦା — ଏଇ ତ ପାର୍ଲର ସାମନାରେ ଏହି ପ୍ରାଙ୍ଗଣରେ । ପାର୍ଲରର ପୂର୍ବଦିଗରେ ଚୌକି ପକା ଯାଇଛି । ଏଠାରେହିଁ ଆପଣ ଶୋଇଛନ୍ତି । ଉପରବେଳା ଅନେକକ୍ଷଣ ଏଠାରେ ବସି ଆମମାନଙ୍କ ସଙ୍ଗେ ଗଳ୍ପ କରନ୍ତି ।

ଶ୍ରୀଶ୍ରୀଠାକୁର (ମୁଣ୍ଡ ହଲାଇ) — ହଁ ।

ରାତି ପ୍ରାୟଃ ୧୦ଟା ବେଳେ ଶ୍ରୀଶ୍ରୀଠାକୁର ପାର୍ଲରରେ ବସିଛନ୍ତି । ତାଙ୍କ ନିକଟରେ ଆସି ପ୍ରଣାମ କରନ୍ତେହିଁ କହିଲେ — ମଣି । ମୋ ପାଇଁ ଗୋଟେ ଭଲ ସତରଞ୍ଜି ଆଣି ଦେବୁ ?

ମୁଁ — ଆଜ୍ଞା । ଦେବି ।

ଶ୍ରୀଶ୍ରୀଠାକୁର ତମାଖୁ ଖାଉଛନ୍ତି । ତାଙ୍କର ଭୋଗର ଆୟୋଜନ ଚାଲିବାକୁ ଲାଗିଲା ।

ଜ୍ୟେଷ୍ଠ–୯, ଗୁରୁବାର, ବଂ–୧୩୭୫
(ଇଂ ତା୨୩।୦୫।୧୯୬୮ରିଖ)

ଶ୍ରୀଶ୍ରୀଠାକୁର ପ୍ରାତଃରେ ପାର୍ଲରରେ ବସିଛନ୍ତି । ପୂଜ୍ୟପାଦ ବଡ଼ଦା ଆସି ପ୍ରଣାମ କରି ବସିଲେ । ଶ୍ରୀଶ୍ରୀଠାକୁରଙ୍କ ଇଚ୍ଛାନୁସାରେ ବଡ଼ଦା ସକାଳ ୫ଟା ବେଳେ ତାଙ୍କୁ ଗାଡ଼ି କରି ବୁଲାଇବାକୁ ନେଇ ଯାଆନ୍ତି । ୪୦/୪୫ ମିନିଟ୍ ପରେ ଶ୍ରୀଶ୍ରୀଠାକୁରଙ୍କୁ ନେଇ ବଡ଼ଦା ଫେରିଲେ । ଶ୍ରୀଶ୍ରୀଠାକୁର ପାର୍ଲରରେ ସମାସୀନ ଅଛନ୍ତି । ପୂଜ୍ୟପାଦ ବଡ଼ଦାଙ୍କ ପରିଚାଳନାରେ ସେତେବେଳେ ସକାଳ ୬ଟା ବେଳେ ବିନତି–ପ୍ରାର୍ଥନା ଅନୁଷ୍ଠିତ ହେଲା ।

ପ୍ରାର୍ଥନାନ୍ତେ ପୂଜ୍ୟପାଦ ବଡ଼ଦା ପାର୍ଲରରେ ବସନ୍ତି । ଶ୍ରୀଶ୍ରୀଠାକୁରଙ୍କ ସଙ୍ଗେ ଅଳ୍ପସ୍ୱଳ୍ପ କଥାବାର୍ତ୍ତା କରନ୍ତି । ତା'ପରେ ଷୋଡ଼ଶୀଭବନକୁ ଚାଲି ଯାଆନ୍ତି ।

ମଣି ଚକ୍ରବର୍ତ୍ତୀ — ଠାକୁର, ଆପଣ ମତେ ଗୋଟେ ସତରଞ୍ଜି ଆଣିବାକୁ କହିଛନ୍ତି କାଲି । କେଉଁ ମାପର ଆଣିବି ? କେତେ ହାତ ବାଇ କେତେ ହାତ ଆଣିବି ?

ଶ୍ରୀଶ୍ରୀଠାକୁର — ୧୦ ହାତ ଲମ୍ବା ଆଉ ୭ ହାତ ଚଉଡ଼ା । ସେଇ ଧରଣର ଆଣିଲେହିଁ ହେବ ।

ମଣି — ଆଜ୍ଞା । ତା' ହିଁ ଆଣିବି ।

ମୁଁ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଉଠି ଗଲି । ପରେ ମୁଁ ବଜାରକୁ ଯାଇ ସେଇ ମାପର ଗୋଟେ ସତରଞ୍ଜି ୯୬ ଟଙ୍କା ଦେଇ ନେଇ ଆସିଲି ।

ଶ୍ରୀଶ୍ରୀଠାକୁରଙ୍କୁ ସତରଞ୍ଜିଟି ଆଣି ଦେଖାଇଲି ।

ଶ୍ରୀଶ୍ରୀଠାକୁର ଖୁସି ହୋଇ କହିଲେ — ଖୁବ୍ ଭଲ ହୋଇଛି । ରଖ ଏଠାରେ । ତକ୍ତପୋଷ ଉପରେ ହେବ ତ ?

ଶ୍ରୀଶ୍ରୀବଡ଼ଦା ପୁଣି ଠାକୁରବାଡ଼ି ଆସିଲେ । ସେ ସତରଞ୍ଜିଟି ଦେଖି ଖୁବ୍ ଖୁସି ହେଲେ ।

ତକ୍ତପୋଷ ଉପରେ ତା' ପକାଇ ଦିଆ ଗଲା ।

ବଡ଼ଦା — ଠିକ୍ ମାପ ଭଳି ହୋଇଛି । ଭଲ ହୋଇଛି ।

(କ୍ରମଶଃ)

ବିଜ୍ଞପ୍ତି

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ବୈବାହିକୀ ସ୍ତମ୍ଭରେ ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତିମାନେ ସମସ୍ତ ବିବରଣୀ ଓଡ଼ିଆ ଭାଷାରେ ଦେବାକୁ ଚେଷ୍ଟା କରିବେ । କେବଳ ଦୀକ୍ଷିତ ପାତ୍ର/ପାତ୍ରୀମାନଙ୍କର ବିବରଣୀ ପ୍ରକାଶ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ । ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ଦ୍ୱାରା ଅସମର୍ଥିତ କୌଣସି ତଥ୍ୟ ଗ୍ରହଣଯୋଗ୍ୟ ହେବ ନାହିଁ । *– ପରିଚାଳକ, ଉର୍ଜ୍ଜନା*

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ

ଭକ୍ତପ୍ରସଙ୍ଗ

ସଂକଳୟିତା— ଡଃ. ଶ୍ୟାମସୁନ୍ଦର ରକ୍ଷିତ, ଏମ୍.ଏ., ପି.ଏଚ୍.ଡି.

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଉଦ୍‌ବୋଧନର ଘଟଣାବି ସେହିପରି । ସେତେବେଳେ ଖୁବ୍ ବର୍ଷା । ଗୌହାଟୀ ମନ୍ଦିରରେ ସେତେବେଳେ ଅଣ୍ଟାଏ ପାଣି । ପାଇଖାନା ଦେଇବି ପାଣି ଉଠିଛି । ଦେଖିଶୁଣି ଭୂୟାଁଭାଇମାନେ ଉଦ୍‌ବୋଧନର ଡ଼େଟ ପଛେଇ ଦେବାକୁ ଚାହିଲେ । କହିଲି, ନା ସେଇ ଦିନହିଁ ହେବ । ଯେଉଁଦିନ ଉଦ୍‌ବୋଧନର କଥା ହୋଇଛି, ଭୂୟାଁଭାଇ ବାରମ୍ବାର ପରାମର୍ଶ ଦେଉଛନ୍ତି, ଏବେ ଉଦ୍‌ବୋଧନ ନ କରିବାହିଁ ଭଲ, ସମ୍ଭବ ନୁହେଁ ଏହି ବର୍ଷାରେ । ପ୍ରଦୀପକୁ କହିଲି ଦରଜା ଗେଟରେ ଇଟା ଦେଇ ବନ୍ଧ ଦେ ଯେପରି ପାଣି ଘରେ ନ ପଶେ । ଭୂୟାଁଭାଇଙ୍କୁ କହିଲି ଆପଣ ଗେଟରେ କଦଳୀ ଗଛ ପୋତନ୍ତୁ ଯାଇ । ଆଉ କହି ଦେଲି, ଉଦ୍‌ବୋଧନ ଯେତେବେଳେ ହେବାର କଥା ସେତେବେଳେହିଁ ହେବ— ଝଡ଼, ବର୍ଷା, ଭୂମିକମ୍ପ ଯା'ହିଁ ହେଉ । ଶେଷକୁ ଉଦ୍‌ବୋଧନ ହୋଇଗଲା ନିର୍ଦ୍ଦିଷ୍ଟ ଦିନରେ । ଆଖପାଖର ଲୋକବାକ ଦେଖି ଅବାକ୍— ଏମାନେ ଝଡ଼ବର୍ଷା କିଛିହିଁ ମାନନ୍ତିନି । ଏହା ମଧ୍ୟରେ ପୁଣି ଦୀକ୍ଷାବି ହୋଇଛି ।

ଶ୍ରୀଶ୍ରୀପିତୃଦେବ ଶୁଣି ଖୁସି ହେଲେ ।

ପୂଜ୍ୟପାଦ ବଡ଼ଦାଦା ଶ୍ରୀଶ୍ରୀପିତୃଦେବଙ୍କ ନିର୍ଦ୍ଦେଶରେ ଆସାମର ବିଭିନ୍ନ କେନ୍ଦ୍ରମନ୍ଦିର ପରିଦର୍ଶନ କରିଛନ୍ତି— ସେଇ ସବୁ ଅଭିଜ୍ଞତାବି ବ୍ୟକ୍ତ କରିଲେ । ଶ୍ରୀଶ୍ରୀପିତୃଦେବ ଦୀର୍ଘସମୟ ଧରି ଶୁଣିଲେ ହୃଦୟଗ୍ରାହୀ ଘଟଣାଗୁଡ଼ିକୁ ।

ସନ୍ଧ୍ୟାରେ ବିନତି-ପ୍ରାର୍ଥନା ପରେ ଶ୍ରୀଶ୍ରୀପିତୃଦେବ ଷୋଡ଼ଶୀଭବନରେ ତାଙ୍କ ଆବାସକକ୍ଷରେ ଉପବିଷ୍ଟ । ପୂଜନୀୟା ରାଙ୍ଗାମା' ସୋଫାରେ ବସିଛନ୍ତି । ଆଶୁଭାଇ (ଗାଙ୍ଗୁଲୀ), ସଞ୍ଜୀବଭାଇ (ମଣ୍ଡଳ), ଅସିତଭାଇ (ସାନ୍ନ୍ୟାଲ), କୃପାସିନ୍ଧୁ (ରକ୍ଷିତ) ପ୍ରମୁଖ କେଇଜଣ ଅଛନ୍ତି ।

ଜଣେ ମା' ଝିଅକୁ ଦେଖାଇ କହିଲେ— ସ୍ମୃତିଶକ୍ତି କମ୍ । ପଢ଼ିଲେ ମନେ ରହେନା । କ'ଣ କରିଲେ ମନେ ରହିବ ବାବା ?

ଶ୍ରୀଶ୍ରୀପିତୃଦେବ— ବ୍ରାହ୍ମୀଶାଗର ରସ ୧ତୋଳା ଆଠ-ଦଶ ବୁନ୍ଦା ମହୁ ଦେଇ ଖୁଆଇବେ । ଆଉ ଦିପହରେ ଓ ରାତିରେ ଖାଇବା ପରେ ରୋଜ ଫସଫୋମିନ ଖୁଆଅ ।

ଖୁସି ହେଲେ ସେଇ ମା' ।

ଶ୍ରୀଶ୍ରୀପିତୃଦେବ ପୂଜନୀୟା ରାଙ୍ଗାମା'ଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି । ପ୍ରସଙ୍ଗକ୍ରମେ ମାମୀ ଧୋପାନୀର କଥା ଉଠିଲା ।

ପୂଜନୀୟା ରାଙ୍ଗାମା'— ଖୁବ୍ ମୋଟା ଚେହେରା ଥିଲା ମାମୀ ଧୋପାନୀର ।

ଶ୍ରୀଶ୍ରୀପିତୃଦେବ— ହଁ ।

ଶ୍ରୀଶ୍ରୀପିତୃଦେବ— କୃପାସିନ୍ଧୁକୁ କହିଲେ— ମାମୀ ଧୋପାନୀ କଥା ଜାଣିଛୁ ?

କୃପାସିନ୍ଧୁ— ଆପଣ କହିଛନ୍ତି । ଖାତାରେ ଲେଖା ଥାଇପାରେ । ଏବେ ମନେପଡୁନି ।

ଶ୍ରୀଶ୍ରୀପିତୃଦେବ— ଗୋଟେ ପୁଅରେ ବିଧବା ହୋଇ

ବଞ୍ଚା-ବଢ଼ା ଖିନ୍ନ ଯେଠାରେ
ଆଚରଣ ମଳିନ,
ଖୋଜି ପାଇ ଦେଖିବୁ ସେଠାରେ
ଧର୍ମ ସ୍ୱାସ୍ଥ୍ୟହୀନ । ୪୧ ।
(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ଯାଇଥିଲା ମାମୀ ଧୋପାନୀ । ଖୁବ୍ ମୋଟା ଶରୀର, ରୋଗରେ ପଡ଼ିଲା । ରକ୍ତସ୍ରାବର ରୋଗ । ରୋଗରେ ଶରୀର କ୍ଷୀଣ ହୋଇଗଲା । ହାଡ଼ଗୁଡ଼ିକ ବାହାରି ପଡ଼ିଲା । ଏତେ ଦୁର୍ବଳ ହୋଇ ପଡ଼ିଲା ଯେ ଚଲାବୁଲା କରିପାରେନା । କୌଣସି କାମ କରି ପାରେନା । ଶୁଣିଥିଲା ଠାକୁର ଭଗବାନ, ସିଏ ସବୁ କରି ପାରନ୍ତି । ରୋଗାରୋଗ୍ୟର କୌଣସି ଉପାୟ ନ ପାଇ ଠାକୁରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥିଲା । ଦିନେ ଭୋରବେଳା ସେ ସ୍ୱପ୍ନ ଦେଖେ ଠାକୁର କହୁଛନ୍ତି, ତୋ ଘର ବାହାରେ କୋଣ ପଟକୁ ଯେଉଁ ଗଛ ଅଛି ସେଇଟା ଓପାଡ଼ି ନେଇ ନଦୀରେ ସ୍ନାନ କରି ତା' ଚେର ବାଟି ଖାଇବୁ, ଭଲ ହୋଇଯିବୁ । ତା' ଘରଠାରୁ ନଦୀ ଏକ କିଲୋମିଟରରୁ ଅଧିକ । ଏତେ ଦୁର୍ବଳ ସେ ଉଠିହିଁ ପାରେନା ବିଛଣାରୁ । ସ୍ୱପ୍ନ ଦେଖି ସେ ବିରାଟ ବଳ ପାଇଲା । ସେଇ ଦୁର୍ବଳ ଶରୀରରେ ଭୋରବେଳା ନଦୀକୁ ଚାଲି ଯାଇଛି । ସ୍ନାନ କରି ଆସିଛି । ନିଜେହିଁ ବାଟି ଖାଇଛି । ପରଦିନହିଁ ସେ ସୁସ୍ଥ । ରୋଗ କମି ଯାଇଛି । ଏହିଭଳି କେସରେ ସେ ଯା'କୁ ସେଇ ଔଷଧ ଦେଇଛି ସେ ହିଁ ରୋଗମୁକ୍ତ ହୋଇଛି । ମୁଁବି କେତୋଟି କେସ ମାମୀ ଧୋପାନୀ ନିକଟକୁ ପଠାଇଛି । ସେମାନଙ୍କୁବି ଔଷଧ ଦେଇ ସୁସ୍ଥ କରି ତୋଳିଛି । ଠାକୁରଙ୍କ ନାମ କରି କରି ଭାବି ଭାବି ଏପରି ଗୋଟେ ସମୟ ଆସେ ସେତେବେଳେ ଯା' ପ୍ରାର୍ଥନା କରେ ତା' ମଞ୍ଜୁର ହୋଇଯାଏ ।

ପୂଜନୀୟା ରାଙ୍ଗାମା'ଙ୍କ ଆଡ଼େ ଚାହିଁ ଶ୍ରୀଶ୍ରୀପିତୃଦେବ କହିଲେ— ଠାକୁରଙ୍କ ପ୍ରତି ଖୁବ୍ ଟାଣ ଥିଲା ମାମୀ ଧୋପାନୀର ।

ପୂଜନୀୟା ରାଙ୍ଗାମା'— ହଁ, ତା'ର ପୁଅ ଦେଓଘରକୁ ଆସିଥିଲା ନା ?

କୃଷ୍ଣ–ରସୁଲ ବିଭେଦ କରି
ବୁଦ୍ଧ–ଈଶାରେ ପ୍ରଭେଦ ଗଣିବୁ,
ଆରେ ଓରେ ଧର୍ମକଂସାଇ
କୁଟିଳ ନରକ ମନେହିଁ ରଖିବୁ;
ଏକ ବାପର ହିଁ ପାଞ୍ଚଟି ପିଲା
ଦେଖିଲୁ ନା ତୁ ରଖି ଆଖିଟି ମେଲା,
କାହାକୁ ବାପର କରିଲୁ ସ୍ୱୀକାର
କାହାକୁ କହିଲୁ ନୁଏଁ,
କା'ରେ ରେ ତୁ ଦେଲୁ ଧିକ୍କାର
ଗାଇଲୁ କାହାର ଜୟ ? ୪୪ ।

(ଅନୁଶ୍ରୁତି, ୧ମଖଣ୍ଡ, ଧର୍ମ)

ଶ୍ରୀଶ୍ରୀପିତୃଦେବ— ହଁ, ଆସିଥିଲା । ଆଶ୍ରମରେ କେଇଦିନ ରହିଲା । ଖୁବ୍ ଭଲ ଲାଗିଛି କହୁଥିଲା ।

କୃପାସିନ୍ଧୁ— ଅନେକେ ଶୁଣେ ଦେବ–ମନ୍ଦିରରେ ଧାରଣା ଦିଅନ୍ତି, ସ୍ୱପ୍ନାଦେଶ ପାଆନ୍ତି— ଚାହିଦା ପୂରଣ ହୁଏ ଶୁଣେ ।

ଶ୍ରୀଶ୍ରୀପିତୃଦେବ— ଦେବମନ୍ଦିରରେ ଯେ ଆହାର ନିଦ୍ରା ଭୁଲି ଧାରଣା ଦିଅନ୍ତି, ସମସ୍ତ ସତ୍ତା ଦେଇ କଠୋର ପ୍ରାର୍ଥନା କରନ୍ତି । ବୈଦ୍ୟନାଥଧାମ ମନ୍ଦିରରେ ଯାଇ କେତେଲୋକ ଧାରଣା ଦିଅନ୍ତି । ସମସ୍ତ ମନପ୍ରାଣ ଦେଇ ପ୍ରାର୍ଥନା କରି କରି ସମସ୍ତ ସତ୍ତାହିଁ ଶିବମୟ ହୋଇଯାଏ । କାତର ପ୍ରାର୍ଥନା ପରମାତ୍ମାଙ୍କୁ touch (ସ୍ପର୍ଶ) କରେ । ପ୍ରାର୍ଥନା ମଞ୍ଜୁର ହୁଏ ।

ଆମେମାନେ ପ୍ରତ୍ୟହ ସ୍ୱତଃଅନୁଜ୍ଞା ପାଠ କରୁ । ମୁଁ ଅକ୍ରୋଧୀ, ଅମାନୀ, ନିରଳସ.....

ଇତ୍ୟାଦି କହୁ । ଏଗୁଡ଼ିକ ଉଚ୍ଚାରଣ କରି କରି ସେହିଭଳି ହୋଇ ହୋଇ ପ୍ରବୃତ୍ତି loose (ଢ଼ିଲା) ହୋଇଥାଏ । ସେତେବେଳେ ଇଷ୍ଟ ସମ୍ବନ୍ଧରେ ବୋଧ ଜାଗ୍ରତ ହୋଇଥାଏ, ସିଏ ସର୍ବଶକ୍ତିମାନ, ସିଏ ସର୍ବତ୍ର ଅଛନ୍ତି । ଏଇଟା ଖୁବ୍ ବାସ୍ତବ । ଯା'ର ଉପାଧି ଯେତେ ବେଶୀ ଥାଏ, ଯା'ର ଜ୍ଞାନର ଅହଂକାର ଅଛି ତା' ପକ୍ଷେ ଏହି ବୋଧ ଆଣିବା ବଡ଼ କଠିନ ।

ଆଷାଢ଼–୩୧, ଶନିବାର, ବଂ୧୩୯୫
(ଇଂ–ତା୧୬।୦୭।୧୯୮୮ରିଖ)

ଆଜି ୧୯୭ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍ ଅଧିବେଶନ ଆରମ୍ଭ ହେଉଛି । ଦେଶର ନାନାସ୍ଥାନରୁ ବହୁ କର୍ମୀ ସମବେତ ହୋଇଛନ୍ତି । ତତ୍‌ସଙ୍ଗେ ଆସିଛନ୍ତି ବହୁ ଦର୍ଶନାର୍ଥୀ । ପ୍ରାତଃକାଳୀନ ବିନତି–ପ୍ରାର୍ଥନା ପରେ ଶ୍ରୀଶ୍ରୀପିତୃଦେବଙ୍କ ଦର୍ଶନ ପାଇଁ ଷୋଡ଼ଶୀଭବନ ଆଡ଼େ ଆସନ୍ତି ସେମାନେ । ପ୍ରଣାମର ଦୀର୍ଘ ଲାଇନ ହୋଇଗଲା କିଛିକ୍ଷଣ ମଧ୍ୟରେ ହିଁ । ଦର୍ଶନାର୍ଥୀମାନେ ଷୋଡ଼ଶୀଭବନର ପଶ୍ଚିମପଟର ପ୍ରାଙ୍ଗଣରୁ ଦର୍ଶନ ଓ ପ୍ରଣାମ କରୁଛନ୍ତି । ଶ୍ରୀଶ୍ରୀପିତୃଦେବ କରଜୋଡ଼ି ପ୍ରତି–ନମସ୍କାର କରୁଛନ୍ତି ଦର୍ଶନାର୍ଥୀମାନଙ୍କ ଉଦ୍ଦେଶ୍ୟରେ । ଦର୍ଶନାର୍ଥୀମାନଙ୍କ ବକ୍ତବ୍ୟ କେତେବେଳେ ଅଜିତ ଗାଙ୍ଗୁଲୀଭାଇ ତ କେତେବେଳେ ଧୀରେନ ମଲ୍ଲିକଭାଇ ନିବେଦନ କରୁଛନ୍ତି । ଅନେକେ ଶତବାର୍ଷିକୀର ଅର୍ଘ୍ୟ ଆଣିଛନ୍ତି । ଜମା ଦେବାକୁ ଚାହାନ୍ତି । ଶ୍ରୀଶ୍ରୀପିତୃଦେବ ଅଫିସରେ ଜମା ଦେବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । *(କ୍ରମଶଃ)*

ଅନୁବାଦ : ଡ଼ାଃ. ବିନାୟକ ମହାପାତ୍ର

(ବି.ଦ୍ର. : ଅନୁଲେଖକ ଶ୍ରୀଶ୍ରୀବଡ଼ଦାଙ୍କୁ ଶ୍ରୀଶ୍ରୀପିତୃଦେବ ଓ ପୂଜ୍ୟପାଦ ଦାଦାଙ୍କୁ ପୂଜ୍ୟପାଦ ବଡ଼ଦାଦା ବୋଲି ସମ୍ବୋଧନ କରନ୍ତି ।)

ପ୍ରସଙ୍ଗ : ସତ୍ୟାନୁସରଣ

ସତ୍ୟାନୁସରଣ ବ୍ୟାଖ୍ୟାନରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଗୁରୁକିଙ୍କରଭାଇ କିଛି କହିବା ଆଗରୁହିଁ ନିତ୍ୟାନନ୍ଦଭାଇ କହିଲେ— ଆଜ୍ଞା, ଏବେ ବୁଝି ପାରିଛି ।

ଶ୍ରୀଶ୍ରୀପିତୃଦେବ ଘଡ଼ି ଦେଖନ୍ତି ୬-୨୦ମିନିଟ୍ । ଏବେବି କିଛି ସମୟ ଅଛି ଆଲୋଚନା କରି ହେବ । କହିହିଁ ଗୁରୁକିଙ୍କରଭାଇଙ୍କ ଆଡ଼େ ଚାହିଁଲେ । ଗୁରୁକିଙ୍କରଭାଇ— ଆଜ୍ଞା, ହଁ ।

ଶ୍ରୀଶ୍ରୀପିତୃଦେବ— ମୋର ନିଜ ଆଖିଦେଖା ଘଟଣା କହିବି । ଥରେ ଟ୍ରେନ୍‌ରେ ଯାଉଛି । ସନ-ତାରିଖ କିମ୍ବା କୋଉଠିକୁ ଯାଉଥିଲି ତା' ଆଜି ଆଉ ମନେ ନାହିଁ । ତେବେ ଘଟଣାଟା ମନେ ଅଛି । ସେଇ ଟ୍ରେନର ଗୋଟେ କକ୍ଷରେ ବିଶିଷ୍ଟ ସାଧକ ଯାଉଛନ୍ତି ତାଙ୍କ କର୍ମସ୍ଥଳକୁ । ସେଇ ସାଧକଙ୍କ ବିପରୀତ ପଟର ଆସନରେ ଜଣେ ବ୍ୟକ୍ତି ଖୁବ୍ କାଶୁଛନ୍ତି, ଆଉ କଫ ବାହାର କରି ଟ୍ରେନ୍ ମଧ୍ୟରେ ପକାଉଛନ୍ତି ଇଚ୍ଛା କରିହିଁ । ତା' ଦେଖି ସେଇ ସାଧକ କହିଲେ— ଏ କ'ଣ କରୁଛନ୍ତି ! କଫ ବାହାରେ ପକାନ୍ତୁ । ଏହିଭାବେ କ'ଣ କେହି ଅସନା କରେ, ଆଉ କଫ ପକାଇଲେ ରୋଗ ଜୀବାଣୁ ଖେଳେଇ ଯାଇ ଆମମାନଙ୍କର ଅପକାର କରୁଛନ୍ତି । ସେଇ ବ୍ୟକ୍ତି ହଠାତ୍ କହିଲେ— ବେଶ୍ କରିଛି, ପକାଇଛି ।

ସାଧକ ଖବର କାଗଜ ପଢୁଥିଲେ— ଏହି କଥା ଶୁଣି କୌଣସି କଥା ନ କହି, ଖବର କାଗଜରୁ ଖଣ୍ଡେ ଛିଣ୍ଡାଇ ସେଇ କଫ ପୋଛି ଦେଇ ଜାଗାଟା ପରିଷ୍କାର କରିଦେଲେ, ଆଉ ବେସିନରେ ହାତ ପରିଷ୍କାର କରି ଆସିଲେ ।

ଏହାପରେବି ସେଇ ବ୍ୟକ୍ତି ଆଠରୁ ଦଶଥର ସେଇଭାବେ କଫ ପକାଇଲେ କକ୍ଷ ମଧ୍ୟରେ । ଆଉ ସେଇ ସାଧକ ସେଇଭାବେ କୌଣସି ବି କିଛି କଥା ନ କହି କାଗଜ ଦେଇ ପରିଷ୍କାର କରି ଦେଲେ ।

ଶେଷରେ ସେଇ ବ୍ୟକ୍ତି ଆଉ ପାରିଲେନି ସାଧକଙ୍କ ନିକଟରେ, କାଶ ଲାଗିଲେ ବାହାରେ ଯାଇ କଫ ପକାଇ ଆସିଲେ ।

ଅବଶେଷରେ ଆମେମାନେ ସମସ୍ତେ ଦେଖିଲୁ, ସେଇ ସାଧକ ତାଙ୍କର ଗନ୍ତବ୍ୟସ୍ଥାନରେ ଆସନ୍ତେହିଁ; ତାଙ୍କୁ ନେବାକୁ ଷ୍ଟେସନରେ କେଇ ଶହ ଲୋକ ଆସିଛନ୍ତି । ତାଙ୍କୁ ମାଳ ପିନ୍ଧାଇ ଟ୍ରେନରୁ ଓହ୍ଲାଇଲେ ଜୟଧ୍ୱନି ଦେଇ ଦେଇ । ଏହା ହେଉଛି ବିନୟ-ସମନ୍ୱିତ ଦୃଢ଼ତା । *(ତାଁର ସାନ୍ନିଧ୍ୟେ/ତା୧୧।୦୪।୭୬ରିଖ)*

ବାଣୀଟି ବେଣୁ ସାହା ଆଲୋଚନା କରିବାର ନିର୍ଦ୍ଦେଶ ପାଇ ପୁନରାୟ ପାଠ କରି କହିଲା— ଠାକୁର କହୁଛନ୍ତି— ତେଜ ମାନେ କ୍ରୋଧ ନୁହେଁ । ସେ ବିନୟୀ ହେବ କିନ୍ତୁ ଦୃଢ଼ ହେବ । ଇଷ୍ଟସ୍ୱାର୍ଥପ୍ରତିଷ୍ଠା ପାଇଁ ଯା' କରିବାର କରିବହିଁ ।

ଆଲୋଚନାରେ ପ୍ରୀତ ହୋଇ ଶ୍ରୀଶ୍ରୀପିତୃଦେବ ବେଣୁ ଆଡ଼େ ଚାହିଁ କହିଲେ— ଭଲ କହିଛି ।

(ପିତୃଦେବଙ୍କ ଚରଣପ୍ରାନ୍ତେ/ତା-୨୨।୦୯।୭୯ରିଖ)

**** **** ****

ସାଧୁ ମାନେ ଯାଦୁକର ନୁହେଁ, ବରଂ ତ୍ୟାଗୀ, ପ୍ରେମୀ ।

ଆଜି ଆଲୋଚନା କରୁଛନ୍ତି ପୁଅମାନେ । ଶ୍ରୀଶ୍ରୀପିତୃଦେବ ବୋଧ୍‌ବ୍ୟାସକୁ ଆଲୋଚନା କରିବା ପାଇଁ ଆଦେଶ ଦେଲେ ।

ବୋଧ୍‌ବ୍ୟାସ— ଅନେକେ ଅନେକ ସମୟରେ ସାଧୁ ଲୋକମାନଙ୍କୁ ଖରାପ ଭାବନ୍ତି । ମନେ କରନ୍ତି ଯାଦୁକର, କେହି ବା ମନେ କରନ୍ତି ଏମାନେ ଭଣ୍ଡ । କିନ୍ତୁ ତା' ନୁହେଁ । ସାଧୁ ମାନେ ଯାଦୁକର ନୁହେଁ ।

ଶ୍ରୀଶ୍ରୀପିତୃଦେବ— ଭଣ୍ଡ ଭାବି ଲାଭ କ'ଣ ? ଠାକୁର ଯା' କହିଛନ୍ତି ତା'ହିଁ ଭଲ ।

ବୋଧ୍‌ବ୍ୟାସ କିଛି କହୁନି ଦେଖି ସେ ପୁନରାୟ ପ୍ରଶ୍ନ କରିଲେ— ଠାକୁର ଯେଉଁ ଉପଦେଶ ଦେଇଛନ୍ତି ତା' ଦ୍ୱାରା ଆମେମାନେ କ'ଣ ବୁଝି ପାରୁଛୁ ?

ବିଷ୍ଣୁ— ଯାଦୁକର ଅନେକ ସମୟରେ ଅଲୌକିକ ଘଟଣା ଦେଖାଏ, କିନ୍ତୁ ସାଧୁ ତା' ଦେଖାନ୍ତି ନାହିଁ । ସାଧୁ ସବୁ କିଛି ତ୍ୟାଗ କରେ ।

ଶ୍ରୀଶ୍ରୀପିତୃଦେବ— ତ୍ୟାଗ କରି କ'ଣ ହୋଇଛି ? ବଡ଼ ସାଧୁ କହିଲେ ଆମେମାନେ କ'ଣ ବୁଝୁ ?

ସୁଖେନ— ଯାଦୁକର ମାନେ ଯେଉଁମାନେ ଯାଦୁ ଦେଖାନ୍ତି ।

ଶ୍ରୀଶ୍ରୀପିତୃଦେବ— ଏଇଟା କହୁଛନ୍ତି କାହିଁକି ଠାକୁର ?

— ଆମେମାନେ ସାଧୁମାନଙ୍କୁ ନାନାପ୍ରକାର ଭାବୁ, ଭଣ୍ଡ ଭାବୁ ।

— ଯେଉଁମାନେ ଭଣ୍ଡ ଭାବନ୍ତି, ସେମାନେ ଭାବନ୍ତି । ଆମେମାନେ ତା' ଭାବିବୁ କାହିଁକି ? ଭଣ୍ଡ ଭାବିବାକୁ ଯିବୁ କ'ଣ ପାଇଁ ?

ଏକହିଁ ପ୍ରଶ୍ନ ସେ ନବାନୀକୁ କରିଲେ ।

ନବାନୀ— ସାଧୁମାନେ ଅନେକ ସମୟରେ ଅନେକଙ୍କୁ ଔଷଧ ଦିଅନ୍ତି । ସେଥିରେ ବଡ଼ ବଡ଼ ରୋଗ ସହଜରେ ଭଲ ହୋଇଯାଏ ।

ଶ୍ରୀଶ୍ରୀପିତୃଦେବ— ହଁ । ହୁଏତ ଦୀର୍ଘଦିନର ରୋଗ । କୌଣସିମତେ ଭଲ ହେଉ ନାହିଁ । ସାଧୁ ଦେଖି ରୋଗର କଥା ନିବେଦନ କରିଲି । ତାଙ୍କ ଦିଆ ଔଷଧ ଭକ୍ତି ସହକାରେ ବ୍ୟବହାର କରି ମୋର ରୋଗ ଭଲ ହୋଇଗଲା । ପୁଣି ଅନ୍ୟପ୍ରକାର ଘଟଣାବି ଆଖିରେ ପଡ଼େ । ହୁଏତ, ଜଟାରୁ ଗଙ୍ଗାଜଳ ବାହାର କରିଲା । ଭସ୍ମରୁ ଚାଉଳ ବାହାର କରି ଦେଖାଇଲା । କହିଲା, ଏଇଟା ରଖି ଦେଲେ ଘରେ ଆଉ କେବେବି ଚାଉଳର ଅଭାବ ହେବ ନାହିଁ । ଏହିପରି ଅନେକ କ୍ରିୟାକଳାପ ଦେଖାଯାଏ । ଏସବୁ କାମ ଯାଦୁକରର କାମ, ମ୍ୟାଜିସିୟାନର କାମ ।

ଯେଉଁମାନେ ପ୍ରକୃତ ସାଧୁ ସେମାନେ ସେପରି କରନ୍ତିନି । ସେମାନେ କ'ଣ କରନ୍ତି ? କୌଣସି ଦୁଃସ୍ଥ ଯଦି ଭକ୍ତିସହ ପ୍ରେମସହ ତାଙ୍କ ନିକଟରେ ଆସି ନିବେଦନ କରେ ସେତେବେଳେ ସେ କହନ୍ତି, ଏଇଟା ଖାଅ, କିମ୍ବା ଅମୁକ ଖାଅ— ଭଲ ହୋଇଯିବ । ସେମାନେ କେଉଁଥିରୁ କରନ୍ତି ? ଭଲପାଇବାରୁ । ଯିଏ କହୁଛି ତା'ର ବ୍ୟଥାରେ ବ୍ୟଥୀ ହୋଇ କହନ୍ତି । ଏମାନେ ହିଁ ପ୍ରକୃତ ତ୍ୟାଗୀ । ତ୍ୟାଗୀ ହେଲେ କିପରି ?— ଇଷ୍ଟଙ୍କୁ ଭଲପାଇ । ଇଷ୍ଟଙ୍କୁ ଏତେ ବେଶୀ ଭଲପାଆନ୍ତି ଯେ ତାଙ୍କ ଭଳି ଭଲପାଇବାର ପାତ୍ର ତା' ନିକଟରେ ଆଉ ନାହିଁ । ଇଷ୍ଟଙ୍କୁ ଏପରି ଭଲପାଆନ୍ତି ଯେ ଜଗତର ଆଉ ସମସ୍ତ ବିଷୟ ତାଙ୍କ ନିକଟରେ ନଗଣ୍ୟ । ପରମପିତାଙ୍କ ନାମ ଛଡ଼ା, ପରମପିତା ଛଡ଼ା ତାଙ୍କୁ (ତ୍ୟାଗୀ ବା ସାଧୁ ପୁରୁଷକୁ) କୌଣସି କିଛିହିଁ ମୁଗ୍ଧ କରିପାରେନା । ସବୁହିଁ ତ ସେ— ସବୁହିଁ ପରମପିତାଙ୍କର ସୃଷ୍ଟି । ତେଣୁ ଦୁଃଖୀ, ପୀଡ଼ିତ ମଣିଷ ଯେତେବେଳେ ବ୍ୟାକୁଳଭାବେ ତାଙ୍କର (ସେଇ ସାଧୁର) ନିକଟକୁ ଆସେ ସେତେବେଳେ ସେ ଆଉ ସ୍ଥିର ରହିପାରନ୍ତିନି— ମଣିଷର ଦୁଃଖ ଦୂର କରିବା ପାଇଁ ସେ ଥାଆନ୍ତି ସଦା ସଚେଷ୍ଟ । ଅସଲରେ, ଏମାନେହିଁ ଜଗତର ପରମ ବସ୍ତୁ ଲାଭ କରିଛନ୍ତି । ସେମାନଙ୍କ ନିକଟରେ ଏହାଠାରୁ ପରମ ବସ୍ତୁ ପାଇବାର ଆଉ କିଛି ନାହିଁ । ସେମାନେହିଁ ପ୍ରକୃତ ପ୍ରେମୀ । ବ୍ୟାପାରଟା ବୁଝି ହେଲା ତ ?

ଶ୍ରୀଶ୍ରୀପିତୃଦେବ ପୁନରାୟ କହିଲେ— ପ୍ରେମୀ କ'ଣ ପାଇଁ ? ପରମପିତାଙ୍କୁ ଖୁବ୍ ଭଲପାଆନ୍ତି— ମନେ-ପ୍ରାଣେ । ତ୍ୟାଗୀ କ'ଣ ପାଇଁ ? ପରମପିତାଙ୍କୁ ଭଲପାଇବା ପାଇଁ ଆଉ କୌଣସି କିଛିହିଁ ସେମାନଙ୍କୁ charm (ମୁଗ୍ଧ) କରିପାରେନା । ପରମପିତା ଏବଂ ତଁତ୍‌ସମ୍ପର୍କିତ ବିଷୟ ଛଡ଼ା ସବୁକିଛିହିଁ ସେମାନେ ତ୍ୟାଗ କରନ୍ତି । ପୁଣି ସେମାନେ ଭାବନ୍ତି,— ସବୁହିଁ ପରମପିତାଙ୍କର, ସମସ୍ତେ ତାଙ୍କର ଜୀବ, ସମସ୍ତଙ୍କ ମଧ୍ୟରେ ସେ ଅଛନ୍ତି । ଏହି ଭାବ ନେଇ ସମସ୍ତଙ୍କର ମଙ୍ଗଳ ପାଇଁ ଚେଷ୍ଟା କରନ୍ତି, ସମସ୍ତଙ୍କୁ ଭଲପାଆନ୍ତି । ସମସ୍ତଙ୍କ ପାଇଁ କରନ୍ତି, କିନ୍ତୁ ଲକ୍ଷ୍ୟ ସେଇ ଏକ— ପରମପିତା । ସେଇ ଯେ ଠାକୁର କହିଛନ୍ତି—

''You are for the Lord
Not for others
you are for the Lord
And so for others.''

ଏଇଟାହିଁ ତାଙ୍କର ପରିଚୟ ।

ପ୍ରଦୀପ ପାଲ ନିର୍ଦ୍ଦେଶ ପାଇ ଆଲୋଚନା କରେ । କହେ— ସାଧୁ ଦେଖି ଅନେକେହିଁ କହନ୍ତି— ଯାଦୁ ଜାଣନ୍ତି । ମନେ କରନ୍ତି ସାଧୁ ମନ୍ତ୍ରୁରାପାଣି ଦେଇପାରେ, ଚାଲ ଖେଳି ଛାଇ କରି ଦେଇପାରେ, ଫୁଙ୍କି ଦେଇ ଭଲ କରିପାରେ । କିନ୍ତୁ ସାଧୁ ତା' ନୁହେଁ । ସେମାନେ ତ୍ୟାଗୀ, ପ୍ରେମୀ । ସବୁ କିଛି ତ୍ୟାଗ କରିଛନ୍ତି ।

ଶ୍ରୀଶ୍ରୀପିତୃଦେବ— ସବୁ କିଛି ତ୍ୟାଗ କରିଛନ୍ତି ମାନେ— ଇଷ୍ଟଙ୍କ ପାଇଁ ସବୁ କିଛି ତ୍ୟାଗ କରିଛନ୍ତି । ସେ ତା' ନିଜ ପାଇଁ କିଛି କରନ୍ତିନି । ଯା'ର ଇଷ୍ଟଙ୍କ ପ୍ରତି ଖୁବ୍ ଭକ୍ତି ସେହିଁ ପ୍ରେମୀ । ଇଷ୍ଟଙ୍କ ପ୍ରତି, ପରମପିତାଙ୍କ ପ୍ରତି ଯଦି ଖୁବ୍ ଟାଣ ହୁଏ— ସେତେବେଳେ ଖାଇବା-ପିଇବା, ନିଦ-ଫିଦ ସବୁ ଚାଲିଯାଏ । ସେମାନେ ବେଶୀ ସମୟ ଲୋକାଳୟରେ ରୁହନ୍ତିନି ।

(ପିତୃଦେବଙ୍କ ଚରଣପ୍ରାନ୍ତେ/ଇଂ-ତା୨୩।୦୯।୭୯ରିଖ)

**** **** ****

ଭକ୍ତ ମାନେ କ'ଣ ଆହାମ୍ମକ ?— ବରଂ ବିନୀତ-ଅହଂଯୁକ୍ତ ଜ୍ଞାନୀ ।

ଶ୍ରୀଶ୍ରୀବଡ଼ଦା— ଭକ୍ତ ମାନେ କ'ଣ ଆହାମ୍ମକ ?- ଏକଥା କୁହାଗଲା କାହିଁକି ? 'ଭଜ' ଧାତୁରୁ ପାଇହୁଏ— ଭକ୍ତି, ଅନୁରାଗ, ସେବା, ଆଶ୍ରୟ, ପ୍ରାପ୍ତି । ଭକ୍ତି ମାନେ ତାଙ୍କୁ ଆଶ୍ରୟ କରି ତାଙ୍କ ସେବା କରିବାକୁ ହେବ । ସେଇଗୁଡ଼ିକ କରିଲେ ଭକ୍ତି ଆସିବ । ନିଷ୍ଠାସହକାରେ ବା ଆନ୍ତରିକତାର ସଙ୍ଗେ କରିଲେ ବିନୀତ ଅହଂଯୁକ୍ତ ଜ୍ଞାନ ଆସିବ । ତା' ନ ହେଲେ ଜାଣିବାକୁ ହେବ ମୂଳରେ ଭକ୍ତି ହିଁ ନାହିଁ । ଇଷ୍ଟଙ୍କ ଭଜନା ଯଦି କରେ ତେବେ ତାଙ୍କର ଗୁଣଗୁଡ଼ିକ ମୋ ମଧ୍ୟରେ ଆସିବ— ସେଇ ବିନୀତ ଅହଂଯୁକ୍ତ ଜ୍ଞାନ । ମହାମୂର୍ଖ କାଳିଦାସ ଦେଖିଲେ, ପାଣିର କଳସ ରଖି ରଖି ପଥର କ୍ଷୟ ହୋଇ ଯାଇଛି । ଏହା ଦେଖି ତାଙ୍କର ବିଶ୍ୱାସ ହେଲେ ଯେ ଅସମ୍ଭବ ସମ୍ଭବ ହୁଏ । ସେତେବେଳେ ଏକାଗ୍ରଚିତ୍ତରେ ମା' ସରସ୍ୱତୀଙ୍କର ଭଜନା କରିଲେ । ତାଙ୍କର କୃପାରେ ମହାକବି ହେଲେ ।

('ଯାମିନୀକାନ୍ତ ରାୟଚୌଧୁରୀଙ୍କ ଦିନଲିପି/ଇଂ-ତା୦୬।୦୬।୭୨ରିଖ)

ଦୀକ୍ଷା ନେବା କାହିଁକି ?

।। ଦୀକ୍ଷାର ଉଦ୍ଦେଶ୍ୟ କ'ଣ ?

ଦୀକ୍ଷା ପ୍ରସଙ୍ଗ ଉଠନ୍ତେହିଁ ଶ୍ରୀଶ୍ରୀଠାକୁର କହିଲେ— ଦକ୍ଷ୍ ଧାତୁରୁ ଦୀକ୍ଷା ହୋଇଛି । ଦକ୍ଷ କଥାର ମାନେ ability, ଦୀକ୍ଷା ତା'ହିଁ ability impart (ଦକ୍ଷତା ସଞ୍ଚାର) କରେ, କିନ୍ତୁ ଆମମାନଙ୍କର conception (ଧାରଣା) deteriorate କରି ଯାଇଛି (ଅପକର୍ଷ ଲାଭ କରିଛି) । ଭାବେ, ଟିକେ ଜପତପ କଲି, ମୁଖରେ 'ଜୟଗୁରୁ ଜୟଗୁରୁ' କହିଲି, ସେଥିରେ ଧର୍ମ ହୋଇଗଲା । ତାହା କିନ୍ତୁ ନୁହେଁ । ସୁକେନ୍ଦ୍ରିକ ହୋଇ ବାସ୍ତବ କରଣରେ ଦକ୍ଷତାରେ ଉପନୀତ ହେବାହିଁ ଦୀକ୍ଷାର ଉଦ୍ଦେଶ୍ୟ ।

(ଆଲୋଚନା-ପ୍ରସଙ୍ଗ, ୨୨ଶଖଣ୍ଡ, ତା୧୪।୧୦।୧୯୫୩ରିଖ)

।। ଦୀକ୍ଷାର ପ୍ରୟୋଜନୀୟତା କ'ଣ ?

ଜଣେ ପଚାରିଲେ— ଦୀକ୍ଷାର ପ୍ରୟୋଜନୀୟତା କ'ଣ ?

ଶ୍ରୀଶ୍ରୀଠାକୁର— ମଣିଷ ଯଦି କୌଣସି କିଛି ଅବଲମ୍ବନ ନକରି ଏକାଗ୍ର ହୋଇ ଚେଷ୍ଟା କରେ, complex (ପ୍ରବୃତ୍ତି)ଗୁଡ଼ିକ dormant, dull ଓ indolent (ସୁପ୍ତ, ସ୍ଥୂଳ ଓ ଅଳସ) ହୋଇଯାଏ । କିନ୍ତୁ ମଣିଷ ଯଦି ସୁକେନ୍ଦ୍ରିକ ହୁଏ, ସେଥିରେ ସେଗୁଡ଼ିକ roused, active ଓ meaningful (ଜାଗ୍ରତ, ସକ୍ରିୟ ଓ ସାର୍ଥକ) ହୁଏ, individuality grow କରେ (ବ୍ୟକ୍ତିତ୍ୱ ଗଢ଼ାଏ) । ଆମମାନଙ୍କ ଶରୀରରେ ଯେତେଗୁଡ଼ିଏ cell (କୋଷ) ଅଛି, ସେଗୁଡ଼ିକ concentric (ସୁକେନ୍ଦ୍ରିକ) ନହେଲେ ଛିଟିକି ପଡ଼େ, impulse (ସମ୍ବେଗ) carry (ବହନ) କରିପାରନ୍ତାନି, ବିଚ୍ଛିନ୍ନ ହୋଇ ରହନ୍ତା । concentric (ସୁକେନ୍ଦ୍ରିକ) ହେବାହିଁ ହେଲା ଉନ୍ନତି ଲାଭର ପରମ ପଥ ।

ପ୍ରଶ୍ନ— ଗୋଟେ ଜାଗାରେ ଆବଦ୍ଧ ହେବା କ'ଣ ଦରକାର ?

ଶ୍ରୀଶ୍ରୀଠାକୁର— ନହେଲେ ଠିକ୍ ପାଇବୁନି କେଉଁଠୁ କେତେଟିକେ ନେବାକୁ ହେବ ବା ବାଦ୍ ଦେବାକୁ ହେବ । Earth (ପୃଥିବୀ)ଟା ଯଦି sunରେ (ସୂର୍ଯ୍ୟରେ) concentric (ସୁକେନ୍ଦ୍ରିକ) ନ ହୋଇଥା'ନ୍ତା ତା'ହେଲେ ତାହା ଭାଙ୍ଗିଚୁରି ଗୁଣ୍ଡ ଗୁଣ୍ଡ ହୋଇ ଯାଇଥା'ନ୍ତା । ଗ୍ରହଗୁଡ଼ିକ ଯଦି କେଉଁଠାରେ ବି ନିବଦ୍ଧ ନ ଥା'ନ୍ତେ, ତେବେ ଅସ୍ତିତ୍ୱ ବଜାୟ ରଖି ଚାଲିପାରନ୍ତେନି । ଆମ ପ୍ରତ୍ୟେକଙ୍କର ଭିତରେହିଁ ଗୋଟେ ଯୋଗାବେଗ ଅଛି । ଭଲପାଇବା ଓ ଟାଣ ଜିନିଷଟା ଦେବାହିଁ ରହିଛି । ବୀଜ ଓ ଡ଼ିମ୍ବକୋଷ ମଧ୍ୟରେ ଟାଣ ନ ଥିଲେ conception (ଗର୍ଭସଞ୍ଚାର) ହୁଏନା, ବ୍ୟକ୍ତି ହିଁ ବାହାରେନା । ସେଇ ଟାଣକୁ ରକ୍ଷା କରିବା ପାଇଁ ସୁକେନ୍ଦ୍ରିକ ହେବାକୁ ପଡ଼େ । ସେଥିପାଇଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟଙ୍କର ଛୋଟ ବୟସରେ ଦୀକ୍ଷା ନେବାକୁ ପଡ଼େ । ଦୀକ୍ଷା ଆସିଛି ଦକ୍ଷ କଥାରୁ । ଦୀକ୍ଷା ମାନେ ତାହାହିଁ ଯାହା ଆମମାନଙ୍କୁ ଦକ୍ଷ କରିତୋଳେ । .....

ପ୍ରଶ୍ନ— ମୋର ବିଶିଷ୍ଟ ପସନ୍ଦ ଅନୁଯାୟୀ ଚଳି, ସେଥିରେ ଦକ୍ଷତା ଯଦି ଲାଭ କରେ ତା'ହେଲେହିଁ ତ ହୁଏ ?

ଶ୍ରୀଶ୍ରୀଠାକୁର— ଗୋଟେ କେନ୍ଦ୍ର ନ ଥିଲେ ସୁନିୟନ୍ତ୍ରିତ ଭାବେ କିଛି ହିଁ କରିବା ଆମମାନଙ୍କ ପକ୍ଷରେ ସମ୍ଭବ ହୁଏନା । ଆଦର୍ଶ ନଥିଲେ ଆମେ ପରିବେଶର ସଦ୍ବ୍ୟବହାର କରିପାରୁନା, ବରଂ ପରିବେଶହିଁ ଆମମାନଙ୍କୁ ନାନାଭାବେ ଆକୃଷ୍ଟ କରି ବିଚ୍ଛିନ୍ନ ଓ ବିଧ୍ୱସ୍ତ କରେ ।

ପ୍ରଶ୍ନ— ଯଦି ମୁଁ ନିଜକୁ ନିଜେ କେନ୍ଦ୍ର କରେ ?

ଶ୍ରୀଶ୍ରୀଠାକୁର— କରି ଦେଖନ୍ତୁ ନା ।

ପ୍ରଶ୍ନକର୍ତ୍ତା— ମୁଁ ଚାହେନା ଅନ୍ୟ କେହି ମତେ guide (ପରିଚାଳନା) କରୁ, goad କରୁ (ତାଡ଼ନା କରୁ) ।

ଶ୍ରୀଶ୍ରୀଠାକୁର— ବାହାରର ପ୍ରତ୍ୟେକ ଯାହା କିଛିହିଁ ଆମମାନଙ୍କୁ goad କରେ ଓ guide କରେ (ତାଡ଼ନା କରେ ଓ ପରିଚାଳନା କରେ) । ପରିସ୍ଥିତିର ଏପ୍ରକାର goading (ତାଡ଼ନା) ଆମେ ଟିକେ cutoff କରି (ବାଦ୍ ଦେଇ) ପାରୁ, ଯଦି ଗୋଟେ ଜାଗାରେ ଆବଦ୍ଧ ରହୁ । କାହାରିବି ଦ୍ୱାରା ପରିଚାଳିତ ହେବିନି, ଏଇଟା ଗୋଟେ ପାଗଳାମି । ତେଣୁ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି—

'ନାସ୍ତିବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ।।'

..... ଅନ୍ୟ ଜଣେ ପଚାରିଲେ— କୌଣସି କିଛିରେ ଆକୃଷ୍ଟ ନ ହୋଇ କ'ଣ ମଣିଷ ରହିପାରେ ?

ଶ୍ରୀଶ୍ରୀଠାକୁର— ନାନା ଜିନିଷରେ ଆକୃଷ୍ଟ ହୁଏ, ଯା' ଫଳରେ ଯୋଗାବେଗଟା ବ୍ୟାହତ ହୋଇପଡ଼େ । ଏପରି ଅନେକ ମଣିଷ ଦେଖାଯା'ନ୍ତି ଯେଉଁମାନଙ୍କ ମଧ୍ୟରେ ଉତ୍ସାହ-ଉଦ୍ଦୀପନା ଯେପରି ନିଥର ହୋଇଯାଇଛି । କିନ୍ତୁ ମଣିଷ କୌଣସି ସମୟରେ ସୀମିତ ହୋଇ ରହିବାକୁ ଚାହେନା । ସେ ଚାହେ ଆହୁରି ଆହୁରି ଆହୁରି । ଆଦର୍ଶରେ ସୁକେନ୍ଦ୍ରିକ ହେଲେହିଁ ସେହି ଚଳଣିଟା ସ୍ୱାଭାବିକ ହୋଇଉଠେ ।

(ଆଲୋଚନା-ପ୍ରସଙ୍ଗ, ୨୨ଶଖଣ୍ଡ, ତା୩୦।୧୧।୧୯୫୩ରିଖ)

ଶ୍ରୀଶ୍ରୀଠାକୁରଙ୍କ ସୁଖ କେଉଁଥିରେ ?

।। ମୋ ପାଖରୁ ପାଇବାର ପ୍ରତ୍ୟାଶା ରହିବା ଭଲ ନୁହେଁ ।।

ମତେ ଯା' ଦିଅନ୍ତି, କର୍ମିମାନେ ସେଥିରୁ ଖାଆନ୍ତି, ସେଥିରେ ଭିଟାମିନ୍ (ଖାଦ୍ୟପ୍ରାଣ) ପାଆନ୍ତିନି । ମୋ ପାଖରୁ ପାଇବାର ପ୍ରତ୍ୟାଶା ରହିବାଟା ଭଲ ନୁହେଁ । ସ୍ୱାର୍ଥପ୍ରତ୍ୟାଶା ପ୍ରବଳ ହେଲେ ଦିନେ ସେଥିପାଇଁ ହୁଏତ ମତେବି sacrifice (ତ୍ୟାଗ) କରିପାରେ । ମୁଁ କର୍ମିମାନଙ୍କୁ ରତ୍ୱିକ୍ ଉପରେ ଛିଡ଼ା ହେବାକୁ କହେ, ତା' କରିଲେ glow (ଔଜ୍ଜ୍ୱଲ୍ୟ) ବଢ଼ି ଯା'ନ୍ତା ।

..... ରତ୍ୱିକୀ double vitamin (ଦ୍ୱିଗୁଣ ଖାଦ୍ୟପ୍ରାଣ) । ଏଇଟା ମତେ କେନ୍ଦ୍ର କରି ଆପଣମାନଙ୍କ ପାଇଁ ଦେବା । ରତ୍ୱିକୀରେ auttomatically (ସ୍ୱତଃ) organisation grow କରି (ସଂଘ ବଢ଼ି) ଯିବ । ତା' ମଧ୍ୟରେ ହିଁ ଅଛି ସମସ୍ତଙ୍କର ବୃଦ୍ଧିର ପଥ । ରତ୍ୱିକୀ ଭଲଭାବେ ସଞ୍ଚାରିତ ହୋଇଗଲେ ଆନ୍ଦୋଳନର ଚେହେରା ବଦଳି ଯିବ ।

(ଆଲୋଚନା-ପ୍ରସଙ୍ଗ, ୧୪ଶଖଣ୍ଡ, ତା୧୯।୦୮।୧୯୪୮ରିଖ)

।। ଶାଖା-କେନ୍ଦ୍ରଗୁଡ଼ିକ ଭାଙ୍ଗେ କାହିଁକି ?

Branch (ଶାଖା) ଅଭାବ ହେତୁ ଯେତେଟା ନ ଭାଙ୍ଗେ, ତା'ଠାରୁ ବେଶୀ ଭାଙ୍ଗେ ତୁମମାନଙ୍କର ଚରିତ୍ରର ସ୍ୱଚ୍ଛତା ହେତୁ । ତୁମେମାନେ ଯଦି ଚରିତ୍ରର ଅଧିକାରୀ ହୁଅ ସେ ହେତୁ ମଣିଷର active urge (ସକ୍ରିୟ ଆକୂତି) ରହେ ତୁମମାନଙ୍କ ପ୍ରତି, ସେହିମାନେ ହିଁ ସେତେବେଳେ ତା' ଟେକି ରଖନ୍ତି । ମଣିଷର ଶ୍ରଦ୍ଧାର ବିପର୍ଯ୍ୟୟ ଆସେ ଯେଉଁଥିରେ ସେପରିଭାବେ ଚାଲିଲେ, ଆଚରଣ କଲେ, ସେଥିରେହିଁ ଭାଙ୍ଗେ । ଗୋଟେ ଜାଗାରେ କାର୍ଯ୍ୟ କରିବାକୁ ଯାଇ ମଣିଷର ଘର ମଧ୍ୟରେ ବେଶୀଦିନ ରହିବା ଭଲ ନୁହେଁ । ରହିଲେବି ଝିଅମାନଙ୍କଠାରୁ ସମ୍ମାନଯୋଗ୍ୟ ଦୂରତ୍ୱ ବଜାୟ ରଖିବାକୁ ହୁଏ । ଝିଅମାନେ ସହଜେହିଁ ଆସନ୍ତି ରତ୍ୱିକ୍ ନିକଟକୁ ଗୋଟେ ଶ୍ରଦ୍ଧାନତି ନେଇ, କାରଣ, ସେମାନେ ଜାଣନ୍ତି ଯେ ତା' otherwise utilised (ଅନ୍ୟଭାବେ କାର୍ଯ୍ୟରେ ଲଗାଇବା) ହେବନି । ଏହି ଶ୍ରଦ୍ଧାର ମର୍ଯ୍ୟାଦା ଯେପରି ବଜାୟ ରହେ, ସେହିଭାବେ ଚାଲିବାକୁ ହେବ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ, ତା୨୧।୦୩।୧୯୪୯ରିଖ)

।। ମୋର ସୁଖ କେଉଁଥିରେ ?

ତୁମେମାନେ ଯଦି ମଣିଷ ହୁଅ, ତା'ହେଲେହିଁ ମୋର ସୁଖ । ଏହାହିଁ ମୋର ତୃଷ୍ଣା । ଯୀଶୁଖ୍ରୀଷ୍ଟ କହିଛନ୍ତି — 'ଛାତ୍ର ଯଦି ଶିକ୍ଷକଙ୍କ ଅନୁସାରେ ଏବଂ ସେବକ ଯଦି ପ୍ରଭୁଙ୍କ ଅନୁସାରେ ହୋଇଉଠେ, ତା'ହେଲେହିଁ ଯଥେଷ୍ଟ ।' କିନ୍ତୁ ମୋର ତା' ମନେହୁଏନା । ମୁଁ ଭାବେ — ଆପଣମାନେ ମୋଠାରୁ ଯଦି ଏକହାତ ଉପରକୁ ନ ଉଠନ୍ତି ତା'ହେଲେ ଆଉ କ'ଣ ହେଲା ? କଳ୍ପନା-ବିଲୋଳ ହୋଇ ରହିଥାଏ ଆପଣମାନଙ୍କ ଚିନ୍ତା ନେଇ, ଏଇ ଏକଦମ୍ ପୋଖତ ତୃଷ୍ଣା ଯାଏନା ।

..... ଆଉ ଭାବେ କେବେ ଆଲାଉନ୍ସ୍ ଦେବାଟା ବନ୍ଦ କରି ଦିଆଯିବ । ପ୍ରତ୍ୟେକଟି ପରିବାର କିପରି ଏଥିରୁ ରିହାଇ ପାଇବେ । ମୁଁ ଭାବେ ଆପଣମାନେ କିପରି ପ୍ରତ୍ୟାଶାହୀନ ସେବାଦାନର ଭାଗବତ ଭିତ୍ତି ଉପରେ ଛିଡ଼ା ହୋଇପାରନ୍ତି । ଯେପରି ଆପଣମାନଙ୍କୁ ଫିଲାନ୍ଥ୍ରପୀର ଭତ୍ତା ଉପରେ ନିର୍ଭର କରିବାକୁ ନ ହୁଏ । ଆପଣମାନଙ୍କର ଯୋଗ୍ୟତା ବତ୍ତୁ, ମଣିଷ ସ୍ୱତଃସ୍ଫୂର୍ତ୍ତ ଭାବେ ଆପଣମାନଙ୍କୁ ଦେଉ, ଏହା ମୋର ଦେଖିବାକୁ ଇଚ୍ଛା ହୁଏ । କଷ୍ଟର ମଧ୍ୟ ଦେଇ କିନ୍ତୁ ମଣିଷ ବଢ଼ିଉଠେ । ପିଲାପିଲିହିଁ ହୁଅନ୍ତୁ ଆଉ ଯେ ହିଁ ହୁଅନ୍ତୁ, nurture (ପୋଷଣ) ଦେବାଛଡ଼ା ଆଉ କିଛି ହିଁ କରାଯାଏନା କାହାରି ପାଇଁ । ଆପଣମାନଙ୍କ ଉପରେ ଯଦି admiration ଓ adhrence (ଶ୍ରଦ୍ଧା ଓ ନିଷ୍ଠା) ଥାଏ, ତା'ହେଲେ ସେହି ସୂତ୍ର ଧରିହିଁ ଉଠିପାରନ୍ତି ସେମାନେ । ସେଇଟା ଯଦି ନଥାଏ, ସେମାନଙ୍କର ଯଦି ଆପଣଙ୍କୁ ଦେବାର ନିଶା ନ ଥାଏ, ତା'ହେଲେ ଆପଣ ଯେତେ ହିଁ ଦିଅନ୍ତୁ ସେ ଆପଣଙ୍କ ପାଖରୁ ଯେତେହିଁ ପାଉ, ସେତେହିଁ ସେମାନଙ୍କର ଚାହିଦା ବଢ଼ିଥାଏ, କିନ୍ତୁ ଯୋଗ୍ୟତା ବଢ଼େନା ।

(ଆଲୋଚନା-ପ୍ରସଙ୍ଗ, ୧୭ଶଖଣ୍ଡ, ତା୦୨।୦୫।୧୯୪୯ରିଖ)

ମଣିଷ ଭିନ୍ନ ଭିନ୍ନ ପ୍ରକୃତିର ହୁଏ କାହିଁକି ?

।। ପୁରୁଷ–ନାରୀ କୋଉ ଦିଗରେ ଜୋର ଦେବେ ?

ଯେଉଁ ଝିଅମାନଙ୍କର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସତୀତ୍ୱ ଅକ୍ଷୁଣ୍ଣ ଥାଏ ଏବଂ ବିବାହବି ଠିକ୍‌ଭାବେ ହୁଏ, ସେମାନଙ୍କର ପିଲାପିଲି ବିଶେଷଭାବେ ଶ୍ରେୟନିଷ୍ଠ ହୁଅନ୍ତି । ବାପରବି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ chastness (ପବିତ୍ରତା) ଠିକ୍ ରହିବା ଦରକାର । ଏଇ ଦିଗରେ ଜୋର ନ ଦେଇ ଯା'ହିଁ କରନ୍ତୁ, ତା'ର କୌଣସି ସ୍ଥାୟୀ ପ୍ରଭାବ ହେବ ନାହିଁ । ମୂଳ ଜିନିଷ ଚରିତ୍ର ।

(ଆଲୋଚନା–ପ୍ରସଙ୍ଗ, ୭ମଖଣ୍ଡ/ତା୧୨.୦୨.୧୯୪୬ରିଖ)

।। ମଣିଷ ଭିନ୍ନ ଭିନ୍ନ ପ୍ରକୃତିର ହୁଏ କାହିଁକି ?

ଜନ୍ମଗତ ମାଲ–ମସଲାରେ ଫରକ ଥାଏ । Libido (ସୌରତ–ସମ୍ବେଗ) ଯା'ର ଯେତେ strong (ଜୋରଦାର) being (ସତ୍ତା) ବି ତା'ର ସେତେ ତେଜୀୟାନ୍, dedicate (ଉତ୍ସର୍ଗ) କରିବାର ଶକ୍ତି ଏବଂ determination (ସଂକଳ୍ପ)ବି ତା'ର ସେତେ firm (ଦୃଢ଼), brain (ମସ୍ତିଷ୍କ)ବି ତା'ର ସେତେ active (ସକ୍ରିୟ), scheming (ଉପାୟ–ଉଦ୍ଭାବନ–ପ୍ରବଣ), knowledge (ଜ୍ଞାନ)ବି ତା'ର ସେତେ flaring (ସମୁଜ୍ଜ୍ୱଳ), inquisitive (ଅନୁସନ୍ଧିସୁ) ଓ ardent (ବ୍ୟଗ୍ର)ବି ସେ ସେତେଦୂର ଏବଂ decision (ସିଦ୍ଧାନ୍ତ)ବି ତା'ର ସେତେ sharp (କ୍ଷିପ୍ର) । ଏଇଟା ପୁଣି ନିର୍ଭର କରେ ବାପା–ମା'ଙ୍କ ଉପରେ । ପିତାମାତାଙ୍କ ମଧ୍ୟରେ ଯେଉଁଠାରେ ଗଭୀର ଅନୁରାଗ ଓ ସଙ୍ଗତି ନାହିଁ, ସେଠାରେ ସନ୍ତାନବି ଢ଼ିଲା, ଅଲଗା ଧରଣର ହୁଏ ।

(ଆଲୋଚନା–ପ୍ରସଙ୍ଗ, ୮ମଖଣ୍ଡ/ତା୧୧.୦୫.୧୯୪୬ରିଖ)

।। ପୃଥିବୀରେ ନିକୃଷ୍ଟ ଧରଣର ମଣିଷ ବଢ଼ିବେନି କ'ଣ କରିଲେ ?

ବିବାହ ଠିକ୍‌ଭାବେ ହେବା ଦରକାର । ଇଷ୍ଟନିଷ୍ଠ, ସତ୍, ସଂଯତ, କୃତୀ ଶ୍ରେଷ୍ଠ ମଣିଷମାନଙ୍କର ବିହିତ ଅନୁଲୋମ ତଥା ବହୁ ବିବାହ ଫଳରେ ଧୀମାନ ଓ ଦକ୍ଷ ଲୋକଙ୍କ ସଂଖ୍ୟା ବଢ଼ିପାରେ । ଅପଦାର୍ଥ, ଅଯୋଗ୍ୟ, କ୍ଷୀଣମସ୍ତିଷ୍କ, ବାତୁଳ, ଅପରାଧ–ପ୍ରବଣ, ବଂଶ–ପରମ୍ପରାରେ ଦୁଶ୍ଚରିତ୍ର, ପରର ଅନିଷ୍ଟକାରୀ ଓ କୃତଘ୍ନ ଯେଉଁମାନେ ସେମାନଙ୍କର ବଂଶବୃଦ୍ଧିର ସୁଯୋଗ ନ ରହିବା ଭଲ, ଏଥିସଙ୍ଗେ ଦରକାର common Ideal (ଅଭିନ୍ନ ଆଦର୍ଶ), ସଦ୍ଦୀକ୍ଷା, ସୁଶିକ୍ଷା ଓ ବର୍ଣ୍ଣାଶ୍ରମ । ମଣିଷମାନଙ୍କୁ inter interested (ପରସ୍ପର ପ୍ରତି ସ୍ୱାର୍ଥାନ୍ୱିତ) କରି ତୋଳିବା ଦରକାର । ଯେତେ କାମ ହେଉ, prime (ପ୍ରଥମ) କାମ ହେଲା ଯାଜନ, ପ୍ରତ୍ୟେକର ଅନ୍ତରରେ Lord (ପ୍ରଭୁ)ଙ୍କୁ ଜାଗ୍ରତ କରି ତୋଳିବା । ସେଇ କାମ ଚଳାଇବାକୁ ହେବ ସାମଗ୍ରିକଭାବେ । ଯାଜନରେ–ଯାଜନରେ ଜଗତର ହାୱାଟା ବଦଳାଇ ଦେବାକୁ ହେବ । *(ଆଲୋଚନା–ପ୍ରସଙ୍ଗ, ୮ମଖଣ୍ଡ/ତା୦୨.୦୬.୧୯୪୬ରିଖ)*

।। ସନ୍ତାନ କା' ପାଖରୁ କ'ଣ ପାଏ ?

ମୋର ଧାରଣା, ସନ୍ତାନ ବାପ ପାଖରୁ ପାଏ instinct (ସହଜାତ–ସଂସ୍କାର) ଏବଂ ମା' ପାଖରୁ ପାଏ temper (ପ୍ରକୃତି) । ମାଲମସଲା ବାପର, ବିନ୍ୟାସର ମାପଜୋଖ ଓ କାରିଗରୀ ମା'ର ।

(ଆଲୋଚନା–ପ୍ରସଙ୍ଗ, ୮ମଖଣ୍ଡ/ତା୦୫.୦୬.୧୯୪୬ରିଖ)

।। ଉନ୍ନତ ପ୍ରେରଣା ମାନେ କ'ଣ ?

ତା'ର ମାନେ, ଯେଉଁ ପ୍ରେରଣା ବା ଉଦ୍ଦୀପନା ମଣିଷର ସତ୍ତା–ସମର୍ଦ୍ଧନାକୁ ଉଚ୍ଛଳତାରେ ପରିପୂରିତ କରିତୋଳେ । ସତ୍ତାହିଁ ହେଉଛି ପ୍ରକୃତ ବିଚାରକ । ସେ ହିଁ ଟେର ପାଏ, ସେ ବୃଦ୍ଧିର ପଥରେ ଚାଲୁଛି କି ନାହିଁ, ଶରୀର–ମନ ବିବର୍ଦ୍ଧନର ଦିଗରେ ଚାଲୁଛି କି ନାହିଁ, ସ୍ୱସ୍ତିର ଅଧିକାରୀ ହେଉଛି କି ନାହିଁ । ମଣିଷ fulfilment (ପରିପୂରଣ) ଯଦି ନ ପାଏ, ତେବେ ଭଲପାଇବା ପାକଳ ହୁଏନା, tasteless (ବିସ୍ୱାଦ) ହୁଏ । Fulfilment (ପରିପୂରଣ)ର supreme source (ପରମଉତ୍ସ) ହେଲେ Ideal (ଆଦର୍ଶ) । ଦାମ୍ପତ୍ୟ ପ୍ରଣୟ ପରିପକ୍ୱ ହୁଏ ସେମାନଙ୍କର ଯେଉଁମାନଙ୍କର ଏହି common third pointରେ (ଏକହିଁ ତୃତୀୟ ବିନ୍ଦୁରେ) ପ୍ରବୃତ୍ତିଭେଦୀ ଅନୁରାଗ ଥାଏ । ସେତେବେଳେ ଦାମ୍ପତ୍ୟ ପ୍ରେମ ସତ୍ତାପୋଷଣୀ ସମ୍ବେଗ ନେଇ ଚାଲେ, ପ୍ରବୃତ୍ତିର ଦୁବରେ ଆଫୁଆଫୁ ହୁଏନା ।

(ଆଲୋଚନା–ପ୍ରସଙ୍ଗ, ୮ମଖଣ୍ଡ/ତା୧୮.୦୬.୧୯୪୬ରିଖ)

ପ୍ରସଙ୍ଗ : ଶିକ୍ଷା

ଶିକ୍ଷକର କରଣୀୟ କ'ଣ ?

।। ଶିକ୍ଷକର କରଣୀୟ ।।

ପ୍ରଶ୍ନ — ଶିକ୍ଷକର କରଣୀୟ ବୋଲି ଆପଣ ଯା' କହନ୍ତି, ତା' କ'ଣ ଆମମାନଙ୍କ ଦ୍ୱାରା ସମ୍ଭବ ?

ଶ୍ରୀଶ୍ରୀଠାକୁର — କାହିଁକି ସମ୍ଭବ ହେବନି ? ଟିକେ ଇଚ୍ଛା ଓ common-sense (ସାଧାରଣ) ବୁଦ୍ଧି ଥିଲେହିଁ ପାରିହୁଏ । Unbiased observation (ଅପକ୍ଷପାତ ପର୍ଯ୍ୟବେକ୍ଷଣ)ରୁ commonsense (ସାଧାରଣ ବୁଦ୍ଧି) grow କରେ (ଗଜେଇ ଉଠେ) । ଯେପରି, ଡ଼ାକ୍ତର ତ ମେଟିରିୟା ମେଡ଼ିକାର ସବୁ ଔଷଧଗୁଡ଼ିକ ବ୍ୟବହାର କରେନି, ତେବେ ପାଞ୍ଚଟା ଦେଖା ଥାଏ ବୋଲି ନୂତନ ରୋଗ ଦେଖି ଠିକ୍ କରି ନିଏ — ଏହି ଔଷଧଟା ଦେବାକୁ ହେବ । Ideal (ଆଦର୍ଶ)ରେ fanatically inclined (ଗଭୀରଭାବେ ଆନତ) ରହିଲେହିଁ passion (ପ୍ରବୃତ୍ତି)ର ନିୟନ୍ତ୍ରଣ–ହାତ ଉପରେ ରହିହୁଏ — ସେତେବେଳେ ହିଁ ଠିକ୍–ଠିକ୍ observe (ପର୍ଯ୍ୟବେକ୍ଷଣ) କରାହୁଏ । ନହେଲେ ପ୍ରବୃତ୍ତି–ଅଭିଭୂତି ଯୋଗୁଁ ଅନେକ ଜିନିଷ ଆମମାନଙ୍କ ଆଖିରେ ପଡ଼େନାହିଁ । କୌଣସି ଗୋଟେ ଜିନିଷ ଯା' ଯା' ନେଇ, ତା' ଅନୁଧାବନ କରିବା ଭିତର ଦେଇ ଆସେ ଜାଣିବା, ସେ ସମ୍ବନ୍ଧରେ ଅନୁଭବକୁ କହନ୍ତି ବୋଧି । ନ କରି ଜାଣିବା ହୁଏନା, କରିବାର ଭିତର ଦେଇ ଯେଉଁ integrated sense (ସଂହତ ବୋଧ) ହୁଏ, ତା'କୁହିଁ କହନ୍ତି ଜାଣିବା । ପଢ଼ାପଢ଼ି ଭଲ ପାରିଲେ ତା'କୁ ଆମେମାନେ ଭଲ ପିଲା କହୁ, କିନ୍ତୁ ଭଲ ପିଲା ମାନେ profitably active (ଲାଭଜନକଭାବେ କର୍ମଠ) ପିଲା, profitable to himself and the environment (ନିଜର ଏବଂ ପାରିପାର୍ଶ୍ୱିକର ପକ୍ଷେ ଲାଭଜନକ) ।

(ଆଲୋଚନା–ପ୍ରସଙ୍ଗ, ୧ମଖଣ୍ଡ/ତା୨୬.୧୧.୪୧ରିଖ)

।। ଫଳ ପଡ଼େ କାହିଁକି ?

ପ୍ରଶ୍ନ — ନିଉଟନଙ୍କ ମୁଣ୍ଡରେ ଆସିଲା ଫଳ ପଡ଼େ କାହିଁକି ? ଅନ୍ୟ କାହାର ମୁଣ୍ଡରେ ଆସିଲାନି କାହିଁକି ?

ଶ୍ରୀଶ୍ରୀଠାକୁର — Inquisitive (ସନ୍ଧିତ୍ସୁ) ରହିବା active brain (ସକ୍ରିୟ ମସ୍ତିଷ୍କ)ର ଲକ୍ଷଣ — inquisitive (ସନ୍ଧିତ୍ସୁ) ହେଲେ ଏପରି ହୁଏ । ଯା'ର ଯେପରି interest (ଭଲ ଲାଗିବା) ତା'ର inquisitiveness (ଅନୁସନ୍ଧିତ୍ସା) ସେପରି, ଜଣେ ହୁଏତ ଗୋଟେ ଦିଗରେ interested (ଅନ୍ତରାସୀ) ଓ inquisitive (ଅନୁସନ୍ଧିତ୍ସୁ) ହୋଇ ଥାଏ — ଅନ୍ୟ ଦିଗକାର ଘଟଣା ତା'ର ନଜରରେ ପଡ଼େନା । ଅନେକଙ୍କର inquisitiveness (ଅନୁସନ୍ଧିତ୍ସା) ମୂଳତଃହିଁ ବିଶେଷ ଦେଖାଯାଏନା, callous (ବୋଧହୀନ) ହୋଇ ଥାଏ । ତା'ର ବି କାରଣ ଦେଖାଯାଏ, ସେମାନଙ୍କର inquisitive tendency (ସନ୍ଧିତ୍ସୁ ଝୁଙ୍କ୍) କୋଉଠିବି ହୁଏତ thrashing (ଆଘାତ) ପାଇ ବୁଜି ଯାଇଛି । Heredity (ବଂଶଗତି)ର ଭିତର ଦେଇବି ପୁଣି callousness (ବୋଧହୀନତା) transmitted (ସଞ୍ଚାରିତ) ହୁଏ — ତା'ର ବି ମୂଳରେ ଅନେକ ସମୟ ଥାଏ ପିତୃପୁରୁଷଙ୍କ ଜୀବନରେ ପାରିପାର୍ଶ୍ୱିକର ସଂଘାତରେ ସନ୍ଧିତ୍ସାର ଅପମୃତ୍ୟୁ ।

(ଆଲୋଚନା–ପ୍ରସଙ୍ଗ, ୧ମଖଣ୍ଡ/ତା୨୬.୧୧.୪୧ରିଖ)

।। ଛାତ୍ରଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ବଢ଼ିବ କିପରି ?

ପ୍ରଶ୍ନ — ଛାତ୍ରମାନଙ୍କର ଇଚ୍ଛାଶକ୍ତି ଓ ଆତ୍ମପ୍ରତ୍ୟୟ ବଢ଼ାଯାଏ କିପରି ଭାବେ ?

ଶ୍ରୀଶ୍ରୀଠାକୁର — ଛାତ୍ରମାନଙ୍କୁ ପ୍ରଥମରୁ difficulties face କରିବାକୁ (ବାଧାବିଘ୍ନର ସମ୍ମୁଖୀନ ହେବାକୁ) ଦେବାକୁ ହେବ ଏବଂ ସେ ସବୁ overcome (ଅତିକ୍ରମ) କରିବାକୁ ଦେବାକୁ ହେବ । ଏଥିରେ ଆତ୍ମପ୍ରତ୍ୟୟ ଓ ଇଚ୍ଛାଶକ୍ତି ବଢ଼େ, ବାସ୍ତବ ଜୀବନର ସମସ୍ୟା–ସମ୍ବନ୍ଧରେ ଏତେ ଭୀତି ନଥାଏ, ବ୍ୟକ୍ତିତ୍ୱର ବିକାଶ ହୁଏ । Teacher (ଶିକ୍ଷକ)ମାନଙ୍କ ମଧ୍ୟରେ consolidation (ସଂହତି) ଓ Ideal (ଆଦର୍ଶ)କୁ fulfil (ପରିପୂରଣ) କରିବାର interested enthusiasm (ଅନ୍ତରାସୀ ଉତ୍ସାହ) ଥିଲେ ପିଲାମାନଙ୍କ ମଧ୍ୟରେବି teacher (ଶିକ୍ଷକ)ଙ୍କ ପ୍ରତି active attachment (ସକ୍ରିୟ ଅନୁରାଗ) ଖେଳେଇ ଯାଏ ସେତେବେଳେ ଆଉ ପିଲାମାନଙ୍କୁ ଶିଖାଇବାର ଅଭାବ ହୁଏନା, ସବୁ କାମରେହିଁ interested (ଅନ୍ତରାସୀ) ହୋଇଥାଏ । ସେଇ urge ହିଁ (ଆକୂତିହିଁ) ସେମାନଙ୍କର after-life determine (ପରବର୍ତ୍ତୀ ଜୀବନ ନିର୍ଦ୍ଧାରିତ) କରେ, ସେସବୁ ପିଲାମାନେ difficulty (କଷ୍ଟ) ଦେଖିଲେ shrink କରନ୍ତିନି (ଏଡ଼ାଇ ଯାଆନ୍ତିନି), ବରଂ ପୁଚ୍ଛ ତୋଳି ଠିଆ ହୁଅନ୍ତି ।

(କ୍ରମଶଃ)

ବର୍ଣ୍ଣାଶ୍ରମ–ବ୍ୟବସ୍ଥା

ବର୍ଣ୍ଣାଶ୍ରମ ଭିତ୍ତିକ ସମାଜ ଗଠନର ଉପକାରିତା

।। ବ୍ରାହ୍ମଣର ବ୍ୟବସାୟ ।।

ବାମୁଣର ବ୍ୟବସାୟ ଭଳି ବ୍ୟବସାୟ ନାହିଁ— ବାମୁଣ ହେଲା ଲୋକ–ବ୍ୟବସାୟୀ । ମଣିଷହିଁ ତା'ର ମୂଳଧନ, ମଣିଷର ସର୍ବାଙ୍ଗୀନ ଉନ୍ନତିହିଁ ତା'ର ମୁନାଫା । ମଣିଷକୁ ଯେ ସୁକେନ୍ଦ୍ରିକ କରି ତୋଳିପାରେ, ମଣିଷକୁ ଯେ ନିଜର କରି ତୋଳିପାରେ, ମଣିଷକୁ ଯେ ଯୋଗ୍ୟ କରି ତୋଳିପାରେ, ତା'ର କିନ୍ତୁ କିଛିରହିଁ ଅଭାବ ରହେନା । ରତ୍ୱିକ୍‌ର କାମ କିନ୍ତୁ ବାମୁଣର କାମ । ଆଦର୍ଶନିଷ୍ଠ ଉପଯୁକ୍ତ–ସଂଖ୍ୟକ ରତ୍ୱିକ୍ ଯଦି ଥାଆନ୍ତି, ଆଉ ଦେଶର ରକ୍ତରେ ଯଦି ଦୋଷ ପ୍ରବେଶ କରି ନଥାଏ, ତା'ହେଲେ ସେ ଦେଶର କୌଣସି ଭାବନା ନାହିଁ । ସେମାନଙ୍କର ଚରିତ୍ର ଦେଇ, ଚଳନ ଦେଇ, ଜୀବନଚର୍ଯ୍ୟା ଦେଇ ମଣିଷ ମଧ୍ୟରେ ଆଦର୍ଶ, ଧର୍ମ ଓ କୃଷ୍ଟିର ପ୍ରତିଷ୍ଠା କରି, ସେମାନେ ସବୁକିଛିହିଁ ଗଢେଇ ତୋଳି ପାରନ୍ତି ।

(ଆଲୋଚନା–ପ୍ରସଙ୍ଗ, ୨ଖଣ୍ଡ, ତା୧୭.୧୨.୧୯୪୧ରିଖ)

।। ବର୍ଣ୍ଣାଶ୍ରମ ଭିତ୍ତିକ ସମାଜ ଗଠନର ଉପକାରିତା ।।

ବୈଶିଷ୍ଟ୍ୟ–ସମନ୍ୱିତ ବ୍ୟକ୍ତିତ୍ୱର ସ୍ଖୁରଣ ଯଦି ନ ହୁଏ, ତେବେ ଜାତି ଦେବାଳିଆ ହୋଇଯାଏ । ବ୍ୟଷ୍ଟି ନେଇହିଁ ତ ସମଷ୍ଟି । ବ୍ୟଷ୍ଟିଗୁଡ଼ିକର ଜୀବନ ଯଦି ସାର୍ଥକ ନ ହୁଏ, ତା'ହେଲେ ଲାଭବାନ ହେବ କିଏ ? ସେ ବିଧାନ ଓ ବ୍ୟବସ୍ଥା ତେବେ କା' ପାଇଁ ? ମଣିଷ ପାଇଁ ରାଷ୍ଟ୍ର, ନା, ରାଷ୍ଟ୍ର ପାଇଁ ମଣିଷ ? ପ୍ରତ୍ୟେକଟି ମଣିଷ, ପ୍ରତିଟି ଟୁମେ–ମୁଁ ଯେପରି ପରିପୂରିତ ହୋଇପାରୁ— ଅନ୍ୟ ସଙ୍ଗେ ସଙ୍ଗତି ନେଇ,— ସେହିପରିଭାବେହିଁ ତା'ହିଁ ରାଷ୍ଟ୍ରର ଧରଣ ତୋଳି ଧରିବାକୁ ହେବ । ଏହାରହିଁ ଭିତ୍ତିସ୍ୱରୂପ ଋଷିମାନେ ବର୍ଣ୍ଣାଶ୍ରମର ବିଧାନ ଦେଇଥିଲେ, ପ୍ରକୃତ ପ୍ରସ୍ତାବରେ ବର୍ଣ୍ଣାଶ୍ରମ ହେଲା ପ୍ରାକୃତିକ ବିଧାନ, ଆଉ ସମାଜ–ଜୀବନରେ ସେଇ ପ୍ରାକୃତିକ ବିଧାନକୁହିଁ ପ୍ରତିଷ୍ଠା ଦେଇଥିଲେ ଋଷିମାନେ । ବର୍ଣ୍ଣାଶ୍ରମ ବ୍ୟକ୍ତି–ବୈଶିଷ୍ଟ୍ୟ ଓ ବ୍ୟକ୍ତି–ସ୍ୱାତନ୍ତ୍ର୍ୟ ସ୍ୱୀକାର କରେ, ଜନ୍ମଗତ ବୈଶିଷ୍ଟ୍ୟାନୁପାତିକ କର୍ମ ଦ୍ୱାରା ଜୀବିକା–ଅର୍ଜନ ଏହାର ଗୋଟେ ପ୍ରଧାନ କଥା, ତେଣୁ ବୃତ୍ତି–ହରଣ ସେଠାରେ ମହାପାପ, ସୁତରାଂ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଥିଲେବି ମଣିଷ ଉଚ୍ଛୃଙ୍ଖଳଭାବେ ଯା'–ତା' କରି ସମାଜର କ୍ଷତି କରି ପାରେନା । ସେଥିରେ ସେ ସମାଜରେ ପତିତ ହୁଏ । ପୁଣି, ଏହି ବୈଶିଷ୍ଟ୍ୟର ଧାରା ବଂଶ–ପରମ୍ପରାରେ ଯେପରି ବଜାୟ ରହେ, ସେଥିପାଇଁ ଦରକାର ବିଧିମାଫିକ ବିବାହ । ଆହୁରି ବର୍ଣ୍ଣାଶ୍ରମର ଗୋଟେ ମୁଖ୍ୟ ଜିନିଷ ହେଲା ଦ୍ରଷ୍ଟାପୁରୁଷଙ୍କ ନିକଟରୁ ଦୀକ୍ଷା ଓ ଆତ୍ମନିୟନ୍ତ୍ରଣମୂଳକ ଶିକ୍ଷା । ଏ ସବୁଗୁଡ଼ିକ ଯଦି ଠିକ୍‌ଭାବେ ଚଳାଯାଏ, ତେବେ ଧନ–ସମ୍ପଦ ଉପରେ ବ୍ୟକ୍ତିଗତ ଅଧିକାର ଥିଲେ ଅସୁବିଧାର କାରଣ କ'ଣ ହୋଇପାରେ ତା' ତ ବୁଝେନା । ବରଂ ମୋର ମନେହୁଏ, ବ୍ୟଷ୍ଟି–ବୈଶିଷ୍ଟ୍ୟାନୁପାତିକ ସ୍ୱାତନ୍ତ୍ର୍ୟ, ଶିକ୍ଷା, କର୍ମ, ଅର୍ଜ୍ଜନ, ସଂଗ୍ରାମ ଓ ଉପଭୋଗ ଥିଲେହିଁ ତା'ର ନିଜତ୍ୱବୋଧ ଗଜାଇପାରେ ସୁଷ୍ଠୁଭାବେ । ସେ ବୋଧହିଁ ଖେଳେଇ ଯାଇ ବିସ୍ତାରଲାଭ କରେ, ଖେଳେଇ ଯାଏ ସମସ୍ତଙ୍କ ମଧ୍ୟରେ, କିନ୍ତୁ ନିଜ ପାଇଁ କରିବା ନ ଥିଲେ ଅପର ପାଇଁ କରିବାର ବି ପ୍ରବୃତ୍ତି ରହେନା । ନିଜ ସମ୍ବନ୍ଧରେ ଅନୁଭୂତି ନ ଗଜାଇଲେ ଅନ୍ୟ ସମ୍ବନ୍ଧରେ ଅନୁଭୂତି ଗଜାଇବ କିପରି ? ଆଉ, ସ୍ୱତଃ–ଦାୟିତ୍ୱରେ ନିଜର ସାମର୍ଥ୍ୟର ସଦ୍‌ବ୍ୟବହାରରେ ମଣିଷ ଯଦି ପ୍ରେଷ୍ଠଙ୍କୁ ନିତ୍ୟନୂତନ ଉପଢ଼ୌକନ ଦେବାର ସୁଯୋଗରୁ ବଞ୍ଚିତ ହୁଏ, ତେବେ ତା'ର କର୍ମଶକ୍ତି ବଢ଼ିବ କିପରି ? ସେ ଭୂତର ବେଗାର ଖଟିବାକୁହିଁ ବା ଯିବ କାହିଁକି ? ଜନତା, ରାଷ୍ଟ୍ର, ଦେଶ, କୌଣସି ବାଦ ବା ପଦ ମଣିଷ ବୁଝେନା, ସେ ଚାହେ ଗୋଟେ ବିଶିଷ୍ଟ ବ୍ୟକ୍ତି, ଯା'ଙ୍କୁ ଖୁସି କରି ସେ ଖୁସି ହୋଇପାରେ । ତେଣୁ, ସମଗ୍ରର ମଙ୍ଗଳର ମୂର୍ତ୍ତ ପ୍ରତୀକ ରକ୍ତମାଂସ–ସଙ୍କୁଳ ଇଷ୍ଟ ବା ବାଞ୍ଛିତଙ୍କର ପ୍ରୟୋଜନ । ଆଉ, ସେ ହିଁ ଆମମାନଙ୍କର ଇଷ୍ଟ ବା ବାଞ୍ଛିତ— ଯା'ଦ୍ୱାରା ଆମେମାନେ nurture (ପୋଷଣ) ପାଉ ଓ fulfilled (ପରିପୂରିତ) ହେଉ towards (ବିବର୍ଦ୍ଧନର ଦିଗରେ) । ଇଷ୍ଟ ଥିଲେ ମଣିଷ ଆଉ ସେତେବେଳେ ପରିବେଶର କଣ୍ଢେଇ ହୁଏନା, ସେ ନିଜେ ଇଷ୍ଟଙ୍କ ଟାଣରେ ଚାଲି ସମସ୍ତଙ୍କୁ ସେଇ ଟାଣରେ ତୋଳି ଧରେ, Ideal, individual ଓ environment (ଇଷ୍ଟ, ବ୍ୟଷ୍ଟି ଓ ପରିବେଶ) ମଧ୍ୟରେ concordance (ସଙ୍ଗତି) ନେଇ ଆସେ । ପ୍ରତ୍ୟେକଟି individual (ବ୍ୟଷ୍ଟି) grow କରେ (ବଢ଼ି ଉଠେ) according to his instincts in harmony with the environment (ତା'ର ସହଜାତ ସଂସ୍କାରାନୁପାତିକ ପରିବେଶର ସଙ୍ଗେ ସଙ୍ଗତି ନେଇ) । ଆଉ ଏଥିରେ ବ୍ୟକ୍ତିଗତ ସମ୍ପତ୍ତି ଯେତେହିଁ ହେଉ ନା କାହିଁକି, ତା'ର ଅଧିକାଂଶ ଯଦି ସ୍ୱସ୍ତ୍ୟୟନୀର ଇଷ୍ଟୋତ୍ତର ରୂପେ ଥାଏ, ସେଥିରେ ଲାଭ ଛଡ଼ା କ୍ଷତି ନାହିଁ । Individual (ବ୍ୟକ୍ତିଗତ) ଓ social evolution (ସମାଜଗତ ବିବର୍ତ୍ତନ)ର ମୂଳ ଏଠାରେ ।

(ଆଲୋଚନା–ପ୍ରସଙ୍ଗ, ୨ୟଖଣ୍ଡ, ତା୨୩।୧୨।୧୯୪୧ରିଖ)

ଯେମନ ତାଁକେ ଦେଖି

ଯେମିତି ତାଙ୍କୁ ଦେଖେ

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଗୋସାଇଁ କିଛି ଶୁଣିଲେ କାନରେ, କିଛି କିଛି ଶୁଣିଲେ ମନରେ । କଣ୍ଠ ସ୍ୱରରେ ସେଇ ଆକୃତି । ଦୃଷ୍ଟିରେ ଠିକ୍ ସେଇ ବାଞ୍ଛା, ସେଇ ଦାନର ବାସନା, ଷ୍ଟିମର ଘାଟରେ ଯେମିତି ଦେଖିଥିଲେ ଠିକ୍ ସେମିତି ।

ଭୁଲିବାକୁ ଚେଷ୍ଟା କରି ବି ଭୁଲି ପାରିଲେ ନାହିଁ ଗୋସାଇଁ । ମନରେ ପୁଣି ଥରେ ନୂତନ କରି ଜିଜ୍ଞାସା ଜାଗି ଉଠିଲା । ତୁମେ ତା'ହେଲେ କିଏ ? ତୁମେ ହିଁ ଯଦି ସେଇ ପରମ ପ୍ରାପ୍ତବ୍ୟ, ତା' ହେଲେ ସେଦିନ ଖୋଲି କହିଲ ନାହିଁ କାହିଁକି ? କାହିଁକି ତା' ହେଲେ ପଠେଇ ଦେଲ ଏମିତି ତୀର୍ଥ ଘୁରି ବୁଲିବାକୁ ? କେବଳ ଡ଼ଙ୍ଗାକୁ ଠେଲିଦେବା କଅଣ ସବୁ ? ଡ଼ଙ୍ଗାର ଶେଷ କାମ ତ ତୀରରେ ଲାଗିବା । ପୁଣି ମନେ ହେଲା ସେ ବା କେମିତି କରି କହିବେ, ଭାଇ ମୁଁ ହିଁ ସେଇ । ଯାହାକୁ ଖୋଜୁଛନ୍ତି । ତା'ରି ସାମନାରେ ହିଁ ଆଖି ବୁଜି ଠିଆ ହୋଇଛନ୍ତି ।

ପାଣିରେ ଠିଆ ହୋଇହିଁ ପ୍ରଣାମ କରନ୍ତି ଗୋସାଇଁ : ହେ ମୋର ଶ୍ରେଷ୍ଠ ପ୍ରଣମ୍ୟ, ତୁମେ ମୋର ପ୍ରଣାମ ଗ୍ରହଣ କର । ହେ ଅନ୍ତରଙ୍ଗ, ତୁମେ ଅନ୍ତର ଅଧିକାର କରିଛ ଏଥର ଅନ୍ତରାୟ ଘୁଞ୍ଚେଇ ଦିଅ । ଆଖିର ପ୍ରଚ୍ଛନ୍ନତାଟିକକୁ ଘୁଞ୍ଚେଇ ଦିଅ ।

ହିମାଳୟରୁ ଓହ୍ଲେଇ ପୁଣି ଆସି ସମତଳରେ ପହଞ୍ଚିଲେ । ଦେଖିଲେ ଅଯୋଧ୍ୟା, ମଥୁରା, ବୃନ୍ଦାବନ । ଯମୁନାର କୂଳରେ ଠିଆ ହୋଇ ମନେ ହେଲା ବଂଶୀ ବଜାଇ ଯାଉଛନ୍ତି ଶ୍ରୀକୃଷ୍ଣ । ବଂଶୀର ଧ୍ୱନିର ମଧୁମୟତାରେ ଆଚ୍ଛନ୍ନ ହୋଇ ପଡ଼ନ୍ତି, କୃଷ୍ଣ ଯେମିତି ଗୌର ହୋଇ ଯାଆନ୍ତି କ୍ରମଶଃ । ବଂଶୀ ଦେଇ ଯେମିତି ସ୍ୱର ବାହାରୁଛି ଆଗୋ.... ମୁଁ ଯେ ପୁଣି ଆସିଛି ମୋତେ ଯେମିତି ଭୁଲ ନାହିଁ ।

ଆଖି ମଳି ନେଲେ ଗୋସାଇଁ, ଆଖି ଦେଇ ପାଣି ଗଡ଼ି ଚାଲିଲା ଝରଝର ହୋଇ । କଅଣ ଆଉ ଦେଖୁଛନ୍ତି ଏଇ ଚର୍ମଚକ୍ଷୁ ଦେଇ ? ଦେଖୁଛନ୍ତି ମନର ଆଖି ଦେଇ, ଅନୁଭୂତିର ଗବାକ୍ଷରେ ବସି ।

ନା : ଆଉ ଦୂରରେ ରହିବା ନୁହେଁ ।

ସ୍ନାନ କରି ଫେରିବା ପଥରେ ଦେଖା ହେଲା ଜଣେ ପରିଚିତ ମଣିଷ ସଙ୍ଗେ । ସେମାନେ ଗୋସାଇଁଙ୍କ ଶିଷ୍ୟ । ବୃନ୍ଦାବନରେ ବସାଘର ଅଛି । ସେଇଠିକି ଆସିଛନ୍ତି ।

ଏଇ ତ ଛୋଟ ଗୋସାଇଁ ଯେ । ଆଦର ଅଭ୍ୟର୍ଥନା କରି ଘରକୁ ନେଇ ଆସିଲେ । କହିଲେ ଆପଣଙ୍କ ନାଁରେ ଚିଠି ଅଛି । ଘରୁ ଆସିଛି ଚିଠି ।

ଘରେ ଭାଇମାନେ ଜାଣନ୍ତି, ତୀର୍ଥରେ ଯାଇଛି ଯେତେବେଳେ ବୃନ୍ଦାବନକୁ ନିଶ୍ଚୟ ଯିବ । ଆଉ ରାସ୍ତାରୁ ଚିଠି ଲେଖି ସେଇ ଧାରଣା ଦୃଢ଼ କରି ଦେଇଛନ୍ତି ସତୀଶଚନ୍ଦ୍ର । ଘରକୁ ଲେଖି ପଠେଇ ଥିଲେ, ବୃନ୍ଦାବନ ଗଲେ, ଆମର ସେହି ଶିଷ୍ୟଙ୍କ ଘରକୁ ଯିବି । କିନ୍ତୁ ତା'ର ଘର ଖୋଜିବା ପୂର୍ବରୁ ରାସ୍ତାରେ ତା' ସହ ଦେଖା ହୋଇଗଲା ।

ଜମିଜମା ନେଇ ମାମଲା ହୋଇଛି । ସବୁ ଭାଇଙ୍କୁ ଏକାଠି ହେବାକୁ ପଡ଼ିବ । ତେଣୁ ଜରୁରୀ ଚିଠି ଘରୁ ଆସିଛି । ବହୁତ ଦିନ ଆଗରୁ ଆସି ପଡ଼ିଛି । ଆଉ ଡ଼େରି କରିବା ଚଳିବନି । ଏହିକ୍ଷଣି ଘରକୁ ପଳେଇ ଯିବାକୁ ପଡ଼ିବ ।

ଦୂରରେ ରହିବାକୁ ଯେମିତି ମନ ଚାହୁଁ ନଥିଲା । ସେମିତି ଶୀଘ୍ର ଫେରିବାକୁ ତାଗିଦା ଆସିଛି । ଆଉ ବାହାରେ ଅପେକ୍ଷା କରିବାକୁ ହେବନି । ଏଥର ଆକାଂକ୍ଷିତ ସ୍ଥାନକୁ ଫେରି ଆସ ।

ଏଥର ନିଜର ନିକେତନକୁ ଫେରି ଆସ । ଫେରନ୍ତା ଡ଼ାକରେ ଚିଠି ପଠେଇ ଦେଇ କଲିକତାକୁ ଟିକେଟ କାଟି ଗାଡ଼ିରେ ବସିଲେ । କଲିକତାରୁ କୁଷ୍ଟିୟା । ସେଠାରୁ ସ୍ତ୍ରୀ ଓ ପୁଅଙ୍କୁ ନେଇ ବାଜିତପୁର ଷ୍ଟିମର ଘାଟରେ ଯାଇ ପହଞ୍ଚିଲେ ।

।। ତେତିଶ ।।

ବାହାରିଥିଲେ ତେରଶହ ଉଣେଇଶ ସାଲର କାର୍ତ୍ତିକ ମାସର ପ୍ରଥମାର୍ଦ୍ଧରେ ଆଉ ଫେରିଲେ ତେରଶତ ଏକୋଇଶ ସାଲର ଏକୋଇଶ ଜ୍ୟେଷ୍ଠରେ, ଏବେ ମଧ୍ୟ ସବୁଦିନ ସେଇ ଏକାଭଳି ଚାଲିଛି । ଦିନାନ୍ତେ ତର୍ପଣ ପରେ ଗୋଟାଏ ମାତ୍ର ଫଳାହାର ।

ବାଜିତପୁରର ଘାଟରେ ଓହ୍ଲେଇ ଦେଖିଲେ, ଘରୁ ପାଲିଙ୍କି ଆସିଛି । ପାଲିଙ୍କିରେ ବସିବାକୁ ଯାଇ ଦେଖନ୍ତି, ଛୁଟି ଆସୁଛି ମୁକୁନ୍ଦ ଘୋଷ ।

ପାଖକୁ ଆସି ଭୂମିଷ୍ଠ ପ୍ରଣାମ କରିଲା ମୁକୁନ୍ଦ । ପ୍ରଭୁ ଆପଣଙ୍କର ଆଜି ତ ନୂଆ ଆଉ ଘରକୁ ଯିବା ହେବନି ।

କାହିଁକିରେ ?

ଠାକୁର ପଠେଇଲେ— ଦୌଡ଼ି ଯା' ଷ୍ଟିମରଘାଟରେ ଗୋସାଇଁକୁ ଯାଇ ଧରିବୁ । ଫେରିବା ସମୟରେ ଦେଖା କରି ଯିବାର କଥା ଥିଲା ଯେ ।

ହଁ ସେଇକଥା ତ । ସେ କଥାଟା ମନେ ପଡ଼ିଲା। ଗୋସାଇଁଙ୍କର । ପଚାରିଲେ, ଠାକୁର କେଉଁଠି ?

କିଶୋରୀ ବାବାଜୀର ଘରେ ।

ଆଶ୍ଚର୍ଯ୍ୟ ହତବାକ୍ ହୋଇ ରହିଲେ ଗୋସାଇଁ । ମୁଁ ଆଜି ଘରକୁ ଫେରୁଛି, ସେ କଥା ସେ ଜାଣିଲେ କିପରି ? ଘର ଲୋକଙ୍କୁ ଛାଡ଼ିଦେଲେ ଏ କଥା ତ ଆଉ କେହି ଜାଣିବା କଥା ନୁହେଁ, ପଚାରିଲେ, ତୁମେ ସବୁ କେମିତି ମୁଁ ଆଜି ଫେରୁଛି ବୋଲି ଜାଣିଲ ?

ସେ କଥା ଆଉ କୋଉଠୁ ଜାଣିଥିଲୁ ? କିଶୋରୀ ବାବାଜୀର ଘରେ ସମସ୍ତେ ବସିଛନ୍ତି । ହଠାତ୍ ଠାକୁର କହିଲେ ଯା'...ତ ଗୋସାଇଁ ବୋଧହୁଏ ଏହି ଷ୍ଟିମରରେ ଫେରିଲେ । ମୋ ସହ ଦେଖା ନ କରି ଯେମିତି ଯାଆନ୍ତି ନାହିଁ । ଫେରିବାର ସମୟରେ ଯେ ଦେଖା କରିବାର କଥା ଥିଲା ।

ସେ କେମିତି ଜାଣିଲେ, ସେ କଥା ସେ ହିଁ ଜାଣନ୍ତି ।

କିନ୍ତୁ କି ଅଦ୍ଭୁତ ସ୍ମୃତି ! ସେ କଥା ଭାବି ଗୋସାଇଁ ଚମତ୍କୃତ ହୋଇଗଲେ । କି ଆଶ୍ଚର୍ଯ୍ୟ ବୋଧ ସଙ୍ଗତି ! ଭୁଲ୍ କ୍ରମେ ଗୋସାଇଁଙ୍କର କଥାର ଖିଲାଫ ହୋଇଯିବ ସେଥିପାଇଁ ସଜାଗ ରହିଛନ୍ତି ସେ । ସେହି ନିତ୍ୟ ଜାଗ୍ରତ ଚୈତନ୍ୟର ତାରରେ କି ବହି ଆସିଛି ଗୋସାଇଁଙ୍କର ପ୍ରତ୍ୟାବର୍ତ୍ତନର ବାର୍ତ୍ତା ?

ପୁଅ ଆଉ ପୁଅର ମା'କୁ ମୁକୁନ୍ଦର ଘରେ ରଖି ନିଜେ ଚାଲିଲେ ମୁକୁନ୍ଦ ସହ କିଶୋରୀ ମୋହନର ଘରକୁ । କିଶୋରୀ ଘର ଓ ମୁକୁନ୍ଦର ଘର ପ୍ରାୟଃ ଲଗାଲଗି ।

ଘର ପାଖ ହେଲାରୁ ଶୁଣାଗଲା କୀର୍ତ୍ତନ ହେଉଛି । ଗୀତ ଚାଲିଛି :—

ଆସ ଗୌରାଙ୍ଗ ନଦୀଆର ଚାନ୍ଦ ହେ
ତୁମେ ଆସିଲେ ଆନନ୍ଦ ହେବ
ତୁମେ ଆସ ହେ

ଘର ଭିତରକୁ ପଶିଲା କ୍ଷଣି ରୋମାଞ୍ଚିତ ହୋଇ ଉଠିଲେ ଗୋସାଇଁ । ଆସରର ମଧ୍ୟରେ ମଣି ହୋଇ ଜଳୁଛନ୍ତି ଠାକୁର । ସେତେବେଳକୁ ଅନ୍ଧାର ହୋଇ ଆସୁଛି, ସେତେବେଳେ ବି ଘରେ ଆଲୁଅ ଦିଆ ହୋଇନି, କିନ୍ତୁ ଆଲୁଅର ଯେମିତି ଦରକାର ନାହିଁ, ଠାକୁରଙ୍କ ଅଙ୍ଗ ଜ୍ୟୋତିଃରେ ଆଲୋକମୟ ହୋଇ ରହିଛି ଘର । ସେହି ଆଲୋକପୁଞ୍ଜ ଦେଖିହିଁ ଶିହରୀତ ହୋଇଛନ୍ତି ଗୋସାଇଁ । ମଣିଷର ଦେହ କଅଣ କେବେ ବି ଏମିତି ଜ୍ୟୋତିର୍ମୟ ହୁଏ ? ଏ ଯେ ଦେବ ଦୁର୍ଲଭ ଦେହାଧିପତି । ଘର କୋଣ ପ୍ରତି କୋଣ ସବୁ ଉଜ୍ଜ୍ୱଳ ହୋଇ ଉଠିଛି ସେହି ଆଲୋକରେ ।

ଗୋସାଇଁ ଘରେ ପଶୁ ପଶୁ ହିଁ ସମସ୍ତେ ତାଙ୍କୁ ପ୍ରଣାମ ଜଣାଇଲେ ।

ଏଇ ଯେ ଆସିଛନ୍ତି, ଗୋଟାଏ ଝାଙ୍କି ଦେଇ ସିଧା ହୋଇ ବସିଲେ ଠାକୁର ।

ଯାଃ ଶଳା ଭଲ ହିଁ ହୋଇଛି । ଏଥର ନାମର ଅଗ୍ନି ଜଳେଇ ଦିଅ । ଗୋଟାଏ ହାତ ଧରି ଟାଣି ବସାଇ ଦେଲେ ଗୋସାଇଁଙ୍କୁ ନିଜ ପାଖରେ ।

ପୁଣି ଆରମ୍ଭ ହୋଇଗଲା କୀର୍ତ୍ତନ । ହାତ ତାଳି ଦେଉ ଦେଉ ଉଠି ଠିଆ ହେଲେ ଠାକୁର । ତାଳିର ସାଙ୍ଗ ସାଙ୍ଗେ ତାଳ ଦେଇ ନାଚିବାକୁ ଲାଗିଲେ ଠାକୁର ।

ଗୋସାଇଁ ଉଠି ଠିଆ ହେଲେ । ଠିଆ ହୋଇ କୀର୍ତ୍ତନ ଦେଖିବାକୁ ଲାଗିଲେ । ଦେଖିଲେ ଜ୍ୟୋତିର୍ମୟ ଠାକୁରଙ୍କ ଦେହରୁ ଝାଳ ବୋହୁଛି ଧବଳ ଦୁଗ୍ଧର ସମ । ଖାଣ୍ଡି କ୍ଷୀର ଭଳି ଧଳା ସ୍ୱେଦ । ସେଥିରୁ ପୁଣି ବାହାରୁଛି ସଦ୍ୟ ସତେଜ ପଦ୍ମଫୁଲର ସୁଗନ୍ଧ ! ସେ ସୁଗନ୍ଧରେ ଆମୋଦିତ ହୋଇଛି ଘର ।

ଗୋଟାଏ ଗୀତ ସରିବା ପରେ ପୁଣି ଗୋଟାଏ ଗୀତର ସ୍ୱର ଧରିଲେ ଭକ୍ତଗଣ । ଭକ୍ତମାନଙ୍କ ମଧ୍ୟରେ ଅଛନ୍ତି ଦୁର୍ଗାନାଥ ସାନ୍ୟାଲର ମାମୁଁ ବୃନ୍ଦାବନ ବାବୁ ମଧ୍ୟ । ବୃନ୍ଦାବନ ବାବୁ ବୁଢ଼ା ମଣିଷ । ଠାକୁର ବାବା ବୋଲି ସମ୍ବୋଧନ କରନ୍ତି । କିଶୋରୀ ମୋହନ ଗୀତ ଧରିଲେ:

ଶ୍ୟାମ ଗଉରବେ ଗରବିଣୀ ରାଧା,
ରାଧା ରାଧେ ରାଧେ ଆମର
ତୁମେ ଆମର ପ୍ରେମର ଗୁରୁ ।

ସେତେବେଳେ ହେଉଥାଏ ଜ୍ୟେଷ୍ଠର ଗରମ । ଠାକୁର ଘରୁ ଓହ୍ଲେଇ ଆସି ଆମ୍ବଗଛ ତଳେ ଏକ ବେଞ୍ଚ ଉପରେ ବସିଲେ । ଠାକୁରଙ୍କ ସହ ଅଗଣାକୁ ସବୁ ଭକ୍ତ ଚାଲି ଆସିଲେ । କୀର୍ତ୍ତନର ଦଳ ବି ।

ଗୋସାଇଁ ମଧ୍ୟ ଓହ୍ଲେଇ ଆସିଲେ ଠାକୁରଙ୍କ ସଙ୍ଗେ । ମନ ଭିତରେ ସେତେବେଳେ ଚାଲିଛି ସେଇ ମାପ ତଉଲା । ତୁମେ କି ତେବେ ସେଇ ଚରମ ସାଧ୍ୟ ? ତୁମେ ହିଁ କଅଣ ସେହି ପରମ ଭାବମୟ ଭଗବାନ ?

ଭାଇ, ଏଇ ୟାରି ମଧ୍ୟରେ ସବୁ । ଭଗବାନ ଟଗବାନ ସବୁ ୟାରି ଭିତରେ । ହାତ ହଲେଇ ନିଜର ଚତୁର୍ଦ୍ଦିଗଟାକୁ ଦେଖେଇ ଦେଲେ ।

ଭଗବାନ ଏଇ ମଣିଷ ଭିତରେ ହିଁ । ଆଉ ଯଦି ବିଶ୍ୱାସ କର, ତେବେ ଏହିଠାରେହିଁ । ଏକଥାଟା କଅଣ ଏମିତି କରି ଜଣେଇ ଦେଲେ ଗୋସାଇଁଙ୍କୁ ?? *(କ୍ରମଶଃ)*

ମୂଳ ବଙ୍ଗଳା ରଚନା- ଶ୍ରୀନାଥ, ଓଡ଼ିଆଭାଷାନ୍ତର- ଶ୍ରୀମତୀ ବିଷ୍ଣୁପ୍ରିୟା ପଣ୍ଡା

ପୂର୍ବବର୍ତ୍ତୀଙ୍କ ପ୍ରସଙ୍ଗରେ

ଗୁରୁ–ପୁରୁଷୋତ୍ତମ ଶ୍ରୀଶ୍ରୀରାମକୃଷ୍ଣଦେବ (୧)

।। ଠାକୁର ଶ୍ରୀରାମକୃଷ୍ଣଦେବ ଯା' ଦେଇଗଲେ କେହି ତା' ବୁଝିଲେନି ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ରାମକୃଷ୍ଣ ଠାକୁର ଯେ କ'ଣ ଦେଇଗଲେ, କେହି ବୁଝିଲେନି । ଅନେକେ ତାଙ୍କୁ ନକଲ କରିବାକୁ ଚେଷ୍ଟା କରନ୍ତି, କିନ୍ତୁ ନକଲ କରି କ'ଣ ଆଉ ତା' ହୋଇ ହୁଏ ?

..... Admiration (ଶ୍ରଦ୍ଧା) ରହିଲେହିଁ ବଞ୍ଚିବା ହୁଏ, ନଚେତ୍ ସେ ରକମ କରିବା ଅଧିକାଂଶ ସମୟରେ ବିପଜ୍ଜନକ ହୋଇଥାଏ ।*(ଆଲୋଚନା–ପ୍ରସଙ୍ଗ, ୧ମଖଣ୍ଡ, ତା୧୫।୦୬।୧୯୩୯ରିଖ)*

।। ଜଣେ ସହଜ ମଣିଷ ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଅବତାର-ମହାପୁରୁଷମାନଙ୍କ କଥା କହନ୍ତି, କିନ୍ତୁ ରାମକୃଷ୍ଣ ଠାକୁରଙ୍କ ପରି ଏପରି ଜଣେ normal man (ସହଜ ମଣିଷ) ଆଉ ଦେଖେନା ।

..... ଲୋକେ ଭଗବାନ ମାନେହିଁ ବୁଝନ୍ତିନି, କିମ୍ଭୂତକିମାକାର ଧାରଣା ନେଇ ଚାଲନ୍ତି— କ'ଣ ଯେ କରନ୍ତି, ତେଣୁ କିଛି ହୁଏନା । ଯେଉଁମାନେ ମହାପୁରୁଷଙ୍କର ସଂସର୍ଗ ଲାଭ କରନ୍ତି— ସେମାନେ ସତ୍ୟକାର ହିଁ ଧନ୍ୟ ହୋଇ ଯା'ନ୍ତି— ଶତ ସାଧନା କରି ଯା' ବୁଝାଯାଏନା, normally (ସହଜଭାବେ) ସେମାନେ ତା' ବୁଝିପାରନ୍ତି, ଦେଖିପାରନ୍ତି— ଆଉ normal (ସହଜ) ନହେଲେ ଠିକ୍ ହୁଏନା ।

(ଆଲୋଚନା–ପ୍ରସଙ୍ଗ, ୧ମଖଣ୍ଡ, ତା୦୫।୧୦।୧୯୩୯ରିଖ)

।। ରାମକୃଷ୍ଣଙ୍କୁ ଦେଖିଲେ ଶ୍ରୀକୃଷ୍ଣ ପ୍ରଭୃତି ପରିଷ୍କାର ଦେଖାଯା'ନ୍ତି ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଦେଖନ୍ତୁ, ବଙ୍ଗାଳୀଙ୍କ ପରି ଏପରି ଜୀବନ ଆପଣ ଆଉ ପାଇବେନି । ଦୋଷ ପ୍ରବେଶ କରିଛି ଦୁଇଟା ଜାଗାରେ, ତାହାହିଁ ଯଦି ଠିକ୍ କରିପାରନ୍ତି ତେବେ ହେବ— ପ୍ରଥମ ଦୋଷ ହେଉଛି ପୂର୍ବବର୍ତ୍ତୀଙ୍କୁ ମାନେନା ଏପରି ଲୋକକୁ ବି ଆମେ ଗୁରୁ ବୋଲି ମାନୁ । ତେଣୁ ବୈଷ୍ଣବ, ଶାକ୍ତ, ସୌର, ଶୈବ, ଗାଣପତ୍ୟ, ଏ ମିଶନ, ସେ ମଠ, ଅମୁକ ଆଶ୍ରମ, ଅମୁକ ସଂଘ ଇତ୍ୟାଦି କେତେ ଦଳର ଆବିର୍ଭାବ ହୋଇଛି ଯେଉଁମାନେ କି ଏକସୂତ୍ରରେ ସଂହତ ନୁହଁନ୍ତି । ପ୍ରକୃତପକ୍ଷେ ଗୁରୁ ଯେ ତାଙ୍କ ମଧ୍ୟରେ ପୂର୍ବବର୍ତ୍ତୀ ପ୍ରତ୍ୟେକଙ୍କୁହିଁ trace (ବାହାର) କରାଯିବ— ଏ ଏକଦମ map (ମାନଚିତ୍ର) ଦେଖିବା ପରି— ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ଧରାଯିବ ଏ ହିଁ ଏଠାରେ ଶ୍ରୀକୃଷ୍ଣ, ଏ ହିଁ ବୁଦ୍ଧ, ଏ ହିଁ ଯୀଶୁ, ଏ ହିଁ ମହମ୍ମଦ, ଏ ହିଁ ଗୌରାଙ୍ଗ— ପରିଷ୍କାର ବୁଝାଯିବ ସମସ୍ତଙ୍କୁ— ତାଙ୍କ ମଧ୍ୟରେ ସମସ୍ତଙ୍କର ହିଁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବାର ଉପଯୁକ୍ତ ନୁହଁନ୍ତି । ସେତେବେଳେ ହଜାର ମତର ଲୋକ ଥିଲେବି କିଛି ଯାଏଆସେନା । । ଆମ ଦେଶରେ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ମହାପୁରୁଷଙ୍କୁ ନ ମାନି, ଅସ୍ୱୀକାର ବା ଅପମାନ କରିବି ମଣିଷ ଗୁରୁଙ୍କ ଆସନରେ ବସିପାରେ, ଏହାଠାରୁ ଦୁରବସ୍ଥା ଆଉ କ'ଣ ହୋଇପାରେ ?

(ଆଲୋଚନା–ପ୍ରସଙ୍ଗ, ୧ମଖଣ୍ଡ, ତା୦୭।୦୯।୧୯୪୦ରିଖ)

।। ଶ୍ରୀଶ୍ରୀରାମକୃଷ୍ଣଦେବଙ୍କୁ ବର୍ତ୍ତମାନ ପାଇ ହେବ କିପରି ?

ଜଣେ ପଚାରିଲେ— ଧରନ୍ତୁ, ଶ୍ରୀଶ୍ରୀରାମକୃଷ୍ଣଦେବଙ୍କୁ ମତେ ଖୁବ୍ ଭଲ ଲାଗେ, ଆଜି ସେ ନାହାଁନ୍ତି, ବର୍ତ୍ତମାନ ତାଙ୍କୁ କିପରି କରି ପାଇବି ?

ଶ୍ରୀଶ୍ରୀଠାକୁର— ପରବର୍ତ୍ତୀଙ୍କୁ ବାଦ ଦେଇ ପୂର୍ବତନଙ୍କୁ ଧରା ଯାଏନା । ଶ୍ରୀରାମଚନ୍ଦ୍ରଙ୍କୁ ଯଦି କେହି ଭକ୍ତି କରେ, ଆଉ ସେ ଯେଦି ଶ୍ରୀକୃଷ୍ଣଙ୍କର ସମସାମୟିକ ହୁଏ ତେବେ ତା'କୁ ଶ୍ରୀକୃଷ୍ଣଙ୍କର ମଧ୍ୟରେ ହିଁ ଶ୍ରୀରାମଚନ୍ଦ୍ରଙ୍କୁ ପାଇବାକୁ ହେବ, ନଚେତ୍ ପାଇବା ହେବନି । ପରବର୍ତ୍ତୀ ପୂରୟମାଣ ମହାପୁରୁଷଙ୍କର ଆବିର୍ଭାବର ପୂର୍ବ ପର୍ଯ୍ୟନ୍ତ ପୂର୍ବତନରେ ଅନୁରାଗୀ ଆଚାର୍ଯ୍ୟଙ୍କର ଶରଣାପନ୍ନ ହେବାକୁ ହେବ ।

(ଆଲୋଚନା–ପ୍ରସଙ୍ଗ, ୧ମଖଣ୍ଡ, ତା୩୦।୦୩।୧୯୪୧ରିଖ)

।। ଅଦ୍ୱୈତଜ୍ଞାନ କାନିରେ ବାନ୍ଧି ଯାହା ଖୁସି ତାହାହିଁ କର ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ରାମକୃଷ୍ଣ ଠାକୁର କହୁଥିଲେ— 'ଅଦ୍ୱୈତ ଜ୍ଞାନ କାନିରେ ବାନ୍ଧି ଯା' ଖୁସି ତାହାହିଁ କର'— ଇଷ୍ଟସ୍ୱାର୍ଥ ପ୍ରତିଷ୍ଠା ହେଲା ସେହି ଅଦ୍ୱୈତଜ୍ଞାନ । ମୂଳରୁ ହିଁ ସୋଽହଂ କହିଲେ ମୁସ୍‌କିଲ୍ ।

(ଆଲୋଚନା–ପ୍ରସଙ୍ଗ, ୧ମଖଣ୍ଡ, ତା୧୮।୧୧।୧୯୪୧ରିଖ)

ଦିବ୍ୟଲୀଳା

ରକ୍ଷକ ଯେଉଁଠି ଇଷ୍ଟଦେବ ।
ମୃତ୍ୟୁହିଁ ପାଇବ ପରାଭବ ।।

● ଡ଼କ୍ଟର ନିରଞ୍ଜନ ମିଶ୍ର

ଜାତସ୍ୟହି ଧ୍ରୁବଂ ମୃତ୍ୟୁଃ — ଯିଏ ଜନ୍ମ ହୋଇଛି ତା'ର ମୃତ୍ୟୁ ଅବଶ୍ୟ ରହିଛି । ଆରମ୍ଭ ହୋଇଛି ମାନେ ଶେଷ ହେବ । ସୃଷ୍ଟ ହୋଇଛି ମାନେ ଧ୍ୱସ୍ତ ହେବ — ଏହା ପ୍ରକୃତିର ନିୟମ, ବିଧିର ବିଧାନ । ନିୟତି କେନ ବାଧତେ ? ନିୟତିକୁ ବା କିଏ ବାଧ କରିବ ନିଜ ସମର୍ଥନରେ ? ଇତ୍ୟାଦି ଇତ୍ୟାଦି କଥା ଜନମାନସରେ ଆଲୋଚନାର ଖୋରାକ ଯୋଗାଏ । ଚର୍ଚ୍ଚା ବି ଚାଲେ । ଯେତେବେଳେ କେହି ଅକସ୍ମାତ୍ ମୃତ୍ୟୁବରଣ କରେ, କିଛି କୁକର୍ମ କରିଥିଲା ପୂର୍ବଜନ୍ମରେ ହୁଏତ — ଏପରି ମନ୍ତବ୍ୟ ଦେଇଥା'ନ୍ତି ସେତେବେଳେ ଲୋକେ । ସବୁ କର୍ମଫଳର ଖେଳ । ଅପମୃତ୍ୟୁ ପାପ ହେତୁହିଁ ହୁଏ — ଏହିପରି ତଥାକଥିତଭାବେ ଚର୍ଚ୍ଚା ଚାଲେ । ଯେତେବେଳେ କେହି ଅକସ୍ମାତ୍ ମୃତ୍ୟୁରୁ ବର୍ତ୍ତିଯାଏ ସେତେବେଳେ କୁହାଯାଏ, ତା' ଭାଗ୍ୟ, କିଛି ସୁକର୍ମ କରିଥିଲା କେଉଁ ଜନ୍ମରେ ଏଣୁ ବଞ୍ଚିଗଲା । ଠାକୁରଙ୍କ ଦୟାରୁ ବଞ୍ଚିଲା ତ କିଏ କହେ ଗୁରୁଙ୍କ କୃପାରୁ ପୁନର୍ଜୀବନ ଲାଭ କଲା । ଏହିପରି ଆଲୋଚନା-ଚର୍ଚ୍ଚା ଚାଲେ । କିନ୍ତୁ ଏହିପରି ଅଘଟଣକୁ ସୁଘଟଣରେ ପରିଣତ କରିବାର ଉପାୟ କେହି ବତାନ୍ତିନି । ସେ ନେଇ ଚର୍ଚ୍ଚା ହୁଏନା । ଯେ ଚର୍ଚ୍ଚା କରେ ସେ ବି କାଳର କବଳରେ ପଡ଼ି ଏହିପରି ଅପମୃତ୍ୟୁ ବା ଦୁର୍ଘଟଣାର ଶୀକାର ହୁଏ । ସବୁକିଛି ତଥାକଥିତଭାବେ ଚାଲିଥାଏ ଏ ଜଗତରେ । ଯେତେବେଳେ ମଣିଷ କିଛି କରିପାରେନା, ନିଜକୁ ଅସହାୟ ମନେକରେ ସେତେବେଳେ ହିଁ ସେ ହାତ ଟେକି ଦିଏ । ଆଉ କହେ, ବିଧିର ବିଧାନ/କେ କରିବ ଆନ ।

ବିଧିର ବିଧାନକୁ ଆନ କରିବାର ସାମର୍ଥ୍ୟ କୌଣସି ମଣିଷ ପାଖରେ ନାହିଁ । ଏହା ଧ୍ରୁବ ସତ୍ୟ । କିନ୍ତୁ ପୁରୁଷୋତ୍ତମଙ୍କ ନିକଟରେ ତାହା ଶତେକବାର ସହଜ-ସାମର୍ଥ୍ୟ ରୂପେ ସ୍ୱତଃ ନିହିତ ଥାଏ । ତାଙ୍କ କୃପା ହେଲେ ଅସମ୍ଭବ ସମ୍ଭବ ହୁଏ । ମୃତ୍ୟୁ ଯାଇ ଜୀବନଧାରା ହୁଏ ପ୍ରବାହିତ । ଜ୍ୟୋତିଷର ସମସ୍ତ ଗଣନା ଓ ଆକଳନ ପରାଜୟ ସ୍ୱୀକାର କରେ ।

ଏହିପରି ଏକ ଅସମ୍ଭବ ସମ୍ଭବ ହେଲା ପରି ଘଟଣା ଘଟିଥିଲା ସେଦିନ । ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଏହା ସେଦିନ ସମ୍ଭବ ହୋଇପାରିଥିଲା ମଧ୍ୟ । ଏହା ଗଳ୍ପ ନୁହେଁ କି କାହାଣୀ ନୁହେଁ, ନିଛକ ବାସ୍ତବ ଘଟଣାଟିଏ ।

ପୂର୍ବବଙ୍ଗ ଅଧୁନା ବଙ୍ଗଳାଦେଶର ଏକ ଜିଲ୍ଲା ଫରିଦପୁର । ସେହି ଜିଲ୍ଲା ଅନ୍ତର୍ଗତ ମାଦାରୀ ପୁର ମହକୁମାରେ ବାସ କରୁଥିଲେ ଶ୍ରଦ୍ଧେୟ ଶ୍ରୀଯୁକ୍ତ ପ୍ରିୟନାଥ ବସୁ ବି.ଏଲ. ମହାଶୟ । ପେଷାରେ ସେ ଥିଲେ ଜଣେ ପ୍ରସିଦ୍ଧ ଓକିଲ । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରିତ ହୋଇ ନିଜକୁ ଜଣେ ଏକନିଷ୍ଠ ଭକ୍ତ ରୂପେ ସାବ୍ୟସ୍ତ କରିପାରିଥିଲେ ।

୧୯୫୩ ମସିହା । ଶ୍ରାବଣ ମାସ । ପ୍ରିୟନାଥ ବସୁ ମହାଶୟ ମାଦାରୀ ପୁରରେ ଅବସ୍ଥାନ କରୁଥା'ନ୍ତି । ଓକିଲାତି ସାଙ୍ଗକୁ ଶ୍ରୀଶ୍ରୀଠାକୁରଙ୍କର ସତ୍ୟନାମ ପ୍ରଚାରରେ ମଧ୍ୟ ସେ ନିଜକୁ ବ୍ରତୀ କରିଥା'ନ୍ତି । ଏହି ସମୟରେ ସେ ଏକଦା କାମଳ ରୋଗରେ ପୀଡ଼ିତ ହୁଅନ୍ତି । କ୍ରମଶଃ ସେହି ବ୍ୟାଧିଟି ଭୀଷଣ ରୂପ ଧାରଣ କରେ ।

ଚିକିତ୍ସା ଚାଲେ । ରୋଗ ଉପଶମର କୌଣସି ସୂଚନା ପ୍ରାପ୍ତ ହୁଏ ନାହିଁ । ତଥାପି ଚିକିତ୍ସିତ ହୋଇ ଚାଲନ୍ତି ବସୁ ମହାଶୟ । ଏହିପରି ତିନିମାସ ଅତିବାହିତ ହୋଇଯାଏ । ମାଦାରୀ ପୁରରେ ଚିକିତ୍ସା ଶାସ୍ତ୍ରର ସମସ୍ତ ବିଶେଷଜ୍ଞମାନଙ୍କର ପରାମର୍ଶ ନେଇ ସାରିଲେଣି । ବ୍ୟାଧି ନିରସନର କୌଣସି ଲକ୍ଷଣ ତ ପ୍ରକାଶ ପାଉନି ବରଂ ଦିନକୁ ଦିନ ଅଦମ୍ୟ ହୋଇ ଚାଲିଛି ବ୍ୟାଧିଟି । ଶେଷକୁ ବାଧ ହୋଇ ସେ କଲିକତା ଗଲେ ।

କଲିକତାରେ ବଡ଼ ବଡ଼ ଚିକିତ୍ସକଙ୍କର ପରାମର୍ଶ ଲୋଡ଼ିଲେ । ଚାଲିଲା ପୁନଶ୍ଚ ନୂତନଭାବେ ଚିକିତ୍ସା । ଚିକିତ୍ସାର ପଟ୍ଟପରିବର୍ତ୍ତନ ହେଲା ଠିକ୍ । ନୂତନ ନୂତନ ବ୍ୟବସ୍ଥାପତ୍ର ଓ ପରାମର୍ଶ ପ୍ରଦାନ କରାଗଲା । ଅକ୍ଷରଶଃ ସବୁକିଛି ସର୍ତ୍ତକୁ ମାନି ଚାଲିଲେ ବିନା ଆପତ୍ତିରେ ରୋଗୀ । କିନ୍ତୁ ଫଳ କିଛି ଫଳିଲାନି । ବରଂ ଶରୀର ଦୁର୍ବଳରୁ ଦୁର୍ବଳତର ହେବାକୁ ଲାଗିଲା । ଶେଷକୁ ଦୁର୍ବଳତମ ସ୍ଥିତିରେ ପହଞ୍ଚିଗଲା । ଆଉ ଉଠି ପାରିଲେ ନାହିଁ । ଛିଡ଼ା ହେବା ତ ଦୂରର କଥା । ପାଟିରୁ କଥା ବାହାରେ ଖନେଇ ଖନେଇ । ଅସ୍ଥିକଙ୍କାଳସାର ଶରୀରରେ ଯେପରି ପ୍ରାଣଟି ଯିବା ଯିବା ହେଉଛି । ଏହିପରି ଦୁରବସ୍ଥା ପ୍ରାପ୍ତ ହେଲେ ପ୍ରିୟନାଥ ଭାଇ ।

ଜନ୍ମକୋଷ୍ଠୀଟି ପୂର୍ବେ କେବେ ଜ୍ୟୋତିଷଙ୍କ ଦ୍ୱାରା କଷାଇଥିଲେ । ସେ ଜ୍ୟୋତିର୍ବିଦ୍ ଜଣଙ୍କର ଅଧିକାଂଶ କଥା ଅବିକଳ ଫଳିଥାଏ । ଲୋକେ ଏହିପରି ବିଶ୍ୱାସ କରନ୍ତି ମଧ୍ୟ । ପ୍ରିୟନାଥଭାଇ ଭାବିଲେ, ମୋର କ'ଣ ଶେଷ ବେଳ ଆସିଗଲା ? ଏପରି ଅବସ୍ଥା ପ୍ରାପ୍ତ ହେଉଛି କାହିଁକି ? ରୋଗ ତ ଭଲ ହେବାର ନାଁ ଧରୁନି ।

ତେବେ କ'ଣ ମୋର ଏ ମାନବ ଜୀବନର ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି ? ଏହିପରି ଭାବନା ଆସନ୍ତେ ଦିନେ କୋଷ୍ଠୀଟି ବାହାର କରାଇ ଦେଖିଲେ । ସେତେବେଳେ ତାଙ୍କର ଚାଲିଥିଲା ଶୁକ୍ର ମହାଦଶାରେ ରାହୁ ଅନ୍ତର୍ଦଶା ଏବଂ ତାହାର ଫଳ ଲେଖା ହୋଇଥିଲା ମରଣଂ ଧ୍ରୁବମ୍— ମରଣ ସୁନିଶ୍ଚିତ ।

ଏଥର ସେ ନିଶ୍ଚିତ ହୋଇଗଲେ ମୃତ୍ୟୁ ଅବଶ୍ୟମ୍ଭାବୀ । ତାହାକୁ ଆଉ ରୋକି ହେବ ନାହିଁ । ଏହିପରିଭାବେ ଦୃଢ଼ନିଶ୍ଚୟ ହୋଇ ସେ ରାତିରେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ କାତରଭାବେ ପ୍ରାର୍ଥନା କରିବାକୁ ଲାଗିଲେ । ଯେପରି ମୃତ୍ୟୁ ପୂର୍ବରୁ ଥରେ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣ କରି ମରି ପାରନ୍ତି । ଶ୍ରୀଶ୍ରୀଠାକୁରଙ୍କ ନାମଜପ କରୁ କରୁ ଯଦି ପ୍ରାଣବାୟୁ ଉଡ଼ି ଯାଆନ୍ତା ତା'ହେଲେ ପରମ ସୌଭାଗ୍ୟର କଥା ହୁଅନ୍ତା ।

କିଛିକ୍ଷଣ ଧରି ଏହିପରି ପ୍ରାର୍ଥନା କରି ଚାଲିଲେ ସେ । ସେହି ଅବସ୍ଥାରେ କ୍ରମଶଃ ତନ୍ଦ୍ରା ତାଙ୍କୁ ଆଚ୍ଛନ୍ନ କରି ପକାଇଲା ।

ସମ୍ପୂର୍ଣ୍ଣ ନିଦ୍ରାରେ ଅଭିଭୂତ ହୋଇ ନାହାଁନ୍ତି ତଥାପି । ତାହାର ପୂର୍ବାବସ୍ଥା ତନ୍ଦ୍ରାରତ ଅବସ୍ଥାରେ ରହିଛନ୍ତି ପ୍ରିୟନାଥ । ଠିକ୍ ଏହି ସମୟରେ ଅନୁଭବ କଲେ ସେ, ତାଙ୍କ ଖଟଟି କମ୍ପି ଉଠୁଛି । ହଠାତ୍ ଏପରି ହେଲା କାହିଁକି ? ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ବିଚାର କରିବାକୁ ଚେଷ୍ଟା କଲେ ସେ । କୌଣସି ନିର୍ଣ୍ଣୟରେ ପହଞ୍ଚିବା ପୂର୍ବରୁ ଜଣେ ବ୍ୟକ୍ତି ତାଙ୍କ ମୁଣ୍ଡ ନିକଟରେ ଉପବିଷ୍ଟ ହୋଇଛନ୍ତି— ଏହିପରି ବୋଧ ଆସିଲା ମନରେ । ସେହି ତନ୍ଦ୍ରାଗତ ଅବସ୍ଥାରେ ଆଖି ଖୋଲି ଦେଖିଲେ, ଶ୍ରୀଶ୍ରୀଠାକୁର ତାଙ୍କ ମୁଣ୍ଡରେ ହାତ ବୁଲାଉ ବୁଲାଉ କହୁଛନ୍ତି— 'ଏତେ ଘାବୁଡ଼େଇ ଗଲେ କାହିଁକି ? ଟିକେ ସୁସ୍ଥ ହୋଇ ମୋ ନିକଟକୁ ଚାଲି ଆସିବେ ।'

ଏହାପରେ ଶ୍ରୀଶ୍ରୀଠାକୁର ଚାଲିଗଲେ । ତନ୍ଦ୍ରା ଭଗ୍ନ ହେଲା । ଏଣେତେଣେ ଚାହିଁ ଦେଖନ୍ତି କେହି ନାହାଁନ୍ତି । ତେବେ ଶ୍ରୀଶ୍ରୀଠାକୁର ସ୍ୱୟଂ ଆସିଥିଲେ । ତାଙ୍କୁ ଆଶ୍ୱସ୍ତ କରି ଗଲେ । ଟିକେ ଭଲ ହେଲା ପରେ ତାଙ୍କ ପାଖକୁ ଯିବାକୁ କହିଲେ । ଏସବୁ କଥା ଭାବିଲାରୁ ମନରେ କ୍ଷୀଣ ଆଶା ସଞ୍ଚାର ହେବାକୁ ଲାଗିଲା । ତା'ପରେ କେତେବେଳେ ନିଦ୍ରାଦେବୀ ତାଙ୍କ କୋଳକୁ ନେଇଗଲେ ଆଉଁସି ଆଉଁସି ତାହା ତାଙ୍କୁ ଜଣା ପଡ଼ିଲା ନାହିଁ ।

ଏହାର କିଛିଦିନ ପରେ ବାରାକ୍‌ପୁର ଅଧିବାସୀ ଇଷ୍ଟଭ୍ରାତା ଶ୍ରୀଯୁକ୍ତ ସୁଧୀର କୁମାର ସାହା ପ୍ରିୟନାଥଭାଇଙ୍କୁ ଦେଖିବାକୁ ତାଙ୍କ ଘରକୁ ଗଲେ । ତାଙ୍କ ଦେହ ଭଲ ନାହିଁ— ଏ କଥା ଗୁରୁଭାଇଙ୍କ ମହଲରେ ବ୍ୟାପି ଯାଇଥିଲା । କେହି କେହି ସୌଜନ୍ୟ ସାକ୍ଷାତ୍ କରିବାକୁ ଆସୁଥିଲେ ମଧ୍ୟ । ଶେଷକୁ ସୁଧୀରଭାଇ ଦେଖିବାକୁ ଆସିଲେ ।

ତାଙ୍କ ସହିତ ଆଳାପ-ଆଲୋଚନା ହେଲା । କଥା-ପ୍ରସଙ୍ଗରେ ସୁଧୀରଭାଇ କହିଲେ, ଆଗାମୀ ଶ୍ରୀଶ୍ରୀଠାକୁରଙ୍କ ଜନ୍ମୋତ୍ସବରେ ସତ୍‌ସଙ୍ଗ, ଦେଓଘରକୁ ଯାଉଛନ୍ତି ସେ । ଏ କଥା ଶୁଣି ହାତଜୋଡ଼ି ପ୍ରିୟନାଥଭାଇ ଅନୁରୋଧ ଜଣାଇଲେ— 'ଦେଓଘର ତ ଯିବେ ଆପଣ । ସେଠାରେ ଅବସ୍ଥାନ କରୁଛନ୍ତି ପ୍ରଭୁ । ତାଙ୍କୁ ମୋ ଅବସ୍ଥାର କଥା ଯେମିତି ହେଲେ ଜଣାଇବେ । ଠାକୁର କ'ଣ କହୁଛନ୍ତି ଶୁଣି ଆସିବେ' । ମୃତ୍ୟୁ ଶଯ୍ୟାରେ ଶାୟିତ ପ୍ରିୟନାଥଭାଇଙ୍କୁ ପ୍ରତିଶ୍ରୁତି ଦେଇ ବିଦାୟ ନେଲେ ସୁଧୀରଭାଇ ।

ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବରେ ଅନେକ ଲୋକଙ୍କର ସମାଗମ ହୁଏ । ଦଶହରା ସମୟ । ପୂଜା ଛୁଟି ସର୍ବତ୍ର ପ୍ରବର୍ତ୍ତିତ । ସୁତରାଂ ହଜାର ହଜାର ଏପରିକି ଲକ୍ଷାଧିକ ଲୋକ ଦେଶର ବିଭିନ୍ନ ପ୍ରାନ୍ତରୁ ଆସି ସମବେତ ହୁଅନ୍ତି ସତ୍‌ସଙ୍ଗ ନଗରରେ । ବର୍ଷକ ମଧ୍ୟରେ ଯେତେସବୁ ଉତ୍ସବ ରହିଛି ସତ୍‌ସଙ୍ଗର ସବୁଠାରୁ ବେଶୀ ଲୋକ ଦଶହରା ସମୟରେ ପାଳିତ ହେଉଥିବା ଶ୍ରୀଶ୍ରୀଠାକୁରଙ୍କର ଜନ୍ମ-ମହା-ମହୋତ୍ସବରେ ଆସି ସମବେତ ହୁଅନ୍ତି ।

ଉତ୍ସବରେ ଯୋଗଦେଲେ ସୁଧୀର କୁମାର ସାହା । ଚାରିଆଡ଼େ କେବଳ ଲୋକ ଆଉ ଲୋକ । ସୋରିଷ ପକାଇବାକୁ ବି ଜାଗା ନାହିଁ । ଲକ୍ଷାଧିକ ମଣିଷଙ୍କ ସମାଗମ ମଧ୍ୟରେ ଯାତାୟାତ କରିବା ସହଜସାଧ୍ୟ ହେଉନି । ଠାକୁରବଙ୍ଗଳା ତ ଏକଦମ୍ ଭକ୍ତଗଣଙ୍କ ବନ୍ୟାରେ ପ୍ଲାବିତ । ଏତେ ଭିଡ଼ ଯେ ଠାକୁରଙ୍କୁ ପାଖରୁ ଦେଖିବା ତ ସୁଦୂରପରାହତ ସେ ଅନେକ ଦୂରରୁ ଶ୍ରୀଶ୍ରୀଠାକୁରଙ୍କର ଟିକେ ଝଲକ ପାଇବା ବି କଷ୍ଟସାଧ୍ୟ । ତଥାପି ଚେଷ୍ଟା ଜାରି ରଖିଲେ ସେ ।

ବହୁ କଷ୍ଟରେ ବହୁ ସମୟ ପରେ ବହୁଦୂରରେ ଛିଡ଼ା ହୋଇ ଶ୍ରୀଶ୍ରୀଠାକୁରଙ୍କୁ ଥରେ ମାତ୍ର ଦେଖିପାରି ମନେ ମନେ ଭାବିଲେ, ଏହିପରି ଭିଡ଼ ମଧ୍ୟରେ ଠାକୁରଙ୍କୁ ସେ ପ୍ରିୟନାଥଭାଇଙ୍କ ନିବେଦନ ଜଣାଇ ପାରିବେ କିପରି ? ନ ଜଣାଇଲେ ମନରେ ଅବଶୋଷ ରହିଯିବ । ମୃତ୍ୟୁ ଶଯ୍ୟାରେ ପତିତ ଜଣେ ଭାଇ କାକୁତିମିନତି ହୋଇ ଅନୁରୋଧ କରିଛି । କେବଳ ଠାକୁରଙ୍କୁ ଜଣାଇଲେ ଚଳିବନି । ଠାକୁର କ'ଣ କହୁଛନ୍ତି ତା' ମଧ୍ୟ ଶୁଣିବାକୁ ପଡ଼ିବ । ଏତେ ଦୂରରୁ ସେ ଏତେ ଲୋକଙ୍କ ଭିତରେ ଠାକୁରଙ୍କୁ ବା ପ୍ରିୟନାଥଭାଇଙ୍କ ନିବେଦନ ଜଣାଇବେ କିପରି ? ଠାକୁର ଯାହା କହିବେ ତାହା ବା ସେ ଶୁଣିବେ କିପରି ? କୌଣସିମତେ ଏହା ସମ୍ଭବ ହେବନି ।

ମଣିଷର ମନ ଆଶା ବୈତରଣୀ । ତଥାପି ମନରେ ଆଶା ଜାଗୁଥିଲା କୌଣସିମତେ ଦୈବକ୍ରମେ କିଛିଗୋଟେ ଘଟି ଯାଆନ୍ତାନି ! ଠାକୁରଙ୍କୁ ପ୍ରିୟନାଥଭାଇଙ୍କ ନିବେଦନଟି ଜଣାଇ ଦେଇ ତାଙ୍କଠାରୁ ଆବଶ୍ୟକୀୟ ନିର୍ଦ୍ଦେଶ ପାଇ ପାରନ୍ତେ ସେ । ଗୋଟେ ମୁହୂର୍ତ୍ତ ଏପରି ସୁଯୋଗ ମିଳିଯାଆନ୍ତାନି ! କିନ୍ତୁ ତା' କ'ଣ ସମ୍ଭବ ? ପୁରୁଷୋତ୍ତମଙ୍କ ଦରବାରରେ ସବୁକିଛି ସମ୍ଭବ— ଏହିପରି ଭାବନାର ବୀଚିମାଳାରେ ଢ଼ଉ ଢ଼ଉକା ଖେଳୁଛି ମନ ତାଙ୍କର ।

ଭିଡ଼ର ଗତି ବେଳେ ବେଳେ ମାଡ଼ି ଆସୁଛି ତାଙ୍କ ଆଡ଼କୁ । ପେଲି ଦେଉଛି ଦୂରକୁ ପୁଣି ପେଲି ହୋଇ ଆସୁଛନ୍ତି ପାଖକୁ, ଟିକେ ପାଖକୁ । ଯେପରି ଭିଡ଼ଟା ଏକ ଦୋଳାୟମାନ ସ୍ଥିତିରେ ରହିଛି । କେହି ବି ସ୍ଥିର ହୋଇ ଗୋଟେ ଜାଗାରେ ରହିପାରୁ ନାହାଁନ୍ତି । ଜୋରସୋର୍‌ରେ ଠେଲାପେଲା ନହେଲେବି ଟିକେ ଏପଟସେପଟ ହୋଇ ଯାଉଛି ।

କିଛିସମୟ ପରେ ଭାବିଲେ, ଏଥର ଯାଏ, ଭିଡ଼ ଭିତରେ ଆଉ କେତେ ସମୟ ବା ରହିପାରିବି । ଠିକ୍ ଏହି ସମୟରେ କରୁଣାର ଧାରା ପ୍ରବାହିତ ହୋଇ ଆସିଗଲା ତାଙ୍କ ନିକଟକୁ । ବହୁ ଦୂରରୁ ଶ୍ରୀଶ୍ରୀଠାକୁର ତାଙ୍କ ଆଡ଼େ ଦୃଷ୍ଟିପାତ କରି କହିଲେ — ''ସୁଧୀରଦା, ଘରେ ପହଞ୍ଚି ଯେପରି ପ୍ରିୟନାଥଭାଇଙ୍କୁ କହନ୍ତି, ଟିକେ ସୁସ୍ଥ ହେଲେ ସେ ଯେମିତି ତାଙ୍କ ଠାକୁରଙ୍କ ସମୀପକୁ ଚାଲି ଆସନ୍ତି ।''

ବିଗଳିତ ହୋଇଗଲା ସୁଧୀରଭାଇଙ୍କ ମନପ୍ରାଣ । ଏଇ ଆମ ଠାକୁର । ଏଇ ଆମ ଦୟାଳ । ପ୍ରଶ୍ନ ମୁଁ ପଚାରିନି । ନିବେଦନ ବି କରିନି । ଭିଡ଼ ଭିତରେ କିଛି ଥଳକୁଳ ପାଉନି । ପାଖକୁ ଯାଇ ଠାକୁରଙ୍କୁ ନିବେଦନ କରିବି ମୁମୂର୍ଷୁପ୍ରାୟଃ ପ୍ରିୟନାଥ ବସୁଙ୍କ ପ୍ରାର୍ଥନାକୁ ସେ ଆଶା ନାହିଁ । ତଥାପି ଏତେ ଭିଡ଼ ଭିତରେ ଏତେ ଲୋକଙ୍କ ଭିତରେ ଏତେ ଦୂରରେ ଛିଡ଼ା ହୋଇଥିବା ମତେ ଠାକୁର ନିର୍ଦ୍ଦିଷ୍ଟ କଲେ ଏବଂ ମୋ ମନୋଗତ କଥାକୁ ଜାଣିଲେ ଏବଂ ପ୍ରିୟନାଥଭାଇଙ୍କ ପ୍ରାର୍ଥନାକୁ ମଞ୍ଜୁର କରି ଉତ୍ତର ବି ଦେଲେ ।

ଉତ୍ସବରୁ ଫେରି ସୁଧୀରଭାଇ ମାଦାରୀ ପୁର ଗଲେ । ସେଠାରେ ପ୍ରିୟନାଥଭାଇଙ୍କ ଘରକୁ ଯାଇ ତାଙ୍କୁ ପୁନଃ ସାକ୍ଷାତ୍ କଲେ । କିପରି ଠାକୁରଙ୍କ ଦୟା ପ୍ରାପ୍ତ ହେଲା, ନିବେଦନ ନ କରିବି ଉତ୍ତର ମିଳିଲା ସେସବୁ ପୁଙ୍ଖାନୁପୁଙ୍ଖଭାବେ ବର୍ଣ୍ଣନା କଲେ ।

ସୁଧୀରଭାଇଙ୍କଠାରୁ ଏପରି କଥା ଶୁଣି ପ୍ରିୟନାଥଭାଇ ସେଦିନ ତନ୍ଦ୍ରାବସ୍ଥାରେ ଯାହା ଦେଖିଥିଲେ ତାହା ତାଙ୍କୁ ଜଣାଇଲେ ।

ତନ୍ଦ୍ରାବସ୍ଥାରେ ଯାହା ଦେଖିଥିଲେ ପ୍ରିୟନାଥ ତାହାହିଁ ପ୍ରକୃତରେ ଘଟିଲା । ଏ ଅଦ୍ଭୁତ ସଂଯୋଗ ସମ୍ବନ୍ଧରେ ଦୁଇ ଗୁରୁଭାଇ ବେଶ୍ କିଛିସମୟ ଧରି ଆଲୋଚନା କଲେ । ଶ୍ରୀଶ୍ରୀଠାକୁରଙ୍କ ଅଲୌକିକ ମହିମା ଓ ଦିବ୍ୟ ପ୍ରଭାବ ସମ୍ବନ୍ଧରେ ଗୁଣକୀର୍ତ୍ତନ କରି କରି ଭକ୍ତିଭାବରେ ଆପ୍ଲୁତ ହୋଇଗଲେ ଦୁହେଁ ।

ଏହାପରେ ପ୍ରିୟନାଥ ବସୁଭାଇଙ୍କ ବ୍ୟାଧି କ୍ରମଶଃ ନିରସନ ଦିଗରେ ଗତି କରିବାକୁ ଲାଗେ । ଏହିପରି କିଛି ମାସ ଅତିବାହିତ ହୋଇଯାଏ । ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଆନ୍ତି ପ୍ରିୟନାଥ ବସୁ । ଶ୍ରୀଶ୍ରୀଠାକୁରଙ୍କର ସେହି ନିର୍ଦ୍ଦେଶକୁ ସ୍ମରଣରେ ଆଣି ତାଙ୍କ ଦର୍ଶନରେ ଯାତ୍ରା କରନ୍ତି ଦେଓଘର ।

ଠାକୁରବଙ୍ଗଳାରେ ଶ୍ରୀଶ୍ରୀଠାକୁର ଶୁଭ୍ରାସନରେ ଉପବିଷ୍ଟ । ତାଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନ କରନ୍ତି ପ୍ରିୟନାଥଭାଇ । ତାଙ୍କୁ ଦେଖି ଠାକୁର ଖୁବ୍ ଖୁସି ହୁଅନ୍ତି । ଆଉ ଆଦରରେ କୁହନ୍ତି — ''ଆହୁରିବି ଟିକେ ସୁସ୍ଥ ଓ ସବଳ ହୋଇ କାମରେ ଲାଗିଯା'ନ୍ତୁ ।''

ସୁସ୍ଥ ହୋଇ ସେ ଦେଓଘର ଆସିବେ ଆଉ ଶ୍ରୀଶ୍ରୀଠାକୁରଙ୍କୁ ତାଙ୍କ ଚର୍ମଚକ୍ଷୁ ଦେଇ ଦର୍ଶନ କରିବେ ଏହା ସେ କେବେ ଭାବି ନଥିଲେ । ଅବଶ୍ୟ ମୃତ୍ୟୁକୁ ଅତି ନିକଟରୁ ଦେଖିଥିବା ମଣିଷଟି କେବେ କ'ଣ ଭାବିପାରେ ସେ ସୁସ୍ଥ ହୋଇ ଦୂରବର୍ତ୍ତୀ ସ୍ଥାନକୁ ଯାଇପାରିବ । ଏସବୁ ସମ୍ଭବ ହୋଇଥିଲା ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣାରୁ । ମୃତ୍ୟୁକୁ ଚକ୍‌ମା ଦେଇ ପୁନର୍ଜୀବନ ଲାଭ କରିପାରି ଥିଲେ ପ୍ରିୟନାଥ ବସୁ । ଠାକୁରଙ୍କ ଶ୍ରୀଚରଣରେ ନିଜକୁ ନିବେଦନ କରି ତାଙ୍କ କରୁଣାର ନିର୍ଝରରେ ଅବଗାହନ କରି ପାରିଥିଲେ ସେ । ଆଉ, ଯେତେ ତାଙ୍କ ଦୟାର କଥା ଭାବୁଥିଲେ ସେତେ ବିଗଳିତ ହୋଇ ଯାଉଥିଲେ କୃତଜ୍ଞତାରେ ।

ଉପରୋକ୍ତ କଥାଟି କାହାଣୀ ପରି ପ୍ରତୀୟମାନ ହେଉଛି । କିନ୍ତୁ ବସ୍ତୁତଃ ଏହା ଏକ ଘଟଣା । ଏ ଘଟଣା ଶ୍ରୀଶ୍ରୀଠାକୁରଙ୍କର ଲୋକଲୀଳା ସମୟରେ ସଂରଚିତ ହେଉଥିଲା ଆଉ ପରେ ହେଉନି – ଏପରି ଯେଉଁମାନେ ଭାବନ୍ତି ସେମାନେ ନିରର୍ଥକ ଭାବନା ପୋଷଣ କରନ୍ତି । ଏବେବି ଠାକୁରଙ୍କର କରୁଣା, ଦୟା ଓ ଅନୁଗ୍ରହର ବର୍ଷା ହେଉଛି, ହେଉଥିବ ଆଗାମୀ ଯୁଗରେ । ଏହାର ନା ଅଛି ଶେଷ ନା ଅନ୍ତ । ଯେଉଁ ପର୍ଯ୍ୟନ୍ତ ଏ ମଣିଷ ତାଙ୍କୁ ଜୀବନକାଣ୍ଡାରୀ ରୂପେ ଗ୍ରହଣ କରି ତଦ୍‌ନିର୍ଦ୍ଦେଶାନୁସାରେ ନିଜକୁ ଗଢ଼ି ତୋଳିବାର ମାନସିକତା ପୋଷଣ କରି ସକ୍ରିୟ ଭାବେ କାର୍ଯ୍ୟ କରି ଚାଲୁଥିବ ସେହି ପର୍ଯ୍ୟନ୍ତ ତାଙ୍କ ଦୟାର ଘଟଣା ଅନେକ ଭାବରେ ସଂଘଟିତ ହେଉଥିବ ।

ଉପରୋକ୍ତ ଘଟଣା ଦେଇ ଭକ୍ତିଜଗତରେ ଅନେକ ଅଦ୍ଭୁତ ଓ ଅନନ୍ୟ ଘଟଣାର ସୂତ୍ରପାତ ହୋଇଛି । ପ୍ରିୟନାଥ ବସୁଙ୍କର ଥିଲା ଅବଶ୍ୟ ମୃତ୍ୟୁଯୋଗ । ଜ୍ୟୋତିର୍ବିଦ୍ୟା ଏହା କହୁଛି । ଏଥିପାଇଁ ସେ କାମଳ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଆଡ଼କୁ ଯାତ୍ରା କରି ଚାଲିଥିଲେ । ମୃତ୍ୟୁର ଏକଦମ ନିକଟରେ ମଧ୍ୟ ପହଞ୍ଚି ଯାଇଥିଲେ । କର୍ମଫଳ ଅକାଟ୍ୟ । ଯେଉଁ କର୍ମ କରିଛେ ଆମେ ତା'ର ଫଳ ଅବଶ୍ୟ ଆମକୁ ଭୋଗ କରିବାକୁ ପଡ଼ିବ । ଏହା ଅକାଟ୍ୟ, ଅଟଳ ଓ ଅଦମ୍ୟ । ଏଣୁ ତ ସେ ମୃତ୍ୟୁକୁ ସାମ୍ନା କରିବାକୁ ପ୍ରସ୍ତୁତ ହୋଇ ଯାଇଥିଲେ । ଯେଉଁ ଅବସ୍ଥା ସେ ପ୍ରାପ୍ତ ହୋଇଥିଲେ, ବ୍ୟାଧିର ଆକ୍ରମଣ ହେତୁ ସେଥିରେ ପରିବାର–ପରିଜନ ସମସ୍ତେ ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲେ, ଏ ଆଉ ନୁହଁନ୍ତି । ଦିନ କେଇଟା ଯିବ କି ନାହିଁ । ଅବଶ୍ୟ ମୃତ୍ୟୁମୁଖରେ ପତିତ ହେବେ । ରୋଗୀ ନିଜେ ଅବଶ୍ୟ ମୃତ୍ୟୁର ଶୀକାର ହେବାକୁ ଯାଉଛନ୍ତି — ଏ ନେଇ ଦୃଢ଼ନିଶ୍ଚୟ ହୋଇ ଯାଇଥିଲେ ।

ନିଜର ମୃତ୍ୟୁକୁ ନିକଟରେ ଦେଖି ସାଧାରଣତଃ ଅନେକ ବିକଳ ହୋଇ ପ୍ରାର୍ଥନା କରିଥା'ନ୍ତି— ହେ ପ୍ରଭୁ ! ମତେ ବଞ୍ଚାଇ ଦିଅ । ମୁଁ ମରିବାକୁ ଚାହୁଁନି । ମୁଁ ମରିଗଲେ ମୋ ପରିବାର କ'ଣ କରିବ ? ମତେ ବଞ୍ଚାଇ ରଖ, ବଞ୍ଚାଇ ରଖ— ଇତ୍ୟାଦି ଇତ୍ୟାଦି । ଏପ୍ରକାର ପ୍ରାର୍ଥନା କିନ୍ତୁ ପ୍ରିୟନାଥ ବସୁ କରି ନଥିଲେ । ବରଂ ସେ ପ୍ରାର୍ଥନା କରିଥିଲେ, ମୃତ୍ୟୁ ଆସୁ, ସେଥିରେ ମୋର ଚିନ୍ତା ନାହିଁ । କିନ୍ତୁ ପ୍ରାଣବାୟୁ ଉଡ଼ିବାର ଅବ୍ୟବହିତ ପୂର୍ବରୁ ଯେପରି ସେ ଠାକୁରଙ୍କୁ ମାନସଚକ୍ଷୁରେ ଦେଖିପାରନ୍ତି ଏବଂ ତାଙ୍କ ନାମର ମନନ କରି ଚାଲନ୍ତି । ମଣିଷ ବେହୋସ ହୋଇଗଲେ, ଚେତା ହରାଇଲେ ନାମର ମନନ କରିବା, ଇଷ୍ଟଙ୍କୁ ମାନସଚକ୍ଷୁରେ ଦେଖିପାରିବା ଆଉ ସମ୍ଭବ ହୁଏନା । ତାଙ୍କର ପ୍ରାର୍ଥନା ଥିଲା ମାତ୍ର ଏତିକି । ଏପ୍ରକାର ପ୍ରାର୍ଥନା ଜଣେ ଇଷ୍ଟପ୍ରାଣ ଭକ୍ତ ହିଁ କରିପାରେ । ସ୍ୱାର୍ଥାନ୍ୱେଷୀ ଓ ସଂକୀର୍ଣ୍ଣ ଆତ୍ମମ୍ଭରୀ ମଣିଷ କିନ୍ତୁ ବଞ୍ଚିବା ପାଇଁ ବିକଳ ଚିତ୍କାର କରେ । ମୃତ୍ୟୁ ଆଦୌ ଚାହେନା ସେ । ମୃତ୍ୟୁ ସୁନିଶ୍ଚିତ । ଏହା ଜାଣି ମଧ୍ୟ ସେ ଈଶ୍ୱରଙ୍କ ପାଇଁ, ପ୍ରଭୁଙ୍କ ପାଇଁ ଟିକେ ବି ଚିନ୍ତା ନ କରି ନିଜ ପାଇଁହିଁ ଚିନ୍ତା କରିଚାଲେ । ଏହା ତା'ର ଅଜ୍ଞାନତା ଓ ସଂକୀର୍ଣ୍ଣତା । ବରଂ ସେ ସମୟରେ ଯଦି ସେ ପ୍ରଭୁଙ୍କ ଶ୍ରୀଚରଣରେ ନିଜକୁ ସମର୍ପି ଦିଅନ୍ତା ତା'ହେଲେ ହୁଏତ ମୃତ୍ୟୁ ହୁଅନ୍ତା ସୁଦୂରପରାହତ । ଯାହାକି ସମ୍ଭବ ହେଲା ପ୍ରିୟନାଥ ବସୁଙ୍କ କ୍ଷେତ୍ରରେ ।

ସର୍ବଦା ଆମେ ପ୍ରାର୍ଥନା କରିବା ଉଚିତ୍ ହେ ପ୍ରଭୁ ! ତୁମ ଇଚ୍ଛା ହିଁ ପୂର୍ଣ୍ଣ ହେଉ । ତୁମେ ଯଦି ଚାହଁ ମୃତ୍ୟୁ, ଅବଶ୍ୟ ଆସୁ ମରଣ । ତୁମେ ଯଦି ଚାହଁ ଜୀବନ, ବଜାୟ ରହୁ ପ୍ରାଣ । ଏହିପରି ପ୍ରାର୍ଥନା କରିବାରୁ ଶ୍ରୀଶ୍ରୀଠାକୁର ତାଙ୍କ ପ୍ରତି କୃପା କଲେ ଆଉ ଅବଶ୍ୟ ମୃତ୍ୟୁମୁଖରୁ ଟାଣି ଆଣି ଜୀବନର ପଥରେ ପୁନଃ ସ୍ଥାପିତ କରି ଚଲାଇ ଦେଲେ ।

ହାର ମାନିଲା ଜ୍ୟୋତିଷ । ପରାଭୂତ ହେଲେ ଗ୍ରହମାନେ । ଜ୍ୟୋତିଷ ଆକଳନ ହେଲା ପ୍ରତିହତ, ଜୟଯୁକ୍ତ ହେଲା କିନ୍ତୁ ଭକ୍ତି ଓ ଇଷ୍ଟନିଷ୍ଠା । ଆଧ୍ୟାତ୍ମିକ ଜଗତରେ ଏପରି ଘଟଣା ଘଟେ ଅନେକ । କିନ୍ତୁ ଏସବୁର ମହତ୍ତ୍ୱ ଅନେକ ବେଶୀ ।

ସୁଧୀରଭାଇଙ୍କର ଗୁରୁଭ୍ରାତା ପ୍ରିୟନାଥଙ୍କର ପ୍ରାର୍ଥନାକୁ ନେଇ ଦେଓଘରରେ ଶ୍ରୀଶ୍ରୀଠାକୁରଙ୍କ ଚରଣରେ ନିବେଦନ କରିବାର ଘଟଣାଟି ଆଉ ଏକ ଅନୁପମ ଦୃଷ୍ଟାନ୍ତର ଅବତାରଣା କରେ । ଦଶହରାକାଳୀନ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବରେ ବର୍ଷର ସବୁଠାରୁ ବେଶୀ ମଣିଷଙ୍କ ସମାଗମ ହୁଏ । ସେତେବେଳେ ସମ୍ପୂର୍ଣ୍ଣ ସତ୍‌ସଙ୍ଗ ନଗର ଜନାରଣ୍ୟରେ ହୁଏ ଅରଣ୍ୟାୟିତ । ଏପରି ସମୟରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯିବା ଅସମ୍ଭବ ପ୍ରାୟଃ । ନିବେଦନ କରିବା ତ ଏକଦମ୍ ଅସମ୍ଭବ । ପୁନଶ୍ଚ ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କଠାରୁ ଉତ୍ତର ପାଇବା କଦାପି ସମ୍ଭବ ନୁହେଁ ।

କିନ୍ତୁ ସୁଧୀରଭାଇଙ୍କ କ୍ଷେତ୍ରରେ ଏହି ଅସମ୍ଭବ ଓ ଏକଦମ୍ ଅସମ୍ଭବ କଥା ସହଜସମ୍ଭବ ହୋଇ ପାରିଥିଲା ।

ସୁଧୀରଭାଇ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରିୟନାଥଭାଇଙ୍କ ପ୍ରାର୍ଥନା ନିବେଦନ କରିପାରିଲେ ନାହିଁ । ଠାକୁରବଙ୍ଗଳା ଭକ୍ତମାନଙ୍କ ସମାଗମରେ ଏତେ ଜାମ ହୋଇଯାଇଥିଲା ଯେ ସୋରିଷ ଟିକେ ପଡ଼ିବାର ଜାଗା ନ ଥିଲା । ସେ ପରିସ୍ଥିତିରେ ଠାକୁରଙ୍କ ଶ୍ରୀଚରଣକୁ ଯାଇ କିଛି ନିବେଦନ କରିବା ଆଦୌ ସମ୍ଭବ ନ ଥିଲା । ନିବେଦନ କରି ପାରିଲେନି ବି ସୁଧୀରଭାଇ । କିନ୍ତୁ ପ୍ରିୟନାଥଭାଇଙ୍କ ପ୍ରାର୍ଥନା ଓ ସୁଧୀରଭାଇଙ୍କ ମନୋଗତ ନିବେଦନ ଶ୍ରୀଶ୍ରୀଠାକୁର ଜାଣିପାରିଲେ । ଏହା କିପରି ସମ୍ଭବ ?

ପୁରୁଷୋତ୍ତମଙ୍କ ନିକଟରେ ଅସମ୍ଭବ ବୋଲି କିଛି ନାହିଁ । ଯେ ଯେଉଁଠି ଯାହା କିଛି ହିଁ ଭାବୁ ନା କାହିଁକି ତାହା ସେ ଜାଣିପାରନ୍ତି । ଏବେବି ଜାଣି ପାରୁଛନ୍ତି, ଭବିଷ୍ୟତରେ ବି ଜାଣି ପାରିବେ । ଆମେ କିନ୍ତୁ ପ୍ରବୃତ୍ତିର ପ୍ରରୋଚନାରେ ରଙ୍ଗିଳ ଚକ୍ଷୁ ନେଇ ତା' ଦେଖିପାରୁନା, ବୁଝିପାରୁନା । ମନୋଗତ ଭାବ ଶ୍ରୀଶ୍ରୀଠାକୁର ଜାଣିପାରିଲେ ଏହା ଠିକ୍ । କିନ୍ତୁ ତା'ଠାରୁ ବଡ଼ କଥା ହେଲା, ଏତେ ଭିଡ଼ ମଧ୍ୟରେ ମଧ୍ୟ ବହୁ ଦୂରରେ ଛିଡ଼ା ହୋଇଥିବା ସୁଧୀରଭାଇଙ୍କୁ ଡ଼ାକି ବିନା ନିବେଦନରେ ପ୍ରାର୍ଥନା ମଞ୍ଜୁର କରି ଆଶୀର୍ବାଦ କଲେ ଏବଂ ଉତ୍ତର ଦେଲେ । ଏହା ଶ୍ରୀଶ୍ରୀଠାକୁରଙ୍କର ପ୍ରେମମୟ ମାନବୀୟ ସମ୍ବେଦନଶୀଳତାର ଅଦ୍ୱିତୀୟ ଦୃଷ୍ଟାନ୍ତ । ଏହା କୁତ୍ରାପି ପରିଦୃଷ୍ଟ ହୁଏନା । ମହାନ୍ ବ୍ୟକ୍ତିମାନେ ଛୋଟ ଛୋଟ କଥାକୁ ଏଡ଼ାଇ ଯାଆନ୍ତି । ଏତେଟା ଗୁରୁତ୍ୱ ଦିଅନ୍ତିନି । କିନ୍ତୁ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ କ୍ଷେତ୍ରରେ କ୍ଷୁଦ୍ରାତିକ୍ଷୁଦ୍ର ଅଣୁପରିମାଣର ଘଟଣା ମଧ୍ୟ ଅନେକ ଗୁରୁତ୍ୱ ବହନ କରେ । ଏହା ଏଠାରେ ପ୍ରମାଣିତ ହେଲା । ଏହା ଆହୁରି ପ୍ରତିପାଦିତ କଲା ଯେ ସ୍ୱଦେହରେ ଶ୍ରୀଶ୍ରୀଠାକୁର ଥାଆନ୍ତୁ କି ନ ଥାଆନ୍ତୁ ଭକ୍ତଙ୍କର, ଶିଷ୍ୟଙ୍କର ମନୋଗତ ପ୍ରାର୍ଥନା ସେ ଗ୍ରହଣ କରନ୍ତି ଓ ମଞ୍ଜୁର କରନ୍ତି ମଧ୍ୟ । ଆଜିବି କରୁଛନ୍ତି, ଭବିଷ୍ୟତରେ ବି କରି ଚାଲିବେ । ସେହିପରି ସମର୍ପିତ ଭାବ ମନରେ ଭକ୍ତ-ଅନୁରାଗୀମାନେ ପୋଷଣ କରିବା ଉଚିତ୍ ।

କର୍ମଫଳ ନାଶ କରିବା ପରି ବିରାଟ କଥା ସହଜଭାବେ ସମ୍ଭବ ହୋଇଥାଏ ପୁରୁଷୋତ୍ତମଙ୍କ ରାଜ୍ୟରେ— ଏହି ତତ୍ତ୍ୱ ମଧ୍ୟ ଏଠାରେ ପୁନଃ ପ୍ରତିଷ୍ଠିତ ହେଲା । ଆଉ ଅଗତ୍ୟା ମୃତ୍ୟୁମୁଖରୁ ରକ୍ଷା ପାଇ ପୁନର୍ଜୀବନ ଲାଭ କଲେ ପ୍ରିୟନାଥ ବସୁ । ଚିରଦିନ ପାଇଁ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନର ଗାଥା ପରିବେଷିତ ହେଲା ବାସ୍ତବ ଘଟଣା ଦେଇ । *ବନ୍ଦେ ପୁରୁଷୋତ୍ତମମ୍*

ଦିବ୍ୟ ଅନୁଭୂତି

ଅନୁପମେୟ

● ଶ୍ରୀଦୁଲାଲ ମଜୁମଦାର

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଅନୁଶୋଚନା ଓ ଲଜ୍ଜ୍ୟାରେ ମନେ ହୋଇଥିଲା, 'ହେ ଧରଣୀ ଦ୍ୱିଧା ହୁଅ' । ମୋ ଛଡ଼ା ବି ସେହି ସମୟରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଥିଲେ ନିତ୍ୟସଙ୍ଗୀ ପ୍ୟାରୀଭାଇ, ବଙ୍କିମଭାଇ ପ୍ରମୁଖ କେତେଜଣ ଭାଇ ଓ ମା' । ଭୟରେ ସେ ଆଡ଼େ ଚାହିଁ ଦେଖିପାରିଲି ଶ୍ରୀଶ୍ରୀଠାକୁରଙ୍କ ମୁଣ୍ଡ ଆଡୁ ରୋଷ ଦୃଷ୍ଟି ନେଇ ବଙ୍କିମଭାଇ ମୋ ଆଡ଼କୁ ଧାଇଁ ଆସୁଛନ୍ତି । ଅସହାୟ ଦୃଷ୍ଟି ନେଇ ମୁଁ ପରମଦୟାଳଙ୍କ ଆଡ଼େ ଚାହିଁ ଦେଖେ ସେ ପୂର୍ବପରି ନିର୍ବିକାର ଭାବେ ବସି ଅଛନ୍ତି । ଯେପରି କିଛିହିଁ ହୋଇନି । ଯେପରି ଭାବେ ଥିଲେ ସେହିଭାବେହିଁ ଅଛନ୍ତି । ଧାଇଁ ଆସୁଥିବା ବଙ୍କିମଭାଇ ଶ୍ରୀଶ୍ରୀଠାକୁରଙ୍କ ସାମ୍ନା ଦେଇ ଆସିବା ପୂର୍ବରୁ ଶ୍ରୀଶ୍ରୀଠାକୁରଙ୍କ ମୁହଁ ଆଡ଼େ ଚାହିଁ କ'ଣ ଦେଖିଲେ ଜାଣେନା, ସେ ମୋ ଆଡ଼କୁ ନ ଆସି ତାଙ୍କର ପୂର୍ବ ବସିବାର ଜାଗାକୁ ଯାଇ ବସି ପଡ଼ିଲେ । କିନ୍ତୁ ବିସ୍ମିତ, ସ୍ତମ୍ଭିତ ମୁଁ ଏ କ'ଣ ଦେଖୁଛି ! ଏତେବଡ଼ ଗୋଟେ ଘଟଣା ପରେ ବି ତାଙ୍କ ଶ୍ରୀମୁଖରେ କୌଣସି ପ୍ରତିକ୍ରିୟା ନାହିଁ । ଶ୍ରୀଶ୍ରୀଠାକୁରଙ୍କ ପ୍ରତିଟି ଇନ୍ଦ୍ରିୟ ସାଧାରଣ ମଣିଷଠାରୁ କେତେ ବେଶୀ କ୍ଷମତାସମ୍ପନ୍ନ । ତାଙ୍କର ସ୍ନାୟୁ କେତେ ବେଶୀ ସମ୍ବେଦନଶୀଳ ଓ ସ୍ପର୍ଶକାତର । ତେଣୁ ଅବାକ୍ ହୋଇଗଲି ଯେତେବେଳେ ଦେଖିଲି ଏତେ ଅସାଧାରଣ ଇନ୍ଦ୍ରିୟ-ସ୍ନାୟୁର ଅଧିକାରୀ ପୁରୁଷୋତ୍ତମଙ୍କର କୌଣସିପ୍ରକାର ଚିତ୍ତବୈକଲ୍ୟ ବା ବିରକ୍ତି କିଛିହିଁ ହେଲାନି । ଇନ୍ଦ୍ରିୟ ବା ସ୍ନାୟୁକୁ ଉତ୍ତପ୍ତ କରିବା ପରି ଏତେ ବିକଟ ଶବ୍ଦ-ସୃଷ୍ଟିରେ ବି ତାଙ୍କ କପାଳରେ ସାମାନ୍ୟ କୁଞ୍ଚନ ପର୍ଯ୍ୟନ୍ତବି ଦେଖିପାରିଲି ନାହିଁ । ଇତିପୂର୍ବେ ଯେପରି ଶାନ୍ତସମାହିତ ଭାବେ ଥିଲେ ସେଭାବେହିଁ ଅଛନ୍ତି, କୌଣସି ବିକାର ନାହିଁ । କିନ୍ତୁ ମୁଁ ଦୃଢ଼ଭାବେ ବିଶ୍ୱାସ କରେ, ଶାନ୍ତି ଭଙ୍ଗର ଏପରି ଘଟଣାରେ କାହାରି ପକ୍ଷରେ ଏପରି ଶାନ୍ତ ଏବଂ ଉଦାସୀନଭାବେ ସ୍ଥିର ରହିବା କେବେବି ସମ୍ଭବ ନୁହେଁ । କ୍ଷମାର ଅବତାର, ଘନୀଭୂତ ପ୍ରେମର ଆଧାର, ପରମଦୟାଳ ମତେ କ୍ଷମା କରିଦେଲେ ଏବଂ ଅଧିକନ୍ତୁ ଶାସ୍ତି ଓ ଲଜ୍ଜ୍ୟା ହାତରୁ ରକ୍ଷା କଲେ । ସେଦିନର କଥା ଯେତେବେଳେ ମନେପଡ଼େ ସେତେବେଳେ ବିସ୍ମୟରେ ରୋମାଞ୍ଚିତ ହୋଇଯାଏ ।

ଥରେ ପଶ୍ଚିମବଙ୍ଗର ବିଧାନସଭାର ସ୍ୱିକର (ହାଓଡ଼ାର ସମ୍ଭ୍ରାନ୍ତ ପରିବାରର ବ୍ୟକ୍ତି) ଶୈଳକୁମାର ମୁଖାର୍ଜ୍ଜୀ ସସ୍ତ୍ରୀକ ଆସିଛନ୍ତି ଉତ୍ସବକୁ ଶ୍ରୀଶ୍ରୀଠାକୁର-ଦର୍ଶନରେ । ତାଙ୍କ ସମ୍ମୁଖରେ ରଖାଯାଇଥିବା ଚେୟାରରେ ବସି ଶ୍ରୀଶ୍ରୀଠାକୁରଙ୍କ ସହିତ ଆଳାପ କରୁଛନ୍ତି । ମୁଁ ଟିକେ ତଫାତ୍‌ରେ ଛିଡ଼ା ହୋଇ ତାଙ୍କୁ ଦର୍ଶନ କରୁଛି । କାନକୁ ଆସିଲା ଶ୍ରୀଶ୍ରୀଠାକୁର କଥାପ୍ରସଙ୍ଗରେ କହିଲେ, 'ଆଭିଜାତ୍ୟ ବୋଧ ମଣିଷକୁ ବଡ଼ କରେ, ଆତ୍ମାଭିମାନ ମଣିଷକୁ ମୂଢ଼ କରେ' । କଥାଗୁଡ଼ିକ ଶୁଣିବା ମାତ୍ରେ ସେମାନେ ମୁଣ୍ଡ ହଲାଇ ମଥାନତ କରି ସମ୍ମତିସୂଚକ ସ୍ୱୀକୃତି ଦେଲେ । ଏହିପରି ନାନା ବିଷୟର ପ୍ରସଙ୍ଗ ଚାଲିଥିଲା । ସେହି ସମୟରେ ଶ୍ରୀଶ୍ରୀଠାକୁରଙ୍କ ଏକ ଅନୁରାଗୀ ସେବକ ଶ୍ରୀଶ୍ରୀଠାକୁରଙ୍କ ତମାଖୁ ସେବନର ଗଡ଼ଗଡ଼ା ନଳ ତାଙ୍କ ହାତରେ ଧରାଇ ଦେଇ ଗଲେ । ଗଡ଼ଗଡ଼ାର ନଳ ହାତରେ ନେଇ ଅତ୍ୟନ୍ତ ବିନୟର ସହିତ ଶ୍ରୀଶ୍ରୀଠାକୁର ଶୈଳବାବୁଙ୍କ ସ୍ତ୍ରୀ ଆଡ଼େ ଚାହିଁ ଅନୁମତି ମାଗିଲେ, 'ମା', ମୁଁ ଖାଇବି ?' ତାଙ୍କର ଏହି ଅନୁମତି ଚାହିବାର ଧରଣ ଦେଖି ସେମାନେ ହତଚକିତ ହୋଇ ଅତ୍ୟନ୍ତ ବିନୟର ସହିତ ସମ୍ମତି ଜଣାଇଲେ । ପାଖରେ ଛିଡ଼ା ହୋଇଥିବା ଆମେମାନେ ସମସ୍ତେ ପ୍ରତ୍ୟକ୍ଷ କଲୁ ବ୍ୟାବହାରିକ ଜୀବନରେ ମଣିଷକୁ ସେ କିପରିଭାବେ କେତେଦୂର ମର୍ଯ୍ୟାଦା ଦେଇଥା'ନ୍ତି । ସମ୍ମାନ କରିଥା'ନ୍ତି ।

ଚଲାପଥରେ ଚାଲିବାକୁ ଯାଇ ପ୍ରତିନିୟତ କେତେ ଭୁଲ୍ ହିଁ ଆମେ କରୁ, ସେ ଦୟା କରି ଧରାଇ ନ ଦେଲେ ଜୀବନରେ ସଂଶୋଧନ ହୁଅନ୍ତାନି । ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଆଶୀର୍ବାଦରେ ମୋର ବିବାହ ପରେ ସସ୍ତ୍ରୀକ ଗଲି ଶ୍ରୀଶ୍ରୀଠାକୁର-ପ୍ରଣାମ କରିବା ପାଇଁ । ସେ ସେତେବେଳେ ନିରାଲାନିବେଶରେ ଦକ୍ଷିଣାସ୍ୟ ହୋଇ ବସିଥିଲେ । ସମୟ ପ୍ରାୟଃ ସକାଳ ୯/୧୦ଟା ହେବ । ମୁଁ ଯାଇ ଆଗେ ପ୍ରଣାମ କଲି । ପରେ ମୋ ସ୍ତ୍ରୀ ପ୍ରଣାମ କରିଲା । ପ୍ରଣାମ ପରେ ଦୁଇଜଣ ଶ୍ରୀଶ୍ରୀବଡ଼ମା'ଙ୍କ ଘରଆଡ଼େ ଯାଉଛୁ ପ୍ରଣାମ କରିବାକୁ । ଶ୍ରୀଶ୍ରୀବଡ଼ମା'ଙ୍କ ଘରେ ପ୍ରବେଶ କରିବାର ଦ୍ୱାରରେ ବସନଭାଇ (ରାମବସ୍ତ୍ରାନ ସିଂ) ଶ୍ରୀଶ୍ରୀଠାକୁରଙ୍କ ପାଖରୁ ପ୍ରାୟଃ ଦୌଡ଼ି ଆସି କହିଗଲେ, 'ଆପଣ ଦୁଇଜଣ ଏକସଙ୍ଗେ ଶ୍ରୀଶ୍ରୀବଡ଼ମା'ଙ୍କୁ ପ୍ରଣାମ କରିବେ ।' ବୁଝିଲି, ଭୁଲ୍ କରି ଆସିଛି । ଶ୍ରୀଶ୍ରୀବଡ଼ମା'ଙ୍କୁ ଏକସଙ୍ଗେ ପ୍ରଣାମ କରିବା ପରେ ପୁନଶ୍ଚ ଗଲି ତାଙ୍କ ନିକଟକୁ । ପୁନରାୟ ଏକସଙ୍ଗେ ତାଙ୍କ ଶ୍ରୀଚରଣରେ ପ୍ରଣାମ କଲି ।

କୌଣସି ବିଷୟ ସମ୍ପର୍କରେ ଅସ୍ପଷ୍ଟ ଏକତରଫା ଧାରଣା, ଅସ୍ୱଚ୍ଛ ଚିନ୍ତା ଆମମାନଙ୍କୁ ଭୁଲ୍ ପଥରେ ପରିଚାଳିତ କରେ । ତାଙ୍କ ସଙ୍ଗ-ସାନ୍ନିଧରେ ଗଲେ ସବୁକିଛି ଧରାପଡ଼େ । ତାଙ୍କର ଦରଦୀ ଓ

ମରମୀ ସ୍ୱର୍ଶରେ ସହଜରେ ହିଁ ସଂଶୋଧିତ ହେଉଥିଲା । ଥରେ ତାଙ୍କ ପାଖକୁ ଯାଇଛି । ସେ ଚୌକିରେ ଉତ୍ତରାସ୍ୟ ହୋଇ ହାତ ଉପରେ ମୁଣ୍ଡ ରଖି ଅର୍ଦ୍ଧଶାୟିତ ଅବସ୍ଥାରେ ଶୋଇ ଅଛନ୍ତି । ସାମ୍ନାରେ ଗୋଟେ ଉଚ୍ଚ ଜାଗା । ତା' ପରେ କାଠର ରେଲିଂ । ଶରତଭାଇ (ଶରତ ଚନ୍ଦ୍ର ହାଲଦାର) ଆସି ପାଖରେ ବସିଛନ୍ତି । ଗୋଟେ ଦି'ଟା କଥା ମଝିରେ ମଝିରେ ହେଉଛି । ମୁଁ ଯାଇ ତାଙ୍କୁ ପ୍ରଣାମ କରି ଶରତଭାଇଙ୍କ ପାଖରେ ବସିଲି । ଶୁଣିବାକୁ ପାଇଲି ଦୀକ୍ଷା-ବୃଦ୍ଧି ନେଇ କଥା ହେଉଛି । ଶରତଭାଇଙ୍କ ଆଡ଼େ ଟିକେ ଝୁଙ୍କି ଆସ୍ତେ ଆସ୍ତେ ଶରତଭାଇଙ୍କୁ ମୁଁ କହିଲି, 'ଆଜ୍ଞା ଦୀକ୍ଷା ତ ଅନେକେହିଁ ନିଅନ୍ତି । ବେଶୀ ଭାଗହିଁ କିଛି କରନ୍ତିନି ।' କଥାଗୁଡ଼ିକ କହିଥିଲି, ଖୁବ୍ ଆସ୍ତେ ଆସ୍ତେ ଏବଂ ତା' ବି ଶରତଭାଇଙ୍କୁ । ସେ ଯେ ପରମଦୟାଳଙ୍କୁ କହିଦେବେ, ତା' ଭାବିପାରିନି । ଶରତଭାଇ ଶ୍ରୀଶ୍ରୀଠାକୁରଙ୍କ ଆଡ଼େ ଚାହିଁ କହିଲେ, 'ଆଜ୍ଞା, ଦୁଲାଲ କହୁଛି, ଦୀକ୍ଷା ତ ଅନେକେହିଁ ନିଅନ୍ତି । ବେଶୀଭାଗର ଲୋକ କିଛି କରନ୍ତି ନାହିଁ । ଅର୍ଦ୍ଧଶାୟିତ ହୋଇଥିଲେ ସେ, ଏଥର ଟିକେ ଉଚ୍ଚ ହୋଇ ମୋ ଆଡ଼େ ଚାହିଁ ଗମ୍ଭୀର କଣ୍ଠରେ କହିଲେ, 'ସେଇଟା ତୁମର ଦେଖିବା ବିଷୟ ନୁହେଁ । ଦୀକ୍ଷା ଦେଇ ଯାଅ । ଦେଖିବ ନୂତନକୁ ଦେଖି ପୁରାତନ ଉଠି ପଡ଼ିଛି — ପୁରାତନକୁ ଦେଖି ନୂତନ ଆସୁଛି ।'

ବହୁଦିନ ଧରି ଗୋଟେ ବିଷୟ ମନ ମଧ୍ୟରେ ଗୁଡୁପୁଡୁ ହେଉଥିଲା । ପ୍ରାୟଃ ମନେ ହେଉଥିଲା ଆପାତତଃ ସମସ୍ତେ ତ ନିଜେ ହିଁ କରନ୍ତି, ତା'ହେଲେ ନିର୍ଭରତାର ମାନେ କ'ଣ ? ଦିନେ ସୁଯୋଗ ପାଇଲି ତାଙ୍କ ପାଖରେ ଜାଣିନେବାର । ଏବେ ଯେଉଁଘରେ ତାଙ୍କର ଶ୍ରୀବିଗ୍ରହ, ସେହି ଘରେହିଁ ଚୌକିରେ ବସିଥିଲେ ସେ । ଲୋକମାନଙ୍କର ଭିଡ଼ ସେପରି ନ ଥିଲା । ସୁଯୋଗ ପାଇ କହିଲି, 'ଆଜ୍ଞା ଗୋଟେ ଜାଣିବାର ଥିଲା — ସବୁହିଁ ଯଦି ନିଜେ କରିବାକୁ ହୁଏ, ତେବେ ନିର୍ଭରତା କଥାଟିର ମାନେ କ'ଣ ?' ଉତ୍ତରରେ ସେ କହିଲେ, 'ତାଙ୍କ ଉପରେ ନିର୍ଭରତା ନ ରହିଲେ ଗୋଟେ କରିବା ସହିତ ଆଉ ଗୋଟେ କରିବାର ସଙ୍ଗତି ଖୋଜି ପାଇବନି । ତୁମ ଜୀବନରେ meaningful adjustment ହେବନି ।' ସେହି କଥାର ଉତ୍ତରରେ ମୁଁ ନିବେଦନ କଲି, 'ଆଜ୍ଞା, ତା'ହେଲେ ତ ମୁଁ-ଭାବର ଉଦ୍‌ବୋଧନ ହେଉଛି ।' ଧମକ ଦେଇ କହିଲେ, 'ମୁଁ-ଟାକୁ କ'ଣ କରିବାକୁ ହୁଏ, ଜାଣନା ?'

ଥରେ ଖଡ଼ଗପୁରର କେଇଜଣ ବ୍ୟବସାୟୀଙ୍କୁ ସଙ୍ଗରେ ନେଇ ତାଙ୍କ ଦର୍ଶନରେ ଯାଇଛି । ସେ ସେତେବେଳେ ନିରାଲା-ନିବେଶରେ । ବ୍ୟବସାୟୀଗଣଙ୍କ ଅଭିମତ ଶ୍ରୀଶ୍ରୀଠାକୁରଙ୍କର ଦିଆ ବ୍ୟବସାୟର ପଞ୍ଚନୀତି ବୁଝିହୁଏ, କିନ୍ତୁ ବ୍ୟାବହାରିକ ପ୍ରୟୋଗ ସବୁବେଳେ ସମ୍ଭବ ନୁହେଁ ।' ଶ୍ରୀଶ୍ରୀଠାକୁର ସେମାନଙ୍କ ଆଡ଼େ ଚାହିଁଲେ ଏବଂ ପରେ ମୋ ଆଡ଼େ ଚାହିଁ କହିଲେ, 'ତା'ହେଲେ ଠିଆହେବା ବି ସମ୍ଭବ ନୁହେଁ ।' ତାଙ୍କର ପ୍ରତ୍ୟୟଯୁକ୍ତ କଥା ଶୁଣି ବ୍ୟବସାୟିକଗଣ ସ୍ଥିର ଭାବେ ଠିଆ ହୋଇ ରହିଲେ ।

ନିରାଲା-ନିବେଶରେ ସେ ବସିଛନ୍ତି । ତାଙ୍କ ସାମନାରେ ଅନେକଙ୍କ ସଙ୍ଗେ ମୁଁବି ବସିଛି । ସମସ୍ତେ ତାଙ୍କୁ ଦର୍ଶନ କରୁଛନ୍ତି । ସେ ପଚାରିଲେ, 'କାମଧନ୍ଦା କିପରି ହେଉଛି ?' ଉତ୍ତରରେ ସମସ୍ତେ କହିଲେ — 'ଆଜ୍ଞା, ଭଲ, ଭଲ ।' ଶୁଣି ସେ ବି କହିଲେ, 'ଭଲ' । ମୋ ଆଡ଼େ ଚାହିଁ କହିଲେ, 'ରତ୍ୱିକର ଇଜ୍ଜତ ରଖିବୁ ।' ପରେ କହିଲେ, 'daily ଷଟ୍‌କର୍ମ କରିବୁ ।' ଷଟ୍‌କର୍ମ କଥାଟିକୁ ସତ୍‌କର୍ମ ଭାବି ଚିନ୍ତା କରୁଛି ସେ କ'ଣ କହିଲେ । ଏପରି ସମୟରେ ବିଶୁଭାଇ (ବିଶ୍ୱନାଥ ମୁଖାର୍ଜ୍ଜୀ) କହିଲେ, 'ଯଜନ, ଯାଜନ, ଦାନ, ପ୍ରତିଗ୍ରହ ଅନେକେହିଁ କରନ୍ତି । ଅଧ୍ୟୟନ, ଅଧ୍ୟାପନା କରନ୍ତିନି ।' ବିଶୁଭାଇଙ୍କ ଆଡ଼େ ଚାହିଁ କହିଲେ, 'ତେଣୁ ତ କହିଲି, ସେ ଯେପରି କରେ ।'

ଆନନ୍ଦବଜାରର ପଡ଼ିଆରେ ବର୍ତ୍ତମାନ ପ୍ୟାଣ୍ଡେଲର ଉତ୍ତର କୋଣରେ ଠିଆହୋଇଥିଲି ବୀରେନ ପଣ୍ଡାଭାଇଙ୍କ ସଙ୍ଗେ — ପାଖରେ କିଶୋରୀ ମଣ୍ଡଳ ନାମରେ ଜଣେ କର୍ମୀ । ସେ ନିଜକୁ ବିବେକାନନ୍ଦଙ୍କର ଅଂଶ ବୋଲି ମନେ କରୁଥିଲେ । ଲୋକଙ୍କୁ କହୁଥିଲେବି — ତାଙ୍କ ମଧ୍ୟରେ ବିଭୂତିର ପ୍ରକାଶ ହୁଏ କହନ୍ତି । ବଡ଼ ବଡ଼ କଥା ବହୁଦିନ ଧରି କହି ଆସୁଛନ୍ତି । ସେ ସବୁ କିଛି ଶୁଣିଥିଲି । ସେଦିନ ବି କହୁଥିଲେ, ତାଙ୍କ କଥାଗୁଡ଼ିକ ଶୁଣି ଭଲ ଲାଗୁ ନଥିଲା, ଅସହ୍ୟ ବୋଧ ହେଉଥିଲା । ତେଣୁ ଅସହିଷ୍ଣୁ ହୋଇ କିଛି କଡ଼ା କଥା କହି ତାଙ୍କୁ ଚୁପ୍ କରାଇ ଦେଲି । ସନ୍ଧ୍ୟା ପରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇଛି । ବର୍ତ୍ତମାନ ଅଷ୍ଟଧାତୁର ମୂର୍ତ୍ତି ଯେଉଁ ଘରେ, ସେଇ ନିଭୃତ କେତନରେ ସେ ଥିଲେ । କର୍ମିମାନଙ୍କ ସଙ୍ଗେ କଥାବାର୍ତ୍ତା ଚାଲିଛି । ମୁଁ ସ୍ୱଗତୋକ୍ତି କରି ପକାଇଲି, କା'ର କା'ର ଏପରି ଦୁର୍ବଳତା, କଡ଼ା କଥା ନ କହି ଉପାୟ ନାହିଁ । ଏଥର ବୀରେନଭାଇ ସକାଳର ଘଟଣା ବିସ୍ତାରିତଭାବେ କହିଲେ ପରମଦୟାଳଙ୍କୁ । ସବୁ ଶୁଣି ସେ ଡ଼ାହାଣ ପଟକୁ ଲମ୍ୱା ହୋଇ ମୋ ଆଡ଼କୁ ଚାହିଁ ଗମ୍ଭୀର କଣ୍ଠରେ କହିଲେ, 'ଦୁର୍ବଳତା କା'ର ନାହିଁ ?'

ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀବଡ଼ଦାଙ୍କର ଅଶେଷ କରୁଣା ଓ ଆଶୀର୍ବାଦରେ ପରମଦୟାଳଙ୍କର ଅନେକ କିଛିହିଁ ଦର୍ଶନ କରିବାର ସୌଭାଗ୍ୟ ହୋଇଛି । କିଛି କିଛି ଅନୁଭବବି କରି ପାରିଛି । ତାଙ୍କୁ ନେଇ ଚାଲିବାର ଅନେକ କିଛି ଶିଖିଛିବି । ପରମଦୟାଳଙ୍କ ସେବାର ଅତନ୍ଦ୍ର ପ୍ରହରୀ ଭଳି ସେ ସଦାସର୍ବଦା ସଜାଗ ରହି ଲକ୍ଷ୍ୟ ରଖୁଥିଲେ କ'ଣ କରି ତାଙ୍କର ସ୍ୱସ୍ତି ଆସେ । ଇଷ୍ଟସେବାର କେତେ କେତେ ସୂକ୍ଷ୍ମ ଦିଗ ତାଙ୍କ ନିକଟରୁ ଜାଣିଛି, ବୁଝିଛି, ଶିଖିଛିବି । ପ୍ରଥମେ ପ୍ରଥମେ ପରମଦୟାଳଙ୍କୁ ଯେ ଯେତେବେଳେ ଖୁସି ନିଜ ଖିଆଲ

ଅନୁସାରେ ସମୟ-ଅସମୟରେ ଆସି ପ୍ରଣାମ କରୁଥିଲା । ପ୍ରଣାମ ନିବେଦନ କରିଲେହିଁ ପରମଦୟାଳ ହାତଜୋଡ଼ି କରି ତାଙ୍କ ମସ୍ତକରେ ଅନେକକ୍ଷଣ ଛୁଆଇଁ ରଖୁଥିଲେ । କେବେ କେବେ ଆମମାନଙ୍କର ପ୍ରଣାମ ହୋଇଗଲେବି ସେ ସେହିପରିଭାବେ ରହୁଥିଲେ । ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ତା' ଲକ୍ଷ୍ୟ କରି ପରମଦୟାଳଙ୍କର କଷ୍ଟ ଅନୁଭବ କରି ତାଙ୍କ ପରିବାରର ଅନେକଙ୍କୁ ଏବଂ ଆମମାନଙ୍କୁ ସମସ୍ତଙ୍କୁ ନେଇ ଏକସଙ୍ଗେ ପ୍ରଣାମର ବ୍ୟବସ୍ଥା କରନ୍ତି, ଯେପରି ଗୋଟେ ଥରରେହିଁ ପ୍ରଣାମ ପର୍ବ ସମାପ୍ତ ହୋଇଯାଏ । ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ପରମଦୟାଳଙ୍କ ନିକଟକୁ ଭିତରକୁ ଯାଇ ପ୍ରଣାମ କରୁଥିଲେ । ଆମେମାନେ ବାହାରୁ ସମସ୍ତେ ଏକସଙ୍ଗେ ପ୍ରଣାମ କରୁଥିଲୁ । ପରେ ପରମଦୟାଳଙ୍କ ଅନୁମତି ନେଇ ସେ ନିତ୍ୟ ସମବେତ ପ୍ରାର୍ଥନାର ସୂଚନା କରନ୍ତି । ତା' ଆଗରୁ ସମବେତ ପ୍ରାର୍ଥନା ହେଉଥିଲା କେବଳ ଉତ୍ସବ ଉପଲକ୍ଷେ । ସମବେତ ପ୍ରଣାମ ସମୟରେ ଆମମାନଙ୍କର ପ୍ରଣାମ ହୋଇ ଗଲେବି ପରମଦୟାଳ ଅନେକକ୍ଷଣ ମୁଣ୍ଡରେ ହାତ ଛୁଆଇଁ ରଖୁଥିଲେ । ସେଇ ଦୃଶ୍ୟ ଆମେମାନେ ଠିଆ ହୋଇ ରହି ଦେଖୁଥିଲୁ । ସେଇ ସମୟରେ ଦିନେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ମତେ ଦୟା କରି କହିଥିଲେ, 'ଭଲ କରି ଲକ୍ଷ୍ୟ କରି ଦେଖିବୁ, ଶ୍ରୀଶ୍ରୀଠାକୁରଙ୍କ ସର୍ବାଙ୍ଗରୁ ପ୍ରେମ ଯେପରି ଲହୁଣୀ ପରି ଗଳଗଳ ହୋଇ ଝରି ପଡୁଛି ।' ପ୍ରେମର ମୂର୍ତ୍ତ ବିଗ୍ରହ ସେ । ପ୍ରେମ ଦେଇ ହିଁ ସେ ଆମ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି । କଥାପ୍ରସଙ୍ଗରେ ଆଉ ଦିନେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା କହିଥିଲେ— ତାଙ୍କର ସବୁକିଛି ମଝିରେ ବି ସଦା ସମାଧିସ୍ଥ ଏବଂ ଅଚ୍ୟୁତ ରହିବାର କଥା । ସତ୍ୟ ସାନ୍ୟାଲ ଭାଇବି ମତେ ଥରେ ଗୋଟେ କଥା ପ୍ରସଙ୍ଗରେ ତାଙ୍କର ସର୍ବଦା ସମାଧିସ୍ଥ ଓ ଅଚ୍ୟୁତ ରହିବାର କଥା କହିଥିଲେ । ମୋ ଜୀବନରେ ବି ଗୋଟେ ଘଟଣାରେ ତା' ପ୍ରତ୍ୟକ୍ଷ କରିଛି । ବାହାରେ ରହି ଦୟାଲଧାମରେ ତାଙ୍କ ପାଖକୁ ଆସିଲେ ସର୍ବପ୍ରଥମେ ତାଙ୍କ ଦର୍ଶନ-ପ୍ରଣାମ ହିଁ ପ୍ରଧାନ କାର୍ଯ୍ୟ । ପ୍ରଣାମ ନିବେଦଦ ପରେ କେବେ କେବେ ବି ସେ ଦୟା କରି କିଛି କଥାବି କହନ୍ତି, କେବେବି କୁଶଳାଦି ପଚାରନ୍ତି । ସେଥର ବି ବାହାରୁ ଆସି ତାଙ୍କୁ ଦର୍ଶନ ଓ ପ୍ରଣାମ ନିବେଦନ କଲି । ସାମ୍ନାରେ ଛିଡ଼ା ହୋଇଥିଲି କିଛିକ୍ଷଣ । ତେବେ କୌଣସି କଥା ହେଲାନି । ପ୍ରାୟଃ ଦୁଇଦିନ ଏହିପରି ଭାବେ କଟିଲା । ତୃତୀୟ ଦିନ ସେହି ଏକାଭାବେ ପ୍ରଣାମ ନିବେଦନ ପରେ ସାମ୍ନାରେ ଛିଡ଼ା ହୋଇଛି । ହଠାତ୍ ମୋ ଆଡ଼େ ଚାହିଁ ପଚାରିଲେ— 'କେବେ ଆସିଲୁ ? ଉତ୍ତରରେ କହିଲି, 'ଆଜ୍ଞା, ପ୍ରାୟଃ ତିନିଦିନ ହୋଇଗଲା ।' ଶୁଣି ସେ କହିଲେ, 'ଏଇ ଦେଖ୍, ମୁଁ ଦେଖ୍ ପାରିନି ।'

> ଦୀକ୍ଷା-ବୃଦ୍ଧି ନେଇ କଥା ହେଉଛି । ଶରତଭାଇଙ୍କ ଆଡ଼େ ଟିକେ ଝୁଙ୍କି ଆସ୍ତେ ଆସ୍ତେ ଶରତଭାଇଙ୍କୁ ମୁଁ କହିଲି, 'ଆଜ୍ଞା ଦୀକ୍ଷା ତ ଅନେକେହିଁ ନିଅନ୍ତି । ବେଶୀ ଭାଗହିଁ କିଛି କରନ୍ତିନି ।' କଥାଗୁଡ଼ିକ କହିଥିଲି, ଖୁବ୍ ଆସ୍ତେ ଆସ୍ତେ ଏବଂ ତା' ବି ଶରତଭାଇଙ୍କୁ । ସେ ଯେ ପରମଦୟାଳଙ୍କୁ କହିଦେବେ, ତା' ଭାବିପାରିନି । ଶରତଭାଇ ଶ୍ରୀଶ୍ରୀଠାକୁରଙ୍କ ଆଡ଼େ ଚାହିଁ କହିଲେ, 'ଆଜ୍ଞା, ଦୁଲାଲ କହୁଛି, ଦୀକ୍ଷା ତ ଅନେକେହିଁ ନିଅନ୍ତି । ବେଶୀଭାଗର ଲୋକ କିଛି କରନ୍ତି ନାହିଁ । ଅର୍ଦ୍ଧଶାୟିତ ହୋଇଥିଲେ ସେ, ଏଥର ଟିକେ ଉଚ୍ଚ ହୋଇ ମୋ ଆଡ଼େ ଚାହିଁ ଗମ୍ଭୀର କଣ୍ଠରେ କହିଲେ, 'ସେଇଟା ତୁମର ଦେଖିବା ବିଷୟ ନୁହେଁ । ଦୀକ୍ଷା ଦେଇ ଯାଅ । ଦେଖିବ ନୂତନକୁ ଦେଖି ପୁରାତନ ଉଠି ପଡ଼ିଛି— ପୁରାତନକୁ ଦେଖି ନୂତନ ଆସୁଛି ।'

ସତ୍‌ସଙ୍ଗର ଭୂତପୂର୍ବ ସମ୍ପାଦକ ଜ୍ଞାନଭାଇ (ଜ୍ଞାନେନ୍ଦୁ ବିକାଶ ଗୋସ୍ୱାମୀ) ପରମଦୟାଳଙ୍କ ନିର୍ଦ୍ଦେଶରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଘରେ ହିଁ ରହୁଥିଲେ । ତାଙ୍କ ପରିବାର ରହୁଥିଲେ ଅନ୍ୟତ୍ର । ସାରାଦିନ ଶ୍ରୀଶ୍ରୀବଡ଼ଦାଙ୍କ ଘରେ ରହି ପ୍ରାୟଃ ସନ୍ଧ୍ୟାରେହିଁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଯାଇ ବସୁଥିଲେ । ପରେ ଥରେ ଘରକୁ ଯାଉଥିଲେ । ମୋରବି ଶ୍ରୀଶ୍ରୀବଡ଼ଦାଙ୍କ ଘରେ ରହିବାର ଅନୁମତି ଥିଲା । ତେଣୁ ଜ୍ଞାନଭାଇଙ୍କ ସଙ୍ଗେ ବିଭିନ୍ନ ସମୟରେ ପରମଦୟାଳଙ୍କ କଥା ବିଭିନ୍ନ ବିଷୟ ଆଲୋଚନା ହେଉଥିଲା । ଶୁଣୁଥିଲି ତାଙ୍କ କଥା । ଥରେ କଥାପ୍ରସଙ୍ଗରେ ଜ୍ଞାନଭାଇ କହିଥିଲେ, 'ସେଦିନ ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇ ଦେଖନ୍ତି, ଦୁଇ ବିଧବା ମା' ସମାନ ଭାବରେ ନିଜ ଭିତରେ ପରସ୍ପର ଝଗଡ଼ା କରି ଚାଲିଛନ୍ତି । ଆସିଥିଲେ ସେମାନେ ସେମାନଙ୍କର ବିବାଦର ସାଲିଶି କରାଇବାକୁ ପରମଦୟାଳଙ୍କ ନିକଟକୁ । ପରମଦୟାଳଙ୍କ ଶରୀର ଭଲ ନାହିଁ । ଶାରୀରିକ କାରଣରୁ ସେ ମଝିରେ ମଝିରେ କଞ୍ଚୁଛନ୍ତି । କଷ୍ଟ ହେଉଛି ଖୁବ୍ । ସେହି ବିଧବା ମା'ମାନଙ୍କର ଶ୍ରୀଶ୍ରୀଠାକୁରଙ୍କର ସେତେବେଳକାର ଶାରୀରିକ ଅବସ୍ଥା ବୁଝିବାର ଓ କଥା ଶୁଣିବାର ଧୈର୍ଯ୍ୟ ନାହିଁ । ସମାନ ଭାବରେ ତାଙ୍କ ସାମନାରେ ବିବାଦ କରି ଚାଲିଛନ୍ତି । ଜ୍ଞାନଭାଇ ଅସହିଷ୍ଣୁ ହୋଇ ଅନୁଯୋଗର ସ୍ୱରରେ ଶ୍ରୀଶ୍ରୀଠାକୁରଙ୍କୁ କହି ଉଠିଲେ— ଏମାନଙ୍କୁ (ମୟମନସିଂୟର ଭାଷା) ପାଖକୁ ଆସିବାକୁ ନ ଦେବାହିଁ ଭଲ । ଅସହ୍ୟ, କାଣ୍ଡଜ୍ଞାନହୀନ ! ଏହିଭାବେ ଆହୁରି ଅନେକ କଥାହିଁ ଶ୍ରୀଶ୍ରୀଠାକୁରଙ୍କୁ କହିବାକୁ ଲାଗିଲେ ଶ୍ରୀଶ୍ରୀଠାକୁରଙ୍କୁ ବୁଝାଇବାର ରକମରେ । କିନ୍ତୁ ଶ୍ରୀଶ୍ରୀଠାକୁର କୌଣସି ଉତ୍ତର ଦେଉ ନାହାଁନ୍ତି । ହଠାତ୍

ଜ୍ଞାନାଭଇଙ୍କର ଯେପରି ସମ୍ବିତ୍ ଫେରି ଆସିଲା । ଭାବିଲେ, ସେ ଏ କ'ଣ କରୁଛନ୍ତି ! ଶ୍ରୀଶ୍ରୀଠାକୁରଙ୍କୁ ଉପଦେଶ ଦେଉଛନ୍ତି ? ମନରେ ଅନୁତାପ ଆସିଲା । ଚୁପ୍ ହୋଇଗଲେ । ଏଥର ଶ୍ରୀଶ୍ରୀଠାକୁର କହିଲେ — 'ଜ୍ଞାନ, ମୁଁ ଫୁଟା କଳସୀ ଜାଣିବି ପାଣି ଢ଼ାଳେ । ଭାବେ, ଯଦି ଢ଼ାଳି ଢ଼ାଳି ଶିଉଳି ପଡ଼ି କେତେବେଳେ ବି ଫୁଟା ବନ୍ଦ ହୋଇଯିବ ।' ଭାବିଲେ ଅବାକ୍ ହେବାକୁ ହୁଏ, କି ପ୍ରତ୍ୟୟଦୀପ୍ତ କଥା ! ମଣିଷ ପ୍ରତି ତାଙ୍କର କି ଦରଦ, ଆଶା, କି ପ୍ରତ୍ୟାଶା !

ପରମଦୟାଲ ମଝିରେ ମଝିରେ ଗଡ଼ଗଡ଼ାରେ ତମାଖୁ ସେବନ କରୁଥିଲେ, ଏକ ବିଶେଷ ଧରଣର ତମାଖୁ । ତମାଖୁ ସେବନ କରିବାର ଧରଣବି ଥିଲା ଏକ ବିଶେଷ ପ୍ରକାର । ସେ ଦୃଶ୍ୟର ପ୍ରତ୍ୟକ୍ଷଦର୍ଶୀ ଯେଉଁମାନେ, ସେମାନେ ତା' ଦେଖି ଆନନ୍ଦ ଲାଭ କରୁଥିଲେ । ଶ୍ରୀଶ୍ରୀଠାକୁର-ଘରେ ଯେଉଁମାନେ ତାଙ୍କ ପାଖାପାଖି ରହୁଥିଲେ ସେମାନଙ୍କ ମଧ୍ୟରୁ ଅନେକେହିଁ ତାଙ୍କର ଏହି ସେବାକାର୍ଯ୍ୟଟି ଖୁବ୍ ଯତ୍ନ ସରକାରେ କରୁଥିଲେ । ଦିନେ କରୁଣାବଶତଃ ଏହି ଦୀନତମ ସନ୍ତାନକୁ କହିଲେ, 'ତମାଖୁ ଖୁଆଇ ପାରିବୁ ?' ଉତ୍ତରରେ 'ହଁ' କହିବାରୁ ତମାଖୁ ସଜେଇ ନେଇ ଆସିବାକୁ କହିଲେ । ସଜାଇବାର ପଦ୍ଧତିଟା ଟିକେ ବିଶେଷ ପ୍ରକାରର । ଗଡ଼ଗଡ଼ାର ନଳର ଫୁଟାରେ ଛୋଟ ଗୋଲ ଗୋଟି ବସା ହୋଇଥାଏ । ତା' ଉପରେ ତମାଖୁ ପତ୍ର ପାକ କରି କରି ରଖିବାକୁ ହୁଏ — ଧୂଆଁ ବାହାରିବାର ଫାଙ୍କ ରଖି । ତା' ଉପରେ ଢ଼ାଙ୍କୁଣି ବସାଇ ଗଡ଼ଗଡ଼ାର ଏକପାଖରେ ନିଆଁ ଏପରିଭାବେ ଧରାଇବାକୁ ହେବ, ଯେପରି ଟିକାଟା ଦୁକ୍‌ଦୁକ୍ କରି ଜଳିବ । ଟାଣିଲେ ସହଜରେହିଁ ଧୂଆଁ ବାହାରିବ ଏବଂ ଟିକାର ନିଆଁବି ଜଳିବ । ପ୍ରୟୋଜନରେ ନଳାର ବାହାରେ ଆସ୍ତେ ଆସ୍ତେ ଅଳ୍ପ ପବନ ଦିଆ ଯାଇପାରେ । ମୁଁ ନିୟମ ଅନୁସାରେ ସବୁ ସଜାଇ ଗଡ଼ଗଡ଼ାର ନଳ ତାଙ୍କ ଶ୍ରୀହସ୍ତରେ ଧରାଇ ପାଦର ଆଙ୍ଗୁଳି ଫାଙ୍କରେ ନଳଟିକୁ ଲଗେଇ ଦେଲି । ଇତିପୂର୍ବେ ଯେପରି ଦେଖିଛି । ସେ ଗଡ଼ଗଡ଼ାର ଟାଣ ଦେଉଛନ୍ତି । କିନ୍ତୁ ଧୂଆଁ ବାହାରୁନି । ପାଖରେ ଥିବା ଭାଇମାନେ ସମସ୍ତେ ଦେଖୁଛନ୍ତି କିନ୍ତୁ ସେ କିଛି ନ କହିବାରୁ ସେମାନେ କେହି କିଛି କହି ପାରୁ ନାହାଁନ୍ତି । ମୁଁ ବିବ୍ରତ ବୋଧ କରୁଛି । ହତଭମ୍ବ ଭଳି ଅବସ୍ଥା । କ'ଣ କରିବି, ଚିନ୍ତା କରୁଛି । ଲକ୍ଷ୍ୟ କରିଲି, ଟିକାଟା ଠିକ୍ ଜଳିନି । ମୁଁ ଦ୍ରୁତ ଯାଇ ଆସ୍ତେ ଆସ୍ତେ ପବନ ଦେବାକୁ ଲାଗିଲି । ଏଥର ଟାଣ ଦିଅନ୍ତେହିଁ ଧୂଆଁ ବାହାରିବାକୁ ଆରମ୍ଭ କରିଲା । ସମସ୍ତଙ୍କ ସଙ୍ଗେ ମୁଁ ବି ସ୍ୱସ୍ତି ବୋଧ କରିଲି । ଚିରକ୍ଷମାଶୀଳ ସେ, ମତେ ସେବା ଅପରାଧରୁ ରକ୍ଷା କରିଲେ ।

> 'daily ଷଟ୍‌କର୍ମ କରିବୁ ।' ଷଟ୍‌କର୍ମ କଥାଟିକୁ ସତ୍‌କର୍ମ ଭାବି ଚିନ୍ତା କରୁଛି ସେ କ'ଣ କହିଲେ । ଏପରି ସମୟରେ ବିଶୁଭାଇ (ବିଶ୍ୱନାଥ ମୁଖାର୍ଜୀ) କହିଲେ, 'ଯଜନ, ଯାଜନ, ଦାନ, ପ୍ରତିଗ୍ରହ ଅନେକେହିଁ କରନ୍ତି । ଅଧ୍ୟୟନ, ଅଧ୍ୟାପନା କରନ୍ତିନି ।' ବିଶୁଭାଇଙ୍କ ଆଡ଼େ ଚାହିଁ କହିଲେ, 'ତେଣୁ ତ କହିଲି, ସେ ଯେପରି କରେ ।'
>
> ଆନନ୍ଦବଜାରର ପଡ଼ିଆରେ ବର୍ତ୍ତମାନ ପ୍ୟାଣ୍ଡେଲର ଉତ୍ତର କୋଣରେ ଠିଆହୋଇଥିଲି ବୀରେନ ପଣ୍ଡାଭାଇଙ୍କ ସଙ୍ଗେ — ପାଖରେ କିଶୋରୀ ମଣ୍ଡଳ ନାମରେ ଜଣେ କର୍ମୀ । ସେ ନିଜକୁ ବିବେକାନନ୍ଦଙ୍କର ଅଂଶ ବୋଲି ମନେ କରୁଥିଲେ । ଲୋକଙ୍କୁ କହୁଥିଲେବି — ତାଙ୍କ ମଧ୍ୟରେ ବିଭୂତିର ପ୍ରକାଶ ହୁଏ କହନ୍ତି । ବଡ଼ ବଡ଼ କଥା ବହୁଦିନ ଧରି କହି ଆସୁଛନ୍ତି । ସେ ସବୁ କିଛି ଶୁଣିଥିଲି । ସେଦିନ ବି କହୁଥିଲେ, ତାଙ୍କ କଥାଗୁଡ଼ିକ ଶୁଣି ଭଲ ଲାଗୁ ନଥିଲା, ଅସହ୍ୟ ବୋଧ ହେଉଥିଲା । ତେଣୁ ଅସହିଷ୍ଣୁ ହୋଇ କିଛି କଡ଼ା କଥା କହି ତାଙ୍କୁ ଚୁପ୍ କରାଇ ଦେଲି । ସନ୍ଧ୍ୟା ପରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇଛି । ବର୍ତ୍ତମାନ ଅଷ୍ଟଧାତୁର ମୂର୍ତ୍ତି ଯେଉଁ ଘରେ, ସେଇ ନିଭୃତ କେତନରେ ସେ ଥିଲେ । କର୍ମୀମାନଙ୍କ ସଙ୍ଗେ କଥାବାର୍ତ୍ତା ଚାଲିଛି । ମୁଁ ସ୍ୱଗତୋକ୍ତି କରି ପକାଇଲି, କା'ର କା'ର ଏପରି ଦୁର୍ବଳତା, କଡ଼ା କଥା ନ କହି ଉପାୟ ନାହିଁ । ଏଥର ବୀରେନଭାଇ ସକାଳର ଘଟଣା ବିସ୍ତାରିତଭାବେ କହିଲେ ପରମଦୟାଲଙ୍କୁ । ସବୁ ଶୁଣି ସେ ଡ଼ାହାଣ ପଟକୁ ଲମ୍ବା ହୋଇ ମୋ ଆଡ଼କୁ ଚାହିଁ ଗମ୍ଭୀର କଣ୍ଠରେ କହିଲେ, 'ଦୁର୍ବଳତା କା'ର ନାହିଁ ?'

ଏକସମୟରେ ପରମଦୟାଲଙ୍କ ନିକଟରେ ବସିଛି । ତାଙ୍କୁ ଦର୍ଶନ କରୁଛି । ପାର୍ଲର ଘରେ ସେ ବସିଛନ୍ତି । ତାଙ୍କର ସେବାକାର୍ଯ୍ୟରେ ଯେଉଁମାନେ ଥାଆନ୍ତି ସେମାନେ ଅଛନ୍ତି ଆଖପାଖରେ । ଅଳ୍ପସ୍ୱଳ୍ପ କଥାବାର୍ତ୍ତା ଚାଲିଛି । ଏପରି ସମୟରେ ହଠାତ୍ ମୋ ଆଡ଼େ ତାଙ୍କ ଡ଼ାହାଣ ହାତଟି ବଢ଼େଇ ଦେଇ କହିଲେ — 'ମୋର ପଲ୍‌ସଟା ଦେଖି ତ ।' ମୁଁ ହତଭମ୍ବ ଭଳି ତାଙ୍କୁ ପ୍ରଣାମ କରି ତାଙ୍କ ଶ୍ରୀହସ୍ତ ସ୍ପର୍ଶ କରି ପଲ୍‌ସରେ ହାତ ଦେଲି । ପଲ୍‌ସ-ବିଟର ଟେର ପାଉଛି, ଶୁଣୁଛି, କିନ୍ତୁ ମୋର ସବୁ ମିଳାଇ ଯାଉଛି । ପଚାରିଲେ କ'ଣ କହିବି ଭାବି ପାରୁନି, ହଡ଼ବଡ଼େଇ ଯାଇଛି । କିଛିକ୍ଷଣ ପରେ ଆସ୍ତେ କରି ସେ ତାଙ୍କ ହାତ ଦୂରେଇ ନେଲେ । ପୁନରାୟ ପ୍ରଣାମ କରି ପୂର୍ବ ଜାଗାରେ ଯାଇ ବସି ପଡ଼ିଲି । ସେ ଥରେ ବି କ'ଣ ଦେଖିଲି ଜାଣିବାକୁ ଚାହିଲେନି । ଆଜିବି ଭାବେ କାହିଁକି ସେ ମତେ ପଲ୍‌ସ୍ ଦେଖିବାକୁ କହିଲେ । ଆଜିବି ତା' ମୋ ନିକଟରେ ରହସ୍ୟାବୃତ ହୋଇ ଅଛି ।

ପରମଦୟାଲ ଆଡୁଆଳକୁ ଯିବା ପରେ ପରମପୂଜ୍ୟପାଦ

ଶ୍ରୀଶ୍ରୀବଡ଼ଦା ପ୍ରଥମେ ଅନେକଙ୍କୁ ସାଙ୍ଗରେ ନେଇ ଆସି ଆସାମରୁ ଫେରି ଆସି ମତେ କହିଲେ— 'ତୁ ଆସାମ ଗଲୁନି କାହିଁକି ?' ମୁଁ ଚୁପ୍ ରହିଲି । କହିଲେ, 'ତୁ ଏବେ ଆସାମ ଚାଲି ଯା'— ବୁଲିବାଲି ସବୁ ଦେଖି ଆ' କିପରି କରି ସେମାନେ କାମ କରୁଛନ୍ତି । ଫେରି ଆସି ସେପରି କରି ମେଦିନୀପୁରରେ କାମ କରିବୁ । ପ୍ରଥମେ ଗୌହାଟୀ ଯିବୁ । ସେଠାରେ ବାବୁ (ପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଡ଼ାକନାମ) ଅଛି । ସେ ତୋର ବୁଲିବାର ସବୁ ବ୍ୟବସ୍ଥା କରିଦେବ ।' ମୁଁ ମେଦିନୀପୁର ଆସି ଆସାମ ଗଲି ଜୀବନରେ ପ୍ରଥମ ପ୍ଲେନରେ । ଯାଇ ଗୌହାଟୀ ମନ୍ଦିରରେ ପହଞ୍ଚିଲି । ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କୁ ଦର୍ଶନ କରି ତାଙ୍କୁ ପ୍ରଣାମ ନିବେଦନ କରିଲି । ପୂଜନୀୟା ବଡ଼ ବୋହୂରାଣୀ ଏବଂ ପୂଜନୀୟ ବାବାଇବାବୁଙ୍କୁବି ଦର୍ଶନ–ପ୍ରଣାମ କରିଲି । କେଇଦିନ ଆନନ୍ଦରେ କଟିଲା । ପୂଜ୍ୟପାଦ ଶ୍ରୀଶ୍ରୀଦାଦା ତେଜପୁର ମନ୍ଦିର ବୁଲାଇ ଆଣିଲେ । ଶିଲଂ ମନ୍ଦିର ବି ଦେଖି ଆସିଲି । ସେଠାରେ ପୂଜନୀୟା ବଡ଼ଦି ଥିଲେ । ତାଙ୍କୁ ଓ ପୂଜନୀୟ ବଡ଼ ଜ୍ୱାଇଁବାବୁଙ୍କୁ ଦର୍ଶନ–ପ୍ରଣାମ କରିଲି । ପୂଜନୀୟା ଟିଟିମା' ଏବଂ ଅନୁଦ୍ୟୁତିବାବୁଙ୍କୁ ଦର୍ଶନ–ପ୍ରଣାମ କରିଲି । ଫେରି ଆସିଲି ଗୌହାଟ ମନ୍ଦିରକୁ । ପରେ ପୂଜ୍ୟପାଦ ଶ୍ରୀଶ୍ରୀଦାଦା ମତେ ପ୍ରଣବ ବରାଭାଇଙ୍କ ସଙ୍ଗେ ଶିଲଚର ପଠାଇ ଦେଲେ । ପ୍ରଣବ ବରାଭାଇ ସେତେବେଳେ ସେଠାକାର ଫ୍ଲଡ୍ କଣ୍ଟ୍ରୋଲ ଡ଼ିପାର୍ଟମେଣ୍ଟର ଏକଜିକ୍ୟୁଟିଭ ଇଞ୍ଜିନିୟର । ଶିଲଚର କାଛାଡ଼ ଜିଲ୍ଲାର ଜିଲ୍ଲାସଦର । ବହୁ ଇଷ୍ଟପ୍ରାଣ ଗୁରୁଭ୍ରାତାମାନଙ୍କର ବାସ ସେଠାରେ । ମନ୍ଦିରର ଇଲାକାବି ବିରାଟ । ମନ୍ଦିର ସାମନା ପଡ଼ିଆରେ ଅନେକଙ୍କ ସଙ୍ଗେ ଇଷ୍ଟପ୍ରସଙ୍ଗ ହେଉଥିଲା । ସେଇ ସମୟରେ ଦିନେ ଡ଼ାକ୍ତର ହିରଣ୍ମୟ ପାଲଭାଇଙ୍କ ସଙ୍ଗେ କଥା ହେଉଥିଲା । ହୀରେନଭାଇଙ୍କ ପରିବାରର ସମସ୍ତେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣାଶ୍ରିତ । ଦୁଇଭାଇ ରତ୍ୱିକ୍ । ବଡ଼ ଶ୍ରୀଯୁକ୍ତ ଗୌରାଙ୍ଗ ପାଲ । ହୀରେନଭାଇ କଥାରେ କଥାରେ କହିଲେ, 'ଥରେ ଦେଓଘର ଯାଇଛି, ପରମଦୟାଳଙ୍କ ନିକଟକୁ ମୋର ମଝିଆଭାଇଙ୍କ ସଙ୍ଗେ । ଉଚ୍ଚ ଡ଼ିଗ୍ରୀ ନେବା ପାଇଁ ଲଣ୍ଡନ ଯିବାର ଅନୁମତି ନେବା ପାଇଁ । ଯାଇ ତାଙ୍କ ଶ୍ରୀଚରଣରେ ସବୁ ନିବେଦନ କରିଲି । ସବୁ ଶୁଣିଲେ । ଦିନେ ଦୁଇଦିନ ପରେ ହଠାତ୍ ପଚାରିଲେ, 'ତୋର କୋଷ୍ଠୀ ଜାତକ ଅଛି ?' ମୋ ନିକଟରେ ନଥିଲା । କେମିତି କେଜାଣି ମଝିଆଭାଇଙ୍କ ନିକଟରେ ଥିଲା । ସେ ତା' ନେଇ ଜ୍ୟୋତିଷ ଦେଖାଇ ଅନେକ ଆଲୋଚନା କରିଲେ । ଦିନେ ଦୁଇଦିନ କଟିଗଲା । ତାଙ୍କ ଶ୍ରୀଚରଣପ୍ରାନ୍ତେ ବସିଛି । ହଠାତ୍ ମତେ ତାଙ୍କ ପଲ୍‌ସ୍‌ଟା ଦେଖିବାକୁ କହିଲେ । ଶୁଣିବା ପରେ ମୁଁ ଭାବୁଛି ମତେ କାହିଁକି ଦେଖିବାକୁ କହୁଛନ୍ତି । ଏଠାରେ ଅନେକ ଡ଼ାକ୍ତର । ଭାବିଲି ମୁଁ ଡ଼ାକ୍ତର ତେଣୁ କହୁଛନ୍ତି । ପଲ୍‌ସ୍ ଦେଖୁଛି । କିଛି ସମୟ ପରେ ସେ ହାତ ଦୂରେଇ ନେଲେ । କିଛି ଜାଣିବାକୁ ଚାହିଲେନି । କେଇଦିନ ପରେ ଆସାମ ଫେରି ଆସିଲି । ତାଙ୍କ ଆଶୀର୍ବାଦ ମଥାରେ ନେଇ ଲଣ୍ଡନ ଚାଲି ଗଲି । ପଢ଼ାପଢ଼ି ଶେଷ । ଡ଼ିଗ୍ରୀବି ପାଇ ଯାଇଛି । ମୋର ଡ଼ାକ୍ତର ବନ୍ଧୁମାନଙ୍କ ମଧ୍ୟରେ ଜଣକ ସଙ୍ଗେ ଗାଡ଼ି ନେଇ ଦିନେ ବାହାରିଛି । ସେଇ ବନ୍ଧୁ ଡ଼ାକ୍ତର ଗାଡ଼ି ଚଲାଉଛନ୍ତି । ମୁଁ ପାଖରେ ବସିଛି । ଗୋଟେ ଚୌମାଥାର କ୍ରସିଂ ନିକଟରେ ହଠାତ୍ ଦେଖେ ଗୋଟେ ବିରାଟ ଟ୍ରକ୍ ଆମମାନଙ୍କର ଏକଦମ୍ ସାମନାରେ । ବିରାଟ ଉଚ୍ଚତା । ସେତେବେଳେ ଆଉ କିଛି କରିବାର ନାହିଁ । କେବଳ ମନେଅଛି, ଦେଖୁଛି ଆମମାନଙ୍କର ଗାଡ଼ିଟା ଟ୍ରକ୍ ତଳକୁ ପଶି ଯାଉଛି, ଆଉ କିଛି ମନେ ନାହିଁ । ପରେ ଯେତେବେଳେ ଜ୍ଞାନ ଫେରିଲା ହସ୍‌ପିଟାଲରେ, ସେତେବେଳେ ଦେଖୁଛି ମୋ ଉପର ଦେଇ ଗୋଟେ ଆଲୋକ ଯାତାୟାତ କରୁଛି । ମୁଣ୍ଡର ଚାରିଆଡ଼ ହେଲମେଟ ଭଳି କରି ବ୍ୟାଣ୍ଡେଜ ବନ୍ଧା ଯାଇଛି । ଅତୀବ ଦୁଃଖର ସହିତ ଶୁଣିଲି ସେଇ ଡ଼ାକ୍ତର ବନ୍ଧୁ ଜଣକ ଆଉ ଇହଜଗତରେ ନାହାଁନ୍ତି । ସୁସ୍ଥ ହେବା ପରେ ଯେଉଁ ମେଡ଼ିକାଲ ବୋର୍ଡ଼ ମୋର ଚିକିତ୍ସା କରିଥିଲେ, ସେମାନେ ସମସ୍ତେ ଗୋଟେ ବାକ୍ୟରେ କହିଲେ, ମୋର କୌଣସିମତେ ହିଁ ବଞ୍ଚିବାର କଥା ନୁହେଁ । ସେମାନେ ସମସ୍ତେ ବିସ୍ମିତ ମୁଁ କିପରି ବଞ୍ଚିଗଲି । ହୀରେନଭାଇଙ୍କର ଏହି କଥା ଶୁଣିବା ପରେ ମୋର ସାରା ଶରୀର ରୋମାଞ୍ଚିତ ହୋଇଉଠିଲା । ସ୍ମୃତିରେ ଭାସି ଉଠିଲା ଦୂର ଅତୀତର ରହସ୍ୟାବୃତ ସେଇ ଘଟଣା ।

> 'ଆଜ୍ଞା ଗୋଟେ ଜାଣିବାର ଥିଲା— ସବୁହିଁ ଯଦି ନିଜେ କରିବାକୁ ହୁଏ, ତେବେ ନିର୍ଭରତା କଥାଟିର ମାନେ କ'ଣ ?' ଉତ୍ତରରେ ସେ କହିଲେ, 'ତାଙ୍କ ଉପରେ ନିର୍ଭରତା ନ ରହିଲେ ଗୋଟେ କରିବା ସହିତ ଆଉ ଗୋଟେ କରିବାର ସଙ୍ଗତି ଖୋଜି ପାଇବନି । ତୁମ ଜୀବନରେ meaningful adjustment ହେବନି ।' ସେହି କଥାର ଉତ୍ତରରେ ମୁଁ ନିବେଦନ କଲି, 'ଆଜ୍ଞା, ତା'ହେଲେ ତ ମୁଁ–ଭାବର ଉଦ୍‌ବୋଧନ ହେଉଛି ।' ଧମକ ଦେଇ କହିଲେ, 'ମୁଁ–ଟାକୁ କ'ଣ କରିବାକୁ ହୁଏ, ଜାଣନା ?'

ପ୍ରେମଘନ ମୂର୍ତ୍ତ ବିଗ୍ରହ ସେ । ଅସୀମ ଅନନ୍ତ ବ୍ୟାପ୍ତି ଯା'ଙ୍କର । ଅନିର୍ବଚନୀୟ ଅବ୍ୟକ୍ତ, ଅତୁଳନୀୟ ଯା'ଙ୍କର ଲୀଳା ମାହାତ୍ମ୍ୟ, ଅପଟୁ ଲେଖନୀରେ ତା' ପ୍ରକାଶ କରିବା ଏକ ଅସାଧ୍ୟ ସାଧନ । ଦୀନାତିଦୀନ ସନ୍ତାନଙ୍କ ପ୍ରତି ତାଙ୍କର ଅହେତୁକୀ କରୁଣାର ଧାରା ମୋ ଭଳି କରି ପାଠକବର୍ଗଙ୍କ ନିକଟରେ ତୋଳି ଧରିବାର ଚେଷ୍ଟା କରିଛି ମାତ୍ର ସେମାନଙ୍କର ଏକ ବିଶେଷ ଆଶୀର୍ବାଦରେ । ଗଙ୍ଗା ଜଳରେ ଗଙ୍ଗା ପୂଜାରେ ସାର୍ଥକ ହେଉ ଏହି ନିବେଦନ— ପରମଦୟାଳଙ୍କର ରାତୁଳ ଚରଣରେ ଏହାହିଁ ପ୍ରାର୍ଥନା ।

(ସାଦ୍ଭତ କଥା, ପୃ. :୮୪–୯୦)

ଶ୍ରୀଶ୍ରୀବଡ଼ଦା ସ୍ମରଣେ....

ସ୍ମୃତିର ଆଲୋକରେ

● ଗିରୀନ୍ଦ୍ରନାଥ ଦେବଶର୍ମା

ସେ ଆଜିକୁ ଅନେକ ବର୍ଷ ତଳର କଥା, ସେତେବେଳେ ଶ୍ରୀଶ୍ରୀଠାକୁର ଗୋଲତାସୁର ଘରେ ବସୁଥିଲେ । ଘର ବାହାରେହିଁ ଦଣ୍ଡାୟମାନ ଅବସ୍ଥାରେ ଦେଖୁଥିଲି, ତାଙ୍କୁ ଘେରି ଦିନେ ଦିନେ ଆଲୋଚନାର କି ମଧୁର ଆସର ବସି ଯାଉଥିଲା । କେତେ ଲୋକଙ୍କ ମନର ସେସବୁ କେତେ କେତେ ପ୍ରଶ୍ନ, ଅବିରଳ ଧାରାରେ ଗିରି-ନିର୍ଝର ପରି ତାଙ୍କ ଶ୍ରୀମୁଖରୁ ଝରି ଝରି ପଡୁଛି ସମ୍ବିତ୍ ଜାଗ୍ରତକାରୀ କେତେ ଶତ ସମାଧାନ ବାଣୀ ହୋଇ । ମନେପଡ଼େ ଇଚ୍ଛା ହେଉଥିଲା, ନିବିଡ଼ଭାବେ ତାଙ୍କ ସଙ୍ଗ କରନ୍ତି, ତାଙ୍କ ସେବାରେ ମୋର ଏଇ କ୍ଷୁଦ୍ର ଜୀବନଟାକୁ ସାର୍ଥକ କରନ୍ତି; କିନ୍ତୁ କିପରି ଯେପରି କାଇଦା କରି ପାରୁ ନଥିଲି । ଆସିଛି ସୁଦୂର ଆସାମର ନିଭୃତ ଏକ ପ୍ରାନ୍ତରୁ । ଏଠାକାର ଅନେକ କିଛି ଅଜଣା, ଅଚିହ୍ନା । ଭାବୁଥିଲି, ଦୟାଳ ଯଦି ଦୟା କରି ଆହୁରି ପାଖକୁ ଡ଼ାକି ନିଅନ୍ତି !

ଦୀର୍ଘଦିନ ଧରି ଆହୁରିବି ଶୁଣି ଆସିଛି, ଶ୍ରୀଶ୍ରୀଠାକୁର କାଳେ ସର୍ବଜ୍ଞ, ଆଉ ତାଙ୍କ ମଧ୍ୟରେ କାଳେ ଅନେକ ଅଲୌକିକତ୍ୱ ଅଛି — ବୁଝି ପାରୁ ନଥିଲି କ'ଣ ସେହି ଅଲୌକିକତ୍ୱ । ଆଉ, କ୍ଷେତ୍ର ବିଶେଷରେ କିପରିଭାବେ ବା ତା' ସଂଘଟିତ ହୁଏ । ମହାପୁରୁଷ ମହାପରିପୂରଣକାରୀ, ମୋ ପରି ଦିନର ବି ଅଭିଳାଷଟିକୁ ଅପୂର୍ଣ୍ଣ ରଖି ନାହାଁନ୍ତି । କେମିତି କରି କ'ଣ ହେଲା ଜୀବନର ବାସ୍ତବ ଅଭିଜ୍ଞତାରୁ ତା'ହିଁ କହିବାକୁ ଚାହେଁ ।

ବେଶ୍ ମନେପଡ଼େ, ସେ ସମୟରେହିଁ ସ୍ୱତଃପ୍ରଣୋଦିତ ଭାବେ ଆମ କେତେଜଣଙ୍କୁ ଶ୍ରୀଶ୍ରୀଠାକୁର କହିଥିଲେ, 'ବଡ଼ଖୋକା ପାଖକୁ ଗଲନି ? ସେଠାକୁ ଯିବ, ବସିବ, ସଙ୍ଗ କରିବ । ମୁଁ ଏବେ ବୁଢ଼ା ହୋଇଯାଇଛି ତ । ଆଗେ ଅନେକଙ୍କୁ ନେଇ କେତେ ରଗଡ଼ାରଗଡ଼ି କରିଛି, ଏବେ ଆଉ ପାରେନା । ତେଣୁ କହେ, ବଡ଼ଖୋକା ପାଖକୁ ଯିବ ।' ମଝିରେ ମଝିରେହିଁ ଖୁବ୍ ସହଜ, ଖୁବ୍ ସ୍ୱାଭାବିକଭାବେହିଁ ଏପ୍ରକାର କଥା ସେ କହିଛନ୍ତି । ଅନେକ ଦିନ ପରେ ହୁଏତ ଠାକୁର-ଦର୍ଶନରେ ଆସିଛି, ପ୍ରଣାମ କରି ଉଠି ଛିଡ଼ା ହୁଅନ୍ତେହିଁ ହସି ପଚାରିଲେ — 'ବଡ଼ଖୋକା ପାଖକୁ ଯାଇଥିଲୁ ?' ଠାକୁରଘରକୁ ହୁଏତ ଗଲି, ଦେଖନ୍ତେହିଁ ପଚାରିଲେ, 'ବଡ଼ଖୋକା କିପରି ଅଛି ?' ଏଥର ହୁଏତ ଘରକୁ ଫେରିବାର ପର୍ବ, ଆସନ୍ନ-ବିଚ୍ଛେଦ-ଭାରାକ୍ରାନ୍ତ ମନରେ ବିଦାୟର ଅନୁମତି ପ୍ରାର୍ଥନା କରିବାକୁ ଯାଇଛି ତାଙ୍କ ପାଖକୁ, କହିଲେ — 'କହିଛୁ ବଡ଼ଖୋକାକୁ ?' ଏମିତି ଚାଲିଲି ବଡ଼ଦାଙ୍କ ପାଖକୁ । ଜୀବନରେ ଏହା ବି ଗୋଟେ ଅଧ୍ୟାୟ ଯାଇଛି ।

ଏ କଥାଟା ନ କହି ରହିପାରୁନି, ସେ କାଳରେ ସତ୍‌ସଙ୍ଗୀ ଜନସାଧାରଣଙ୍କ ନିକଟରେ ବେଶ୍ ହୋମଡ଼ାଚୋମଡ଼ା ବୋଲି ହିଁ ପରିଚିତ, ମନେହୁଏ ତତ୍ତ୍ୱ କଥାର ସାଗର, ବକ୍ତୃତା-ମଞ୍ଚରେ କେଶରୀ ବିଶେଷ, ଏପ୍ରକାର କୌଣସି କୌଣସି ଶ୍ରଦ୍ଧେୟ ଭାଇ ବିଶେଷ କୂଟ-କୌଶଳରେ ପରମପୂଜ୍ୟପାଦ ବଡ଼ଦାଙ୍କ ବିରୁଦ୍ଧରେ ଆମମାନଙ୍କ କାନରେ ବିଷ ଢ଼ାଳି ଦେବାକୁ କସୁର କରି ନାହାଁନ୍ତି, ଆଉ ସେମାନଙ୍କ କଥାରେ ଆମେମାନେ ଯେ ପ୍ରଭାବିତ ହୋଇନୁ ତା' ନୁହେଁ — ଅଧିକାଂଶ କ୍ଷେତ୍ରରେ ସାଧାରଣ ମଣିଷ କାନ ଦେଇହିଁ ଦେଖେ । ଭାବି ଦେଖିନି, ଅନୁସନ୍ଧାନ କରି ଦେଖିନି, ବଡ଼ଦାଙ୍କ ସମ୍ବନ୍ଧରେ ସେମାନଙ୍କର ଆକ୍ରୋଶ କାହିଁକି ? ମନରେ ପ୍ରଶ୍ନ ବି ଜାଗିନି । ଠାକୁର ଯଦି ଉତ୍କୃଷ୍ଟ ହୋଇ ଥା'ନ୍ତି ତାଙ୍କର ଆତ୍ମଜ ଅପକୃଷ୍ଟ ହେବେ କିପରି ? ସନ୍ଦେଶର ପ୍ରତ୍ୟେକଟା ଟୁକୁଡ଼ାହିଁ କ'ଣ ସନ୍ଦେଶର ଗୁଣ ବିଶିଷ୍ଟ ନୁହେଁ ?

ଯା' ହେଉ, ଶ୍ରୀଶ୍ରୀଠାକୁର ଯେତେବେଳେ କହୁଛନ୍ତି, କୌଣସି କଥା ହିଁ ନାହିଁ, କୌଣସି ପ୍ରଶ୍ନହିଁ ନାହିଁ । କୌଣସି କିନ୍ତୁ ନାହିଁ; ଯିବାକୁହିଁ ହୁଏ । ନ ଗଲେ ହିଁ ଦୋଷ । ସତ୍‌ସଙ୍ଗକୁ ଆସିଛି ତ ତାଙ୍କୁ ଦେଖିହିଁ, ଗୁରୁ ମାନିଛି ତ ମାନିବି ବୋଲିହିଁ; ଏବେ ଅପର କାହାର କଥାରେ ଯଦି ତାଙ୍କ ଇଚ୍ଛାର ଅନୁସରଣରେ ବିରତ ରହେ, ତା'ହେଲେ ତ ଆମେ ହିଁ ଅଜ୍ଞାତସାରରେ ଆମର ଗୁରୁ ହୋଇ ବସିଛି । ଜଣେ ତ ଦିନେ କହି ପକାଇଲା, ଠାକୁର ଆମମାନଙ୍କର ଇଷ୍ଟପ୍ରାଣତା ପରୀକ୍ଷା କରି ଦେଖୁଛନ୍ତି, ଭୁଲ୍ କରିଲେ ପସ୍ତାଇବାକୁ ହେବ । ଉତ୍ତରରେ ତା'କୁ କହିଥିଲି, 'ତା' ନା କ'ଣ; ଗଲେ ବସ୍ତୁ ପରିଚୟଟା ତ ହେବ, ଅନ୍ତତଃ ନିଜର ଜ୍ଞାନର ଭଣ୍ଡାରଟା ତ ବଢ଼ିବ, ସେଇ ଦିଗଟା ଦେଇ ତ ମସ୍ତ ଲାଭ । ଭୂତ ଧରିଥିବା ରୋଗୀ ଯଦି ବୁଝିପାରେ ଯେ ତା'କୁ ଭୂତ ଧରିଛି, ତା'ହେଲେ ବୁଝିବାକୁ ହେବ ଭୂତ ଛାଡ଼ି ଯାଇଛି । ଆମେମାନେ ବୋଧହୁଏ ସେତେବେଳେ ଧୀରେ ଧୀରେ ଭୂତର କବଳରୁ ମୁକ୍ତ ହେଉଥିଲୁ । ତେଣୁ ସେତେବେଳେ ବଡ଼ଦାଙ୍କ ପାଖକୁ ରୀତିମତ ଯିବାଆସିବା ଆରମ୍ଭ କରି ଦେଇଛି, ଆଉ ବଡ଼ଦାବି ପରମ ସ୍ନେହଭରେ ଆମମାନଙ୍କୁ ଠାଇଁ ଦେଇଛନ୍ତି । ଏପରି କରି ଜୀବନଖାତାର ଆଉ ଏକ ପୃଷ୍ଠା ସେଦିନ ଉନ୍ମୋଚିତ ହେଲା ।

ତା'ପରେ ଦୀର୍ଘକାଳ ଧରି ପରମପୂଜ୍ୟପାଦ ବଡ଼ଦାଙ୍କୁ ସ୍ୱଚକ୍ଷୁରେ ଯେପରି ଯେପରି ଦେଖିଛି, ତାଙ୍କ ଆଳାପନ ସ୍ୱକର୍ଣ୍ଣରେ ଯାହା ଶୁଣିଛି, ତାଙ୍କ ସାନ୍ନିଧ୍ୟରେ ପ୍ରତ୍ୟକ୍ଷ ଅଭିଜ୍ଞତା ଯା' ଲାଭ କରିଛି,

ତାଙ୍କ ମହାନୁଭବତା ବାସ୍ତବରେ ଯା' ବୋଧ କରିଛି, ସେସବୁ ମୋର ସ୍ମୃତିର ଭଣ୍ଡାରରେ ଚିରଦିନ ଅମୂଲ୍ୟ ସମ୍ପଦ ହୋଇ ରହିବ, — ଆମମାନଙ୍କ ପରି ଦୀନହୀନଙ୍କ ପ୍ରତି ବି ତାଙ୍କର ଯେ ଏ ଅପରିସୀମ ସ୍ନେହ–ଭଲପାଇବା, ସମସ୍ତଙ୍କର ସର୍ବବିଧ କଲ୍ୟାଣ ପାଇଁ ତାଙ୍କର କି ଯେ ନିରବଚ୍ଛିନ୍ନ ଅତନ୍ଦ୍ର ପ୍ରଚେଷ୍ଟା, ସର୍ବବିଷୟରେ ତାଙ୍କର କି ଯେ ସୁତୀକ୍ଷ୍ଣ ଗଭୀର ଅନ୍ତରଦୃଷ୍ଟି, କି ବିଶାଳ ଦୈବ–ବ୍ୟକ୍ତିତ୍ୱ ତାଙ୍କର, ସର୍ବଦା କିପରି ଅଫୁରନ୍ତ ପ୍ରାଣ–ସମ୍ଭାରରେ ଭରପୁର ସେ ସବୁ କଥା ବିଶଦଭାବେ ବିବୃତ କରିବାର ଶକ୍ତି ମୋର ନାହିଁ । ଯୋଗ୍ୟ ପିତାର ସନ୍ତାନ ହୋଇ ଜନ୍ମଗ୍ରହଣ କରିବାଟାବି ଯୋଗ୍ୟତାରହିଁ ବିଜ୍ଞାପକ, ଆଉ ତା'ହିଁ ବୁଝି ଆମେମାନେ ବଡ଼ଦାଙ୍କୁ ପାଇଛୁ ଗୁରୁ ପୁରୁଷୋତ୍ତମଙ୍କ ଜ୍ୟେଷ୍ଠପୁତ୍ର ରୂପେ ଆମମାନଙ୍କର ଏ ମାଟିର ପୃଥିବୀରେ ।

ଜଣେ ଥରେ କହିଥିଲା, 'ମହାଶୟ, ଆମେମାନେ ବଂଶ ମାନୁନା, ଗୁଣ ମାନୁ ।' କହିଥିଲି, ଭାଇ ଆମମାନଙ୍କରବି ସେଇ କଥାହିଁ, ଆମେମାନେ ବି ତ ଗୁଣହିଁ ମାନୁ; ତେବେ କଥା ହେଲା, ବଂଶଗତ ଗୁଣ ଅଛି କି ନା ? କେଉଁଠିବି କା'ର ଘରକୁ ଗଲି, ହୁଏତ ଦେଖିଲି ଗୋଟେ ଖୁବ୍ ଶିକାରୀ ବିରାଡ଼ି । ଏପ୍ରକାର କ'ଣ ଆମେ କହୁନା, ଏହାର ଛୁଆ ହେଲେ ମତେ ବି ଗୋଟେ ଦେବେ ତ, ଘରେ ବେଶ୍ ମୂଷାଙ୍କର ଉତ୍ପାତ । କା' ଘରେ ଆମ୍ବ ଖାଇ ଖୁବ୍ ଭଲ ଲାଗିଲା, ବେଶ୍ ମିଠା ଓ ରସାଳିଆ ଆମ୍ବ, ଏପ୍ରକାର କ'ଣ କହୁନା, ଭାଇ ଏଇଟାର ଗୋଟେ ମଞ୍ଜି ମତେ ଦେବେ । ଭାଇ, ଜନ୍ମସୂତ୍ରେ ପ୍ରାପ୍ତ ଗୁଣ ସ୍ୱୀକାର ନ କରି କ'ଣ କିଛି ଉପାୟ ଅଛି ? ସର୍ବ ଗୁଣାଧାର ଶ୍ରୀଶ୍ରୀଠାକୁରଙ୍କ ଆତ୍ମଜ ମଧ୍ୟରେ ତାଙ୍କ ଗୁଣ ରହିବନି କାହିଁକି ? ବରଂ କହିପାରନ୍ତି ଅନୁଶୀଳନର ଅଭାବ ଥିଲେ ଗୁଣର ବିକାଶ ସେପରି ନ ହୋଇପାରେ, ପରିବେଶ ଯଦି ପ୍ରତିକୂଳ ହୁଏ, ଅଭିବ୍ୟକ୍ତି ଭିତରେ ତା'ର ଛାପ ଫୁଟି ଉଠିପାରେ ।

ଆଉ, ଜନ୍ମ–ସମ୍ପଦ ଓ ସାଧନାର ଯଦି ମଣି–କାଞ୍ଚନର ଯୋଗ ହୁଏ ତା'ହେଲେ ଯେ କ'ଣ ହେବା ସମ୍ଭବ ତା' ତ ସହଜରେ ଅନୁମେୟ । ମନେପଡ଼େ ଗୋଟେ ଦିନର ଘଟଣା, ଇଂରାଜୀ ୧୯୫୫ ସାଲର ଜୁଲାଇ ମାସର କଥା । ଶ୍ରୀଶ୍ରୀଠାକୁର ସେତେବେଳେ ଜାମତଳା ଘରେ ରହୁଥିଲେ । ଭୋର ସମୟରେ ଠାକୁର–ଦର୍ଶନରେ ଯାଇ ଘର ବାହାରେ ଛିଡ଼ା ହୋଇଛି । ପୂଜ୍ୟପାଦ ବଡ଼ଦା ଆସି ଠାକୁରପ୍ରଣାମ କରି ଚାଲି ଯାଉଛନ୍ତି, ଟିକେ ପରେ ହିଁ ପୂଜନୀୟ କେଷ୍ଟଦା ଆସି ଘରେ ପ୍ରବେଶ କରି ଠାକୁର–ପ୍ରଣାମ ସାରିହିଁ ଠାକୁରଙ୍କ ସାମ୍ନାରେ ବସିଲେ । ଇତିମଧ୍ୟରେ ସନ୍ତର୍ପଣରେ ମୁଁ ବି ଠାକୁରଘର ମଧ୍ୟକୁ ପଶି ଯାଇଛି ।

ଶ୍ରୀଶ୍ରୀଠାକୁର ପୂଜନୀୟ କେଷ୍ଟଦାଙ୍କ ଆଡ଼େ ଚାହିଁ କହିଲେ, କେଷ୍ଟଦା, ମୋ ସହିତ ବଡ଼ଖୋକାର ଅନେକ ମେଳ, ନା ? ମଣିର ପୁଣି ବଡ଼ବୌ ସହିତ ବେଶୀ ମେଳ । କେଷ୍ଟଦା କହିଲେ, ହଁ, ଅନେକ ମେଳ । ମୁଁ ଅନେକଙ୍କ ମୁହଁରୁ ଶୁଣିଛି ପିଲାବେଳେ ବଡ଼ଖୋକା କାଳେ ଅସମ୍ଭବ ଭାବେ ନାମ କରୁଥିଲେ । ପଡ଼ିଆ ମଧ୍ୟରେ, ଶ୍ମଶାନରେ ଯାଇ ନାମ କରୁ କରୁ କାଳେ ସାରାରାତି କଟାଇ ଦେଉଥିଲେ । ନିଜେ ସେସବୁ କୁହନ୍ତିନି ତ, ତେଣୁ ଜାଣିବା ହୁଏନା ।

ଶ୍ରୀଶ୍ରୀଠାକୁର କହିଲେ — ମତେ ବି ତ କିଛି କହୁ ନ ଥିଲା । ପିଲା ବୟସରେ ହିଁ ତା'ର ଯେଉଁସବୁ ଅନୁଭୂତି ହୋଇଛି, କଦାଚିତ୍ କୌଣସି କୌଣସି ସାଧୁ–ସଙ୍ଗଙ୍କର ସେପରି ଶୁଣାଯାଏ ।

କେଷ୍ଟଦା କହିଲେ, ମୋର ବି ମନେହୁଏ ତା'ର ଚଳନଟାହିଁ ସୁନ୍ଦର ।

ଆମେ ପରମପୂଜ୍ୟପାଦ ବଡ଼ଦାଙ୍କ ଦର୍ଶନ କରିଛୁ ତାଙ୍କର ଯୌବନ କାଳରେ । ସେତେବେଳେ ତାଙ୍କର ସାଧନୋତ୍ତର ଅବସ୍ଥା– ସିଦ୍ଧାବସ୍ଥା । ସେତେବେଳେ ସେ ଯୋଗିରାଜ ପୁରୁଷ । ଶୁଣିଛି, ତାଙ୍କର ସାଧନ କାଳରେ ଗୋଟେ ଗୋଟେ ସମୟରେ ଅଦ୍‌ଭୂତ ଅଦ୍ଭୁତ ଅବସ୍ଥା ସବୁ ପ୍ରକାଶ ପାଉଥିଲା । ଦେଓଘର ସହରରୁ ଦୂରରେ ପାହାଡ଼ର ପାଦଦେଶରେ, ଧୁ ଧୁ କରୁଥିବା ବିସ୍ତୀର୍ଣ୍ଣ ପଡ଼ିଆର ଝାଡ଼ଜଙ୍ଗଲଘେରା ଜାଗାରେ ଉନ୍ମୁକ୍ତ ଆକାଶ ତଳେ ଏକାକୀ ନିର୍ଜନରେ ବସି କେତେ ରାତି ପରେ ରାତି ସେ ସାଧନ ଭଜନରେ ଅତିବାହିତ କରି ଦେଇଛନ୍ତି ଲୋକମୁଖରେ ସେସବୁ କାହାଣୀ ଶୁଣାଯାଏ ।

ସ୍ୱଚକ୍ଷୁରେ ଦେଖିଛି, ବଡ଼ଦା ପରମପିତାଙ୍କ ଗୁଣାନୁକୀର୍ତ୍ତନ କରୁଛନ୍ତି, କଥା କହୁ କହୁ କିପରି ଯେ ହୋଇଗଲେ — ମନ ତାଙ୍କର ଅନୁଭୂତିର କୌଣସି ଗହନ ରାଜ୍ୟରେ ବିଚରଣ କରିବାକୁ ଲାଗିଲା, ମୁଖମଣ୍ଡଳରେ ଅନନ୍ତର ଆଭା ଘନ ହୋଇ ଆସିଲା, କଥା ଅସ୍ପଷ୍ଟ ହେଉ ହେଉ ଜିହ୍ୱା ଜଡ଼ ହୋଇଗଲା, ଭାବସ୍ଥ ହୋଇ ପଡ଼ିଲେ । ସେ ସମୟରେ ସେ ସିଗାରେଟ ଖାଉଥିଲେ, ଇଷ୍ଟ–ପ୍ରସଙ୍ଗ ଚାଲିଛି — ଭାବାବେଗରେ ତାଙ୍କର ବିରାଟ ଚକ୍ଷୁ ଯୁଗଳ ଟୁଳଟୁଳ ହୋଇ ଆସିଲା । ସମସ୍ତ ବଦନ ମଣ୍ଡଳ ରକ୍ତିମାଭ ହୋଇ ଉଠିଲା, ଆଉ ତ ପ୍ରତିକ୍ରିୟା ପ୍ରକାଶ ପାଉନି, ବାହ୍ୟ ଚେତନା ଲୁପ୍ତ; ଏପଟେ ହାତର ସିଗାରେଟଟି ନିଆଁରେ ଆଙ୍ଗୁଳିର ଚମଡ଼ା ପୋଡ଼ି ଯାଇ ମାଂସପୋଡ଼ା ଗନ୍ଧ ବାହାରୁଛି । ଜଣକ ଆଖିରେ ପଡ଼ନ୍ତେହିଁ ସେ ଚିତ୍କାର କରି ଉଠିଲା, ତତ୍‌କ୍ଷଣାତ୍ ଉଠିଯାଇ ତାଙ୍କ ହାତରୁ ସିଗାରେଟର ଟୁକୁଡ଼ାଟା ଫିଙ୍ଗିଦେଲା । ବେଶ୍ ଟିକେ ହଇଚଇ ପଡ଼ିଗଲା । ତାଙ୍କ ଆଡ଼େ ଚାହିଁ ଦେଖେ, ସଦ୍ୟମାତ୍ର ଯେପରି କଞ୍ଚା ନିଦରୁ ଉଠିଛନ୍ତି — ବିସ୍ଫାରିତ ନେତ୍ରରେ ଚାହିଁ ଅଛନ୍ତି, ଏତେକ୍ଷଣ ଯେପରି ଚୈତନ୍ୟଲୋକରେ ସମାହିତ ହୋଇଥିଲେ । ଏ ଧରଣର

କେତେ ଘଟଣା ଯେ କେତେଥର ଦେଖିଛି ।

ଠାକୁରଙ୍କର ଅଲୌକିକତ୍ୱର କଥା କହିବାକୁ ଯାଉଥିଲି । ଯେଉଁ ଘଟଣାର କାରଣ ଜାଣେନା, ଅଥଚ ଦେଖିବାକୁ ପାଏ ଯେ ଅଭାବନୀୟ ଭାବେ ଯେଉଁ ଘଟଣାଟା ଘଟିଯାଏ, ସାଧାରଣତଃ ତା'କୁହିଁ ଆମେ ଅଲୌକିକ ଘଟଣା ନାମରେ ଅଭିହିତ କରୁ ।

ଠାକୁରଙ୍କ ପ୍ରେରଣାରେ ଆମେ ଯେଉଁ ସମୟରେ ବଡ଼ଦାଙ୍କ ସାନ୍ନିଧ୍ୟରେ ଆସିଯାଇଛୁ, ସେ ସମୟରେ ଆମ ଦଳର ପ୍ରାୟଃ ସମସ୍ତ ଶରୀର-ସ୍ୱାସ୍ଥ୍ୟ ମୋଟାମୋଟି ଭଲ ହିଁ ଥିଲା — ମନ ଆନନ୍ଦରେ ଖାଉପିଉ ଆଉ ପରମପିତାଙ୍କ କାମ କରୁ । ଗୋଟେ ସୁଖର ଆମେଜରେ କିପରି ଦିନଗୁଡ଼ିକ କଟି ଯାଉଥିଲା । ଅବଶ୍ୟ ଆମମାନଙ୍କ ଚରିତ୍ରରେ ତ୍ରୁଟି ଥିଲା, ଅନେକ ଭଲମନ୍ଦ ମୁଖ୍ୟ-ଗୌଣ ବହୁ ବିଷୟରେ ଆମମାନଙ୍କର ଦୃଷ୍ଟି ଥିଲା ଝାପ୍‌ସା । ବଡ଼ଦା ଆମମାନଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ଗେଞ୍ଜି ସେସବୁ ଦେଖାଇ ଦେଉଥିଲେ । ଚାନ୍ଦିନୀ ରାତିରେ ନଗର ଦେଖିବାକୁ ବାହାରିଲେ ଭଗ୍ନ ବିବର୍ଣ୍ଣ ଦଲାଣବାଡ଼ି ବି ତ କେତେ ସୁନ୍ଦର ଦେଖାଯାଏ, ଦାଗ ପଡ଼ିଥିବା ମଇଳା ଲୁଗାଟା ଯେପରି ଝକ୍ ଝକ୍ ପରିଷ୍କାର ମନେହୁଏ; କିନ୍ତୁ ଭୋର ସମୟରେ ସୂର୍ଯ୍ୟାଲୋକରେ ଯେତେବେଳେ ଦେଖୁ ସେତେବେଳେ ତ ଆଉ ସେପରି ଲାଗେନା । ଯା'ଙ୍କ ଭିତରେ ଚେତନାର ଆଲୋକ ଯେତେ ବେଶୀ ସେ ଦେଖନ୍ତି ବି ସେତେ ବେଶୀ — ବୋଧ ବି ତାଙ୍କର ସେତେ ଗଭୀର ଓ ତୀବ୍ର, ଭଲ ମଧ୍ୟରେ ମନ୍ଦ କେତେଦୂର ଆଉ ସୁନ୍ଦର ମଧ୍ୟରେ ବି ଭଲ କେତେଦୂର ସବୁହିଁ ତାଙ୍କର ଜଣା । ବଡ଼ଦାଙ୍କ ପରି ଚକ୍ଷୁଷ୍ମାନ ପୁରୁଷଙ୍କର ବ୍ୟକ୍ତିଗତ ସାହଚର୍ଯ୍ୟରେ ଆମମାନଙ୍କ ପରି ବେହୋସଙ୍କର କି ପରିମାଣ ଲାଭ ଯେ ହୋଇଛି ସେ କଥାହିଁ ବା କହିବି କାହାକୁ ?

ଦିନ ତ ଚାଲିଥିଲା ମନ୍ଦ ନୁହେଁ; କିନ୍ତୁ ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନି ଚ ଦୁଃଖାନି ଚ । କିଛି କାଳ ପରେ ଜଣ ଜଣ କରି ଆମମାନଙ୍କ ଅନେକଙ୍କ ଜୀବନରେ ଓହ୍ଲାଇ ଆସିଲା ଦୁଃଖର ଘନ-ବର୍ଷା । ସତ୍ୟଭାଇ ସେତେବେଳେ ଦେଓଘରଠାରେ ନିୟତ କର୍ମୀ । ବଡ଼ଦା ଦିନେ ତା'କୁ ଡ଼ାକି କହିଲେ, ତୁ ମୋର ଏଇ ସେଠାରେ ହିଁ ରହିବୁ, ସମୟ ଅନୁସାରେ ମୋ ସହିତ ଖାଇବୁ, ଖବରଦାର ଚଲାବୁଲା, ଖାଇବାବୁଲିବା କୌଣସିଥିରେହିଁ ଅନିୟମ କରିପାରିବୁନି । ସତ୍ୟଭାଇଙ୍କର ସ୍ୱାସ୍ଥ୍ୟ ତ ସେତେବେଳେ ଭଲ, ତେବେ ବି ବଡ଼ଦାଙ୍କ ଆଖିରେ କ'ଣ ଯେପରି ଧରା ପଡ଼ିଥିଲା । ବେଶ୍ କିଛିଦିନ ପରେ ସତ୍ୟଭାଇଙ୍କ ଜ୍ୱର ଆରମ୍ଭ ହେଲା, ଜ୍ୱର ତ ଆଉ ଛାଡ଼େନା, ଶେଷରେ ଜଣା ଗଲା ଦୁଇଟା ଫୁସ୍‌ଫୁସ୍‌ହିଁ ଗୁରୁତରଭାବେ ଆକ୍ରାନ୍ତ । ରୀତିମତ ଯମ ଓ ମଣିଷ ମଧ୍ୟରେ ଟଣାଟଣି ଆରମ୍ଭ ହୋଇଗଲା — ଦୀର୍ଘ ଦିନ ଦେଓଘରେ ରଖି ଚିକିତ୍ସା, ତା'ପରେ ଯାଦବପୁର ଟି-ବି ହସ୍‌ପିଟାଲ, ଭେଲୋର — କେତେ କ'ଣ ? ଚାରି ବର୍ଷ ଧରି ବଡ଼ଦାଙ୍କର କି ଉଦ୍‌ବେଗ, କି ଅକ୍ଲାନ୍ତ ପରିଶ୍ରମ, ନିଜର ଅଭାବ ମଧ୍ୟରେବି କି ବିପୁଳ ପରିମାଣ ଅର୍ଥବ୍ୟୟ । ଶେଷକୁ ଅବଶ୍ୟ ବଡ଼ଦାଙ୍କରହିଁ ଜୟ ହେଲା, ଆସନ୍ନ ମୃତ୍ୟୁର ଦ୍ୱାରରୁ ଜୋର କରିହିଁ ସତ୍ୟଭାଇଙ୍କୁ ଫେରାଇ ଆଣିଲେ, ସମ୍ପୂର୍ଣ୍ଣ ସୁସ୍ଥ କରି ତା'ର ମା'-ବାପାଙ୍କ ନିକଟକୁ ପଠାଇ ଦେଲେ । ଜଣ୍ଡିସ ପରଠାରୁହିଁ ଭୋଗି-ଭୋଗି ଦୀନଭାଇଙ୍କରବି ଶରୀର ଜୀର୍ଣ୍ଣ-ଶୀର୍ଣ୍ଣ ହୋଇ ପଡ଼ିଥିଲା । ସେଦିନ ଅପରିସୀମ ସ୍ନେହ ଢ଼ାଳି ଦେଇ ବଡ଼ଦା ତା'କୁ ସୁସ୍ଥ କରି ତୋଳିବା ପାଇଁ କେତେ କ'ଣ ହିଁ ନ କରିଛନ୍ତି । କ୍ରନିକ ଗ୍ୟାଷ୍ଟ୍ରିକ୍ ଅଲ୍‌ସରର ରୋଗୀ ରବୀନଭାଇ, ତା'କୁ ସୁସ୍ଥ କରି ତୋଳିବା ପାଇଁ ବଡ଼ଦାଙ୍କର କି ପ୍ରୟାସ, ମନେହୁଏ ରୋଗଟା ଯେପରି ବଡ଼ଦାଙ୍କରହିଁ । ପ୍ରିୟଭାଇ ଦୁଇଟି ମାରାତ୍ମକ ବ୍ୟାଧିରେ ଆକ୍ରାନ୍ତ, ଭୀତି-ବିହ୍ୱଳ ମୁଖଟି ପାଉଁଶ-ମଳିନ । ବଡ଼ଦାଙ୍କ ଛଡ଼ା ଦେଖିବାର ଆଉ କିଏ ଅଛି ? ଏକ ବର୍ଷରୁବି ବେଶୀ ସମୟ ନିଜ ନିକଟରେ ରଖି ବ୍ୟୟବହୁଳ ସୁଚିକିତ୍ସାରେ ଆରୋଗ୍ୟ କରି ତା'କୁବି ମା'-ବାପାଙ୍କ ନିକଟକୁ ପଠାଇ ଦେଲେ — ଅନିବାର୍ଯ୍ୟ ଧ୍ୱଂସର ହାତରୁ ଗୋଟେ ପରିବାର ବଞ୍ଚିଗଲା ।

ଆଉ ମୋର ନିଜର କଥା ଯେତେବେଳେ ଭାବେ, ଭାଷା ଖୋଜି ପାଏନା — ଯା' ଦେଇ ସେ ଦିନର ଅବସ୍ଥା ପ୍ରକାଶ କରିପାରେ । କାମ କରିବାକୁ ଯାଇ ଆସାମର ଏକ ଜଙ୍ଗଲିଆ ଜାଗାରେ ଅସୁସ୍ଥ ହୋଇ ପଡ଼ିଛି, ମାସ ପରେ ମାସ ଯାଏ ଜ୍ୱର ଆଉ ଛାଡ଼େନା, ଶରୀରରେ ଜୀବନୀଶକ୍ତି ଯେପରି କମି ଆସୁଛି, ଏପଟେ ହାତରେ ଗୋଟେ ପଇସା ବି ନାହିଁ, ଘରେ ମା', ସ୍ତ୍ରୀ ଓ ଶିଶୁପୁତ୍ରଟି ଅଭାବର କଷାଘାତରେ ଜର୍ଜ୍ଜରିତ । ଦୀନଭାଇଙ୍କ ମୁହଁରୁ ମୋର ଏ ଅବସ୍ଥାର କଥା ଶୁଣି ବଡ଼ଦା ମତେ ଆଶ୍ରମକୁ ଅଣାଇଲେ, ଦୀର୍ଘଦିନ ପାଖରେ ରଖି ବହୁ ଅର୍ଥ ବ୍ୟୟ, ବହୁ ଚିକିତ୍ସା ଓ ସ୍ନେହ-ଯତ୍ନରେ ମତେ ବିପଦମୁକ୍ତ କରି ତୋଳିଲେ । ପରମପିତାଙ୍କ ଦୟାରେ ବଡ଼ଦାଙ୍କ ସାହଚର୍ଯ୍ୟରେ ଜୀବନର ସେ ସମସ୍ତ ଦୁର୍ଦ୍ଦିନର କାହାଣୀ ବି ପ୍ରଣୟ-କଥା ପରି ହୋଇ ମନ ମନ୍ଦିରରେ ସଞ୍ଚିତ ରହିଛି ।

କେତେଦିନର କେତେ ଜଣଙ୍କର କେତେ କଥାହିଁ ବା ଆଉ କହିବି ? ବ୍ୟକ୍ତିବି ଅଲଗା, ଆଉ ସମସ୍ୟା ବି ଅଲଗା । ପ୍ରତ୍ୟେକଙ୍କର ପରିସ୍ଥିତିବି ଏକପ୍ରକାର ନୂଆ । ପୁନଶ୍ଚ ସମାଧାନ ବି କରିବାକୁ ହୋଇଛି ଭିନ୍ନ ଭିନ୍ନ ରକମରେ । ବଡ଼ଦା ଦିନେ ନିଜେହିଁ କହିଥିଲେ, ଦେଖ, ବାଘ ଛୁଆଗୁଡ଼ିକୁ ଖାଇ ପକାଇବାକୁ ଚାହେ, ବାଘୁଣୀ ଆଡୁଆଳ କରି ରଖେ, ମୁଁ ବି ତୁମମାନଙ୍କୁ ସେହିପରି କରିହିଁ ରକ୍ଷା କରୁଛି । ତୁମ ସକଳଙ୍କ ପାଇଁ ରୋଜ ମୁଁ ପରମପିତାଙ୍କ ପାଖରେ ପ୍ରାର୍ଥନା କରେ । *(କ୍ରମଶଃ)*

(ହେ ବରେଣ୍ୟ, ପୃ.୯୮-୧୦୨)

ବିବରଣୀ

କର୍ମୀମାନଙ୍କ ଉଦ୍ଦେଶ୍ୟରେ
ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା
ସ୍ଥାନ : ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ମଣ୍ଡପ
ତା୩୧।୧୨।୨୦୧୫ରିଖ, ସନ୍ଧ୍ୟାବେଳା

ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ନାଟମଣ୍ଡପରେ- କର୍ମୀ-ବୈଠକରେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା

ଆଜି ଆନନ୍ଦବଜାର ଭବନର ଚତୁର୍ଥ ତଳେ ଅନୁଷ୍ଠିତ ଋତ୍ୱିକ୍-ସମ୍ମେଳନରେ ସତ୍‌ସଙ୍ଗ-ସମ୍ପାଦକ ଶ୍ରୀକାର୍ତ୍ତିକ ଚନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ନାଟମଣ୍ଡପରେ କର୍ମୀମାନେ ସମବେତ ହୋଇଛନ୍ତି । ସାନ୍ଧ୍ୟ ବିନତି-ପ୍ରାର୍ଥନା ପୂର୍ବରୁହିଁ ଉପସ୍ଥିତ ହୋଇଛନ୍ତି ଅନେକେ । ବିନତି-ପ୍ରାର୍ଥନା ପରେ ଶ୍ରୀଶ୍ରୀଦାଦା ଅଫିସ ସମ୍ମୁଖସ୍ଥ ମଣ୍ଡପରେ ଆସି ବସିଲେ । ଉପସ୍ଥିତ ହୋଇଛନ୍ତି ପୂଜନୀୟ ବାବାଇବାବୁ, ସିପାଇବାବୁ, ବିଙ୍କିବାବୁ, ଶୁଭବାବୁ, ଟିଙ୍କୁବାବୁ, ବିଷ୍ଣୁବାବୁ ପ୍ରମୁଖ । ସତ୍‌ସଙ୍ଗର ସହ-ସଭାପତି ଡ଼ଃ. ସୁଭାଷ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ, ସତ୍‌ସଙ୍ଗ-ସମ୍ପାଦକ ଶ୍ରୀକାର୍ତ୍ତିକ ଚନ୍ଦ୍ର ସରକାର ପ୍ରମୁଖ ବିଶିଷ୍ଟ କର୍ମୀମାନେ ଯଥା ସମୟରେ ଆସି ବସିଛନ୍ତି । ଶ୍ରୀଶ୍ରୀଦାଦାଙ୍କ ଶ୍ରୀମୁଖରୁ ଶୁଣିବା ପାଇଁ ସମସ୍ତେ ଉନ୍ମୁଖ ।

ଉପସ୍ଥିତ କର୍ମୀମାନଙ୍କ ପ୍ରତି ଦୃଷ୍ଟି ପ୍ରସାରିତ କରି ଶ୍ରୀଶ୍ରୀଦାଦା କହିଲେ — ଏଠାରେ ଅନେକ ମଣିଷ ଅଛନ୍ତି ଯେଉଁମାନେ ବଙ୍ଗଳା ବୁଝନ୍ତିନି । ସେମାନେ ପାଖାପାଖି କର୍ମୀମାନଙ୍କ ନିକଟରୁ ମୋ କଥା ଦୟା କରି ବୁଝିନେବେ । ଅନ୍ୟାନ୍ୟ ଭାଷାରେ ଅନୁବାଦ କରି କହିବାକୁ ହେଲେ ଅନେକ ସମୟ ଲାଗିବ ।

ଗତ ଏକ ବର୍ଷରେ ଆମେ ପ୍ରାୟଃ ତିରିଶ ଲକ୍ଷ ଦୀକ୍ଷା ଦେଇଛୁ । ଏହିପରି କେତେବର୍ଷ ଯଦି ଚଳାଇ ପାରୁ ତା'ହେଲେ ଠାକୁର ଆମମାନଙ୍କ ପାଖରୁ ଯା' ଚାହିଁଛନ୍ତି ତା' ପୂରଣ କରି

ପାରିବା ।

କେବେ ବି ନିଜର କର୍ତ୍ତବ୍ୟ କର୍ମରେ ଅବହେଳା କରିବାନି । କର୍ତ୍ତବ୍ୟ କର୍ମରେ ମାନେ ଇଷ୍ଟକର୍ମରେ । ଇଷ୍ଟକର୍ମରେ ଢ଼ିଲା ମାରିବେନି । ପ୍ରାଣପଣେ ଚେଷ୍ଟା କରିଯିବେ । ଯେତେ କରିଯିବେ ସେତେ ପାରଗତା ବଢ଼ିବ । ଅନେକ ଦିନ ଆଗର କଥା କହୁଛି । ମୋର ଦେଖା ଗୋଟେ ଘଟଣା । ସେତେବେଳକାର ରତ୍ୱିକ୍– ଅଧିବେଶନରେ ଜନୈକ ରତ୍ୱିକ୍ କହିଲେ— ୫୦ ଜଣ ଦୀକ୍ଷା ଦେଇଛି । ଅପରାପର ରତ୍ୱିକ୍‌ମାନେ ସେ ରତ୍ୱିକ୍‌କୁ କହିଲେ– ଥରେ ଛିଡ଼ା ହୁଅନ୍ତୁ ତ, ଆପଣଙ୍କ ଚେହେରା ଥରେ ଦେଖିବୁ । ଆଉ ଆଜି ୫୦ଟା ଦୀକ୍ଷା ସମସ୍ତେହିଁ ଦିଅନ୍ତି ।

ନୁରୁଲଦା (ଇସଲାମ)ଙ୍କ ପୁଅକୁ ପାଞ୍ଚା ଦେଇ କହିଲି— ଯା' ଅନେକ ଦୀକ୍ଷା ଦେଇ ଆ': ଦୁଇ ସପ୍ତାହ ବି ଯାଇନି କେତେ ଦୀକ୍ଷା ଦେଇ ଆସିଛି ? (ନିକଟରେ ଉପବିଷ୍ଟ ବିଙ୍କିବାବୁଙ୍କୁ ପଚାରିଲେ)

ପୂଜନୀୟ ବିଙ୍କିବାବୁ— ଅଢ଼େଇଶହ ଦୀକ୍ଷା ଦେଇଛି ।

ପ୍ରାକ୍ ଗଣ ଦୀକ୍ଷାର ସର୍ତ୍ତ କ'ଣ ? ଠାକୁରଙ୍କ ବାଣୀରେ ଅଛି ପ୍ରାକ୍ ସର୍ତ୍ତ ହେଲା ଶ୍ରଦ୍ଧା । ଠାକୁରଙ୍କ ପ୍ରତି ଶ୍ରଦ୍ଧା । ଏବେ ଠାକୁରଙ୍କ କଥା ଜଣାଇଲେହିଁ ଦୀକ୍ଷା ହୁଏ । ଆପଣମାନେ ସମସ୍ତେ ଚେଷ୍ଟା କରିଯା'ନ୍ତୁ, ଅନେକ ଦୀକ୍ଷା ଦେଇ ପାରିବେ । ଯେପରି କହିପାରୁ, ଠାକୁର, ଆମେ ଚେଷ୍ଟା କରିଛୁ, ଆମେ ପାରିଛୁ । ନ କରି ମୁଣ୍ଡ ତଳକୁ କରି ରଖିବାଠାରୁ ଚେଷ୍ଟା କରି ପାରିବା ଭଲ । ଯାଜନ ମାନେ ଯୁକ୍ତ କରିବା । ଯଜନ, ଯାଜନ, ଇଷ୍ଟଭୃତି ଛଡ଼ା ଦୀକ୍ଷା ବଞ୍ଚେନା । ଆମେମାନେ ରତ୍ୱିକ୍, ଆମମାନଙ୍କର କାମ ହେଉଛି ଇଷ୍ଟଙ୍କଠାରେ ଯୁକ୍ତ କରିବା । ଅଧ୍ୱର୍ଯ୍ୟୁ, ଯାଜକଙ୍କର କାର୍ଯ୍ୟ ହେଉଛି ଯାଜନ କରି ଇଷ୍ଟଙ୍କଠାରେ ଯୁକ୍ତ କରିବା । ଦୀକ୍ଷା ମଧ୍ୟ ଦେଇ ଯାଜନ ସାର୍ଥକ ହୁଏ । ଏଥିପାଇଁ ଅବଶ୍ୟ କରଣୀୟ ହେଉଛି ଯଜନ । ଯଜନ ମାନେ ନିଜକୁ ଯୁକ୍ତ ରଖିବା । ନିଜକୁ ଇଷ୍ଟଙ୍କ ସହିତ ଯୁକ୍ତ ରଖିବାକୁ ହୁଏ । ଦୀକ୍ଷା ସମୟରେ ଆମେ ଶିଖାଉ କିପରି କରି ଜପ–ଧ୍ୟାନ କରିବାକୁ ହୁଏ । ନିଜେ ନିଷ୍ଠାର ସଙ୍ଗେ ପ୍ରତ୍ୟେକ ଦିନ କରି ଯିବାକୁ ହୁଏ । କରିଲେ କହିବାର ଅଧିକାର ହୁଏ । ଯଜନ–ଯାଜନ–ଇଷ୍ଟଭୃତି ପରିପାଳନ ମଧ୍ୟ ଦେଇ ହିଁ ଆମେ ଇଷ୍ଟପ୍ରାଣ ହୋଇଉଠୁ ।

ଏତେ ଦୀକ୍ଷା ଦେଇ କ'ଣ ହେବ ? ଏହି ପ୍ରଶ୍ନ କରିବା ଉଚିତ୍ ନୁହେଁ । ଏ ପ୍ରଶ୍ନ ରହିବ କାହିଁକି ? ଯେ ଏପରି ପ୍ରଶ୍ନ କରି ଜାଣିବାକୁ ଚାହେଁ ମୂଳରେ ତା'ର ବିଶ୍ୱାସ ନାହିଁ— ଆନୁଗତ୍ୟ ନାହିଁ । ଆନୁଗତ୍ୟ ମାନେ ପ୍ରଶ୍ନହୀନତା । ମୋର କାମ ଗୁରୁଙ୍କ ଆଦେଶ ପାଳନ କରିବା । ଆଦେଶ ପାଳନ କରିବା ମଧ୍ୟ ଦେଇ ଆପେ ଆଶୀର୍ବାଦ ପାଇହୁଏ । ଜୀବନ ସାର୍ଥକ ହୁଏ । କଲ୍ୟାଣର ଅଧିକାରୀ ହେଉ । ଖିଆଲ ଅନୁଯାୟୀ ଚାଲିଲେ ତ ହେବନି ।

'ଖିଆଲ ମାଫିକ ଭଜିଲେ ଗୁରୁ
ହୋଇ ମଣିଷ ହେଲୁ ଗୋରୁ ।'

ଗୋରୁ ହୋଇ ଲାଭ ନାହିଁ । ଯଦି ତାଙ୍କୁ ମାନି ଚାଲୁ ତେବେ ତାଙ୍କ ଅନୁସାରେ ଚାଲିବା । ଯେପରି ଚାଲିବାକୁ ସେ କହନ୍ତି ସେହିପରି ହିଁ ଚାଲିବା ।

ଅନେକେ ବିଭିନ୍ନ ଜାଗାକୁ ଯାଆନ୍ତି । ସମସ୍ତେ ନୁହଁନ୍ତି କିନ୍ତୁ । ଜଣେ ରତ୍ୱିକ୍ ଯାଇଛନ୍ତି ଦୀକ୍ଷା ଦେବାକୁ । ଆଉ ଜଣେ ରତ୍ୱିକ୍ କହୁଛନ୍ତି, ଦେଖିବେ ଅମୁକ ରତ୍ୱିକ୍ ଆସୁଛନ୍ତି ଦୀକ୍ଷା ଯେପରି ନ ହୁଏ । ଦୀକ୍ଷା ତ ଠାକୁରଙ୍କର । ରତ୍ୱିକ୍‌ର ଦୀକ୍ଷା ? ତୁମର aversion (ଅଶ୍ରଦ୍ଧା) ହୁଏ କାହିଁକି ? ଅଶ୍ରଦ୍ଧା ଥାଏ କାହିଁକି ? ଯଦି କେହି ଖରାପ ବ୍ୟବହାର କରେ, ଖରାପ ଆଚରଣ କରେ ତାହା ସହ୍ୟ କର ।

'ସହ୍ୟ ଯେତେ କରିବୁ, ହେବୁ
କ୍ଷମାର ଅଧିକାରୀ,
କ୍ଷତି ନ କରି କରିବୁ କ୍ଷମା
ଶକ୍ତି ପାଇବୁ ଭାରି ।'

ଯେ ଇଷ୍ଟକର୍ମ କରିବାକୁ ଯାଉଛି ତା'କୁ ସାହାଯ୍ୟ ନ କରି ଯଦି ବାଧା ସୃଷ୍ଟି କରୁ ତା'ହେଲେ ମୁଁ ଇଷ୍ଟପ୍ରତିଷ୍ଠା ଚାହେନା, ଆତ୍ମପ୍ରତିଷ୍ଠା ଚାହେ ।

ସମଗ୍ର ଶକ୍ତି ଦେଇ, ସମଗ୍ର ଚେତନା ଦେଇ ତାଙ୍କର ସେବା କରୁ । ଫାଙ୍କି ଦେଉନା । ଫାଙ୍କି ଦେଇ ତାଙ୍କୁ ପାଇ ହୁଏନା । ତାଙ୍କୁ ସମ୍ପୂର୍ଣ୍ଣ ଦିଅନ୍ତୁ ସବୁ ପାଇବେ । ହଜାର ସାଧନା କରନ୍ତୁ, ହଜାର ନାମ–ଧ୍ୟାନ କରନ୍ତୁ ତାଙ୍କୁ ପାଇବେନି । ସମସ୍ତ ମନ ଦେଇ, ସମଗ୍ର ଚେତନା ଦେଇ ତାଙ୍କୁ ଅନୁଭବ କରିବାକୁ ହେବ । 'ଠାକୁର କି ତୋର ଏତେ ହିଁ ବେକୁବ/ଫାଙ୍କି ଦେଖିବି ନୁହଁନ୍ତି ସନ୍ତାଳ ?'

ସମସ୍ତେ ଏକ ସଙ୍ଗରେ ଇଷ୍ଟକର୍ମ କରନ୍ତୁ । ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲନ୍ତୁ । ଦୀକ୍ଷା ବଢୁଛି । ଆମେ ଅସମ୍ଭବକୁ ସମ୍ଭବ କରିବାକୁ ଯାଉଛେ । କିଏ କହିବ ଯେ ଆଗାମୀ ଦୁଇ ଅଢ଼େଇ ବର୍ଷ ମଧ୍ୟରେ ବର୍ଷକୁ ୫୦–୬୦ ଲକ୍ଷ ଦୀକ୍ଷା ହେବନି । ପ୍ରତିବର୍ଷ ଦୀକ୍ଷା ବଢୁଛି । ଆମେ ଅନେକ କାମ କରୁଛୁ । କରିହିଁ ଯାଉଛୁ । ସବୁ ସମୟରେ ଆନନ୍ଦରେ ରହୁଛୁ । ଯିଏ ଯେତେ ଠାକୁର ନେଇ ରହିବ ସେ ସେତେ ଆନନ୍ଦରେ ଥାଏ । ସମସ୍ତେ ହିଁ ସୁଖରେ ରୁହନ୍ତୁ, ଆନନ୍ଦରେ ରୁହନ୍ତୁ । ତାଙ୍କ କାମ କରି ଚାଲନ୍ତୁ । — ଅବିରାମ–ଅବିଶ୍ରାନ୍ତ–ନଦୀ ପରି । ଚାଲି ହିଁ ଦେଖନ୍ତୁ କ'ଣ ହୁଏ । ସେ ଦୟାଳ । ସେ ଆମମାନଙ୍କୁ ଦୟା କରନ୍ତି । ସମସ୍ତ ଅମର୍ଯ୍ୟାଦା, ଅଯୋଗ୍ୟତା ସେ କ୍ଷମା କରନ୍ତି ।

ଆମ ଦେଶରେ, —ଭାରତରେ ଠାକୁରଙ୍କର ଏକମାତ୍ର ଭାବ ସମାଧିର ଜାଗା— ମୋ ଜାଣିବା ମଧ୍ୟରେ ଚକ୍ରତୀର୍ଥ । ଏହି ସ୍ଥାନରେ ସେଦିନ ଭାବ ସମାଧି ହୋଇଥିଲା । ତା'ର ଶହେ ବର୍ଷ ପୂରଣ ହେଉଛି ଆଗାମୀ ବର୍ଷ । ଗତବର୍ଷ ସେଠାକୁ ଯାଇଥିଲି । ଜାଗାଟା ଦେଖିଲି— ଯେଉଁଠାରେ ଭାବ ସମାଧି ହୋଇଥିଲା ।

ଭାବ ସମାଧି ସମୟରେ ମୋର ଜନ୍ମ ହୋଇନି । ମୋ ବାପାଙ୍କର ସେତେବେଳେ ବୟସ କମ୍ । ଦେଖିଲି ଜାଗାଟା charged (ଉଦ୍ଦୀପ୍ତ) ହୋଇ ଅଛି । ଏତେ ଭଲ ଲାଗିଲା । ଆଗାମୀ ବର୍ଷ ସେଠାରେ ଉତ୍ସବ ହେବ । ଯେ ଯିବ ତା'କୁହିଁ ଭଲ ଲାଗିବ । ଯେଉଁମାନଙ୍କର ସୁବିଧା ଅଛି ସେ ସମସ୍ତଙ୍କୁ କର୍ତ୍ତୃପକ୍ଷଙ୍କ ତରଫରୁ ଆମନ୍ତ୍ରଣ ଜଣାଉଛି ।

ଆନନ୍ଦମୁଖର ହେଉ ଯେତେବେଳେ ଆମେ ବୃହତ୍ ହେଉ । କଲ୍ୟାଣର ଅଧିକାରୀ ଯେତେବେଳେ ହେଉ ସେତେବେଳେ ସେ ଆନନ୍ଦ ପାଆନ୍ତି । ଆମମାନଙ୍କର ଆନନ୍ଦରେ ତାଙ୍କର ଆନନ୍ଦ । କେତେବେଳେ ବି ଦୁଃଖର ପ୍ରଶ୍ରୟ ଦେବେନି । ଦୁଃଖ ତ ଆସି ହିଁ ପାରେ । ଦୁଃଖ ଦେଇ ତାଙ୍କୁ ବେଶୀ କରି ମନେପଡ଼େ । ଜଣେ ଭାଇ କହିଲେ— ପାଦ ବ୍ୟଥାରେ କଷ୍ଟ ପାଉଛି । କହିଲି, ବ୍ୟଥା ଖୁବ୍ ଭଲ, ବ୍ୟଥା ନ ଥିଲେ ଠାକୁରଙ୍କୁ ଭୁଲିଯାଉ । ବ୍ୟଥାରେ ସେ ମନେପଡ଼ନ୍ତି । ମନେହୁଏ ତାଙ୍କ ଛଡ଼ା ପଥ ନାହିଁ । ତାଙ୍କୁ ନେଇ ଚାଲୁ । ବ୍ୟଥା, ବେଦନା, ଦୁଃଖ ସବୁ ପରୀକ୍ଷା । ଯା' କରିବାର କରିଯିବାକୁ ହୁଏ । ନିଷ୍ଠାର ସଙ୍ଗେ କରିବା ମଧ୍ୟ ଦେଇ ସିଦ୍ଧି ଲାଭ ହୁଏ । ଅନ୍ୟ ପଥ ନାହିଁ ।

ଶ୍ରୀଶ୍ରୀଦାଦା କହି ଚାଲିଛନ୍ତି । କର୍ମୀମାନେ ଆକଣ୍ଠ ପାନ କରି ଚାଲୁଛନ୍ତି ତାଙ୍କର ବାକ୍‌ସୁଧା । ଚତୁର୍ଦ୍ଦିଗ ନିସ୍ତବ୍ଧ । ମାଇକ୍ରୋ ଫୋନ୍‌ରେ ଏହି ଅମୃତ କଥା ବିଛାଡ଼ି ହୋଇ ପଡୁଛି ସମସ୍ତଙ୍କର କାନେ କାନେ । ସମସ୍ତଙ୍କୁ ଏତେ ଭଲ ଲାଗୁଛି ।

ଏଥର ଶ୍ରୀଶ୍ରୀଦାଦା ଗୌହାଟୀ ସତ୍‌ସଙ୍ଗ ବିହାରର ମାତୃ-ମନ୍ଦିର ଉଦ୍‌ବୋଧନର କାହାଣୀ କହିଲେ ।

୧୯୮୫ ସାଲ । ଗୌହାଟୀରେ ମାତୃ-ମନ୍ଦିରର ଉଦ୍‌ବୋଧନ ହେବ । ବାବା କହିଲେ, ତୁ ଯା' । ସତ୍‌ସଙ୍ଗର ତଦାନୀନ୍ତନ ପ୍ରେସିଡ଼େଣ୍ଟ ଗୋପାଳଭାଇଙ୍କୁ (ବିଶ୍ୱାସ) ନେଇ ଗଲି । ଗୌହାଟୀରେ ସେତେବେଳେ non-stop (ଅବିରାମ) ବର୍ଷା ହେଉଛି । ଉଦ୍‌ବୋଧନର କେତେଦିନ ଡ଼େରି ଅଛି ଦେଖି ଶିଲଂ ଗଲି । ଗୌହାଟୀଠାରୁ ଶିଲଂ ୬୫ ମାଇଲ ଦୂର । କର୍ତ୍ତାବ୍ୟକ୍ତିମାନେ ଶିଲଂ ଯାଇ ମୋ ସହିତ ଦେଖା କରି କହିଲେ— ଏଇ ବନ୍ୟା ମଧ୍ୟରେ ଉଦ୍‌ବୋଧନ କିପରି ହେବ ? ସମସ୍ତେ ଉଦ୍‌ବୋଧନର ଦିବସ ପୁଞ୍ଜାଇ ଦେବାକୁ ଚାହିଁଲେ । ସେମାନଙ୍କୁ କହିଲି, ବର୍ଷା ବର୍ଷା ପରି ହେଉଛି ଆଉ ଆମମାନଙ୍କର ହେଉଛି ଭକ୍ତିର ଖେଳ । ବର୍ଷା ହେଉଛି ତ କ'ଣ ହେଲା ? ପ୍ରକୃତି ବିରୂପ ବୋଲି କ'ଣ ଜଗଜ୍ଜନନୀଙ୍କର ପ୍ରତିଷ୍ଠା କରିବାନି ? ବର୍ଷଣମୁଖର ରାତିରେ ତ ଜଗଜ୍ଜନନୀଙ୍କର ଆବିର୍ଭାବ । ଚାଲି ଯାଆନ୍ତୁ । ମୁଁ ଯାଉଛି । ତା'ପରେ ସେହି ବର୍ଷା ମଧ୍ୟରେ ଉତ୍ସବ ହୁଏ । ବିରାଟ ଉତ୍ସବ ।

ଠାକୁରଙ୍କ ଶତବାର୍ଷିକୀ ଉତ୍ସବର ପ୍ରସଙ୍ଗ ତୋଳି ଶ୍ରୀଶ୍ରୀଦାଦା କହନ୍ତି- କର୍ତ୍ତା ବ୍ୟକ୍ତିମାନେ ବାବାଙ୍କୁ କହିଥିଲେ— ବର୍ଷା ହୋଇ ଚାଲିଛି । ରାସ୍ତାଘାଟ ଖରାପ ହିଁ ହୋଇ ଯାଇଛି । କେହି ଆସି ପାରିବେନି । ରହିବାର ଜାଗା ନାହିଁ । ଉତ୍ସବ ବନ୍ଦ କରିବାକୁ ହେବ । ଆହୁରିବି ନାନା କଥା କହିଗଲେ । ସବୁ ନେଗେଟିଭ୍ କଥା । ବାବାଙ୍କ ମୁଖ ପ୍ରତି ଚାହିଁ ରହିଛି, ବାବାଙ୍କ ମୁଖ କଳା ପଡ଼ି ଯାଇଛି । ମୁଁ ସେମାନଙ୍କୁ କହିଲି,— କୋଉ ଗୁରୁଭାଇ କ'ଣ ଆପଣଙ୍କ ପାଖରୁ ସାହାଯ୍ୟ ଚାହୁଁଛି ? — ନା ଚାହିଁନି । ଠାକୁରଙ୍କୁ ଦେବା ପରି ଆମମାନଙ୍କର କ'ଣ କିଛି ଅଛି ? କିଛି ନାହିଁ । ଠାକୁରଙ୍କ ପାଇଁ କ'ଣ କଷ୍ଟ କରିବାକୁ ବି ଦେବେନି ? ଆମେ କଷ୍ଟ କରୁଛୁ । ଠାକୁରଙ୍କ ପାଇଁ ବର୍ଷାରେ ଭିଜି ପାରୁ । କେହି ରହିବାକୁ ଚାହିଁନି, ଖାଇବାକୁ ବି ଚାହିଁନି । ବାବାଙ୍କୁ କହିଲି,— ସ୍ଥିର କରିଛି ଗେଟ ବାହାରେ ଦୁଇଟା ଚୌକି ପକାଇବି । ଗୋଟାକରେ ଲାଲଦା (ରାମନନ୍ଦନ ପ୍ରସାଦ) ଆଉ ଗୋଟାକରେ ମୁଁ ବସି ଯାଜନ କରିବୁ । କେହି ଯଦି କହେ କେଉଁଠି ରହିବୁ ଦାଦା ? କହିବି, ଆମେ ତ ଏଇ ଚୌକିରେ ଭିଜୁଛୁ । ଆପଣ ଆମମାନଙ୍କ ସହିତ ଆସି ଯାଜନ କରନ୍ତୁ । ନହେଲେ ଜାଗା ଖୋଜି ନିଅନ୍ତୁ । ବାବାଙ୍କୁ କହିଲି— ବାବା, ଉତ୍ସବ ଠିକ୍ ହେବ । ବିରାଟ ଭାବେ ଶତବାର୍ଷିକୀ ଉତ୍ସବ ହୋଇଗଲା ।

ବିରାଟ ଦେଶ । ସବୁକିଛି ଆଇନ ମାନି କରିବାକୁ ହେବ । କେବେ କେବେ ଆଇନ ପାଇଁ ଉତ୍ସବ ସ୍ଥଗିତ ରଖିବାକୁ ହୁଏ । ସାମୟିକ ବନ୍ଦ ରଖିବାକୁ ହୁଏ । ସମସ୍ତଙ୍କୁ ସେ କଥା ଜଣାଇ ଦେବାକୁ ହୁଏ । ବେଲାଇନ ଭାବେ କିଛି କରିବା ଉଚିତ୍ ନୁହେଁ ।

ଅନେକ ବର୍ଷ ପୃଥିବୀରେ ବଞ୍ଚି ଅଛି । ମୋର ଉପଲବ୍ଧି ହେଉଛି ଯଜନ, ଯାଜନ, ଇଷ୍ଟଭୃତି ଛଡ଼ା— ଠାକୁର ଛଡ଼ା, କୌଣସି ପଥ ନାହିଁ । ଜଣେ ଭାଇ ଶ୍ରୀଶ୍ରୀଦାଦାଙ୍କ ଶ୍ରୀଚରଣରେ ସକାଳେ ନିବେଦନ କରିଥିଲେ— ଡ଼ାକ୍ତର କହିଛି, ଗଲବ୍ଲାଡ଼ର ଅପରେଶନ କରିବାକୁ ହେବ, ଭୟ ପାଉଛନ୍ତି ।

ସେ କଥା ସ୍ମରଣ କରି ସେହି ଭାଇଙ୍କ ଉଦ୍ଦେଶ୍ୟରେ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା କହିଲେ— ତା'କୁ କହୁଛି, ଭୟ କରିବାର କିଛି ନାହିଁ । ଜଣେ ବିଖ୍ୟାତ ସର୍ଜନ ଏଠାରେ ଉପସ୍ଥିତ ଅଛନ୍ତି । ଏହିଠାରେହିଁ ଚିକିତ୍ସା ହେବ ।

ଅତଃପର ଶ୍ରୀଶ୍ରୀଦାଦା ଜଣାଇଲେ, କିଛିଦିନ ମଧ୍ୟରେ ଏଠାରେ ହାର୍ଟ ଅପରଶେନର ବ୍ୟବସ୍ଥା ହେବ । କେଉଁଠାକୁ ଯିବାକୁ ହେବନି । ବ୍ୟବସ୍ଥା କରିବାକୁ କିଛି ସମୟ ଲାଗିବ । ବାବାଇ ବ୍ୟବସ୍ଥା କରୁଛି । ଏଠାକୁ ଆସି ଚିକିତ୍ସା କରାଇ ସୁସ୍ଥ ହୋଇ ଚାଲିଯିବେ । ବାହାରେ କେଉଁଆଡ଼େ ଯିବାକୁ ହେବନି । ଠିକ୍‌ଭାବେ ଚିକିତ୍ସା ହୋଇଯିବ ।

ସମ୍ବାଦଟି ଶୁଣି କର୍ମୀମାନେ ଆନନ୍ଦରେ ଉଦ୍‌ବେଳ ହୋଇଉଠନ୍ତି ।

କର୍ମୀ-ସମ୍ମେଳନ ଶେଷ ହେଲା । ସମସ୍ତଙ୍କର ମୁଖମଣ୍ଡଳରେ ଯେପରି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଆନନ୍ଦର ଦୀପ୍ତି ଉଦ୍ଭାସିତ ହୋଇ ଉଠିଛି ।

ଦିବ୍ୟଶ୍ରୀ

ରତ୍ନିକ୍–ସମ୍ମେଳନରେ ସତ୍‌ସଙ୍ଗ–ସଭାପତି ପୂଜ୍ୟପାଦ ମେଜଦା

ତାଂ୩୧।୧୨।୨୦୧୫ରିଖ ସ୍ଥାନ : ଆନନ୍ଦବଜାର ଭବନ, ଚତୁର୍ଥତଳ, ସତ୍‌ସଙ୍ଗ ନଗର, ଦେଓଘର

ରତ୍ନିକ୍–ସମ୍ମେଳନରେ ସତ୍‌ସଙ୍ଗ ସଭାପତି ପୂଜ୍ୟପାଦ ମେଜଦା

ଶ୍ରଦ୍ଧେୟ,

ଇଷ୍ଟପ୍ରାଣ

ଦାଦା ଓ ଭାଇମାନେ

ଇଂରାଜୀ ବତ୍ସରାନ୍ତର ଏହି କର୍ମୀ–ସମ୍ମେଳନରେ ଆପଣମାନଙ୍କୁ ଜଣାଏ ମୋର ଅନ୍ତରର ଶ୍ରଦ୍ଧା, ପ୍ରୀତି, ଭଲପାଇବା ଓ ଜୟଗୁରୁ ।

ପରମଦୟାଳ ଠାକୁରଙ୍କର ସେବକ ଆମେମାନେ । ତାଙ୍କର ସେବାହିଁ ଆମମାନଙ୍କର ଧର୍ମ । ତାଙ୍କର ସୁଖ–ସମୃଦ୍ଧି ହିଁ ଆମମାନଙ୍କର ତପସ୍ୟା । ଆମମାନଙ୍କର ସମସ୍ତ ଚିନ୍ତା, ଭାବନା, କର୍ମ ତାଙ୍କରହିଁ ପୂଜାରେ ନିୟୋଜିତ ହୋଇ ଆଚାର୍ଯ୍ୟଦେବଙ୍କୁ ସୁଖୀ କରୁ । ଆମମାନଙ୍କର ନୂଆ ବର୍ଷ ଆହୁରି ସୁନ୍ଦର, ସଫଳ ଓ ସାର୍ଥକ ହୋଇଉଠୁ । ପ୍ରିୟପରମଙ୍କ ଚରଣରେ ଏହାହିଁ ମୋର ଏକାନ୍ତ ପ୍ରାର୍ଥନା ।

ବନ୍ଦେ ପୁରୁଷୋତ୍ତମମ୍

ଜୟଗୁରୁ

ବିବରଣୀ

ଋତ୍ୱିକ୍–ସମ୍ମେଳନରେ ପୂଜନୀୟ ବାବାଇବାବୁ

ସ୍ଥାନ : ଆନନ୍ଦବଜାର ଭବନ, ଚତୁର୍ଥତଳ, ସତ୍‌ସଙ୍ଗ ନଗର, ଦେଓଘର

ଋତ୍ୱିକ୍–ସମ୍ମେଳନରେ ପୂଜନୀୟ ବାବାଇବାବୁ

ପୂଜ୍ୟପାଦ ମେଜଦାଙ୍କ ନିର୍ଦ୍ଦେଶରେ ଋତ୍ୱିକ୍–ସମ୍ମେଳନର ପ୍ରଥମ ଦିନ ପୂଜନୀୟ ବାବାଇବାବୁ ନିମ୍ନୋକ୍ତ ବକ୍ତବ୍ୟ ରଖନ୍ତି ।

ଅନେକ ବର୍ଷ ତଳର କଥା । ପ୍ରକାଶ ପୋଦ୍ଦାର ନାମକ ଜଣେ ବିଶିଷ୍ଟ ଭଦ୍ରଲୋକ ଅନେକ ସମୟ ଧରି ସତ୍‌ସଙ୍ଗର ମୋଟର ଗ୍ୟାରେଜର ଗାଡ଼ି ମରାମତିର କାର୍ଯ୍ୟରେ ସହାୟତା କରୁଥିଲେ । କଲିକତାର ଆଖପାଖରେ କେଉଁଠି ତାହାର ନିବାସ । ସତ୍‌ସଙ୍ଗ ମୋଟର ଗ୍ୟାରେଜ ଦାୟିତ୍ୱରେ ଥିଲେ ଭୂପେଶ ଦତ୍ତ ଭାଇ । ଗାଡ଼ିର ବିଲ୍ ସଂକ୍ରାନ୍ତ ଏକ ବିଷୟରେ ପ୍ରକାଶ ପୋଦ୍ଦାରଙ୍କ ସହିତ ଭୂପେଶ ଭାଇଙ୍କର ମତବିରୋଧ ହୁଏ । ସହଜରେ ନିଷ୍ପତ୍ତି ନ ହେବାରୁ ପ୍ରକାଶ ପୋଦ୍ଦାର ମାମଲା କରନ୍ତି । ପ୍ରକାଶ ଭାଇ ସତ୍‌ସଙ୍ଗୀ ନ ଥିଲେ । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କୁ, ଶ୍ରୀଶ୍ରୀବଡ଼ଦାଙ୍କୁ ଯଥେଷ୍ଟ ଶ୍ରଦ୍ଧା କରନ୍ତି । ଦିନେ ମୋ ବାବା କଲିକତାରେ ରାସ୍ତା ପାର ହେବାକୁ ଯାଇ ପ୍ରକାଶ ପୋଦ୍ଦାରଙ୍କ ସହିତ ସାକ୍ଷାତ ହୁଏ । ପଚାରିଲେ — 'କ'ଣ ପ୍ରକାଶ ଭାଇ, ଆପଣ ବାବାଙ୍କ ନାମରେ କେଶ କରି ଦେଇଛନ୍ତି ?' ପ୍ରକାଶ ଭାଇ ବାବାଙ୍କୁ ଭଲଭାବେ ଚିହ୍ନନ୍ତି । ବାବା ସେତେବେଳେ ଯୁବକ । ପ୍ରକାଶ ଭାଇ କହିଲେ — 'ନା ଭାଇ, ମୁଁ ତ ଭୂପେଶ ଦତ୍ତ ନାମରେ କେଶ କରିଛି ।' ବାବା କହିଲେ — 'ଗାଡ଼ିଗୁଡ଼ିକ ତ ସତ୍‌ସଙ୍ଗର । ତେଣୁ ବାବାଙ୍କୁ ହିଁ ସମ୍ଭାଳିବାକୁ ହେଉଛି ।' ପ୍ରକାଶ ଭାଇ ଲଜ୍ଜିତ ହୋଇ କହିଲେ — 'ତା'ହେଲେ ତ ଏଇକ୍ଷଣି ହିଁ ମୀମାଂସା କରିବାକୁ ହେବ ।' ବାବା କହିଲେ — 'ତା'ହେଲେ ଚାଲନ୍ତୁ ଦେଓଘର ।' ପ୍ରକାଶ ଭାଇ କହିଲେ — 'କିପରି ଯିବି, ବଡ଼ଦାଙ୍କୁ ମୁହଁ ଦେଖାଇବି କିପରି ?' 'ଚାଲନ୍ତୁ ନା' କହି ବାବା ପ୍ରକାଶ ଭାଇଙ୍କୁ ଦେଓଘର

ଟାଣି ଆଣିଲେ । ଶ୍ରୀଶ୍ରୀବଡ଼ଦାଙ୍କ ସହିତ ଦେଖା ହୋଇଗଲା । ଦେଖିଲା ମାତ୍ରେ ପ୍ରକାଶ ଭାଇ କହିଲେ— 'ବଡ଼ଦା, ମୋର ଅପରାଧ ହୋଇ ଯାଇଛି, ମୁଁ ବୁଝି ପାରିନି, ଭୂପେଶ ଦତ୍ତ ମୋର ମୁଣ୍ଡ ଗରମ କରି ଦେବାରୁ କେଶ କରିଥିଲି ।' ତା'ପରେ ହିଁ ଘଟଣାଟିର ନିଷ୍ପତ୍ତି ହୋଇଯାଏ ।

ପ୍ରକାଶ ଭାଇଙ୍କ ରହିବାର ବ୍ୟବସ୍ଥା ହୋଇଥିଲା। ଶ୍ରୀଶ୍ରୀବଡ଼ଦାଙ୍କ ଘର ପାଖର ଗୋଟେ ଘରେ । ସନ୍ଧ୍ୟାବେଳା ଠାକୁର ଦର୍ଶନ ପାଇଁ ଯାଉଛନ୍ତି । ଦୂରରୁ ଦେଖାଗଲା ଶ୍ରୀଶ୍ରୀଠାକୁର ଯତି ଆଶ୍ରମରେ ବସି କର୍ମିମାନଙ୍କୁ ଜୋର୍‌ରେ ବକାବକି କରୁଛନ୍ତି । ସେହି ବକାବକିର ମାତ୍ରା ଏତେ ହିଁ ଉଚ୍ଚଗ୍ରାମର ଯେ ସମଗ୍ର ପ୍ରାଙ୍ଗଣ ଯେପରି ପ୍ରକମ୍ପିତ ହୋଇଉଠୁଛି । ପାଖକୁ ଯିବାକୁ କେହି ସାହସ କରିପାରୁ ନାହାଁନ୍ତି । ଖୁବ୍‌ହିଁ ଭୟ ପାଇ ପ୍ରକାଶ ପୋଦ୍ଦାର ବି ଗୋଟେ ଗଛର ଆଡୁଆଳରେ ଲୁଚି ଯାଇଛନ୍ତି । ଏଣେ ମନେ ମନେ ଭାବୁଛନ୍ତି, ଏ ବୟସରେ ଏତେ ରାଗିଲେ ଠାକୁରଙ୍କ ଶରୀରର କ୍ଷତି ହୋଇପାରେ । ଏତିକିବେଳେ ଜଣେ ଶଶବ୍ୟସ୍ତ ହୋଇ ଛୁଟି ଆସି ଚିତ୍କାର କରି କହିଲେ, 'ପ୍ରକାଶ ପୋଦ୍ଦାର କିଏ ଅଛନ୍ତି, ଠାକୁର ଡ଼ାକୁଛନ୍ତି ।' ମୋକଦ୍ଦମା ସଂକ୍ରାନ୍ତ ବିଷୟରେ ତିରସ୍କୃତ ହେବେ ଏହି ଭୟରେ ସେତେବେଳେ ସେ ଜର୍ଜରିତ । ତଥାପି ସାହସ ସଞ୍ଚୟ କରି ପ୍ରକାଶ ଭାଇ ଠାକୁରଙ୍କ ସାମ୍ନାରେ ହାଜର ହେଲେ । ଏଥର ଦେଖିଲେ, ଠାକୁର ଯେପରି ସହଜ ଶିଶୁ ହୋଇ ବସିଛନ୍ତି । କ୍ରୋଧର ଚିହ୍ନମାତ୍ର ହିଁ ସେହି ଦିବ୍ୟ ତନୂକୁ ଯେପରି ସ୍ପର୍ଶ କରିନି । ପ୍ରକାଶ ଭାଇ ଦର୍ଶନ ଓ ପ୍ରଣାମ ନିବେଦନ କଲେ । ଶ୍ରୀଶ୍ରୀଠାକୁର ତା'ର କୁଶଳ ନେଲେ ।

ଠାକୁର-ଦର୍ଶନ ପରେ ପ୍ରକାଶ ଭାଇ କୃତଜ୍ଞତା ଜଣାଇବାକୁ ଯାଇ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ ଏବଂ କହିଲେ— ଭାଇ, ତୁମ ପାଇଁ ଆଜି ମୋର ମହାପୁରୁଷ ଦର୍ଶନ ହେଲା ।

ଶ୍ରୀଶ୍ରୀଠାକୁରଙ୍କ ତିରୋଧାନ ପରେ ଶ୍ରୀଶ୍ରୀବଡ଼ଦା ତ୍ରିପୁରା ଯାଇଛନ୍ତି । ଅଗରତଳାରେ ଆସିଛନ୍ତି । ତ୍ରିପୁରାରେ ଅଗରତଳାର ଅନତିଦୂରେ ୮୨ ମାଇଲ ଗଲେ ଗୋଟେ ସ୍ଥାନରେ ଜନୈକା ମା' ସାରା ରାତି ଅଶ୍ରୁ ବିସର୍ଜ୍ଜନ କରି ଚାଲିଛନ୍ତି । ଗରିବ ଲୋକ । ଘରୁ ବାହାରିବାର ଉପାୟ ଓ ସଂସ୍ଥାନ କୌଣସିଟାହିଁ ନାହିଁ । ଶ୍ରୀଶ୍ରୀବଡ଼ଦା ଅଗରତଳାରୁ ଫେରୁଛନ୍ତି । ଫେରିବା ପଥରେ ଦୀର୍ଘ ସମୟ ଧରି ପଛର ଗାଡ଼ିକୁ ଦେଖିବାକୁ ନ ପାଇ ହସିଲେ । ରାସ୍ତାର ପାଖରେହିଁ କୋଳି ଗଛ । ଗଛରୁ କୋଳି ତୋଳାଇଲେ । ଅଦୂରେ ଗୋଟେ ଘର ଦେଖାଇ ଜଣକୁ କହିଲେ— ଯା' ସେ ଘରୁ ଲୁଣ ନେଇ ଆସ ତ, କୋଳି ଖିଆ ହେବ । ଶ୍ରୀଶ୍ରୀବଡ଼ଦା କୋଳି ଖାଉଛନ୍ତି । ଯେଉଁ ଘରୁ ଲୁଣ ଅଣାଗଲା ସେହି ଘରର ମା' ଘରୁ ବାହାରି ରାସ୍ତାକୁ ଆସି ଦେଖନ୍ତି ଏକ ଅପୂର୍ବ ଦୃଶ୍ୟ । ଯାହାଙ୍କ ପାଇଁ ସାରା ରାତି ଅଶ୍ରୁ ବିସର୍ଜ୍ଜନ କରୁଥିଲେ ସେ ସ୍ୱୟଂ ଆସିଛନ୍ତି ଦର୍ଶନ ଦେବାକୁ । ଭକ୍ତିରେ ଆପ୍ଲୁତ ହୋଇ ବାରମ୍ବାର ପ୍ରଣାମ ଜଣାଇଲେ ତାଙ୍କ ଶ୍ରୀପାଦପଦ୍ମରେ ।

୧୯୯୬ ସାଲର କଥା । ବାବାଙ୍କର ଜଣେ ପ୍ରିୟଜନ କ୍ୟାନସରରେ ଆକ୍ରାନ୍ତ । ଗୌହାଟୀରେ ଅଛନ୍ତି । ବାବା ମତେ କହିଲେ— ତୁ ଗୌହାଟୀରେ ତା'ର ଘରକୁ ଯାଇ ଦେହରେ ହାତ ବୁଲାଇ ଦେବୁ । ସେଦିନ ତୋର ହାତ ମୋର ହାତ । ନିର୍ଦ୍ଦେଶ ଅନୁସାରେ ତା' ଘରକୁ ଗଲି । ମୋ ସହିତ ଥିଲେ କାମିନୀକାନ୍ତ ଡ଼େକା । ଆଜି ଏବେ ୨୦୧୬ ସାଲ । କୋଡ଼ିଏ ବର୍ଷ ହୋଇଗଲା । ସେ ଏବେବି ବଞ୍ଚି ଅଛନ୍ତି ।

ପରମପିତାଙ୍କ ଲୀଳା ଆମେ ବିଶ୍ଳେଷଣ କରି ବୁଝି ପାରିବାନି । ତାଙ୍କ ଦୟାର ଗଳ୍ପ ଶୁଣି ଆନନ୍ଦ ପାଉ, ରୋମାଞ୍ଚିତ ହେଉ, ପ୍ରେରଣା ଲାଭ କରୁ । ଚାଲିବା ଆମମାନଙ୍କର ନିରନ୍ତର— ଚରୈବେତି ଚରୈବେତି ।

ଆମମାନଙ୍କର ଆଗେଇ ଚାଲିବା ପ୍ରତି ମୁହୂର୍ତ୍ତରେ, ପ୍ରତି କ୍ଷଣରେ । ତାଙ୍କରିହିଁ ଆଶୀର୍ବାଦ ମଥାରେ ନେଇ ଚାଲିବା ।

ସମ୍ମେଳନର ଦ୍ୱିତୀୟ ଦିନ ସତ୍‌ସଙ୍ଗ-ସମ୍ପାଦକ ଜଣାଇଲେ— ଗତକାଲି ପୂଜନୀୟ ବାବାଇବାବୁ ଆମମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ପୁନଶ୍ଚ ପ୍ରାର୍ଥନା ଜଣାଉଛି ଆଜି ବି କିଛି କୁହନ୍ତୁ ।

ପୂଜନୀୟ ବାବାଇବାବୁ— ଗତକାଲି ବଙ୍ଗଳାରେ କହିଥିଲି । ମହାରାଷ୍ଟ୍ରର କେତେଜଣ କର୍ମୀ ମୋ ପାଖକୁ ଆସିଥିଲେ । ସେମାନେ କହିଲେ କିଛି କହିବାକୁ । ମୁଁ ଭାବିଲି କହିବାର କ'ଣ ଅଛି ? କର୍ମିମାନେ ନିଜ ନିଜର ଜୀବନରେ ଠାକୁରଙ୍କୁ ଲାଭ କରିଛନ୍ତି । ସେମାନେ ସମସ୍ତେ ଜାଣନ୍ତି କିପରି ଚଳିବାକୁ ହେବ । ଏହି ଉତ୍ସବରେ ପଶ୍ଚିମ ଭାରତ ଓ ଉତ୍ତର ଭାରତର ଆନନ୍ଦବଜାରର ଦାୟିତ୍ୱ ଥିବା ହେତୁ ସେହିସବୁ ଅଞ୍ଚଳର ବହୁ କର୍ମୀ ଆସିଛନ୍ତି । ବିହାର, ଓଡ଼ିଶାରୁ ବି ଆସିଛନ୍ତି ଅନେକ କର୍ମୀ । ହିନ୍ଦୀରେ କହିଲେ ସେମାନଙ୍କୁ ବୁଝିବାକୁ ସୁବିଧା ହେବ । ତେଣୁ ହିନ୍ଦୀରେ କହୁଛି ।

ଆମେମାନେ ସଂସାରୀ ଜୀବ । ସଂସାରରେ ବାସ କରୁ । ଏଥିପାଇଁ ସଂସାର ଉପରେ ଟାଣ ହୁଏ । ବାପା, ମା', ଭାଇ, ଭଉଣୀ, ବିବାହିତା ସ୍ତ୍ରୀ, ପୁତ୍ର, କନ୍ୟା, ନାତିନାତୁଣୀ— ସମସ୍ତଙ୍କ ସହିତ ଯୁକ୍ତ ହେଉ । ଜୀବନର କ୍ରମବିକାଶ ସଙ୍ଗେ ସଙ୍ଗେ କେହି ଶିକ୍ଷକ, କେହି ସଖା, କେହି ବନ୍ଧୁ ହୋଇଥା'ନ୍ତି । ସଂସାରରେ ନାନା ସମ୍ପର୍କର ବନ୍ଧନରେ ବାନ୍ଧି ହୋଇପଡୁ । ଏହି ବନ୍ଧନରେ ରହିହିଁ ଏକ ଆବରଣ ସୃଷ୍ଟି ହୁଏ । ସଂସାରରେ ଯେତେ ଜଡ଼ିତ ହୋଇ ରହୁ ଏହି ବନ୍ଧନ

ପ୍ରତି ଆସକ୍ତିବି ବଢ଼ି ଚାଲେ । ବନ୍ଧନର ଏହି ଆସକ୍ତିରୁ ମୁକୁଳି ପାରୁନା । ରେଶମର କୀଟ ଯେପରି ଗୋଟି ମଧ୍ୟରେ ଏପରି ଆବଦ୍ଧ ହୋଇପଡ଼େ ଯେ ତା'ଠାରୁ ମୁକୁଳି ପାରେନା । ଗୋଟିର ମଧ୍ୟରେହିଁ ମୃତ୍ୟୁ ହୁଏ । ଆମେ ବି ସଂସାରରେ ରହି ରହି ଏତେହିଁ ସମାହିତ ହୋଇପଡୁ ଯେ ବାହାରକୁ ଚାହିଁ ପାରୁନା । ଭାବି ପାରୁନା ଯେ ଏହା ବାହାରେ କିଛି ଅଛି । ନିଃଶ୍ୱାସ ଯେତେବେଳେ ବନ୍ଦ ହୋଇଯାଏ ସେତେବେଳେ କେହି ଗୋଟେ ଛୋଟ ଛିଦ୍ର କରିଦେଲା । ଆଲୋକର ରେଖା ଦେଖାଗଲା । ଆଶାର କିରଣ ମିଳିଗଲା । ଏ ହେଲା ଗୁରୁଙ୍କର ପଥ । ଯିଏ ମାୟାର ବନ୍ଧନରୁ ମୁକ୍ତିର ପଥ ଦେଖାଇ ଦେଇ ପାରନ୍ତି । ଆଶାର କିରଣ ଆସେ ଯାଜନ ମାଧ୍ୟମରେ । ପ୍ରତ୍ୟେକ ବ୍ୟକ୍ତି ଯେଉଁଠାରେ ହିଁ ଥାଆନ୍ତୁ ନା କାହିଁକି, ଯେଉଁମାନଙ୍କୁ ନେଇ ଭଲ ରହିବା ଦରକାର, ସେମାନଙ୍କ ପାଇଁ ଆହୁରିବି କିଛି ପାଇବାକୁ ଚାହୁଁ ଯା' ଦେଇ ପରିବାରର ସମସ୍ତେ ଭଲ ରହି ପାରିବେ । ଯାଜନ ମାଧ୍ୟମରେ ତା'ର ସନ୍ଧାନ ଆମ ପାଖରେ ଆସି ପହଞ୍ଚେ । ତା' ଯଦି ଅମୃତ ହୋଇଥାଏ, କ୍ରମେ ସ୍ୱାଦ ପାଇ ଯାଉ; ଆଗେ ଯା' ଭଲ ଥିଲା ମୋ ପାଖରେ ତା' ଗୌଣ ହୋଇଯାଏ । ନୂତନ ଚାହିଦା ମୁଖ୍ୟ ହୋଇଯାଏ । ଅଧିକାଂଶ ସମୟ ଯେଉଁ ପଥରେ ଚାଲିଲେ ଅମୃତମୟ ପଥ ଲାଭ କରିପାରିଥା'ନ୍ତି ତା'କୁ ତ୍ୟାଗ କରି ଅନ୍ୟ କିଛି ଆୟତ୍ତ କରିବାର ଚେଷ୍ଟା କରୁ । ସେହି ପଥ ଧରିହିଁ ଦୁଃଖ ବେଢ଼ି ଆସେ । ବାଲିକୁ ମୁଠା ମଧ୍ୟରେ ଧରିଲେ, ଯେତେ ଜୋର୍‌ରେ ଧରୁନା କାହିଁକି ସମସ୍ତ ବାଲି ସରିଯିବ— ଗୋଟେବି ରହିବନି । ସଂସାର ବି ଏହିପରି । ଯେତେ ତା'କୁ ଆଙ୍କଡ଼ି ଧରିବା ସେତେ ତା' ସରିଯିବ । ମୁଠାର ମଧ୍ୟରେ କିଛିବି ରଖି ପାରିବାନି ।

ସାଧାରଣତଃ ୫୦/୬୦ ବା ୭୦ ବର୍ଷ ବୟସ ପର୍ଯ୍ୟନ୍ତ ଆମମାନଙ୍କର ଜୀବନକାଳ । ସମ୍ପର୍କ ଆରମ୍ଭ ବାପା–ମା'ଙ୍କୁ କେନ୍ଦ୍ର କରି । ପରବର୍ତ୍ତୀ ପର୍ଯ୍ୟାୟରେ ସ୍ତ୍ରୀ ଓ ପୁତ୍ର–କନ୍ୟାଗଣ ଆସନ୍ତି । ସ୍ତ୍ରୀ ମୋର ଶୈଶବରେ ନ ଥିଲା । ସ୍ତ୍ରୀ ଆସିବା ପରେ ସନ୍ତାନମାନେ ଆସନ୍ତି । ସ୍ତ୍ରୀ କିନ୍ତୁ ଜୀବନର ପ୍ରଥମ ପର୍ଯ୍ୟାୟରେ ନଥିଲା । ପ୍ରଥମରୁ ଶେଷ ପର୍ଯ୍ୟନ୍ତ ନଥିଲେ ବି ସେ ହିଁ ମୋର ପ୍ରିୟ ହୋଇଉଠେ । ପ୍ରଥମ ପର୍ଯ୍ୟାୟରେ ନଥିଲେ ବି ତା'କୁହିଁ ପ୍ରିୟ କରି ତୋଳୁଛି । ଅସଲରେ ପ୍ରିୟ କିଏ ହୋଇପାରନ୍ତି ? ଯିଏ ଆରମ୍ଭରେ ବି ଅଛନ୍ତି, ଶେଷରେ ବି ଅଛନ୍ତି ଏବଂ ଯା'ର ରୂପ ଉଭୟ କ୍ଷେତ୍ରରେ ଏକ ହିଁ ପ୍ରକାରର । ଯେପରି ଉଦୟ କାଳରେ ସୂର୍ଯ୍ୟର ରୂପ ଥାଏ ରକ୍ତିମ ଲାଲ ବର୍ଣ୍ଣ । ଅସ୍ତ ଯିବାର ସମୟରେ ବି ସେହି ଏକା ବର୍ଣ୍ଣ । ଆମମାନଙ୍କର ଜୀବନରେ ଭଗବାନ ବି ତଦ୍ରୂପ । ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଏକା ଭାବରେହିଁ ବିରାଜମାନ କରନ୍ତି । ଜଣେ ଦକ୍ଷ ପାଚକକୁ ରନ୍ଧନର ସାମଗ୍ରୀ ଦେଲେ ଉତ୍ତମ ରାନ୍ଧଣା କରି ପାରନ୍ତି । କିନ୍ତୁ ଯେ ପାଚକ ନୁହେଁ ତା' ହାତରେ ପଡ଼ିଲେ ରନ୍ଧନ ବିସ୍ୱାଦ ହୋଇଯାଏ । ସେଥିପାଇଁ ଯିଏ ଜାଣନ୍ତି ତାଙ୍କରହିଁ ଅନୁସରଣ କରିବା ସମୀଚୀନ ।

ଆମମାନଙ୍କର ସୁବିଧା ଏଇ ଯେ ଗୁରୁ ସ୍ୱୟଂ ଆମମାନଙ୍କ ସାଙ୍ଗରେ । ମୁଁ ଅର୍ଜୁନ ହୁଏ ବା ଅନ୍ୟ କେହି ହୁଏ ଗୁରୁ ତ ରଥ ଚାଳନା କରୁଛନ୍ତି । ସେଇ ରଥରେ ଯେଉଁ ଦିଗରେ ହିଁ ଯାଏନା କାହିଁକି ଆମେ ତ ଅମୃତ–ପଥ–ଯାତ୍ରୀ । ହୁଏତ ମୁଁ ଅର୍ଜୁନ ପରି ଧୁରନ୍ଧର ନୁହେଁ । କିନ୍ତୁ ରଥ ଚାଳନା କରୁଛନ୍ତି ସ୍ୱୟଂ ଭଗବାନ । ସେଥିରେ ସବାର ହୋଇ ପାରିଲେହିଁ ମୋର ଲାଭ । ନିଜର ସାମର୍ଥ୍ୟର କଥା ଭାବିଲେ ହିସାବ ମିଳିବନି, ଅସୁବିଧା ମଧ୍ୟରେ ପଡ଼ିଯିବା । ମୋର କଥା ଅନୁଯାୟୀ ମୋ ପରିବାରର ଲୋକମାନେ ସର୍ବଦା ଚଳନ୍ତିନି । ସ୍ତ୍ରୀ ଶୁଣି ନ ପାରେ ପୁତ୍ରକନ୍ୟା ବି ଶୁଣି ନ ପାରନ୍ତି । ଏଥିପାଇଁ ଆମର ସାମର୍ଥ୍ୟ ଯେ କେତେ କମ୍ ତା' ନେଇ ଯେପରି ନ ଭାବୁ । ସେ ଯା' କରିବାକୁ ଆଦେଶ କରୁଛନ୍ତି ତାହା ଯେପରି କରିପାରୁ । ଆମମାନଙ୍କ ମଧ୍ୟରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ଚାଲୁହିଁ ଥା'ନ୍ତି ଚାଲୁହିଁ ଥା'ନ୍ତି । ଆମେ ଛିଡ଼ା ହୋଇଥାଉ, ସେମାନେ ଦିଗନ୍ତରେ ପହଞ୍ଚି ଯାଆନ୍ତି । ଦିଗନ୍ତେ ସେମାନେ ପହଞ୍ଚି ଯାଇଛନ୍ତି ଦେଖି ଆମେ କହିଥାଉ ସେ ଆଉ ଲାଳନ ଏକ ସ୍ଥାନରେ ରହେ । ଯେଉଁ ବ୍ୟକ୍ତି ଦିଗନ୍ତରେ ପହଞ୍ଚି ଅଛି ସେ ଦେଖେ ଦିଗନ୍ତବି ଆହୁରି ବହୁତ ଦୂର, କହେ, ଲକ୍ଷେ ଯୋଜନ ଦୂର । ଈଶ୍ୱରଙ୍କଠାରେ ଅବାଧରେ ପହଞ୍ଚିବାକୁ ଏବେବି ଲକ୍ଷେ ଯୋଜନ ଫାଙ୍କ । ଏଥିପାଇଁ ଆମେ ଅବିରାମ ଭାବେ ଆଗେଇ ଥାଉ । ଆଚାର୍ଯ୍ୟଦେବ ଇଚ୍ଛା ପ୍ରକାଶ କରିଥିଲେ ୫ ଲକ୍ଷ ଦୀକ୍ଷା ଦେବା ପାଇଁ । ଆମେ ସେଥର ୭ ଲକ୍ଷ ଦେଲୁ । ନିଜକୁ ଭୁଲି ଯାଇଥିଲୁ । ସେ ରାମଚନ୍ଦ୍ର ଯେତେବେଳେ ସେତୁ ବନ୍ଧନ କରିଥିଲେ ହନୁମାନମାନେ ବଡ଼ ବଡ଼ ପ୍ରସ୍ତରଖଣ୍ଡ ପାଣିରେ ପକାଉଥିଲେ । ଗୁଣ୍ଡୁଚି ମୂଷା ଛୋଟ ପ୍ରାଣୀ । ଓଦା ଦେହରେ ବାଲି ବୋଳି ହୋଇ ସେତୁ ବନ୍ଧନରେ ଯୋଗ ଦେଇଥିଲା । ଏତିକି ଟିକେ ତା'ର ସାମର୍ଥ୍ୟ । ଯା'ର ଯା' ସାମର୍ଥ୍ୟ ସେ ସେତେଟା ହିଁ କରୁଛି । ଗତକାଲି ଆଚାର୍ଯ୍ୟଦେବ କହିଥିଲେ ଏହି କାର୍ଯ୍ୟ ପ୍ରତ୍ୟେକେହିଁ କରିପାରନ୍ତି । କାହାକୁ ସେ ଅପାଙ୍କ୍ତେୟ ରଖନ୍ତିନି । ଗୋଟେ ଦୁଷ୍ଟ ପିଲା, ଯାହାକୁ ତା'ର ବାପା ଅକର୍ମା ମନେ କରୁଥିଲା; ତେଣୁ ଭାବୁଥିଲା ଘର ବାହାରେ ଯେତେ ରହିବି ସେତେ ଘରେ ଶାନ୍ତି ରହିବ । ଜଣେ ରତ୍ୱିକ୍ ଭାଇ ସେଇ ପିଲାକୁ ନେଇ ଯାଜନ କାର୍ଯ୍ୟରେ ବାହାରି ଗଲେ । ଉତ୍ସାହ ଦେଇ ସେ କହିଲେ— ଏଇ ପିଲାକୁ ଦେଇ ବହୁ କାମ ହୋଇପାରେ । ପିଲାଟି ପ୍ରେରଣା ପାଇଗଲା । ଯାଜନ କରି କିଛିଦିନରେ ସେ ଦେଢ଼ଶହ ଲୋକଙ୍କୁ ଦୀକ୍ଷା ଦିଆଇଲା । ଆମେ ଯେଉଁମାନେ ଅଳ୍ପ ମତଭେଦ

ନ ରଖି ଠାକୁର ଯାହା କହିଛନ୍ତି ତାହାହିଁ ଯଦି ପାଳନ କରିପାରୁ, ଆମମାନଙ୍କର କାର୍ଯ୍ୟର ଗତି ଆହୁରିବି ବଢ଼ିଯିବ । ନିତ୍ୟଯାଜୀ ହେବାକୁ ହେବ । ଶୁଣିବାର ଲୋକ ନ ପାଇ ଗୋଟେ ପାନବାଲାକୁ ଯଦି ଦୟାଳ ଠାକୁରଙ୍କ କଥା ଶୁଣାଇପାରେ ତା'ହେଲେ ଆମର ଯାଜନର ଅଭ୍ୟାସ ଅତୁଟ ରହିବ । ହୁଏତ ଦୀକ୍ଷା ନ ହୋଇପାରେ । କିନ୍ତୁ ଆମେ ତ ଚେଷ୍ଟା କରିଯିବା । ଜନପଦରେ ଯେତେ ଗୁରୁଭାଇ ଅଛନ୍ତି ସମସ୍ତଙ୍କୁ କହିବେ ଯାଜନ କରିବାକୁ । ପ୍ରତ୍ୟେକ ବର୍ଷରେ ଯଦି ଜଣେ ଦୁଇଜଣଙ୍କୁ ଯାଜନ କରିପାରେ ତା'ହେଲେ ଠାକୁରଙ୍କ ଇଚ୍ଛା ପୂର୍ଣ୍ଣ ହେବ ।

ମୁଁ ଏବେ ଦୀକ୍ଷା କାର୍ଯ୍ୟରେ ବାହାରିବି । ଯେଉଁ ଯେଉଁ ସ୍ଥାନକୁ ଯାଉଛି ସେଠାକାର କର୍ମୀମାନଙ୍କୁ କହିଛି ଜନପଦରେ ଯେତେ ଗୁରୁଭାଇ ଅଛନ୍ତି ପ୍ରତ୍ୟେକେ ଯେପରି ଯାଜନ କରି ଲୋକ ନେଇ ଆସନ୍ତି । ଯଦି ଏକଲକ୍ଷ ପରିବାର ସହିତ ସଂଯୋଗ ତିଆରି ହୁଏ ଏ ମଧ୍ୟରେ ଯଦି କୋଡ଼ିଏ ହଜାର ବି ତିଷ୍ଠି ରୁହନ୍ତି ଭବିଷ୍ୟତରେ ସତ୍‌ସଙ୍ଗ କାର୍ଯ୍ୟ ପକ୍ଷରେ ବିରାଟ ସହାୟକ ହୋଇ ଛିଡ଼ା ହେବେ । ସେଥିପାଇଁ ସମବେତ ପ୍ରଚେଷ୍ଟା ଦରକାର । ଯାଜନ ଦେଇ ଆଲୋଡ଼ନ ସୃଷ୍ଟି କରିବା ଦରକାର । ତା' ନ ହେଲେ ଆମେ ଯେପରି ଥିଲୁ ସେହିପରି ହିଁ ରହିଯିବା ।

ଗତକାଲି ସନ୍ଧ୍ୟାରେ ଫିଲାନ୍‌ଥ୍ରପୀର ସାମ୍‌ନାରେ ନାଟମଣ୍ଡପରେ ଆଚାର୍ଯ୍ୟଦେବ କହିଥିଲେ କର୍ମୀ-ସମ୍ମେଳନ ସେହିଠାରେହିଁ ହେଲା । କର୍ମିମାନେ ଇଷ୍ଟକର୍ମରେ ବିରାଟ ଉତ୍ସାହ ଓ ପ୍ରେରଣା ଲାଭ କଲେ । ନୂତନ ଉଦ୍ୟମରେ ପୁନଶ୍ଚ କାମ କରି ପାରିବେ । ଗୋଟେ change (ପରିବର୍ତ୍ତନ) ହେଲା । ଆପଣମାନେ ବିଭିନ୍ନ ଜିଲ୍ଲାର କର୍ମିମାନେ ପରିକ୍ରମାରେ ବାହାରି ପଡ଼ିବେ । ଆଚାର୍ଯ୍ୟଦେବଙ୍କ ବାର୍ତ୍ତା ଶୁଣାଇବା ପରେ ତାଙ୍କ ବାର୍ତ୍ତା ଯେତେବେଳେ ଜଣାଇବେ ଶ୍ରୋତାମାନଙ୍କ ପାଖରେ ତା' ନୂତନ ଲାଗିବ । କୌଣସି କର୍ମୀ ଗୋଟେ ଜାଗାରେ ଦିନ ପରେ ଦିନ କାର୍ଯ୍ୟ କରି ଏକବାଗିଆ ହୋଇଯାଏ । ଅନ୍ୟ କର୍ମୀ ସେଠାକୁ ଗଲେ ଗୋଟେ ପରିବର୍ତ୍ତନ ହୁଏ । ତ୍ରିପାଠୀ ଭାଇ ଯେଉଁଠାରେ ରୁହନ୍ତି ସେଠାରେ ଲୋକମାନଙ୍କ ପାଖରେ ତ୍ରିପାଠୀଭାଇଙ୍କ କଥା ହୁଏତ ଏକବାଗିଆ ହୋଇ ଯାଇଛି । ପୁନଶ୍ଚ ତ୍ରିପାଠୀଭାଇଙ୍କ କଥା ଆମମାନଙ୍କ ପାଖରେ ନୂଆ ଲାଗୁଛି । ସେଥିପାଇଁ କର୍ମିମାନଙ୍କ ମଧ୍ୟରେ ବି କିଛି ଅଦଳବଦଳ ହେବା ଦରକାର । ନୂଆ ନୂଆ ଜାଗାକୁ ଯାଇ କର୍ମିମାନେ ଯଦି ଆଳାପ-ଆଲୋଚନା କରନ୍ତି ତା'ହେଲେ ସମସ୍ତେ ହିଁ ଉଦ୍‌ବୁଦ୍ଧ ହୋଇପାରିବେ । ନୂଆପ୍ରକାରେ ନୂତନ ଦୃଷ୍ଟିକୋଣରେ ଗୋଟେ ଜିନିଷକୁହିଁ ଆମେ ପ୍ରକାଶ କରିପାରିବା । ଜଣକ ପାଖରୁ ଶୁଣିଲେ ନୁରୁଲଭାଇ ସେମାନଙ୍କ ଅନୁଷ୍ଠାନରେ ଖୁବ୍ ସୁନ୍ଦର ବକ୍ତୃତା କରିଛନ୍ତି ।

ଭଗବାନଙ୍କୁ ପ୍ରକାଶ କରାଯାଏନା । ମହାଭାରତରେ ମହାକବି ବ୍ୟାସଦେବ କହିଛନ୍ତି — ଭଗବାନ ଅପ୍ରମେୟ — ପରିମାପ କରାଯାଏନା, ବର୍ଣ୍ଣନା ବି କରାଯାଏନା । ଆମେ ଠାକୁରଙ୍କ ପ୍ରେମର ଏକ କଣାକୁବି ପ୍ରକାଶ କରି ପାରିବାନି । ଯେଉଁସବୁ ଭାଇ ଓ ମା'ମାନେ ଅଲୌକିକର ଆଶାରେ ଠାକୁରଙ୍କର ବିଗ୍ରହ ପାଖରେ ବସିଥା'ନ୍ତି ସେମାନଙ୍କୁ କହିବେ ଠାକୁରଙ୍କ ଦୟାର କଥା ପ୍ରେମର କଥା କହିବାକୁ । ଅଲୌକିକ ପାଇଁ କହିବାକୁ ହେବନି । କେବଳ ତାଙ୍କର କାର୍ଯ୍ୟରେ ମନକୁ ନିବଦ୍ଧ ରଖିବାକୁ ହେବ । ଆମର କାମ ହେଲା ତାଙ୍କୁ ସମର୍ଥନ କରିବା । ସେ ତ ପରମପିତା । ଚିର ମଙ୍ଗଳମୟ । ଆମମାନଙ୍କ ମଙ୍ଗଳ ପାଇଁ ତ ସେ । ମତେ କେବଳ ତାଙ୍କ ଚରଣରେ ସମର୍ପଣ କରିବାକୁ ହେବ । ମୋର ବ୍ୟକ୍ତିଗତ କୌଣସି ପ୍ରାର୍ଥନା ରହିବନି । ପ୍ରାର୍ଥନା ରହିବ, ଆପଣ ମଙ୍ଗଳମୟ ରୁହନ୍ତୁ, ଆପଣଙ୍କ ଇଚ୍ଛାହିଁ ପୂର୍ଣ୍ଣ ହେଉ । ସ୍ତ୍ରୀ ଯଦି ରୋଗଗ୍ରସ୍ତ ହୋଇଥାଏ, ହୁଏତ ପୁଅର ଚାକିରୀ ନାହିଁ, ମନେ କରିବାକୁ ହେବ ଏହା ମଧ୍ୟରେହିଁ ମଙ୍ଗଳ ଅଛି । ମୁଁ କେବଳ ପୁଅକୁ ପ୍ରେରଣା ଦେବି । ହୁଏତ ପୁଅର କୌଣସି ଅଭାବ ପାଇଁ କାମ ପାଉନି । ଇଷ୍ଟକେନ୍ଦ୍ରିକ ଚଳନ ଫଳରେ ନିୟମିତ ଯାଜନ କରିବା ଫଳରେ ସେହି ଅଭାବଟି ଦୂର ହୋଇଯିବ । ସବୁ ଠାକୁର ହିଁ କରିବେ ।

ଆମେ ପୁନଶ୍ଚ ନବବର୍ଷରେ ଏକ ସଙ୍ଗେ ମିଳିତ ହେବା । ଯେଉଁଠାରେ ଯେତେ କର୍ମୀ ଅଛନ୍ତି ସମସ୍ତେ ଯେତେ ବେଶୀ ପାରିବେ ଦୀକ୍ଷା ଦେବେ । ଗୋଟେ ସଂକଳ୍ପ ନେଇ ବାହାରୁଛି । ଠାକୁରଙ୍କ ଦୟା ଥିଲେ ସଂକଳ୍ପ ପୂରଣ ହେବ । ଆପଣମାନେ ସମସ୍ତେ ହିଁ ଚେଷ୍ଟା କରିଯା'ନ୍ତୁ । ଆମେ ସମସ୍ତେ ମିଶି ବିଶାଳ ସଂଖ୍ୟକ ଦୀକ୍ଷା ଦେଲେ ଆଚାର୍ଯ୍ୟଦେବ ଖୁସି ହେବେ । ଜୟଗୁରୁ ।

ମଣିଷ ଯେତେବେଳେ ଇଷ୍ଟମୁଖୀ ହୁଏ

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ- ମଣିଷ ଯା' ନେଇହିଁ ଜନ୍ମୁ ନା କାହିଁକି, ସେଥିରେ କିଛି ଆସେ-ଯାଏନା ଯଦି ସେ ଇଷ୍ଟମୁଖୀ ହୁଏ । ଇଷ୍ଟମୁଖୀ ହେଲେହିଁ ମଣିଷ ଗୋଟେ ତୃପ୍ତିର ସନ୍ଧାନ ପାଏ, ଏବଂ ଯେ ନିଜେ ତୃପ୍ତି ପାଇଛି ସେ ଜାଣେ- ଅନ୍ୟ ନିକଟରେ ତୃପ୍ତିକର ହୋଇଉଠିବାକୁ ହୁଏ କିପରି କରି । ତା'ର ବ୍ୟକ୍ତିତ୍ୱର ଭିତରୁହିଁ ସେଇ ଭାବଟା ବାହାରେ । ସେ ଯଦି ଗାଳାଗାଳିବି କରେ, ତା' ପଛରେବି ଗୋଟେ ପ୍ରାଣ ଥାଏ, ଆଉ ମଣିଷବି ତା' ବୁଝିପାରେ ।

(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ, ତା୧୩.୦୧.୧୯୪୬ରିଖ)

ବିବରଣୀ

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୫ତମ ଜନ୍ମ ମହୋତ୍ସବ ଏବଂ ତତ୍‌ସହ ୩୦୨ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍‌–ସମ୍ମେଳନ



ସ୍ୱ–ଆବାସମନ୍ଦିରେ ପରମାରାଧ୍ୟ ଶ୍ରୀଶ୍ରୀଠାକୁର (ଠାକୁରବଙ୍ଗଳା)

ଗତ ୧୪ ଓ ୧୫ ପୌଷ, ୧୪୨୨ ଗୁରୁବାର ଓ ଶୁକ୍ରବାର ଇଂରାଜୀ ୩୧ ଡ଼ିସେମ୍ବର ୨୦୧୫ ଓ ପହିଲା ଜାନୁଆରୀ ୨୦୧୬ ଦେଶର ନାନା ପ୍ରାନ୍ତରୁ ଆଗତ ଋତ୍ୱିକ୍‌, ଅଧ୍ୱର୍ଯ୍ୟୁ ଓ ଯାଜକ ତଥା ଅପରାପର ବହୁ ଇଷ୍ଟଭ୍ରାତା ଓ ମା'ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଗଲା ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କର ଶୁଭ ୧୦୫ତମ ଜନ୍ମ ମହୋତ୍ସବ ଏବଂ ତତ୍‌ସହ ୩୦୨ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍‌–ସମ୍ମେଳନ ।

ମହୋତ୍ସବରେ ନିତ୍ୟ ଉପାସନା ସ୍ଥଳଗୁଡ଼ିକୁ ସୁଦୃଶ୍ୟ ପତ୍ରପୁଷ୍ପଦାମରେ ସୁସଜ୍ଜିତ କରାଯାଏ । ପ୍ରଣାମର ସ୍ଥଳଗୁଡ଼ିକରେ ଥିଲା ମାଙ୍ଗଳିକ ଆଳପନା । ସନ୍ଧ୍ୟାରେ ଠାକୁରବଙ୍ଗଳାର ଓ ଷୋଡ଼ଶୀଭବନର ଗୃହଗୁଡ଼ିକରେ ଥିଲା ଆଲୋକମାଳାର ଝଲମଲ ସୁସଜ୍ଜା ।

କିଛିଦିନ ଧରି ନିମ୍ନତମ ତାପମାତ୍ରା ୧୦° ସେଲ୍‌ସିୟସ୍‌ର ତଳକୁ ଚାଲି ଯାଇଥିଲା । ବର୍ତ୍ତମାନ ତା' ୧୦° ସେଲ୍‌ସିୟସ୍‌ର ପାଖାପାଖି ଉଠାପକା କରୁଛି । ଏହି ପ୍ରବଳ ଶୀତକୁ ଉପେକ୍ଷା କରି ବହୁ ଦୂର ଦୂରରୁ ଏହି ମାଳଭୂମି ଅଞ୍ଚଳରେ ଉପନୀତ ହୋଇଛନ୍ତି ଅଗଣିତ ଆବାଳବୃଦ୍ଧବନିତା ।

ଗତ ୩୦ ଓ ୩୧ ଡ଼ିସେମ୍ବର ଆନନ୍ଦବଜାରର ଦାୟିତ୍ୱ ପାଳନ

କରନ୍ତି ପଶ୍ଚିମ ଭାରତ ସତ୍‌ସଙ୍ଗ । ଗତ ପହିଲା ଜାନୁଆରୀ ଓ ୨ ଜାନୁଆରୀ ଆନନ୍ଦବଜାରର ଦାୟିତ୍ୱ ପାଳନ କରନ୍ତି ଉତ୍ତର ଭାରତ ସତ୍‌ସଙ୍ଗ ।

ଉଭୟ ଦିନହିଁ ଠାକୁରବଙ୍ଗଳାରେ ଅତି ପ୍ରତ୍ୟୁଷରେ ବେଦମାଙ୍ଗଲିକୀ ପରିବେଷିତ ହୁଏ । କଣ୍ଠ ଦିଅନ୍ତି ସର୍ବଶ୍ରୀ ବିଦ୍ୟାନନ୍ଦ ପାଣ୍ଡେ, ଗୌତମ ଭଟ୍ଟାଚାର୍ଯ୍ୟ, ଜୟଦେବ ଶତପଥୀ ଓ ଭାସ୍କର ଚକ୍ରବର୍ତ୍ତୀ ।

ବ୍ରାହ୍ମମୁହୂର୍ତ୍ତରେ ଉଭୟ ଦିନହିଁ ଉଷାକୀର୍ତ୍ତନର ବିରାଟ ଦଳ 'ପ୍ରଭାତ ଯାମିନୀ ଉଦିତ ଦିନମଣି' ଗାଇ ଗାଇ ଠାକୁରବଙ୍ଗଳା, ଷୋଡ଼ଶୀଭବନ, ସମାଧିକ୍ଷେତ୍ର ପରିକ୍ରମା କରି ମନୋମୋହିନୀ ଧାମକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

ସମାଗତ ହଜାର ହଜାର ଗୁରୁଭାଇ ଓ ମା' ପରମଦୟାଳ ପରମପିତା ଶ୍ରୀଶ୍ରୀଠାକୁରଙ୍କ ପୁଣ୍ୟ ପାଦପୀଠରେ ଉପନୀତ ହୋଇ ଠାକୁରବଙ୍ଗଳାରେ ଯଥାକ୍ରମେ ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା'ଙ୍କ ପ୍ରଣାମ ପରେ ଷୋଡ଼ଶୀଭବନରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କୁ ପ୍ରଣାମ କରନ୍ତି । ତତ୍‌ପରେ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଦର୍ଶନ ପାଇଁ ଉଦ୍‌ଗ୍ରୀବ ହୁଅନ୍ତି । ଶ୍ରୀଶ୍ରୀଦାଦା ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ମଣ୍ଡପରେ ଦୀର୍ଘ ସମୟ ଧରି ଉପବିଷ୍ଟ ରୁହନ୍ତି । ଭାଇମାନେ, ମା'ମାନେ ସ୍ୱତନ୍ତ୍ର ଲାଇନରେ ଛିଡ଼ା ହୋଇ ଦର୍ଶନ ଓ ପ୍ରଣାମ କରି ତାଙ୍କ ପୂତ ଆଶୀର୍ବାଦ ଲାଭ କରନ୍ତି ।

ରତ୍ୱିକ୍‌-ସମ୍ମେଳନ
ପ୍ରଥମ ଦିବସ
(ତାଂ୩୧।୧୨।୨୦୧୫ରିଖ, ଗୁରୁବାର)

ଅନୁଷ୍ଠାନ ସୂଚୀ ଅନୁଯାୟୀ ସକାଳ ୧୦ଟାରେ ଆନନ୍ଦବଜାର ଭବନର ଚତୁର୍ଥ ତଳରେ ଆରମ୍ଭ ହେଲା ୩୦୨ତମ ସର୍ବଭାରତୀୟ ସତ୍‌ସଙ୍ଗ ରତ୍ୱିକ୍‌-ସମ୍ମେଳନ । ଦେଶର ନାନା ପ୍ରାନ୍ତରୁ ନାନା ଭାଷାଭାଷୀ ହଜାର ହଜାର ରତ୍ୱିକ୍‌, ଅଧ୍ୱର୍ଯ୍ୟୁ, ଯାଜକ କର୍ମିମାନେ ଉପସ୍ଥିତ ହୋଇଛନ୍ତି । ସତ୍‌ସଙ୍ଗ ସଭାପତି ପୂଜ୍ୟପାଦ ମେଜଦା, ପୂଜନୀୟ ବାବାଇବାବୁ ଯଥାସମୟରେ ଉପସ୍ଥିତ ହୋଇଛନ୍ତି । ଠିକ୍‌ ଦଶ ଘଟିକା ସମୟରେ ବିନତି-ପ୍ରାର୍ଥନା ହେଲା । ମାଇକିରେ ତରୁଣ କୁମାର ପାଲ ।

ସତ୍‌ସଙ୍ଗ-ସମ୍ପାଦକ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସରକାର ସତ୍‌ସଙ୍ଗ-ସଭାପତି ପୂଜ୍ୟପାଦ ମେଜଦାଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଇଲେ କର୍ମିମାନଙ୍କ ଉଦ୍ଦେଶ୍ୟରେ କିଛି କହିବା ପାଇଁ ।

('ରତ୍ୱିକ୍‌-ସମ୍ମେଳନରେ ସତ୍‌ସଙ୍ଗ-ସଭାପତି ପୂଜ୍ୟପାଦ ମେଜଦା' ଶୀର୍ଷକ ବିବରଣୀ ଦ୍ରଷ୍ଟବ୍ୟ ।)

ଅତଃପର ସତ୍‌ସଙ୍ଗ-ସମ୍ପାଦକ ସମ୍ମେଳନରେ ଉପସ୍ଥିତ ପୂଜ୍ୟପାଦ ମେଜଦା, ପୂଜନୀୟ ବାବାଇବାବୁ ଏବଂ ପରିବାରର ଅନ୍ୟାନ୍ୟ ଗୁରୁଜନଙ୍କ ଶ୍ରୀଚରଣରେ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇ, ସମବେତ କର୍ମିମାନଙ୍କୁ ଜଣାଇଲେ ଶ୍ରଦ୍ଧା, ଜୟଗୁରୁ ଓ ପ୍ରଣାମ । ସମ୍ପାଦକ ମହାଶୟ କହିଲେ— ଏତେକ୍ଷଣ ପର୍ଯ୍ୟନ୍ତ ଆମେ ପୂଜ୍ୟପାଦ ମେଜଦାଙ୍କ କଥା ଶୁଣୁଥିଲୁ । ତାଙ୍କ ଆଶୀର୍ବାଦ ମଥାରେ ବହନ କରି ଇଷ୍ଟପ୍ରତିଷ୍ଠାରେ ଆମେ ଆଗେଇ ଯିବା ।

ପରମଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଐଶୀକରୁଣାରେ, ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଆଶୀର୍ବାଦରେ ଏବଂ ପ୍ରଧାନ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଭାଗବତ ପରିଚାଳନାରେ ୨୦୧୪-୧୫ବର୍ଷରେ ସତ୍‌ସଙ୍ଗ ତା'ର ଉଦ୍ଦେଶ୍ୟ ପରିପୂରଣରେ ଦ୍ରୁତ ପ୍ରଗତିର ପଥରେ ଆଗେଇ ଚାଲିଛି । ସମ୍ପାଦକ ମହାଶୟ ଉକ୍ତ ଅର୍ଥବର୍ଷର ସତ୍‌ସଙ୍ଗର କାର୍ଯ୍ୟାବଳୀ ପାଠ କରି ଶୁଣାଇଲେ ।

ଉକ୍ତ ସମୟ କାଳ ମଧ୍ୟରେ ଜାତି, ବର୍ଣ୍ଣ, ଧର୍ମମତ ନିର୍ବିଶେଷରେ ଶ୍ରୀଶ୍ରୀଠାକୁରଙ୍କ ଭାଗବତ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ୨୯,୪୯,୮୪୫ ଜଣ ଦୀକ୍ଷା ଗ୍ରହଣ କରନ୍ତି ଏବଂ ୧୦,୩୩୩ ଜଣ ସ୍ୱସ୍ତ୍ୟୟନୀ ବ୍ରତ ଗ୍ରହଣ କରନ୍ତି । ଏହି ସମୟ କାଳ ମଧ୍ୟରେ ସକ୍ରିୟ ରତ୍ୱିକ୍‌, ଅଧ୍ୱର୍ଯ୍ୟୁ ଓ ଯାଜକଙ୍କ ସଂଖ୍ୟା ଥିଲା ୭,୯୪୨ ଜଣରୁ ଅଧିକ ।

ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ତ୍ରିପୁରା, ଆସାମ, ମେଘାଳୟ ଇତ୍ୟାଦି ସମସ୍ତ ରାଜ୍ୟରେ ସହସ୍ରାଧିକ ସତ୍‌ସଙ୍ଗ କେନ୍ଦ୍ର ସମୂହ ମାଧ୍ୟମରେ ଶ୍ରୀଶ୍ରୀଠାକୁରଙ୍କ ଭାଗବତ ଆଦର୍ଶ ସାରା ଦେଶରେ ପ୍ରଚାରିତ ହୋଇଛି । ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଶ୍ରୀଶ୍ରୀଠାକୁରଙ୍କ ଆଧ୍ୟାତ୍ମିକ, ସାମାଜିକ, ଶିକ୍ଷା ଓ କୃଷ୍ଟି ଇତ୍ୟାଦି ନାନା ବିଷୟରେ ତାଙ୍କର ଆଦର୍ଶ ସଞ୍ଚାରିତ ହୋଇଛି ଯାହା ବ୍ୟକ୍ତି ଜୀବନକୁ ସମୃଦ୍ଧ କରିଛି ଏବଂ ଜାତି-ବର୍ଣ୍ଣ-ମତ ନିର୍ବିଶେଷରେ ସମଗ୍ର ସମାଜରେ ନାନା ଭାଷାଭାଷୀଙ୍କ ମଧ୍ୟରେ ତା'ର ପ୍ରତିଫଳନ ଘଟିଛି ।

ଉକ୍ତ ସମୟ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦରେ ୧୭ଟି ନୂତନ ସତ୍‌ସଙ୍ଗ କେନ୍ଦ୍ରର ଉଦ୍‌ବୋଧନ ହୁଏ ଏବଂ ଦେଶରେ ଅନେକଗୁଡ଼ିଏ ନୂତନ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ:— ଏଗୁଡ଼ିକ ଜୀବନ୍ତ ଆଦର୍ଶ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ସ୍ୱାଭାବିକ ପ୍ରେମର ହିଁ ପ୍ରକାଶ । ଏହି ସକଳ କେନ୍ଦ୍ରଗୁଡ଼ିକ ବ୍ୟକ୍ତି ଜୀବନ, ସମାଜ ଜୀବନ ଓ ସମଷ୍ଟି ଜୀବନର ସର୍ବାଙ୍ଗୀନ ଉନ୍ନୟନ ପଥକୁ ପ୍ରଶସ୍ତ କରି ଚାଲିଛି ।



ସ୍ୱ-ଆବାସମନ୍ଦିରେ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା' (ଠାକୁରବଙ୍ଗଳା)

ଏହି ସମୟ କାଳ ମଧ୍ୟରେ ସତ୍‌ସଙ୍ଗକର୍ତ୍ତୃକ ଲକ୍ଷାଧିକ ସମାବେଶ, ସେମିନାର, ଉତ୍ସବ, ସମ୍ମେଳନ ଇତ୍ୟାଦି ଅନୁଷ୍ଠିତ ହୋଇଛି । ସତ୍‌ସଙ୍ଗର କେନ୍ଦ୍ର ବ୍ୟତୀତ ସହର, ନଗରର ସ୍ଥାନେ ସ୍ଥାନେ ଉକ୍ତ ସମାବେଶ ଅନୁଷ୍ଠିତ ହୋଇଛି । ବିଦେଶରେ ବି ବହୁ ସମାବେଶ ଆୟୋଜିତ ହୋଇଛି । ବିଶାଳ ସମାବେଶଗୁଡ଼ିକ ଘଟିଛି ଝାଡ଼ଖଣ୍ଡର ଦେଓଘର ଜିଲ୍ଲା ଅନ୍ତର୍ଗତ ସତ୍‌ସଙ୍ଗ ନଗରରେ । ସମାବେଶଗୁଡ଼ିକ ସଙ୍କୀର୍ଣ୍ଣ ପ୍ରାଦେଶିକତା, ସଙ୍କୀର୍ଣ୍ଣ ଜାତୀୟତା କିମ୍ବା ସାମ୍ପ୍ରଦାୟିକତାକୁ ଭେଦ କରି ସୌଭ୍ରାତୃତ୍ୱ ଏବଂ ଜାତୀୟ ସଂହତିକୁ ପୁଷ୍ଟ କରି ତୋଳିଛି । ଉତ୍ସବ, ସମ୍ମେଳନ ଓ ସେମିନାରଗୁଡ଼ିକରେ ଶ୍ରୀଶ୍ରୀଠାକୁରଙ୍କ ଭକ୍ତଶିଷ୍ୟ ଛଡ଼ାବି ଭାଗବତ ଅଦର୍ଶରେ ଉଦ୍‌ବୁଦ୍ଧ ହୋଇ ସମାଜର ଜ୍ଞାନୀଗୁଣି ବହୁ ବ୍ୟକ୍ତି ଅଂଶ ଗ୍ରହଣ କରିଛନ୍ତି ।

ଏହି ସମୟରେ ତପୋବନ ବିଦ୍ୟାଳୟ ଏବଂ ସତ୍‌ସଙ୍ଗ ବୀଣାପାଣି ବିଦ୍ୟାମନ୍ଦିରରେ ମୋଟ ୩୩୭ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଏ । ୨୦୧୪ ସାଲରେ ୪୩ ଜଣ ଛାତ୍ରଛାତ୍ରୀ ମାଧ୍ୟମିକ ପରୀକ୍ଷା ଦିଅନ୍ତି । ସାକୁଲ୍ୟେ ୩୫ ଜଣ ଛାତ୍ରଛାତ୍ରୀ ସଫଳ ହୁଅନ୍ତି । ଯା' ମଧ୍ୟରେ ୯ ଜଣ ଗ୍ରେଡ଼ 'ଏ' ଏବଂ ୧୭ ଜଣ ଗ୍ରେଡ଼ 'ବି' ନେଇ ପାସ୍ କରନ୍ତି । ଦୁଇଟି ପ୍ରତିଷ୍ଠାନରେ ଏହି ସମୟ କାଳ ମଧ୍ୟରେ ସତ୍‌ସଙ୍ଗର ବ୍ୟୟ ହୁଏ ୮୯,୨୧,୧୩୬ ଟଙ୍କା ।

ଉକ୍ତ ସମୟରେ ସତ୍‌ସଙ୍ଗ ଦାତବ୍ୟ ଚିକିତ୍ସାଳୟରେ ୧,୧୯,୫୨୩ ଜଣଙ୍କୁ ଆଉଟଡ଼ୋରରେ ଏବଂ ୭୨୭ ଜଣଙ୍କୁ ଇନଡ଼ୋରରେ ଚିକିତ୍ସା ପରିଷେବା ପ୍ରଦାନ କରାଯାଏ । ଏତଦ୍‌ବ୍ୟତୀତ ୭,୫୧୪ ଜଣଙ୍କୁ ଏକ୍ସରେ ପରିଷେବା ଓ ୪,୬୭୮ ଜଣଙ୍କୁ ପାଥୋଲଜି ଓ କ୍ଲିନିକ୍ ପରିଷେବା ବିନ୍ୟମୂଲ୍ୟରେ ପ୍ରଦାନ କରାହୁଏ । ଏଥିପାଇଁ ସତ୍‌ସଙ୍ଗର ବ୍ୟୟ ହୁଏ ୧,୮୩,୨୭,୬୧୩ ଟଙ୍କା ।

ସାରାବର୍ଷ ବ୍ୟାପୀ ଆସାମ, ଓଡ଼ିଶା, ପଶ୍ଚିମବଙ୍ଗ, ତ୍ରିପୁରା ଓ ବିହାର ରାଜ୍ୟର ସତ୍‌ସଙ୍ଗ କେନ୍ଦ୍ର ସମୂହ କର୍ତ୍ତୃକ ଆୟୋଜିତ ୩୪ଟିରୁ ଅଧିକ ଚିକିତ୍ସା ଶିବିରଗୁଡ଼ିକରେ ମୋଟ ୩୮,୪୭୬ ଜଣ ରୋଗୀଙ୍କୁ ଚିକିତ୍ସା ପରିଷେବା ଏବଂ ପ୍ରୟୋଜନୀୟ ଔଷଧ ବିନା ମୂଲ୍ୟରେ ପ୍ରଦାନ କରାହୁଏ ।

ଦରିଦ୍ର, ଅସହାୟ, ସମ୍ବଳହୀନମାନଙ୍କ ସହାୟତା ପ୍ରଦାନରେ ଓ ଚିକିତ୍ସା ଇତ୍ୟାଦି ପରିଷେବାରେ ସତ୍‌ସଙ୍ଗ ବ୍ୟୟ କରେ ୧,୮୬,୨୫,୫୯୨ ଟଙ୍କା ।

ଘରବାଡ଼ି ନବୀକରଣ, ରକ୍ଷଣାବେକ୍ଷଣ ଏବଂ ଅତିଥି

ଆବାସଗୁଡ଼ିକର ସଂସ୍କାର କାର୍ଯ୍ୟରେ ସତ୍‌ସଙ୍ଗର ବ୍ୟୟ ହୁଏ ୬,୧୫,୦୬,୩୩୪ ଟଙ୍କା ।

ଜନସାଧାରଣଙ୍କ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶ ପ୍ରଚାରର ଉଦ୍ଦେଶ୍ୟରେ ସତ୍‌ସଙ୍ଗ ପବ୍ଲିଶିଂ ହାଉସରୁ ଅନେକଗୁଡ଼ିଏ ନୂତନ ପୁସ୍ତକ ପ୍ରକାଶିତ ହୁଏ । ଏତଦ୍‌ବ୍ୟତୀତ ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ଓଡ଼ିଆରେ ଅନେକଗୁଡ଼ିଏ ପୁସ୍ତକର ନୂତନ ସଂସ୍କରଣ ହୁଏ । ଏ ସମ୍ବନ୍ଧରେ ସମ୍ପାଦକ ମହାଶୟ ବିସ୍ତାରିତ ଭାବେ ଜଣାଇଲେ ।

ବିଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶ ଓ ସତ୍‌ସଙ୍ଗର କାର୍ଯ୍ୟାବଳୀ ପ୍ରଚାରର ଉଦ୍ଦେଶ୍ୟରେ ସତ୍‌ସଙ୍ଗର ମାସିକ ମୁଖପତ୍ରଗୁଡ଼ିକ ନିୟମିତ ପ୍ରକାଶିତ ହେଉଛି । ମୁଖପତ୍ରଗୁଡ଼ିକର ଗ୍ରାହକ ସଂଖ୍ୟା ନିମ୍ନଭାବେ ଉଲ୍ଲେଖ କରାଗଲା ।

୧- ଆଲୋଚନା (ବଙ୍ଗଳା) : ୮୬,୭୦୦ କପି ।

୨- ଉର୍ଜ୍ଜନା (ଓଡ଼ିଆ) : ୬୭,୫୦୦ କପି ।

୩- ସାତ୍ୱତୀ (ହିନ୍ଦୀ) : ୯,୨୦୦ କପି ।

୪- ଆଗମବାଣୀ (ଅସମିୟା) : ୬,୦୦୦ କପି ।

୫- ସ୍ୱସ୍ତିସେବକ (ବଙ୍ଗଳା) : ୫,୨୦୦ କପି ।

୬- ଲାଇଗେଟ (ଇଂରାଜୀ) : ୭୦୦ କପି ।

ସତ୍‌ସଙ୍ଗ ଦେଓଘରରେ ଉତ୍ସବ ଅନୁଷ୍ଠାନରେ ବିଶାଳ ସମାବେଶଗୁଡ଼ିକରେ ଲକ୍ଷ ଲକ୍ଷ ଭକ୍ତ ଦର୍ଶନାର୍ଥୀଙ୍କୁ ଆନନ୍ଦବଜାରରେ ବିନା ମୂଲ୍ୟରେ ଅନ୍ନ ପ୍ରସାଦ ବିତରଣ କରାହୁଏ । ଉତ୍ସବ ବ୍ୟତୀତ ସତ୍‌ସଙ୍ଗ, ଦେଓଘରରେ ଜାତି, ବର୍ଣ୍ଣ, ମତ ନିର୍ବିଶେଷରେ ଭକ୍ତ ଦର୍ଶନାର୍ଥୀ, ତୀର୍ଥଯାତ୍ରୀ ଓ ଦୁଃସ୍ଥମାନଙ୍କୁ ଦୈନିକ ଦୁଇବେଳା ଅନ୍ନପ୍ରସାଦ ଦିଆଯାଏ । ସତ୍‌ସଙ୍ଗ, ଦେଓଘର ଛଡ଼ାବି ଦେଶର ନାନାପ୍ରାନ୍ତର ସମାବେଶଗୁଡ଼ିକରେ ଜାତି, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ କୋଟି କୋଟି ନରନାରୀଙ୍କୁ ଅନ୍ନପ୍ରସାଦ ବିନା ମୂଲ୍ୟରେ ବିତରଣ କରାହୁଏ ।

ତା'ପରେ ସମ୍ପାଦକ ମହୋଦୟ ଉକ୍ତ ସମୟକାଳ ମଧ୍ୟରେ ଆନନ୍ଦବଜାରର ଆୟବ୍ୟୟର ବିବରଣୀ ପାଠ କରି ଶୁଣାନ୍ତି ।

୩୦୦ତମ ସର୍ବଭାରତୀୟ ସତ୍‌ସଙ୍ଗ ରତ୍ୱିକ୍‌-ସମ୍ମେଳନ ଅନୁଷ୍ଠିତ ହୁଏ ସତ୍‌ସଙ୍ଗ, ଦେଓଘରଠାରେ ୧୧ ଓ ୧୨ ଜୁଲାଇ ୨୦୧୫ । ୧୦ ଓ ୧୧ ଜୁଲାଇ ୨୦୧୫- ଆନନ୍ଦବଜାରର ଦାୟିତ୍ୱରେ ଦକ୍ଷିଣଭାରତ ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୧୨,୬୩,୮୩୭ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୩,୨୦,୮୨୬ ଟଙ୍କା ।

ମୋଟ ବ୍ୟୟ : ୬,୯୦,୩୭୩ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୮,୯୪,୨୯୦ ଟଙ୍କା ।

୧୨ ଓ ୧୩ ଜୁଲାଇ ୨୦୧୫- ଆନନ୍ଦବଜାରର ଦାୟିତ୍ୱରେ ମଧ୍ୟଭାରତ ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୧୫,୩୪,୬୧୫ ଟଙ୍କା ।

ପୂର୍ବର ନିଅଣ୍ଟ : ୧,୨୯,୭୩୮ ଟଙ୍କା ।

ମୋଟ ବ୍ୟୟ : ୫,୪୧,୫୨୩ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୮,୬୩,୩୫୪ ଟଙ୍କା ।

ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଶୁଭ ୧୨୨ତମ ଜନ୍ମତିଥି ଉତ୍ସବ ଅନୁଷ୍ଠିତ ହୁଏ ସତ୍‌ସଙ୍ଗ, ଦେଓଘରଠାରେ ୧୧।୦୮।୨୦୧୫ରେ । ଆନନ୍ଦବଜାରର ଦାୟିତ୍ୱରେ ପୁରୁଲିୟା ଜିଲ୍ଲା ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୬,୮୭,୨୧୭ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୬୯,୩୮୦ ଟଙ୍କା ।

ମୋଟ ବ୍ୟୟ : ୨,୬୦,୧୨୧ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୪,୯୬,୪୭୬ ଟଙ୍କା ।

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଆଗମନୀ ଉତ୍ସବ ଅନୁଷ୍ଠିତ ହୁଏ ସତ୍‌ସଙ୍ଗ, ଦେଓଘରଠାରେ । ପହିଲା ଓ ୨ ସେପ୍ଟେମ୍ବରରେ ଆନନ୍ଦବଜାରର ଦାୟିତ୍ୱରେ ଝାଡ଼ଖଣ୍ଡ ରାଜ୍ୟ ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୧୪,୯୮,୮୧୬ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୬,୭୧,୫୪୮ ଟଙ୍କା ।

ମୋଟ ବ୍ୟୟ : ୧୭,୫୬,୩୬୭ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୪,୧୩,୯୯୭ ଟଙ୍କା ।

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଆବିର୍ଭାବ ତିଥି ଉତ୍ସବ ଅନୁଷ୍ଠିତ ହୁଏ ସତ୍‌ସଙ୍ଗ, ଦେଓଘରଠାରେ ତା।୨୨।୦୯।୨୦୧୫ରିଖରେ । ଆନନ୍ଦବଜାରର ଦାୟିତ୍ୱରେ ବାଙ୍କୁଡ଼ା ଜିଲ୍ଲା ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୯,୨୯,୨୩୨ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୧୧,୬୭,୫୧୧ ଟଙ୍କା ।

ମୋଟ ବ୍ୟୟ : ୮,୨୫,୬୮୩ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୧୨,୭୧,୦୬୦ ଟଙ୍କା ।

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶୁଭ ୧୨୮ତମ ଜନ୍ମ ମହାମହୋତ୍ସବ ଏବଂ ୩୦୧ତମ ସତ୍‌ସଙ୍ଗ ରତ୍ୱିକ୍‌-ସମ୍ମେଳନ ଅନୁଷ୍ଠିତ ହୁଏ ସତ୍‌ସଙ୍ଗ, ଦେଓଘରଠାରେ ୨୫ ଓ ୨୬ ଅକ୍ଟୋବର ୨୦୧୫ । ୨୪ ଓ ୨୫ ଅକ୍ଟୋବର ୨୦୧୫ରେ ଆନନ୍ଦବଜାରର ଦାୟିତ୍ୱରେ ଚବିଶ ପ୍ରଗଣା ଜିଲ୍ଲା ସତ୍‌ସଙ୍ଗ ।

ଉତ୍ତର ଚବିଶ ପ୍ରଗଣା ଜିଲ୍ଲାର

ମୋଟ ସଂଗ୍ରହ : ୮,୬୪,୫୦୯ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୩୦,୬୭,୭୩୮ ଟଙ୍କା ।



ସ୍ୱ-ଆବାସମନ୍ଦିରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା (ଷୋଡ଼ଶୀଭବନ)

ମୋଟ ବ୍ୟୟ (୫୦%) : ୮,୩୪,୯୧୨ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୩୧,୬,୩୨୬ ଟଙ୍କା ।

ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାର

ମୋଟ ସଂଗ୍ରହ : ୬,୮୧,୮୬୫ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୧୫,୨୬,୨୯୬ ଟଙ୍କା ।

ମୋଟ ବ୍ୟୟ (୫୦%) : ୮,୩୪,୯୧୨ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୧୩,୬୩,୨୪୯ ଟଙ୍କା ।

୨୬ ଓ ୨୭ ଅକ୍ଟୋବର ୨୦୧୫ରେ ଆନନ୍ଦବଜାରର ଦାୟିତ୍ୱରେ ମେଦିନୀପୁର ଜିଲ୍ଲା ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୨୧,୪୧,୭୦୪ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୫୨,୧୪,୧୬୩ ଟଙ୍କା ।

ମୋଟ ବ୍ୟୟ : ୮,୬୫,୯୪୯ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୬୪,୮୯,୯୯୮ ଟଙ୍କା ।

ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶୁଭ ୮୩ତମ ଜନ୍ମତିଥି ଉତ୍ସବ ଅନୁଷ୍ଠିତ ହୁଏ ସତ୍‌ସଙ୍ଗ, ଦେଓଘରଠାରେ ତା.୧୪।୧୧।୨୦୧୫ରିଖରେ । ଆନନ୍ଦବଜାରର ଦାୟିତ୍ୱରେ କଲିକତା ଜିଲ୍ଲା ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୪,୪୦,୪୫୬ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୧୮,୭୮,୯୧୧ ଟଙ୍କା ।

ମୋଟ ବ୍ୟୟ : ୫,୦୦,୩୧୨ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୧୮,୧୯,୦୫୫ ଟଙ୍କା ।

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୫ତମ ଜନ୍ମତିଥି ଉତ୍ସବ ଅନୁଷ୍ଠିତ ହୁଏ ସତ୍‌ସଙ୍ଗ, ଦେଓଘରଠାରେ ତା.୧୨।୧୨।୨୦୧୫ରିଖରେ । ଆନନ୍ଦବଜାରର ଦାୟିତ୍ୱରେ ନଦୀୟା ଜିଲ୍ଲା ସତ୍‌ସଙ୍ଗ ।

ମୋଟ ସଂଗ୍ରହ : ୪,୬୧,୭୭୪ ଟଙ୍କା ।

ପୂର୍ବର ଉଦ୍‌ବୃତ୍ତ : ୬,୧୩,୯୮୫ ଟଙ୍କା ।

ମୋଟ ବ୍ୟୟ : ୫,୧୪,୭୮୩ ଟଙ୍କା ।

ମୋଟ ଉଦ୍‌ବୃତ୍ତ : ୫,୪୦,୯୭୬ ଟଙ୍କା ।

ଏହାପରେ ସମ୍ପାଦକ ମହାଶୟ ୨ଟି ଶୋକ ସମ୍ବାଦ ଜଣାଇଲେ । ଶ୍ରୀଶ୍ରୀ୦ାକୁରଙ୍କ ମହାପ୍ରୟାଣ ଦିବସ ୧୨ ମାଘ ୧୪୨୨, ବୁଧବାର, ଇଂରାଜୀ ୨୭ ଜାନୁଆରୀ, ୨୦୧୬ ।

ଶ୍ରୀଶ୍ରୀ୦ାକୁରଙ୍କ ମହାପ୍ରୟାଣ ତିଥି ୩ ଫାଲ୍‌ଗୁନ ୧୪୨୨, ମଙ୍ଗଳବାର, ଇଂରାଜୀ ୧୬ ଫେବୃଆରୀ, ୨୦୧୬ । ମହାପ୍ରୟାଣ

ତିଥିରେ ସତ୍‌ସଙ୍ଗିଗଣଙ୍କ ହବିଷ୍ୟକୃତ୍ୟ ।

ଦୋଳ ଉତ୍ସବ ୨୭ ମାର୍ଚ୍ଚ ୨୦୧୬ରେ ଅନୁଷ୍ଠିତ ହେବ । ଦେଓଘର ଛଡ଼ା ବି ସ୍ଥାନୀୟଭାବେ ପାଳନ କରାଯିବ ।

ଆଗାମୀ ନବବର୍ଷ ପୁରୁଷୋତ୍ତମ ସ୍ୱସ୍ତିତୀର୍ଥ ମହାଯଜ୍ଞ ତତ୍‌ସଙ୍ଗ ୩୦୩ତମ ସର୍ବଭାରତୀୟ ସତ୍‌ସଙ୍ଗ ରତ୍ୱିକ୍‌-ସମ୍ମେଳନ ସତ୍‌ସଙ୍ଗ, ଦେଓଘରଠାରେ ଅନୁଷ୍ଠିତ ହେବ ପହିଲା ଓ ୨ ବୈଶାଖ ୧୪୨୩, ଇଂରାଜୀ ୧୪ ଓ ୧୫ ଅପ୍ରେଲ ୨୦୧୬ରେ । ଏହି ଉତ୍ସବର ଅର୍ଘ୍ୟ ସଂଗ୍ରହର ରସିଦ ବହି ଉତ୍ସବ ଅଫିସରେ ପାଇବେ । ସଂଗୃହୀତ ଅର୍ଘ୍ୟ ଫିଲାନ୍‌ଥ୍ରପୀରେ ଜମା ଦେବା ସମୟରେ ରସିଦ ବହିର ନମ୍ବର ଉଲ୍ଲେଖ କରି ଜମା ଦେବେ । ନବବର୍ଷ ପୁରୁଷୋତ୍ତମ ସ୍ୱସ୍ତିତୀର୍ଥ ମହୋତ୍ସବରେ ଆନନ୍ଦବଜାରର ଦାୟିତ୍ୱ ୧୪ ଅପ୍ରେଲ ମାଲଦା ଜିଲ୍ଲା ସତ୍‌ସଙ୍ଗ ଓ ୧୫ ଅପ୍ରେଲ ମେଦିନୀପୁର ଜିଲ୍ଲା ସତ୍‌ସଙ୍ଗ ।

ଆଗାମୀ ଦୀକ୍ଷା ଦିବସ —

ଭାରତରେ ୨୦ ମାର୍ଚ୍ଚ ରବିବାର ୨୦୧୬ ।

ନେପାଳରେ ୧୯ ମାର୍ଚ୍ଚ ଶନିବାର ୨୦୧୬ ।

ବଙ୍ଗଳାଦେଶରେ ୧୮ ମାର୍ଚ୍ଚ ଶୁକ୍ରବାର ୨୦୧୬ ।

ଇଷ୍ଟାର୍ଘ୍ୟ ଜମା ଦେବା ବିଷୟରେ ସମ୍ପାଦକ ମହାଶୟ ଜଣାଇଲେ — ଯା'ର କୌଣସି ଆଇଡ଼େଣ୍ଟିଟି (identity) ନାହିଁ ସେରକମ ଲୋକର ଇଷ୍ଟାର୍ଘ୍ୟ ଜମା ହେଲେ anonymous contribution ହୋଇଯିବ ଏବଂ ତାହା taxable ହୋଇଯିବ । ସେଥିପାଇଁ pan କାର୍ଡ଼ ହେବାର ଯୋଗ୍ୟ ହେଲେ ସେମାନେ pan କରାଇ ଫିଲାନ୍‌ଥ୍ରପୀରେ ମୋ ପାଖରେ ଜମା ଦେବେ । ଅର୍ଘ୍ୟ ଜମା ଦେବାର ନୂଆ ଫର୍ମ ଛପା ହୋଇଛି । ସେହି ଫର୍ମରେ ଜମା ଦେବେ । ସବୁ କମ୍ପ୍ୟୁଟର ସେଣ୍ଟରରେ ସେହି ଫର୍ମ ପାଇବେ । ଏହି ବିଷୟରେ ଜାଣିବା ପାଇଁ ସିଷ୍ଟମରେ ଶିବାନନ୍ଦ ପ୍ରସାଦ (ସହ-ସମ୍ପାଦକ)ଙ୍କ ସହିତ ଯୋଗାଯୋଗ କରିବେ ।

ଷ୍ଟେଟବ୍ୟାଙ୍କ୍ ଅଫ ଇଣ୍ଡିଆ ଓ ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ ଇଣ୍ଡିଆ ମାଧ୍ୟମରେ ଇଷ୍ଟାର୍ଘ୍ୟ ପଠାଇବାର ବ୍ୟବସ୍ଥା ଥିଲା । ଗତଥର ଏଥିସହିତ ଆହ୍ମାବାଦ ବ୍ୟାଙ୍କ୍ ମାଧ୍ୟମରେ ପଠାଇବାର ବ୍ୟବସ୍ଥା ହୋଇଛି । ଏବେଠାରୁ ଆହୁରିବି ଦୁଇଟି ବ୍ୟାଙ୍କ୍ ଏହି ସୁବିଧା ଦେଉଛନ୍ତି । ସେଥିରୁ ଗୋଟେ ହେଲା ବ୍ୟାଙ୍କ୍ ଅଫ ଇଣ୍ଡିଆ — ସେମାନେ ଫର୍ମ ଛପାଇ ଦେଇଛନ୍ତି । ଏବେବି ଚାଲାଣର ତିନୋଟି ଅଂଶ ୧- Bank copy ୨- Devotee copy ୩- Satsang copy. ବ୍ୟାଙ୍କ୍ କପି ବ୍ୟାଙ୍କ୍‌ରେ ଜମା ଦେବେ । ଡ଼ିଭୋଟି କପି ଓ ସତ୍‌ସଙ୍ଗ କପି ନେଇ ଇଷ୍ଟାର୍ଘ୍ୟର ବିଶଦ ବିବରଣୀ ସହିତ ସତ୍‌ସଙ୍ଗ କମ୍ପ୍ୟୁଟର ସେଣ୍ଟରରେ ଜମା ଦେଲେ ଅର୍ଘ୍ୟ-ପ୍ରଶ୍ନସ୍ତି ପାଇବେ । ଡ଼ିଭୋଟି କପି ଆପଣଙ୍କ ପାଖରେ ରହିବ । ୟୁ.କେ. ବ୍ୟାଙ୍କ୍‌ରୁ ମଧ୍ୟ ଏକା ଧରଣର ସୁବିଧା ପାଇବେ ।

ଯେଉଁମାନଙ୍କର ପ୍ୟାନ୍ କାର୍ଡ଼ ହୁଏନା ପ୍ରତ୍ୟନ୍ତ ଗ୍ରାମରେ ରୁହନ୍ତି ସେମାନଙ୍କ କ୍ଷେତ୍ରରେ ଅବଶ୍ୟ ହିଁ ଭୋଟର କାର୍ଡ଼, ଆଧାର କାର୍ଡ଼ ଓ କୌଣସି ଉପଯୁକ୍ତ ପରିଚୟ ପତ୍ରର ଜେରକ୍ସ କପି ଇଷ୍ଟାର୍ଘ୍ୟ ସହିତ ଜମା ଦେବେ ।

ବ୍ୟାଙ୍କ୍ ଅଫ ଇଣ୍ଡିଆର ଏକାଉଣ୍ଟ ନମ୍ବର ହେଉଛି — ୪୪୬୧୨୦୧୧୦୦୦୦୨୪୬, ସତ୍‌ସଙ୍ଗ, ଦେଓଘର । ୟୁ.କୋ. ବ୍ୟାଙ୍କ୍‌ର ଏକାଉଣ୍ଟ ନମ୍ବର — ୦୦୨୮୦୨୧୦୦୦୦୭୬୨୨- ସତ୍‌ସଙ୍ଗ କଲେକ୍‌ସନ ଏକାଉଣ୍ଟ । ଗୋଟେ ବିଷୟ ମନେ ରଖିବେ ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ ଇଣ୍ଡିଆ, ଷ୍ଟେଟ୍ ବ୍ୟାଙ୍କ୍ ଅଫ ଇଣ୍ଡିଆ, ଆହ୍ମାବାଦ ବ୍ୟାଙ୍କ୍ ଅଫ ଇଣ୍ଡିଆ, ୟୁ.କୋ. ବ୍ୟାଙ୍କ୍ — ଏହି ବ୍ୟାଙ୍କ୍‌ଗୁଡ଼ିକରୁ କେବଳ ନଗଦ ଜମା (cash deposite) କ୍ଷେତ୍ରରେ ହିଁ ସୁବିଧା ମିଳିବ ।

ଆଜି ସନ୍ଧ୍ୟା ୬ଟାରେ ଫିଲାନ୍‌ଥ୍ରପୀର ସମ୍ମୁଖସ୍ଥ ନାଟମଣ୍ଡପରେ ଆପଣମାନେ ଉପସ୍ଥିତ ରହିବେ । ଆମେ ସମସ୍ତେ ଉପସ୍ଥିତ ହୋଇ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶ୍ରୀଚରଣରେ ଆଶୀର୍ବାଦ ପ୍ରାର୍ଥନା କରିବା ।

ଆଗାମୀ ୧୭ ଜାନୁଆରୀ ୨୦୧୬ 'ଅମରଧାମ'ରେ ୫୭, ଯତୀନ୍ଦ୍ରମୋହନ ଆଭିନ୍ୟୁରେ ବାର୍ଷିକ ଅନୁଷ୍ଠାନ ହେବ । ଏହି ଅନୁଷ୍ଠାନରେ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଗତ ଥର ଉପସ୍ଥିତ ଥିଲେ । ଏଥର ବି ତାଙ୍କ ଆଶୀର୍ବାଦ ପ୍ରାର୍ଥନା କରା ହୋଇଛି । ଏହି ଉତ୍ସବରେ କଲିକତା, ହାଓଡ଼ା, ୨୪ବିଶ ପ୍ରଗଣା, ହୁଗୁଳି, ବର୍ଦ୍ଧମାନ, ମେଦିନୀପୁର — ଏହି ସବୁ ଜିଲ୍ଲାର କର୍ମିମାନଙ୍କ ଉପସ୍ଥିତି ଓ ସକ୍ରିୟ ସହଯୋଗିତା କାମନା କରୁଛି ।

ପରମଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତିଷ୍ଠିତ ସତ୍‌ସଙ୍ଗ ଗୋଟେହିଁ, ଏହାର କୌଣସି ଭାଗ ନାହିଁ, କୌଣସିବି ବିକଳ୍ପ ନାହିଁ, ସେ ହିଁ ଏହାର ମାଲିକ । କୌଣସି କୌଣସି ପ୍ରତିଷ୍ଠାନ ତା' ସଙ୍ଗେ ସତ୍‌ସଙ୍ଗର ନାମ ଓ ବିଭିନ୍ନ ଫଟୋ ଯୋଗ କରି ୱେବ୍ ସାଇଟ୍‌ରେ ନାନା ଧରଣର ବିଜ୍ଞାପନ ଦେଉଛନ୍ତି । ଆପଣମାନେ ସାବଧାନ ରହିବେ, ସତର୍କ ରହିବେ — କେହି ଯେପରି ବିଭ୍ରାନ୍ତ ନ ହୁଏ ।

ସତ୍‌ସଙ୍ଗ-ସମ୍ପାଦକ ମହାଶୟ ଜଣାଇଲେ ତିନିବର୍ଷ ପୂର୍ବେ ସତ୍‌ସଙ୍ଗର ଯେଉଁ କାର୍ଯ୍ୟକରୀ କମିଟି (Executive committee) ଗଠିତ ହୋଇଥିଲା ସେହି କମିଟିର ଅବଧି ଆଜି ଶେଷ ହେଉଛି । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ସମ୍ମତିରେ ନୂତନ କାର୍ଯ୍ୟକରୀ ସମିତିର ସଦସ୍ୟମାନଙ୍କର ନାମ ପାଠ କରି ଶୁଣାଉଛି ।

୧- ଡ଼ାଃ. ଅଲୋକ କୁମାର ଚକ୍ରବର୍ତ୍ତୀ - ପ୍ରେସିଡ଼େଣ୍ଟ ।

୨- ପ୍ରଫେସର ଡ଼ଃ. ସୁଭାଷ ଚନ୍ଦ୍ର ବ୍ୟାନାର୍ଜ୍ଜୀ - ଭାଇସ୍ ପ୍ରେସିଡ଼େଣ୍ଟ ।

୩- ଶ୍ରୀଯୁକ୍ତ ଅମଳ କୁମାର ଚକ୍ରବର୍ତ୍ତୀ - ଅର୍ଗାନାଇଜିଂ ଚେୟାର୍‌ମ୍ୟାନ ।

୪- ଶ୍ରୀଯୁକ୍ତ ଅମ୍ବରୀଷ ଚକ୍ରବର୍ତ୍ତୀ - ଅର୍ଗାନାଇଜିଂ ଭାଇସ୍ ଚେୟାର୍‌ମ୍ୟାନ ।

୫- ଶ୍ରୀଯତୀନ୍ଦ୍ର ନାଥ ମହାନ୍ତି - ଅର୍ଗାନାଇଜିଂ ଭାଇସ୍ ଚେୟାର୍‌ମ୍ୟାନ ।

୬- ଶ୍ରୀଯୁକ୍ତ ଅର୍କଦ୍ୟୁତି ଚକ୍ରବର୍ତ୍ତୀ - ଆଡ୍‌ମିନିଷ୍ଟ୍ରେଟର ।

୭- ଡ଼ଃ. ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ - ଡ଼େପୁଟି ଆଡ଼ମିନିଷ୍ଟ୍ରେଟର ।

୮- ଶ୍ରୀଯୁକ୍ତ କାର୍ତ୍ତିକଚନ୍ଦ୍ର ସରକାର - ସେକ୍ରେଟାରୀ ।

୯- ଡ଼ାଃ. ବିନାୟକ ମହାପାତ୍ର- ଆସିଷ୍ଟାଣ୍ଟ ସେକ୍ରେଟାରୀ ।

୧୦- ଶ୍ରୀଯୁକ୍ତ ଶିବାନନ୍ଦ ପ୍ରସାଦ - ଆସିଷ୍ଟାଣ୍ଟ ସେକ୍ରେଟାରୀ ।

୧୧- ଡ଼ଃ. ନୃସିଂହ ପ୍ରସାଦ ତ୍ରିପାଠୀ - ଆସିଷ୍ଟାଣ୍ଟ ସେକ୍ରେଟାରୀ ।

୧୨- ଶ୍ରୀସାଧନ ଚନ୍ଦ୍ର ମଣ୍ଡଳ - ଆସିଷ୍ଟାଣ୍ଟ ସେକ୍ରେଟାରୀ ।

୧୩- ଶ୍ରୀଯୁକ୍ତ ଅନିରୁଦ୍ଧ ଚକ୍ରବର୍ତ୍ତୀ - ମେମ୍ବର ।

୧୪- ଶ୍ରୀଯୁକ୍ତ ଅମିତ୍ରଜିତ୍ ଚକ୍ରବର୍ତ୍ତୀ - ମେମ୍ବର ।

୧୫- ଡ଼ାଃ. ସ୍ୱପନ କୁମାର ବିଶ୍ୱାସ - ମେମ୍ବର ।

୧୬- ଶ୍ରୀଯୁକ୍ତ ବିଶ୍ୱପତି ସରକାର - ମେମ୍ବର ।

୧୭- ଶ୍ରୀଧନଞ୍ଜୟ ମାଝି - ମେମ୍ବର ।

୧୮- ମହମ୍ମଦ ନୁରୁଲ ଇସ୍‌ଲାମ - ମେମ୍ବର ।

୧୯- ଶ୍ରୀ ଶ୍ରୀଧରସୁନ୍ଦର ମିଶ୍ର - ମେମ୍ବର ।

୨୦- ଶ୍ରୀନାରାୟଣ ପ୍ରସାଦ - ମେମ୍ବର ।

୨୧- ଶ୍ରୀପରିମଳ ବଡୁଆ - ମେମ୍ବର ।

୨୨- ଶ୍ରୀସୁଧୀର ଯଶବନ୍ତ ବଲମେ - ମେମ୍ବର ।

୨୩- ଶ୍ରୀଯୁକ୍ତ ଶାନ୍ତି ରଞ୍ଜନ କର - ମେମ୍ବର ।

୨୪- ଡ଼ଃ. କନିପକମ ନରହରି ମୂର୍ତ୍ତିରେଡ଼ି - ମେମ୍ବର ।

୨୫- ଶ୍ରୀଯପେନ୍ଦ୍ର ନାଥ ନର୍ଜାରୀ - ମେମ୍ବର ।

୨୬- ଡ଼ଃ. ଅମରେନ୍ଦ୍ର ନାଥ କନରର - ମେମ୍ବର ।

ଏହାପରେ ସତ୍‌ସଙ୍ଗ-ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସରକାର ସତ୍‌ସଙ୍ଗର ଭାଇସ୍ ଚେୟାର୍‌ମ୍ୟାନ ଶ୍ରୀଯତୀନ୍ଦ୍ର ନାଥ ମହାନ୍ତିଙ୍କୁ କିଛି କହିବା ପାଇଁ ଅନୁରୋଧ କରନ୍ତି ।

ଶ୍ରୀମହାନ୍ତି କହନ୍ତି— ୨୦୧୫ ଶେଷ ହେଲା— ଗୋଟେ ବର୍ଷ ଚାଲିଗଲା । ଶ୍ରୀଶ୍ରୀଠାକୁର କହନ୍ତି— ସମୟଟା ଆଶୀର୍ବାଦ ସ୍ୱରୂପ । ସେହି ଆଶୀର୍ବାଦ ଲାଭ କରିବା ସମ୍ଭବ ହୁଏ ଯେତେବେଳେ ଯେଉଁ ସମୟରେ ଯାହା କରିବା ଉଚିତ୍ ଠିକ୍ ସମୟରେ ତାହା ସମ୍ପାଦନ କରିବା ମଧ୍ୟ ଦେଇ । ୧୯୪୧ ସାଲରେ ଶ୍ରୀଶ୍ରୀଠାକୁର ଆହୁରି କହିଥିଲେ— ଏପରି ଦିନ ଆସୁଛି, ମଣିଷ ବଞ୍ଚିବା ପାଇଁ ହନ୍ୟ ହୋଇ ବୁଲିବ । ସେହିଦିନ ଏବେ ହୋଇଯାଇଛି । ପ୍ରତିଟି ମଣିଷ ନିରାପତ୍ତାର ଅଭାବ ହେତୁ ଭୋଗୁଛି । ଅସ୍ତିତ୍ୱ ରକ୍ଷାରେ ସନ୍ଦିହାନ । ଏ ଅବସ୍ଥାରେ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ବଞ୍ଚିବାର କେନ୍ଦ୍ର ହିସାବରେ ସଦ୍‌ଦୀକ୍ଷାର ପ୍ଲାବନ ତିଆରି କରିଦେଲେ । ସମଗ୍ର ଭାରତବର୍ଷ ସହ ବହିର୍ଭାରତରେ ବି ଯେଭଳି ଭାବରେ ଦୀକ୍ଷାର ହାର ବୃଦ୍ଧି ପାଇଛି ଏହା ମଧ୍ୟ ଦେଇ ସତ୍‌ସଙ୍ଗ ଯେ ଏକ ବିଶାଳ ଆଧ୍ୟାତ୍ମିକ ଗଣ ଆନ୍ଦୋଳନ ସୃଷ୍ଟି କରିଛି ଏ ସମ୍ପର୍କରେ ବିଦଗ୍ଧ ଜନଙ୍କର କୌଣସି ଦ୍ୱିମତ ନାହିଁ । ଏହି ବ୍ୟାପକ ସଂଖ୍ୟକ ଦୀକ୍ଷା ଓ ସତ୍‌ସଙ୍ଗର ନାନାବିଧ କାର୍ଯ୍ୟକ୍ରମ ପରିବେଶ ଓ ସମାଜ ଉପରେ ଭଲ ପ୍ରଭାବ ପକାଉଛି ।

ଏହାପରେ ସହ-ସଭାପତି ଡ଼ଃ. ସୁଭାଷ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ କହନ୍ତି— ପୁରୁଷୋତ୍ତମ ହିଁ ଜଗତର ଏକମାତ୍ର ମୂଳାଧାର— ସିଏହିଁ ମାନବ ଜାତିର କୀଳକେନ୍ଦ୍ର । ତାଙ୍କୁ ଅନୁସରଣ କରି, ଭଲପାଇ ମଣିଷ ସହଜ ଭାବରେ ବିବର୍ଦ୍ଧିତ ହୋଇପାରେ । ଯୁଗ ଯୁଗ ଧରି ପୃଥିବୀର ମଣିଷ ଯେପରି ଏହି ଅମୃତ ପଥକୁ ସୁନ୍ଦର ଓ ସଠିକ୍ ଭାବେ ଅନୁସରଣ କରି ଆନନ୍ଦ ଲାଭ କରିପାରେ ଠାକୁର ଏଥିପାଇଁ ଆଚାର୍ଯ୍ୟ-ପରମ୍ପରା ସୃଷ୍ଟି କରି ଯାଇଛନ୍ତି ।

ପରବର୍ତ୍ତୀ ପ୍ରବୀଣ କର୍ମୀ ଶ୍ରୀଯୁକ୍ତ ନାରାୟଣ ପ୍ରସାଦ କହନ୍ତି— ଦେଶରେ, ଏହି ସମାଜରେ, ପରିବେଶର ଲକ୍ଷ ଲକ୍ଷ ମଣିଷଙ୍କର ବାସ । ସକଳଙ୍କ ସୁଧା ଛବି ମଣିଷର ପରି । କିନ୍ତୁ ଆମେ ପ୍ରତିନିୟତ ଦେଖୁଛୁ ବିବେକହୀନ ମଣିଷର ତାଣ୍ଡବ । ଏଇଟା ଖୁବ୍ ହିଁ ସତ୍ୟ ଯେ— ଆମେ ଠାକୁରଙ୍କ ପାଖକୁ ନ ଆସିଥିଲେ ଆମେବି ପ୍ରବୃତ୍ତିମୁଖୀ, ଅମଣିଷ ଶଇତାନ ହୋଇ ଉଠିଥା'ନ୍ତୁ । ଠାକୁରଙ୍କ ଚରଣାଶ୍ରିତ ହୋଇଛୁ ବୋଲି ହିଁ ଭଲଭାବେ ବଞ୍ଚିବାର ରସ ପାଇଛୁ, ପ୍ରେରଣା ପାଇଛୁ । ପ୍ରତ୍ୟେକଟି ମଣିଷ ବଞ୍ଚିବାକୁ ଚାହେଁ, ପ୍ରବୃତ୍ତିମୁଖୀ ଯନ୍ତ୍ରଣାରୁ ମୁକ୍ତ ହେବାକୁ ଚାହେଁ । ମଣିଷକୁ ଠାକୁରଙ୍କ ସଙ୍ଗେ ଯୁକ୍ତ କରି ତନ୍ମୁଖୀ ଚଳନରେ ଅଭ୍ୟସ୍ତ କରିପାରିଲେ ହିଁ ମଣିଷ ପ୍ରକୃତ ଆନନ୍ଦ ପାଇବ । ସମାଜର ପରିବର୍ତ୍ତନ ଆଣିବାକୁ ହେଲେ ଏହିଭାବେହିଁ ଆଣିବାକୁ ହେବ । ଏଥିପାଇଁ ଠାକୁର ଦୀକ୍ଷା ଉପରେ ଏତେ ଜୋର ଦେଇଛନ୍ତି । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ବଳିଷ୍ଠ ହାତରେ ତାହା ବାସ୍ତବାୟିତ କରୁଛନ୍ତି ।

ଏହାପରେ ମାନନୀୟ ସମ୍ପାଦକ ମହାଶୟ ଗୋଟେ

ଆନନ୍ଦର ସମ୍ବାଦ ଶୁଣାନ୍ତି । ୨୦୧୬ର ୨୮-ଡ଼ିସେମ୍ବରରେ ଦକ୍ଷିଣ ଚବିଶ ପ୍ରଗଣାର ''ଚକ୍ରତୀର୍ଥ''ରେ ଶ୍ରୀଶ୍ରୀଠାକୁରଙ୍କ ମହାଭାବସମାଧିର ଶତବର୍ଷ ଅନୁଷ୍ଠିତ ହେବ । ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାବସମାଧି ବିଶ୍ୱ ଇତିହାସରେ ଏକ ଅଭୂତପୂର୍ବ ଘଟଣା । ଜଣେ ମଣିଷ, ଦେହରେ କୌଣସି ହୃତ୍‌ସ୍ପନ୍ଦନ ନାହିଁ, ନାଡ଼ୀର କୌଣସି ଗତି ନାହିଁ, ତେବେ ବି କଥା କହି ଯାଉଛନ୍ତି ବିଭିନ୍ନ ଭାଷାରେ । ପାଖରେ ସେତେବେଳେ ଯେଉଁମାନେ ଉପସ୍ଥିତ ଥିଲେ ସେମାନଙ୍କ ପାଖରେ ସେ ଭାଷା ବୋଧଗମ୍ୟ ହେଉନି । ସେହି ସମୟରେ କେତେ ଅଜଣା ଗୂଢ଼ତତ୍ତ୍ୱ ଶ୍ରୀମୁଖରୁ ନିର୍ଗତ ହୋଇଛି । କେହି ହୁଏତ ମନେ ମନେ କୌଣସି ପ୍ରଶ୍ନ କରୁଛି, କେହି ବା ନିଜ ଇଷ୍ଟଦେବତାଙ୍କୁ ସ୍ମରଣ କରି କୌଣସି ପ୍ରାର୍ଥନା ଜଣାଉଛି — ଯାବତୀୟ ପ୍ରଶ୍ନର ଉତ୍ତର ଶ୍ରୀମୁଖରୁ ନିର୍ଗତ ହୋଇଛି । ଭାବବାଣୀର ଯେଉଁ ଟିକକ ଅଂଶ ରେକର୍ଡ଼ କରାଯାଇଛି ତା' ଆପଣମାନେ ପୁଣ୍ୟପୋଥି ଗ୍ରନ୍ଥରେ ପାଇଛନ୍ତି । ଚକ୍ରତୀର୍ଥରେ ଶ୍ରୀଶ୍ରୀଠାକୁରଙ୍କ ଭାବସମାଧିର ସ୍ମରଣରେ ୨୦୧୬ର ୨୮-ଡ଼ିସେମ୍ବରରେ ଶତବର୍ଷ ଉତ୍ସବ ଅନୁଷ୍ଠିତ ହେବ । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ଆପଣମାନଙ୍କ ନିକଟରେ ସମ୍ବାଦଟିକୁ ଜଣାଇବାକୁ ଆଦେଶ କଲେ ତେଣୁ ଜଣାଇଲି ।

ରତ୍ୱିକ୍-ସମ୍ମେଳନରେ ସତ୍‌ସଙ୍ଗ-ସମ୍ପାଦକ ଶ୍ରୀକାର୍ତ୍ତିକ ଚନ୍ଦ୍ର ସରକାର

ସମ୍ପ୍ରତି ତାମିଲନାଡୁରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ହୋଇଗଲା ବହୁ ପ୍ରାଣହାନୀ ହୋଇଛି, ବହୁ ସମ୍ପଦ ନଷ୍ଟ ହୋଇଛି, ବେଶ୍ କିଛିଦିନ ଧରି ଯୋଗାଯୋଗ ବ୍ୟବସ୍ଥାବି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । କ୍ଷତିଗ୍ରସ୍ତ ହୋଇଛନ୍ତି ବହୁ ମଣିଷ । ବିପର୍ଯ୍ୟୟର କଥା ଶୁଣି ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ତାମିଲନାଡୁର ମୁଖ୍ୟମନ୍ତ୍ରୀଙ୍କ ତ୍ରାଣ ତହବିଲରେ ୧୦,୦୦,୦୦୧ ଟଙ୍କା ପ୍ରେରଣ କରିଛନ୍ତି ।

ଏହାଛଡ଼ା ଯେଉଁଠାରେ ହିଁ କୌଣସି ବିପର୍ଯ୍ୟୟ ହୋଇଥାଏ ସ୍ଥାନୀୟ ଗୁରୁଭାଇମାନେ ସେବାକାର୍ଯ୍ୟ କରିଥା'ନ୍ତି । ସେହି ସମୟରେ ଚେନ୍ନାଇ ସତ୍‌ସଙ୍ଗ ବିହାରରେବି ବହୁ ମଣିଷଙ୍କୁ ଆଶ୍ରୟ ଦିଆ ଯାଇଥିଲା । ସେମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ବି କରା ଯାଇଥିଲା ।

ଯେଉଁଠାରେହିଁ ମଣିଷ ବିପନ୍ନ ହୋଇଛି ଗୁରୁଭାଇମାନେ ସାହାଯ୍ୟ କରୁଛନ୍ତି । ପରମଦୟାଳଙ୍କ ଆଶୀର୍ବାଦରୁ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଯେଭାବେ ସତ୍‌ସଙ୍ଗର କାର୍ଯ୍ୟକ୍ରମ ତୋଳି ଧରୁଛନ୍ତି ଆମେ ହିନ୍ଦୁ, ମୁସଲମାନ ଯେଉଁ ମତାବଲମ୍ବୀ ହେଉନା କାହିଁକି ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସାହାଯ୍ୟର ହାତ ବଢ଼ାଇ ଦେଉଛୁ । ଭାରତର ଯେକୌଣସି ପ୍ରାନ୍ତର ମଣିଷମାନେ

ରତ୍ୱିକ୍-ସମ୍ମେଳନରେ ଶ୍ରୀସାଧନ ଚନ୍ଦ୍ର ମଣ୍ଡଳ

ଆମମାନଙ୍କର ସମ୍ଭାଷଣ ହେଉଛି 'ଜୟଗୁରୁ' ।

ଏହାପରେ ସତ୍‌ସଙ୍ଗ ସମ୍ପାଦକ କାର୍ତ୍ତିକଭାଇ ପୂଜନୀୟ ବାବାଇବାବୁଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଇଲେ କର୍ମିମାନଙ୍କ ଉଦ୍ଦେଶ୍ୟରେ କିଛି କହିବା ପାଇଁ ।

'ରତ୍ୱିକ୍‌-ସମ୍ମେଳନରେ ପୂଜନୀୟ ବାବାଇବାବୁ' ଶୀର୍ଷକ ବିବରଣୀ ଦ୍ରଷ୍ଟବ୍ୟ ।

ଅତଃପର ମାନନୀୟ ସମ୍ପାଦକ ଜଣାଇଲେ ଆଜି ସନ୍ଧ୍ୟା ୬ଟାରେ ଆପଣମାନେ ଶ୍ରୀଶ୍ରୀଦାଦାଙ୍କ ସମ୍ମୁଖରେ ଉପସ୍ଥିତ ରହିବେ । ଆମେ ସମସ୍ତେ ଉପସ୍ଥିତ ରହିବୁ । ତାଙ୍କ ଆଶୀର୍ବାଦ ପ୍ରାର୍ଥନା କରିବୁ ।

ତା'ପରେ ଧ୍ୱନି ଦେଇ ସମ୍ମେଳନ ଶେଷ ହୁଏ ।

ଦ୍ୱିତୀୟ ଦିବସ
(ତା୦୧।୦୧।୨୦୧୬ରିଖ, ଶୁକ୍ରବାର)

ସତ୍‌ସଙ୍ଗ-ସଭାପତି ପୂଜ୍ୟପାଦ ମେଜଦା ଓ ପୂଜନୀୟ ବାବାଇବାବୁ ଆନନ୍ଦବଜାର ଭବନର ଚତୁର୍ଥ ତଳରେ ଉପସ୍ଥିତ ହୋଇଛନ୍ତି । ଉପସ୍ଥିତ ହୋଇଛନ୍ତି ସହ-ସଭାପତି ଡ଼ଃ. ସୁଭାଷ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ, ସତ୍‌ସଙ୍ଗ ସମ୍ପାଦକ ଶ୍ରୀକାର୍ତ୍ତିକ ଚନ୍ଦ୍ର ସରକାର ପ୍ରମୁଖ ବହୁ ବିଶିଷ୍ଟ କର୍ମୀ ।

ସମବେତ ବିନତି-ପ୍ରାର୍ଥନା ପରେ ସଭାର କାର୍ଯ୍ୟ ଆରମ୍ଭ ହେଲା ।

ରତ୍ୱିକ୍‌-ସମ୍ମେଳନରେ ଡ଼ଃ. ସୁଭାଷ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ

ମାନନୀୟ ସମ୍ପାଦକ ମହାଶୟ ପ୍ରଥମେ ହିଁ ପୂଜ୍ୟପାଦ ମେଜଦା, ପୂଜନୀୟ ବାବାଇବାବୁ ଏବଂ ଅପରାପର ଗୁରୁଜନଙ୍କୁ ଇଂରାଜୀ ନବବର୍ଷର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇଲେ । ଶ୍ରଦ୍ଧେୟ ସୁଭାଷ ଭାଇ ଏବଂ ସକଳ କର୍ମିବୃନ୍ଦଙ୍କୁ ଜଣାଇଲେ ଶ୍ରଦ୍ଧା, ପ୍ରୀତି, ଶୁଭେଚ୍ଛା ଓ ଜୟଗୁରୁ ।

ଗତକାଲି ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା କହିଛନ୍ତି ଗତ ଏକବର୍ଷରେ ୩୦ଲକ୍ଷ ଦୀକ୍ଷା ହୋଇଛି । ସେ ଚାହାନ୍ତି ଆମେ ଯେପରି ଶ୍ରୀଶ୍ରୀ୦ାକୁରଙ୍କ ଇଚ୍ଛାଗୁଡ଼ିକୁ ଦ୍ରୁତ ବାସ୍ତବାୟିତ କରିପାରୁ । ଆହୁରିବି ଠାକୁରଙ୍କର ହୋଇ ଉଠିପାରୁ । ଆମେ ଯେପରି ବର୍ଷକୁ ୫୦ ଲକ୍ଷ, ୬୦ ଲକ୍ଷ ଦୀକ୍ଷା ଦେଇପାରୁ । ଗତ ଟର୍ମରେ ମାତ୍ର ଦୁଇମାସ ସମୟ ଥିଲା । ଆଗାମୀ ଟର୍ମରେ ତିନିମାସ ସାଢ଼େ ତିନିମାସ ସମୟ ଅଛି । ଆପଣମାନେ ଅନେକ ଅନେକ ବେଶୀ ଦୀକ୍ଷା ଦେବେ । ଆପଣମାନେ ସମସ୍ତେ ଏ ବିଷୟରେ ସଚେଷ୍ଟ ହେବେ । ଆଚାର୍ଯ୍ୟଦେବ ଏକଥା ଆପଣମାନଙ୍କୁ ଜଣାଇବାକୁ ନିର୍ଦ୍ଦେଶ କରିଛନ୍ତି । ତେଣୁ ଜଣାଇଲି ।

ପରମଦୟାଳ ଶ୍ରୀଶ୍ରୀ୦ାକୁର ଅନୁକୂଳଚନ୍ଦ୍ର ମାନବ ରୂପେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମ ସମୟରୁହିଁ ଦୈବୀ ଭାବର ବିକିରଣ ଘଟେ । ପରିବାର-ପରିବେଶରୁ ତା' ବ୍ୟାପ୍ତି ଲାଭ କରି ସମଗ୍ର ବିଶ୍ୱରେ ବ୍ୟାପ୍ତି ଲାଭ କରୁଛି । ସେ ଚାହିଥିଲେ ପ୍ରତିଟି ମଣିଷ ଯେପରି ସୁନ୍ଦର ହୁଏ, ସତ୍ ହୁଏ । ସେ ସତ୍‌ଦୀକ୍ଷାର କଥା କହିଲେ; ଯଜନ, ଯାଜନ, ଇଷ୍ଟଭୃତି ପରିପାଳନର କଥା କହିଲେ; ସଦାଚାର ପାଳନର କଥା କହିଲେ । ନିଷ୍ଠା, ଆନୁଗତ୍ୟ, କୃତିସମ୍ଭେଗ ନେଇ ଇଷ୍ଟକେନ୍ଦ୍ରିକ ଚଳନ ମଧ୍ୟ ଦେଇ ଜୀବନରେ ପରିବର୍ତ୍ତନ ଆସେ ।

ଗୋଟେ ଦିନର ଗୋଟେ କଥା ମନେ ପଡ଼େ । ଉତ୍ତର ବିହାରର ଜନୈକ ଭାଇ । ସେ ଠାକୁରଙ୍କୁ ନିବେଦନ କଲେ— ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରିଥିଲେ, ଶ୍ରୀକୃଷ୍ଣ କଂସକୁ ବଧ କରିଥିଲେ, ଆପଣ କାହାକୁ ବଧ କରିବାକୁ ଆସିଛନ୍ତି ? ଶ୍ରୀଶ୍ରୀ୦ାକୁର ଉତ୍ତର ଦେଇଥିଲେ— 'ମୁଁ ହୋଇଥିଲେ ବୋଧହୁଏ କାହାକୁ ବଧ କରି ନଥା'ନ୍ତି ।' ସେ ମଣିଷର ପରିବର୍ତ୍ତନ ଚାହିଁଛନ୍ତି । ପ୍ରତ୍ୟେକର ଯେ ପରିବର୍ତ୍ତନ ସମ୍ଭବ ତା' କରି ଦେଖାଇଛନ୍ତି । କାହାରବି ଦୋଷର କଥା କହି ନାହାଁନ୍ତି । ଗୁଣର କଥା ତୋଳି ଧରିଛନ୍ତି । ସେ ଦୁଷ୍ଟକୁ ଶିଷ୍ଟ କରିଛନ୍ତି, ନଷ୍ଟକୁ ଶ୍ରେଷ୍ଠ କରିଛନ୍ତି । ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଜନ୍ମଦିନରେ ସେ ଯେଉଁସବୁ ବାଣୀ ଦେଇଛନ୍ତି ସେଥିରେ ଏହି ଧରଣର କଥାହିଁ ରହିଛି ।

ଗତକାଲି ଶ୍ରଦ୍ଧେୟ ସୁଭାଷଭାଇ, ଯତୀନଭାଇ କହିଥିଲେ, ଆମେ ଆଗେହିଁ ଏହି ପ୍ରତିଷ୍ଠାନକୁ ପୂର୍ବଭାରତର ପ୍ରତିଷ୍ଠାନ ମନେ

କରୁଥିଲୁ । ଏବେ ତା' ସମଗ୍ର ଭାରତରେ ପରିବ୍ୟାପ୍ତ ହୋଇଛି । କେବଳ ଭାରତରେ ନୁହେଁ ଭାରତର ବାହାରେ ବି ଖେଳାଇ ଯାଇଛି । ଯେଉଁଠାରେ ମଣିଷ ଶ୍ରୀଶ୍ରୀଠାକୁରଙ୍କ କଥା ଶୁଣୁଛି ସେହିଠାରେହିଁ ବହୁତ ଦୀକ୍ଷା ହେଉଛି । ଆମମାନଙ୍କର ଦରକାର ନିଷ୍ଠା, ଆନୁଗତ୍ୟ, କୃତିସମ୍ଭେଗ, କ୍ଲେଶସୁଖପ୍ରିୟତା । ପାରଗତା ତାଙ୍କର ଦୟା । ତାଙ୍କ ଦୟା ହୋଇଛି ତେଣୁ ପାରୁଛେ । ସେ ଆଦେଶ କରିଛନ୍ତି ତେଣୁ ପାରୁଛୁ । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ଦିନେ କହିଥିଲେ, ସମସ୍ତେ ଏତେ ଦୀକ୍ଷା ଦେଉଛନ୍ତି, ମୁଁ ତ ଦେଉନି । ଦୁଲାଲଭାଇ (ମଜୁମଦାର) କହିଲେ, ସବୁ ଦୀକ୍ଷା ଆପଣ ହିଁ ଦେଉଛନ୍ତି । ଆପଣଙ୍କ ଦୟାରେ ସମସ୍ତେ ହିଁ ଦୀକ୍ଷା ଦେଉଛନ୍ତି ।

ମୋଠାରୁ ଆପଣମାନେ ଅନେକ ବେଶୀ ଜାଣନ୍ତି । ଆପଣମାନେ ଚେଷ୍ଟା କରିଲେହିଁ ଶ୍ରୀଶ୍ରୀଦାଦା ଯା' ଚାହିଛନ୍ତି ତା' କରିପାରିବେ । ତାଙ୍କ ଦୟାରେ ହିଁ ସମ୍ଭବ ।

ଗତ ଡ଼ିସେମ୍ବର ୨୦୧୫ ଟର୍ମରେ ଦୀକ୍ଷା ରିପୋର୍ଟ ପାଠ କଲେ ସମ୍ପାଦକ ମହାଶୟ ।

ଏ ଟର୍ମରେ ଏପର୍ଯ୍ୟନ୍ତ ସୁଦ୍ଧା ୨,୪୮,୬୬୨ ଜଣଙ୍କର ଦୀକ୍ଷାପତ୍ର ଜମା ହୋଇଛି ।

ବଙ୍ଗଳାଦେଶରେ ଦୀକ୍ଷା ହୋଇଛି ୧୦,୭୬୦ ଜଣଙ୍କର ।

ଏହି ଟର୍ମରେ ସ୍ୱସ୍ତ୍ୟୟନୀ ବ୍ରତ ଗ୍ରହଣ କରିଛନ୍ତି ୮୦୨ ଜଣ ।

ବଙ୍ଗଳାଦେଶରେ ସ୍ୱସ୍ତ୍ୟୟନୀ ବ୍ରତ ଗ୍ରହଣ କରିଛନ୍ତି ୩୭ ଜଣ ।

ଏହି ଟର୍ମରେ ସକ୍ରିୟ ଋତ୍ୱିକ୍‌ଙ୍କ ସଂଖ୍ୟା ୨୫୦୨ ଜଣ ।

୧୦୦୦ ଓ ତଦୁର୍ଦ୍ଧ୍ୱ ଦୀକ୍ଷା ଦେଇଛନ୍ତି ୫୨ ଜଣ ।

କେତେଜଣଙ୍କ ନାମ ପାଠ କରି ଶୁଣାଇଲେ ସମ୍ପାଦକ ମହାଶୟ ।

୧– ପୂଜନୀୟ ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ– ୧୮୦୦ ଜଣ ।

୨– ପୂଜନୀୟ ଅତ୍ୟରୀଷ ଚକ୍ରବର୍ତ୍ତୀ– ୧୨୯୧ ଜଣ ।

୩– ପୂଜନୀୟ ଅମିତ୍ରଜିତ୍ ଚକ୍ରବର୍ତ୍ତୀ– ୧୦୭୮ ଜଣ ।

୪– ଶୁଭ୍ରାଂଶୁ ସରକାର, କଲିକତା– ୨୦୬୯ ଜଣ ।

୫– ଭଗବାନ ଦାସ, କାମରୂପ– ୨୦୫୭ ଜଣ ।

୧–୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୧୫୧୩ ଜଣ ।

୧୦୦–୧୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୮୧୨ ଜଣ ।

୨୦୦–୨୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୬୬ ଜଣ ।

୩୦୦–୪୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୨୭ ଜଣ ।

୪୦୦–୪୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୫ ଜଣ ।

୫୦୦–୫୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୧୦ ଜଣ ।

୬୦୦–୬୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୨ ଜଣ ।

ଋତ୍ୱିକ୍–ସମ୍ମେଳନରେ ଶ୍ରୀଯତୀନ୍ଦ୍ର ନାଥ ମହାନ୍ତି

୭୦୦–୮୯୯ ପର୍ଯ୍ୟନ୍ତ ଦୀକ୍ଷାଦାତାଙ୍କ ସଂଖ୍ୟା ୬ ଜଣ ।

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶୁଭ ୧୨୮ତମ ଜନ୍ମ ମହାମହୋତ୍ସବ ଏବଂ ତତ୍‌ସହ ୩୦୧ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍–ସମ୍ମେଳନ ଅନୁଷ୍ଠିତ ହୋଇଛି ୨୫ ଓ ୨୬ ଅକ୍ଟୋବର ସତ୍‌ସଙ୍ଗ, ଦେଓଘରଠାରେ । ତା'ର ଆୟବ୍ୟୟର ହିସାବ ପାଠ କରି ଶୁଣାଇଲେ ସମ୍ପାଦକ ମହାଶୟ ।

ଯେଉଁମାନେ ଲକ୍ଷାଧିକ ଉତ୍ସବ ଅର୍ଘ୍ୟ ଜମା ଦେଇଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣଙ୍କ ନାମ ପାଠ କରି ଶୁଣାଇଲେ ।

ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା– ୪,୫୪,୮୧୩ ଟଙ୍କା ।

ପୂଜନୀୟ ବାବାଇବାବୁ– ୧,୨୭,୩୬୩ ଟଙ୍କା ।

ଦୀଲ୍ଲିପ କୁମାର ପ୍ରଧାନ, ମେଦିନୀପୁର– ୨,୦୧,୪୯୧ ଟଙ୍କା ।

ବ୍ରଜଗୋପାଳ ଗୁରୁ, ମେଦିନୀପୁର– ୧,୮୩,୫୬୩ ଟଙ୍କା ।

ଦୀପ ନାରାୟଣ ସିଂ, ସାହାରସା– ୧,୫୨,୧୩୦ ଟଙ୍କା ।

ବିନାୟକ ମହାପାତ୍ର, ସତ୍‌ସଙ୍ଗ– ୧,୪୮,୭୨୦ ଟଙ୍କା ।

ସମ୍ପ୍ରତୀ ଯେଉଁସବୁ କର୍ମିମାନେ ବିଦେହୀ ହୋଇଛନ୍ତି ସମ୍ପାଦକ ମହାଶୟ ସେମାନଙ୍କର ନାମ ପାଠ କରନ୍ତି ।

୧– ପ୍ରଭାତ ଦତ୍ତ, କଲିକତା ।

୨– ମଧୁସୂଦନ ସେନ, ବାଲେଶ୍ୱର ।

୩– ଦୀନବନ୍ଧୁ ଶତପଥୀ, ଭଦ୍ରଖ ।

୪– ନବକିଶୋର ଦାଶ, ଜଗତ୍‌ସିଂହପୁର ।

୫– ମାର୍କଣ୍ଡ ଚନ୍ଦ୍ର ନାୟକ, ବରଗଡ଼ ।

୬– ଭାଗୀରଥୀ ଗୁପ୍ତା, ଛତିଶଗଡ଼ ।

୭– ଧନଞ୍ଜୟ ଦେବାଂଶି, ବୀରଭୂମ ।

୮– ଚନ୍ଦ୍ରଶେଖର ପ୍ରସାଦ ସିଂ, ମଜଃଫରପୁର ।

୯– ଶୁଶାନ୍ତ ବ୍ୟାନାର୍ଜ୍ଜୀ, ନଦୀୟା ।

୧୦– ବିଜୟ ବାହାଦୂର ସିଂ, ସତ୍‌ସଙ୍ଗ ।

ସମ୍ପାଦକ ମହାଶୟ ଉଦ୍ଧୃତ ପ୍ରୟାତ ବ୍ୟକ୍ତିବର୍ଗଙ୍କ ଆତ୍ମାର ଚିରଶାନ୍ତି କାମନାରେ ପରମପିତାଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଇଲେ ଏବଂ ଗଭୀର ସମବେଦନା ପ୍ରକାଶ କଲେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ।

ସତ୍‌ସଙ୍ଗ–ସମ୍ପାଦକଙ୍କ ଅନୁରୋଧରେ ବକ୍ତବ୍ୟ ରଖନ୍ତି ସହ–ସମ୍ପାଦକ ଡ଼ଃ. ନୃସିଂହ ପ୍ରସାଦ ତ୍ରିପାଠୀ — ଶ୍ରୀଶ୍ରୀଠାକୁରଙ୍କୁ ମୁଁ ଦୁଇ ଭାବରେ ଦେଖେ — ସକଳଙ୍କ ଠାକୁର । ଉତ୍ସବ ଅନୁଷ୍ଠାନରେ ଶ୍ରୀଶ୍ରୀଠାକୁରଙ୍କୁ ଘେରି ବହୁ ମଣିଷଙ୍କର ସମାବେଶ । ସମସ୍ତେ ଶ୍ରୀଶ୍ରୀଠାକୁରଙ୍କୁ ଶ୍ରଦ୍ଧା–ଭକ୍ତି ପ୍ରଦର୍ଶନ କରୁଛନ୍ତି । ଆଉ, ମୋର ଠାକୁର, ଯା' ଏକାନ୍ତ ହିଁ ବ୍ୟକ୍ତିଗତ । ଜପ–ଧ୍ୟାନ କରୁଛି, ତାଙ୍କ ନିର୍ଦ୍ଦେଶାନୁସାରେ ଜୀବନକୁ ଚାଳନା କରିବାର ଚେଷ୍ଟା କରୁଛି । ନିତ୍ୟ ସ୍ମରଣ କରୁଛି । ସ୍ମରଣ କରୁ କରୁ ନିଦ୍ରା ଯାଉଛି । ତାଙ୍କୁ ଅନୁଭବ କରୁ କରୁ ଆଗେଇ ଚାଲୁଛି । ୧୯୬୭–୬୮ ସାଲରେ ଶ୍ରୀଶ୍ରୀଠାକୁରଙ୍କ ଦୀକ୍ଷା ଗ୍ରହଣ ପରେ ମୋ ବାପା ମତେ କହିଥିଲେ — ତୁମର ଗୁରୁ ମହା ଶକ୍ତିମାନ୍ । ତାଙ୍କୁ ସବୁ ସମୟରେ ସ୍ମରଣରେ ରଖିବ । ସେତେବେଳଠାରୁ ଚେଷ୍ଟା କରି ଚାଲିଛି ସ୍ମରଣରେ ରଖିବା ପାଇଁ ।

ଋତ୍ୱିକ୍–ସମ୍ମେଳନରେ ଶ୍ରୀସୁନୀଲ କୁମାର କରଣ

ଅତଃପର ଡ଼ଃ. ତ୍ରିପାଠୀ ତାଙ୍କର ଓ ତାଙ୍କ ପରିବାରର ବିଭିନ୍ନ ସମସ୍ୟା ଶ୍ରୀଶ୍ରୀଠାକୁରଙ୍କ ଦୟାରେ କିପରି ସମାଧାନ ହୋଇଛି ଏବଂ ଚାକିରୀ ଜୀବନରେ ଭାରତ ସରକାରଙ୍କ ଆୟକର ବିଭାଗର ଡ଼ାଇରେକ୍ଟର ଜେନେରାଲ ପଦରେ ଉନ୍ନୀତ ହୋଇଥିଲେ ସଂକ୍ଷେପରେ ଜଣାଇଲେ ।

ଏଥର ବକ୍ତବ୍ୟ ରଖନ୍ତି ପ୍ରବୀଣ କର୍ମୀ ଶ୍ରୀସୁନୀଲ କରଣ । ଅନେକ ଦିନ ଆଗର କଥା । ଶ୍ରୀଶ୍ରୀଠାକୁର ପାର୍ଲରରେ ଅଛନ୍ତି । ସମୟ ସକାଳ । ଜାନୁଆରୀ ମାସ । ଜନୈକ ଭକ୍ତକୁ ଶ୍ରୀଶ୍ରୀଠାକୁର କହିଲେ — ଗୋଟେ ପଣସକଠା ନେଇଆ' ତ ଦେଖି, — ହେମଦାଙ୍କୁ ଖୁଆଇବି, ମାଉସୀମା' ରୋଷେଇ କରିବ । ସେହି ବ୍ୟକ୍ତି ସଙ୍ଗେ ସଙ୍ଗେ ଦେଓଘର ବଜାର ଘୁରିଲା, ଦେଓଘରର ପାର୍ଶ୍ୱବର୍ତ୍ତୀ ନାନା ଜାଗାରୁ ଖବର ନେଲା । କେଉଁଠିବି ପଣସକଠା ନ ପାଇ ଠାକୁରବଙ୍ଗଳାକୁ ଅପରାହ୍ଣରେ ଫେରି ଆସିଲା । ଆଖିରେ ଆଖିଏ ଲୁହ, ଆଉ ନାମଜପ କରି ଚାଲିଛି । ଠାକୁରଭୋଗ ରନ୍ଧନଶାଳା ପାଖରେ ଯେଉଁ ପଣସ ଗଛ ଅଛି ସେହି ଗଛରେ ମାଟିଠାରୁ ୨୫/୩୦ ହାତ ଦୂରରେ ଗୋଟେ ଗୋଲ ପଣସ ଝୁଲୁଛି । ଆଖି ପଡ଼ନ୍ତେହିଁ ଆନନ୍ଦରେ ଠାକୁରଙ୍କ ନିକଟକୁ ଯାଇ ଜଣାଇଲା । ଠାକୁର ହସି କହିଲେ — ଦେଖ ପାଗଳ, ମୁଁ ଯେତେବେଳେ କହିଛି ନିଜ ଆଡ଼େ ଯଦି ଚାହୁଁ ତା'ହେଲେ ସମାଧାନ ପାଇଯିବୁ । ପାଖରେ ହିଁ ଅଛି ତା' ନ ଦେଖି ଦୂରକୁ ଦୌଡୁ । ସେହି ପଣସ ଗଛରୁ ତୋଳା ହୋଇ ଆସି ରନ୍ଧା ହେଲା । ଆମମାନଙ୍କୁ ବି ସବୁ କାମରେ ନିଜ ଆଡ଼କୁ ଚାହିଁବାକୁ ହେବ ।

ଏହାପରେ ବକ୍ତବ୍ୟ ରଖନ୍ତି ସତ୍‌ସଙ୍ଗର ସହ–ସମ୍ପାଦକ ଶ୍ରୀସାଧନ ଚନ୍ଦ୍ର ମଣ୍ଡଳ — ଜୀବନର ଏକ ସଙ୍କଟମୟ ମୁହୂର୍ତ୍ତରେ ପରମଦୟାଳଙ୍କ ଶ୍ରୀଚରଣରେ ଆଶ୍ରୟ ଲାଭ କରିଥିଲି । ତାଙ୍କୁ ପାଇ ମୋର ଯେଉଁ ଅନୁଭୂତି ତା'ହିଁ ମୋ ଜୀବନର ପରମ ସମ୍ପଦ । ମୋ ଜୀବନରେ ପିୟଜନଙ୍କର ଚାଲିଯିବା ଏବଂ ତାଙ୍କ ଦୟାରେ ନବୀନଭାବରେ ବଞ୍ଚିବାର ରସ ପାଇବା ଏକ ଘଟଣା । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ମତେ ବୁଝାଇଥିଲେ ମୃତ୍ୟୁ ବୋଲି କିଛି ନାହିଁ । ଦେଖିପାରେନା, କଥା କହିପାରେନା — ଏହିମାତ୍ର । 'ଯିଏ ରହିବା ଏବଂ ନ ରହିବା/ଏହି ଉଭୟ ଜାଣିବାକୁହିଁ ଜାଣନ୍ତି — / ସେହିଁ ଯା' ନ ଥାଏ ତା'କୁ ଜାଣି — /ସେହି ଜାଣିବା ଦେଇ ମୃତ୍ୟୁକୁ ଅର୍ଥାତ୍/ନ ରହିବାକୁ ଅତିକ୍ରମ କରନ୍ତି,/ଆଉ, ଯା' ଥାଏ ତା'କୁ ଜାଣି — /ସେହି ଜାଣିବା ଦେଇ ଅମୃତତ୍ୱ ଲାଭ କରନ୍ତି ।' ଶ୍ରୀଶ୍ରୀଠାକୁରଙ୍କର ଏହି ବାଣୀଟିର ମର୍ମାର୍ଥ ଶ୍ରୀଶ୍ରୀଦାଦାଙ୍କ ପାଖରୁ ବୁଝିଛି । ଗତକାଲି ଶ୍ରୀଶ୍ରୀଦାଦା କହିଥିଲେ — ବ୍ୟଥା ଭଲ । ବ୍ୟଥା ଥିଲେ ତାଙ୍କର ସ୍ମରଣ–ମନନ ହୁଏ । ଈଶ୍ୱର–ସନ୍ନିଧାନେ ରହିବା

ଋତ୍ୱିକ୍–ସମ୍ମେଳନରେ ଶ୍ରୀନୃସିଂହ ପ୍ରସାଦ ତ୍ରିପାଠୀ

ଋତ୍ୱିକ୍–ସମ୍ମେଳନରେ ଶ୍ରୀନାରାୟଣ ପ୍ରସାଦ

ହୁଏ । ତାଙ୍କ ଚରଣ ପାଇବା ପାଇଁ ଯଦି ଜନ୍ମ–ଜନ୍ମାନ୍ତର ଦୁଃଖ ଭୋଗ କରିବାକୁ ହୁଏ ସେଥିରେ ମୁଁ ରାଜୀ । ଦୁଃଖ ପାଇବାର କାରଣ ଯଦି କର୍ମଫଳ ହୁଏ ତା'ହେଲେ ମୁଁ ଠିକ୍ ପଥରେହିଁ ଅଛି । ମୋର କର୍ମଫଳ କ୍ଷୟ ହେଉଛି । ଦିନେ ଗନ୍ତବ୍ୟରେ ପହଞ୍ଚିବି । ତାଙ୍କର ଆଶୀର୍ବାଦରେ ବ୍ୟଥା ସହିବାର ଶକ୍ତି ଅର୍ଜନ କରିଛି । ବଞ୍ଚି ରହିଛି ଓ ରହିବି । ଅନନ୍ତକାଳ ଧରି ଏହିଭାବେହିଁ ଚାଲୁଥିବି ।

ମାନନୀୟ ସମ୍ପାଦକ–ମହାଶୟ ଜଣାଇଲେ — ଗତକାଲି ପୂଜନୀୟ ବାବାଇବାବୁ ଆମମାନଙ୍କ ଉଦ୍ଦେଶ୍ୟରେ କିଛି କହିଥିଲେ । ଆଜି ପୁନଶ୍ଚ ପ୍ରାର୍ଥନା ଜଣାଉଛି — ଆଜିବି କିଛି କୁହନ୍ତୁ ।

'ଋତ୍ୱିକ୍–ସମ୍ମେଳନରେ ପୂଜନୀୟ ବାବାଇବାବୁ' ଶୀର୍ଷକ ବିବରଣୀ ଦ୍ରଷ୍ଟବ୍ୟ ।

ଧ୍ୱନି ଦେଇ ସମ୍ମେଳନ ଶେଷ ହୁଏ ।

ସମ୍ବାଦଦାତା : ଶ୍ରୀକୃପାସିନ୍ଧୁ ରକ୍ଷିତ,
ଶ୍ରୀରଘୁନନ୍ଦନ ଦତ୍ତ

ବିଶେଷ ବିଜ୍ଞପ୍ତି

ପୁରୀ ସତ୍‌ସଙ୍ଗ ଠାକୁରବାଡ଼ିର ବିଭିନ୍ନ ଖାତାରେ ଅର୍ଘ୍ୟ ଜମା ଦେବା ନିମିତ୍ତ ନିମ୍ନଲିଖିତ ମତେ କୋର୍ଡ଼ ନିର୍ଦ୍ଧାରିତ ହୋଇଛି ।

୧– PURIU– **ପୁରୀ ଉତ୍ସବ**

୨– PURIM– **ପୁରୀ ଠାକୁରବାଡ଼ିର** Maintenance **(ନିତ୍ୟଭୋଗ, ଆନନ୍ଦବଜାର ଓ ଯାବତୀୟ ରକ୍ଷଣାବେକ୍ଷଣାର୍ଥେ ସ୍ୱତଃସ୍ଫୂର୍ତ୍ତ ଅବଦାନ)**

୩– TBPUR– **ପୁରୀ ଠାକୁରବାଡ଼ିର** Construction

ସମସ୍ତଙ୍କୁ ଉପରୋକ୍ତ କୋର୍ଡ଼ମାନଙ୍କରେ ସଂପୃକ୍ତ ବା ସେଥିଲାଗି ଉଦ୍ଦିଷ୍ଟ ଅର୍ଘ୍ୟ ଜମା ଦେବାକୁ ଅନୁରୋଧ ।

– ସେକ୍ରେଟାରୀ, ସତ୍‌ସଙ୍ଗ

ଜୀବନଶ୍ରୀ

ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ୪୮ତମ ପବିତ୍ର ବନଭୋଜନ ଉତ୍ସବ (ମାଣିକପୁରଠାରେ)

ପ୍ରାର୍ଥନାର ପୁରୋଭାଗେ ପୂଜ୍ୟପାଦ ମେଜଦା । ସାଙ୍ଗରେ ଅଛନ୍ତି ପରମପୂଜନୀୟା ବଡ଼ବୌଦି, ପୂଜନୀୟ ସେଜଦା ଓ ପରିବାରର ଅନ୍ୟାନ୍ୟଗଣ ।

ଗତ ୯ ଜାନୁଆରୀ ୨୦୧୬ ସତ୍‌ସଙ୍ଗ ଆଶ୍ରମ, ଦେଓଘରଠାରୁ ୯ କି.ମି. ଦୂରରେ ମାଣିକପୁରଠାରେ ପ୍ରତିଷ୍ଠିତ ଯୁଗଳ ମନ୍ଦିର ପ୍ରାଙ୍ଗଣରେ ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ପବିତ୍ର ବନଭୋଜନ ଉତ୍ସବ ନାନାବିଧ ମାଙ୍ଗଳିକ ଅନୁଷ୍ଠାନାଦି ମାଧ୍ୟମରେ ସାଡ଼ମ୍ବରରେ ଉଦ୍‌ଯାପିତ ହୋଇଯାଏ ।

ଏହିଦିନ ବ୍ରାହ୍ମମୁହୂର୍ତ୍ତରେ ନହବତର ସ୍ୱର ମାଣିକପୁର ଯୁଗଳମନ୍ଦିର ସଂଲଗ୍ନ ଅଞ୍ଚଳରେ ଉତ୍ସବର ଆବେଗ ବିଛାଡ଼ି ଦିଏ ।

ଉତ୍ସବ ଉପଲକ୍ଷେ ସୁଦୃଶ୍ୟ ପୁଷ୍ପଦାମରେ ସୁସଜ୍ଜିତ କରାହୁଏ ମାଣିକପୁର ଯୁଗଳମନ୍ଦିର, ଆଚାର୍ଯ୍ୟଭବନ, ମନ୍ଦିରର ସୁବିଶାଳ ତୋରଣଦ୍ୱାର, ଯୁଗଳମନ୍ଦିରର ସମ୍ମୁଖ ପ୍ରାଙ୍ଗଣରେ ରଙ୍ଗୀନ ସାମିୟାନା ତଳେ ନିର୍ମିତ ହୋଇଥିଲା ପ୍ରାର୍ଥନା ଓ ସଙ୍ଗୀତାନୁଷ୍ଠାନର ଆସନ ।

ବନଭୋଜନ ଉତ୍ସବ ଉପଲକ୍ଷେ ଦେଶର ବିଭିନ୍ନ ପ୍ରାନ୍ତରୁ ଭକ୍ତ ନରନାରୀ ଆସି ସମବେତ ହୋଇଛନ୍ତି କେନ୍ଦ୍ର ସତ୍‌ସଙ୍ଗ, ଦେଓଘରଠାରେ । ସେମାନେ ଏବଂ ଆଶ୍ରମିକ ଅନେକେହିଁ ନିଜ ଦାୟିତ୍ୱରେ ଓ ବ୍ୟବସ୍ଥାପନାରେ ଆସି ଉପସ୍ଥିତ ହୁଅନ୍ତି ମାଣିକପୁର ଯୁଗଳମନ୍ଦିର ପ୍ରାଙ୍ଗଣରେ । ଆଖପାଖର ବିଭିନ୍ନ ଗ୍ରାମରୁ ଆସିଛନ୍ତି ଅଗଣିତ ମଣିଷ । ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ,

ମାଣିକପୁରଠାରେ ବନଭୋଜନର ରନ୍ଧନଶାଳା

ମେଘାଳୟ, ଆସାମ, ନେପାଳ ପ୍ରଭୃତି ରାଜ୍ୟରୁ ବେଶ୍ କେତୋଟି ରିଜର୍ଭ ବସ୍ ଓ ଗାଡ଼ିରେ ଆସିଛନ୍ତି ଅଗଣିତ ଭକ୍ତ ନରନାରୀ ।

ଡ଼ିସ୍‌ପ୍ଲେ ବୋର୍ଡ଼ରେ 'ପ୍ରସଙ୍ଗ ମାଣିକପୁର' ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ମାଣିକପୁର ବନଭୋଜନର ସଂକ୍ଷିପ୍ତ ଇତିବୃତ୍ତ ଉତ୍ସବରେ ଆଗତ ମଣିଷମାନଙ୍କୁ ଅବଗତ କରାଯାଏ । ଏହାଛଡ଼ା ଡ଼ିସ୍‌ପ୍ଲେ ବୋର୍ଡ଼ରେ ପ୍ରଦର୍ଶିତ ଚିତ୍ରାବଳୀ ମାଧ୍ୟମରେ ଶ୍ରୀଶ୍ରୀଠାକୁର, ଶ୍ରୀଶ୍ରୀବଡ଼ମା', ଶ୍ରୀଶ୍ରୀବଡ଼ଦା ଏବଂ ଶ୍ରୀଶ୍ରୀଦାଦାଙ୍କ ପୁଣ୍ୟ ସ୍ମୃତିର ପରଶ ଉପଭୋଗ କରି ଉତ୍ସବରେ ଆଗତ ଭକ୍ତବୃନ୍ଦ ପ୍ରଭୂତ ଆନନ୍ଦ ଲାଭ କରନ୍ତି ।

ପ୍ରାର୍ଥନାର ଆସନର ଅନତିଦୂରେହିଁ ପ୍ରଜ୍ୱଳିତ ଦୀପ ଓ ଧୂପାଧାର ସ୍ନିଗ୍ଧ ସୁରଭିତ ପରିବେଶରେ ସକାଳ ୯ଟାର କିଛିକ୍ଷଣ ପୂର୍ବେ ପୂଜ୍ୟପାଦ ମେଜଦା, ପରମଦୟାଳ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କୁ ମାଲ୍ୟଭୂଷିତ କରି ତାଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନ କରି ପ୍ରାର୍ଥନାସଭାରେ ନିର୍ଦ୍ଦିଷ୍ଟ ଆସନରେ ଉପବେଶନ କରନ୍ତି ।

ଅତଃପର ପୂଜ୍ୟପାଦ ମେଜଦା ଠିକ୍ ୯ଟାରେ ପରମଦୟାଳଙ୍କ ଉଦ୍ଦେଶ୍ୟରେ ପ୍ରଣାମ ନିବେଦନ କରନ୍ତେହିଁ ବାଜିଉଠିଲା ମଙ୍ଗଳ ଶଙ୍ଖ, ଆରମ୍ଭ ହେଲା ହୁଳହୁଳି, ତା' ସଙ୍ଗେ ସଙ୍ଗେ ଆରମ୍ଭ ହେଲା ସମବେତ ପ୍ରଭାତୀ ବିନତି-ପ୍ରାର୍ଥନା । ତାଙ୍କ ସଙ୍ଗେ ଉପସ୍ଥିତ ରହିଛନ୍ତି — ପରମପୂଜନୀୟା ବଡ଼ବୌଦି, ପୂଜନୀୟ ସେଜଦା, ସିପାଇଦା, ଟିଙ୍କୁଦା, ଟୁପାଇବାବୁ, ପୂଜନୀୟା ବଡ଼ବୋହୂରାଣୀ, ପୂଜନୀୟା ସୋମାମା' ଏବଂ ପୂଜନୀୟ ଅବିନବାବୁ, ରଭୁବାବୁ, ଅର୍ଣ୍ଣବାବୁ, ଅନ୍ୱିତାମା' ପ୍ରମୁଖ ।

ପ୍ରାର୍ଥନାନ୍ତେ ସମବେତ କଣ୍ଠରେ ପରିବେଷିତ ହେଲା 'ତୋମାର ରଙ୍ଗେ ହୃଦୟ ଆମାର ରାଙ୍ଗା' । ଅତଃପର ପୂଜ୍ୟପାଦ ମେଜଦା ଯୁଗଳମନ୍ଦିରରେ ଅର୍ଘ୍ୟାଞ୍ଜଳି ସହ ଶ୍ରୀଶ୍ରୀଠାକୁର, ଶ୍ରୀଶ୍ରୀବଡ଼ମା'ଙ୍କୁ ପ୍ରଣାମ ନିବେଦନ କରି ଆଚାର୍ଯ୍ୟଭବନରେ ଶ୍ରୀଶ୍ରୀବଡ଼ଦାଙ୍କୁ ମାଲ୍ୟଭୂଷିତ କରି ପ୍ରଣାମ ନିବେଦନ କରନ୍ତି । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଆସନ ସାନ୍ନିଧ୍ୟେ ପ୍ରଣାମ ନିବେଦନ କରନ୍ତି । ଉପସ୍ଥିତ ସକଳେ ତାଙ୍କୁ ଅନୁସରଣ କରନ୍ତି । ତତ୍‌ପରେ ପରମପୂଜନୀୟା ବଡ଼ବୌଦି, ପୂଜ୍ୟପାଦ ମେଜଦା, ପୂଜନୀୟ ସେଜଦା, ସିପାଇଦା ପ୍ରମୁଖ ଠାକୁର-ପରିବାରର ସକଳଙ୍କୁ ଭକ୍ତମଣ୍ଡଳୀ ପ୍ରଣାମ ନିବେଦନ କରି ଚାଲନ୍ତି ।

ଏହାପରେ ମନ୍ଦିର ସମ୍ମୁଖସ୍ଥ ପ୍ରାଙ୍ଗଣରେ ଆରମ୍ଭ ହୁଏ

ମାଣିକପୁର ଯୁଗଳ-ମନ୍ଦିରର ସମ୍ମୁଖଭାଗେ ସଙ୍ଗୀତାନୁଷ୍ଠାନ



ମାଣିକପୁର ଯୁଗଳ-ମନ୍ଦିର ପ୍ରାଙ୍ଗଣରେ ଡ଼ିସ୍‌ପ୍ଲେବୋର୍ଡ଼ ପରିଦର୍ଶନରତ ଭକ୍ତବୃନ୍ଦ



ବନଭୋଜନ– ଏକ ଦୃଶ୍ୟ

ସଙ୍ଗୀତାଞ୍ଜଳି ଅନୁଷ୍ଠାନ । ରାଧାସ୍ୱାମୀ–ଭଜନ, ଠାକୁର–ଭଜନ ଓ କୀର୍ତ୍ତନ ପରିବେଷଣ କରନ୍ତି ଯଥାକ୍ରମେ ସର୍ବଶ୍ରୀ ଶ୍ୟାମସୁନ୍ଦର ଛେତ୍ରୀ, ବିରୂପାକ୍ଷ ରାୟ, ପ୍ରଦୀପ ଚକ୍ରବର୍ତ୍ତୀ, ଡ଼ଃ. ସ୍ୱପନ କୁମାର ମଣ୍ଡଳ, ଜୟଜୟ ରାମସିଂ । ସମବେତଭାବେ ସଙ୍ଗୀତ ପରିବେଷଣ କରନ୍ତି ସୋନାଲୀ ପାତ୍ର, ମିନୁ ବିଶ୍ୱାସ, ମଧୁରିମା ବିଶ୍ୱାସ, ଅନୀତା ଚନ୍ଦ, ନନ୍ଦିତା ଚୌଧୁରୀ । କୀର୍ତ୍ତନ ପରିବେଷଣ କରନ୍ତି ପ୍ରଦୀପ୍ତ ମଣ୍ଡଳ ଓ କାର୍ତ୍ତିକ ଚନ୍ଦ୍ର ବିଶ୍ୱାସ ପ୍ରମୁଖ । ଅନୁଷ୍ଠାନ ସଞ୍ଚାଳନରେ ଥିଲେ ଶ୍ରୀତରୁଣ କୁମାର ପାଲ । 'ବନ୍ଦେ ପୁରୁଷୋତ୍ତମମ୍' ଧ୍ୱନି ଦେଇ ସଙ୍ଗୀତାନୁଷ୍ଠାନର ସମାପ୍ତି ଘୋଷଣା କରାହୁଏ ।

ମାଣିକପୁରରେ ଶ୍ରୀଶ୍ରୀଠାକୁରପୂଜା ଓ ଭୋଗରାଗର ଯଥାବିହିତ ବ୍ୟବସ୍ଥାପନାରେ ଥିଲେ ସର୍ବଶ୍ରୀ ନିର୍ମଳେନ୍ଦୁ ଘୋଷାଲ, ଗୌତମ ଭଟ୍ଟାଚାର୍ଯ୍ୟ, ବୋଧିବ୍ୟାସ ଭଟ୍ଟାଚାର୍ଯ୍ୟ, ଗୌରୀ ପ୍ରସାଦ ଭଟ୍ଟାଚାର୍ଯ୍ୟ, ରଞ୍ଜନ ବ୍ୟାନାର୍ଜୀ ପ୍ରମୁଖ ।

ପ୍ରଥାନୁସାରେ ଠାକୁରଭୋଗର ସମସ୍ତ ସାମଗ୍ରୀ ଶ୍ରୀବିଶ୍ୱେଶ୍ୱର ବ୍ୟାନାର୍ଜୀଙ୍କ ତତ୍ତ୍ୱାବଧାନରେ ଠାକୁରବାଡ଼ିକୁ ନେଇ ଆସିବା ହୁଏ ଏବଂ ଏହିଠାରେହିଁ ଶ୍ରୀଶ୍ରୀଠାକୁରଭୋଗ ନିବେଦିତ ହୁଏ ।

ଆନନ୍ଦବଜାର : ଉତ୍ସବରେ ଆଗତ ଅଗଣିତ ଭକ୍ତବୃନ୍ଦ ଏବଂ ପାର୍ଶ୍ୱବର୍ତ୍ତୀ ବହୁ ଗ୍ରାମବାସୀ କୃଶରାନ୍ନ ଓ ଚଟଣୀ ପ୍ରସାଦ ଲାଭରେ ଧନ୍ୟ ହୁଅନ୍ତି । ଆନନ୍ଦବଜାରର ତତ୍ତ୍ୱାବଧାନରେ ଥିଲେ ଶ୍ରୀବିଶ୍ୱପତି ସରକାର ।

ପ୍ରସଙ୍ଗତଃ ଉଲ୍ଲେଖ୍ୟ : ମଧ୍ୟାହ୍ନରେ ମାଣିକପୁର ଯୁଗଳମନ୍ଦିର ସଂଲଗ୍ନ ମାଣିକପୁର ଗ୍ରାମର ବିଦ୍ୟାଳୟର ପଡ଼ିଆରେ ନିର୍ମିତ ମଣ୍ଡପରେ ପରମଦୟାଳ ଶ୍ରୀଶ୍ରୀଠାକୁର, ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା' ଓ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତିକୃତି ସ୍ଥାପନ କରି ମାଲ୍ୟଭୂଷିତ କରାହୁଏ । ସମବେତ ପ୍ରାର୍ଥନାନ୍ତେ କୀର୍ତ୍ତନ ପରିବେଷଣ କରନ୍ତି ଆଶ୍ରମିକ ଓ ମାଣିକପୁର ଯୁଗଳମନ୍ଦିରର ରକ୍ଷୀବୃନ୍ଦ— ଜୟଜୟ ରାମସିଂ ପ୍ରମୁଖ । ଏଠାରେ ସହସ୍ରାଧିକ ଗ୍ରାମବାସୀ ଆନନ୍ଦବଜାରରେ ପ୍ରସାଦ ଗ୍ରହଣ କରନ୍ତି ।

ମାଣିକପୁର ଯୁଗଳମନ୍ଦିରର ଦାୟିତ୍ୱପ୍ରାପ୍ତ କର୍ମୀ ଶ୍ରୀବସନ୍ତ କୈରୀଙ୍କ ସଙ୍ଗେ ସର୍ବକାର୍ଯ୍ୟରେ ସହଯୋଗିତା କରନ୍ତି ଶ୍ରୀତାରେଣୀ ଯାଦବ ଓ ମାରୀ ଯାଦବ ।

ବିଶେଷଭାବେ ଉଲ୍ଲେଖ୍ୟ: ବନଭୋଜନ ଉତ୍ସବକୁ ସର୍ବାଙ୍ଗୀନ ସାଫଲ୍ୟମଣ୍ଡିତ କରିବା ବିଷୟରେ ସାଙ୍ଗସାଥିମାନଙ୍କୁ ନେଇ ସର୍ବତୋଭାବେ ସହଯୋଗିତା କରିଛନ୍ତି ସ୍ଥାନୀୟ ଏମ.ପି. ଶ୍ରୀଆର.ଏସ. ଶର୍ମା । *ସମ୍ବାଦଦାତା : ଶ୍ରୀତରୁଣ କୁମାର ପାଲ*

ଆଶ୍ରମ ସମ୍ବାଦ

ମାର୍ଗଶୀର ମାସର ଶେଷ ଆଡ଼କୁ ଏବଂ ପୌଷର ଆରମ୍ଭରେ ଖୁବ୍ ଶୀତ ଥିଲା । ତା'ପରେ ପୁରା ପୌଷ ମାସ ଶୀତ କମ୍ ଅନୁଭୂତ ହୁଏ । ପୌଷ ସଂକ୍ରାନ୍ତି ସମୟରେ ଆକାଶ ମେଘାଚ୍ଛନ୍ନ ଥିଲା । । ସାମାନ୍ୟ ବର୍ଷା ବି ହୋଇଥିଲା । ତା' ପରଠାରୁ ଶୀତ ବେଶ୍ ବୃଦ୍ଧି ପାଏ । ବର୍ତ୍ତମାନ ନିମ୍ନତମ ତାପମାତ୍ରା ୬° ସେଲ୍‌ସିୟସ୍‌ରୁ ୯° ସେଲ୍‌ସିୟସ୍ ମଧ୍ୟରେ ଏବଂ ଉର୍ଦ୍ଧ୍ୱତମ ତାପମାତ୍ରା ୨୦°ରୁ ୨୨° ସେଲ୍‌ସିୟସ୍ ମଧ୍ୟରେ ଉଠାପକା କରୁଛି ।

ତା୩୧.୧୨.୨୦୧୫ରିଖ, ଗୁରୁବାର : ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୫ତମ ଜନ୍ମ-ମହୋତ୍ସବ ଏବଂ ତତ୍‌ସହ ୩୦୨ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନ ସତ୍‌ସଙ୍ଗ, ଦେଓଘରଠାରେ ଅନୁଷ୍ଠିତ ହୋଇଯାଏ । ଆଜି ପ୍ରଥମ ଦିବସ ।

ତା୦୧.୦୧.୨୦୧୬ରିଖ, ଶୁକ୍ରବାର : ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୫ତମ ଜନ୍ମ-ମହୋତ୍ସବ ଏବଂ ତତ୍‌ସହ ୩୦୨ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନ ସତ୍‌ସଙ୍ଗ, ଦେଓଘରଠାରେ ଅନୁଷ୍ଠିତ ହୋଇଯାଏ । ଆଜି ଦ୍ୱିତୀୟ ଦିବସ । (ସ୍ୱତନ୍ତ୍ର ବିବରଣୀ ଅନ୍ୟତ୍ର ଦ୍ରଷ୍ଟବ୍ୟ)

ତା୦୨.୦୧.୨୦୧୬ରିଖ, ଶନିବାର : ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଆଜି ପ୍ରତ୍ୟୁଷରେ ସଡ଼କପଥେ ଉତ୍ତରବଙ୍ଗ ହୋଇ ଗୌହାଟୀ ଯାତ୍ରା କରନ୍ତି । ପରେ ସେ ଉତ୍ତର-ପୂର୍ବାଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରିବାର ଯୋଜନା ରହିଛି ।



ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା

ଆଜି ପୂଜନୀୟ ବାବାଇବାବୁ କତିପୟ ସଙ୍ଗୀ ସହ ସଡ଼କପଥେ ବିଶେଷ ପରିକ୍ରମା ଉଦ୍ଦେଶ୍ୟରେ ଯାତ୍ରା କରନ୍ତି । ସେ ଦେଶର ବିଭିନ୍ନ ସ୍ଥାନ ପରିକ୍ରମା କରିବେ ।

ତା୦୫.୦୧.୨୦୧୬ରିଖ, ମଙ୍ଗଳବାର : ପୂଜନୀୟ ଅବିନବାବୁଙ୍କ ଜନ୍ମଦିନ ଉପଲକ୍ଷେ ଫିଲାନ୍‌ଥ୍ରପୀର ଦ୍ୱିତଳରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । ସେଦିନ ଅବିନବାବୁଙ୍କ ବନ୍ଧୁମାନେ ନିଉ ଗେଷ୍ଟହାଉସର ଚତ୍ୱରରେ ସଙ୍ଗୀତର ଆୟୋଜନ କରନ୍ତି । ସନ୍ଧ୍ୟାରେ ସତ୍‌ସଙ୍ଗ ଅନୁଷ୍ଠାନ ପରେ କିଶୋରମାନଙ୍କ ଉଦ୍ୟମରେ ଆତସ୍‌ବାଜୀ ପ୍ରଦର୍ଶିତ ହୁଏ ।

ତା୦୯.୦୧.୨୦୧୬ରିଖ, ଶନିବାର : ଯଶିଡ଼ି ସନ୍ନିକଟ ମାଣିକପୁରଠାରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ବନଭୋଜନ ଉତ୍ସବ ଅନୁଷ୍ଠିତ ହୁଏ ।

ତା୧୬.୦୧.୨୦୧୬ରିଖ, ମଙ୍ଗଳବାର : ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ଉତ୍ତର-ପୂର୍ବାଞ୍ଚଳରୁ ସଡ଼କପଥରେ ପ୍ରତ୍ୟାବର୍ତ୍ତନ କରି ଅପରାହ୍ଣ ୨ଟାରେ ସତ୍‌ସଙ୍ଗ, ଦେଓଘରରେ ପହଞ୍ଚନ୍ତି ।

ଏହିଦିନ ପୂଜନୀୟ ବାବାଇବାବୁ ସଡ଼କପଥେ ନାନାସ୍ଥାନ ପରିକ୍ରମା କରି ଆଶ୍ରମରେ ଆସି ପହଞ୍ଚନ୍ତି । ପୂଜନୀୟ ଅବିନବାବୁ ଆଶ୍ରମରେ ବହୁ ବ୍ୟକ୍ତିଙ୍କର ସଦ୍‌ଦୀକ୍ଷାର ଉଦ୍ୟୋଗ ଗ୍ରହଣ କରନ୍ତି । କେଇଦିନର ଦିବାରାତ୍ର ପରିଶ୍ରମ କରି ବହୁ ଆଶ୍ରମିକ ଓ ବହିରାଗତ କର୍ମୀଙ୍କୁ ଲୋକସଂଗ୍ରହ କାର୍ଯ୍ୟରେ ବ୍ୟାପୃତ କରନ୍ତି । ୨୬ ଓ ୨୭ ଜାନୁଆରୀରେ ବହୁ ନରନାରୀ ସଦ୍‌ଦୀକ୍ଷା ଗ୍ରହଣ କରନ୍ତି ।

ତା୨୭.୦୧.୨୦୧୬ରିଖ, ବୁଧବାର : ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ମହାପ୍ରୟାଣ ଦିବସ ପାଳିତ ହୁଏ । ସେଦିନ ଠାକୁରବଙ୍ଗଳାରେ ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ ।

ଆଜି ପୂଜନୀୟ ବାବାଇବାବୁ ବିଶେଷ ପରିକ୍ରମାରେ ଟ୍ରେନଯୋଗେ ଓଡ଼ିଶା ଯାତ୍ରା କରନ୍ତି ।

(ସମ୍ବାଦଦାତା : ଶ୍ରୀକୃପାସିନ୍ଧୁ ରକ୍ଷିତ)

ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ସପରିବାର ଭଲରେ ଅଛନ୍ତି ।

ଠାକୁରବଙ୍ଗଳାରେ ପ୍ରତ୍ୟହ ଯଥାକ୍ରମେ ପରମଦୟାଳ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଉଦ୍ଦେଶ୍ୟରେ ଶାସ୍ତ୍ରୋକ୍ତ ବିଧି ଅନୁଯାୟୀ ଭୋଗରାଗ ନିବେଦିତ ହୋଇ ଚାଲିଛି ।

ପ୍ରତି ଗୁରୁବାର ଦିନ 'ଉପାସନା' ଗୃହରେ ଅନୁଷ୍ଠିତ ହେଉଛି ମାତୃ-ସମ୍ମିଳନୀ ।

ପୂଜନୀୟ ବାବାଇବାବୁ ଯାଜନ-ପରିକ୍ରମାରେ ପ୍ରଥମେ ଦେଶର ବିଭିନ୍ନ ପ୍ରାନ୍ତକୁ ଯାତ୍ରା କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି । ଗୁରୁଭାଇ ଓ ମା'ମାନଙ୍କର ବିଶେଷ ଆମନ୍ତ୍ରଣ ପାଇ ସେ ପ୍ରଥମେ ଯାତ୍ରା କରନ୍ତି ପଶ୍ଚିମବଙ୍ଗ ରାଜ୍ୟକୁ । ସେଠାରେ ଲକ୍ଷାଧିକ ବ୍ୟକ୍ତିଙ୍କୁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରିତ କରାନ୍ତି ସଦ୍‌ଦୀକ୍ଷା ପ୍ରଦାନ କରି ।

ଏହାପରେ ଜାନୁଆରୀ-୨୭ ତାରିଖରେ ଓଡ଼ିଶା ରାଜ୍ୟକୁ ଯାତ୍ରା କରନ୍ତି । ସେଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରନ୍ତି ଓଡ଼ିଶାର ସତ୍‌ସଙ୍ଗିବୃନ୍ଦ । ଦୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଓଡ଼ିଶା ରାଜ୍ୟର ବିଭିନ୍ନ ସ୍ଥାନରେ ସେ ସ୍ୱୟଂ ଦୀକ୍ଷାଦାନ କରିବେ । ଓଡ଼ିଶାର କର୍ମିବୃନ୍ଦ ତଥା ଗୁରୁଭାଇ ଓ ମା'ମାନେ ଅତି ସଶ୍ରଦ୍ଧ ଆଗ୍ରହରେ ଏହି କାର୍ଯ୍ୟରେ ବ୍ରତୀ ହୋଇଛନ୍ତି ।

ଶେଷ ସମ୍ବାଦ ସୁଦ୍ଧା ପୂଜନୀୟ ବାବାଇବାବୁ ଓଡ଼ିଶାରେ କେତେ ହଜାର ବ୍ୟକ୍ତିଙ୍କୁ ସଦ୍‌ଦୀକ୍ଷାରେ ଦୀକ୍ଷିତ କରି ତୋଳନ୍ତି । ବର୍ତ୍ତମାନ ତାଙ୍କ ପରିକ୍ରମା ଓଡ଼ିଶାରେ ଅବ୍ୟାହତ ରହିଛି । ଏହି ଓଡ଼ିଶା ପରିକ୍ରମା ଫେବୃଆରୀ ପ୍ରଥମାର୍ଦ୍ଧର ଶେଷ ପର୍ଯ୍ୟନ୍ତ ଚାଲିବାର ସମ୍ଭାବନା ରହିଛି ।

ଆଶ୍ରମର ବିଭିନ୍ନ ବିଭାଗରେ ଇଷ୍ଟକର୍ମ ସୁଷ୍ଠୁଭାବେ ସମ୍ପାଦିତ ହୋଇ ଚାଲିଛି ।

ଏହା ଉତ୍ସବର ଋତୁ । ସତ୍‌ସଙ୍ଗ ଜଗତରେ ଏହି ଶୀତଋତୁ ସମୟରେ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ ବିଭିନ୍ନ କେନ୍ଦ୍ର ଓ ବିହାର ଆନୁକୂଲ୍ୟରେ ସର୍ବତ୍ର ଅନୁଷ୍ଠିତ ହୋଇ ଚାଲିଛି । ଭକ୍ତ ଓ ଅନୁରାଗୀ ଆବାଳବୃଦ୍ଧବନିତା ଏହି ଉତ୍ସବଗୁଡ଼ିକୁ ସାର୍ଥକ କରିବା ପାଇଁ ସକ୍ରିୟଭାବେ ଯୋଗଦାନ ଓ ଯୋଗାଣ ଦେଇ ଚାଲିଛନ୍ତି । ପ୍ରଚୁର ଦୀକ୍ଷା ମଧ୍ୟ ହେଉଅଛି । ପ୍ରଧାନ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଏକାନ୍ତ ଇଚ୍ଛା — ଦୀକ୍ଷା ବୃଦ୍ଧିକୁ ବାସ୍ତବାୟିତ କରିବା ପାଇଁ ସମସ୍ତେ ଯେପରି ଏକ ମନରେ ଲାଗି ପଡ଼ିଛନ୍ତି । ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଗତ କର୍ମୀ-ସମ୍ମେଳନରେ କର୍ମିମାନଙ୍କୁ ତଥା ଅନ୍ୟ ସମସ୍ତଙ୍କୁ ଆହ୍ୱାନ ଦେଇ ଆଶୀର୍ବାଦ କରିଥିଲେ, ଚେଷ୍ଟା କଲେ ଆମେ ଆଗାମୀ ବର୍ଷମାନଙ୍କରେ ବର୍ଷକୁ ୫୦/୬୦ ଲକ୍ଷ କରି ଦୀକ୍ଷା ଦେଇପାରିବା । କିପରି ଦୀକ୍ଷା ବୃଦ୍ଧି ପାଇବ ସେ ନେଇ ସମସ୍ତେ ଲାଗି ପଡ଼ିଛନ୍ତି । ଆଚାର୍ଯ୍ୟଦେବଙ୍କ ଆଶୀର୍ବାଦକୁ ମଥାରେ ବହନ କରି ଏହି ବ୍ୟାପକ ଦୀକ୍ଷା ବୃଦ୍ଧି କାର୍ଯ୍ୟକ୍ରମରେ ସମସ୍ତେ ଅତ୍ୟନ୍ତଭାବେ ଆଗ୍ରହାନ୍ୱିତ ହୋଇ ଉଠିଛନ୍ତି । ଏହିପରି ଚାଲିଲେ ସେଦିନ ଆଉ ଦୂର ନୁହେଁ, ଯେଉଁଦିନ ଶ୍ରୀଶ୍ରୀଠାକୁରଙ୍କ ପରିକଳ୍ପିତ ଓ ଇଚ୍ଛାମୁତାବିକ ଜନସଂଖ୍ୟା ସତ୍‌ମନ୍ତ୍ରରେ ସଦ୍‌ଦୀକ୍ଷିତ ହୋଇଯିବେ । ଜନସାଧାରଣଙ୍କ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ମତାଦର୍ଶ ପ୍ରତି ଅହେତୁକ ଆଗ୍ରହ ବୃଦ୍ଧି ପାଇଛି । ଦୀକ୍ଷା କଥା କହିଲା ମାତ୍ରେ ବିରୋଧ ତ କରିବାର ପ୍ରଶ୍ନ ଉଠୁ ନାହିଁ ବରଂ ସାଦରରେ ଲୋକେ ଆଗ୍ରହାନ୍ୱିତ ହେଉଛନ୍ତି ଦୀକ୍ଷା ଗ୍ରହଣ ପାଇଁ । ଏହା ସତ୍‌ସଙ୍ଗ ଭାବାଦର୍ଶର ମହାନତା ଏବଂ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣାର ଅଦ୍ଭୁତ ନିଦର୍ଶନ ।

ଡ଼କ୍ଟର ନିରଞ୍ଜନ ମିଶ୍ର
ତା୨୮।୦୧।୨୦୧୬
ସତ୍‌ସଙ୍ଗ ନଗର, ଦେଓଘର



ମଣିଷର ଜୀବନରେ ଭଲ-ମନ୍ଦ, ସୁଖ-ଦୁଃଖ, ବିପଦ-ସମ୍ପଦ ଆସେ ଓ ଯାଏ । ଯେତେବେଳେ ସମ୍ପଦ ଆସେ, ସୁଖ ଆସେ, ସବୁକିଛି ଭଲ ହୁଏ ମଣିଷ ଆନନ୍ଦରେ ଉଚ୍ଛୁଳି ଉଠେ, କଲ୍ଲୋଳିତ ହୋଇଉଠେ ତା'ର ହୃଦୟ । ସେଥିପାଇଁ ସେ ନିଜର ସୁକର୍ମ, ନିଜର ପାରିଲାପଣିଆକୁ ସମସ୍ତ ଶ୍ରେୟ ଦେଇଦିଏ । କିନ୍ତୁ ଯେତେବେଳେ ଦୁଃଖ ଆସେ, ବିପଦ ଆସେ, ଆଉ ସର୍ବତ୍ର ମନ୍ଦ ଆଉ ମନ୍ଦ ଅବସ୍ଥା ପ୍ରାପ୍ତ ହୁଏ ସେତେବେଳେ ସେ ସମସ୍ତ ଦୋଷ ଲଦି ଦିଏ ଅଦୃଷ୍ଟ ଉପରେ । ଈଶ୍ୱର, ଭଗବାନ ବା ସେହିପରି ବିଶ୍ୱସ୍ରଷ୍ଟାଙ୍କ ଉପରେ ସମସ୍ତ ଦୋଷ ଲଦି ଦେବାକୁ କୁଣ୍ଠାବୋଧ କରେନା । ତା'ର ଏପରି ଦୂରବସ୍ଥାକୁ ଦେଖି ଲୋକେ କହନ୍ତି — ଅଦୃଷ୍ଟର ଏହା ହେଉଛି ପରିହାସ । କରିଛି କିଛି କୁକର୍ମ, ସେଥିପାଇଁ ଅଦୃଷ୍ଟ ତା'କୁ ଦଣ୍ଡିତ କରୁଛି । ଏହିପରି ଭାବେ ନାନାପ୍ରକାର କଥା ଚାଲେ । ଅଦୃଷ୍ଟର ପରିହାସ କହିଲେ ସାଧାରଣତଃ ବୁଝାଯାଏ, ଦୁର୍ଭାଗ୍ୟ ଉପହାସ ବା ଥଟ୍ଟା କରୁଛି ।

ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶରେ ଅଦୃଷ୍ଟର ପରିହାସକୁ ସମ୍ପୂର୍ଣ୍ଣ ଭିନ୍ନ ଭାବେ ବ୍ୟାଖ୍ୟା କରାଯାଏ ।

ଅଦୃଷ୍ଟର ପରିହାସ ମାନେହିଁ
ସମୀଚୀନ ଭାବେ ନ ଦେଖିବା,
ସମୀଚୀନ ଭାବେ ନ ଶୁଣିବା,
ସମୀଚୀନ ଭାବେ ନ ବୁଝିବା,
ସମୀଚୀନ ଭାବେ ନ କରିବା;
ସମୀଚୀନ ବ୍ୟବସ୍ଥିତିର ଅଭାବ
ଯେତେ ପୁଞ୍ଜୀଭୂତ ହୋଇ ରହେ —
ଅଜ୍ଞତାରେ ମହଚ୍ଛୁତ ହୋଇ, —
ନ ଦେଖିବାର ପରିହାସ
ମଣିଷକୁ ସେତେ ହିଁ ବିଦ୍ରୂପ କରୁଥାଏ,
ଆଉ, ଏହି ବିଦ୍ରୂପ
ବ୍ୟତିକ୍ରମ ସୃଷ୍ଟି କରି
ମଣିଷକୁ ବିଧ୍ୱସ୍ତ ଓ ବିପର୍ଯ୍ୟସ୍ତ କରିବାକୁ
ତ୍ରୁଟି କରେନା,
ଏହି କରିବା କିନ୍ତୁ
ମଣିଷର ହିଁ ଅଜ୍ଞତାର ସୃଷ୍ଟି,
ଅମନଯୋଗିତାର ସୃଷ୍ଟି,
ତା'ର ବିକୃତିର ବ୍ୟଙ୍ଗ-କଟାକ୍ଷ;
ତେଣୁ, ସମୀଚୀନ ସତର୍କତା ନେଇ
ସମୀଚୀନଭାବେ
ଦେଖ, ଶୁଣ, ବୁଝ, କର,
ଆଉ, ସବୁ ଦେଖିବା
ସବୁ ଶୁଣିବା
ସବୁ ବୁଝିବା
ସବୁ କରିବା
ସାର୍ଥକ ସଙ୍ଗତିଶୀଳ ସୁବ୍ୟବସ୍ଥିତ ବିନାୟନରେ
ତୁମର ବୋଧ ଦୃଷ୍ଟିରେ
ସୁସଜ୍ଜିତ କରି ରଖ,
ଯଦ୍ଦ୍ୱାରା ପ୍ରୟୋଜନ ସମୟରେ
ବିପାକ-ବିଧ୍ୱସ୍ତ ହେବାକୁ ନ ପଡ଼େ;
ଅଦୃଷ୍ଟ ବି ପରିହାସ କରିବ କମ୍‌ହିଁ ।

(ଆର୍ଯ୍ୟ-ପ୍ରତିମୋକ୍ଷ-୮୧୬୧)

ଅଦୃଷ୍ଟ ବା ଦୁର୍ଭାଗ୍ୟ ସେତିକିବେଳେ ପରିହାସ କରେ ଯେତେବେଳେ ମଣିଷ ନିଜ ଅଜ୍ଞତାରୁ, ପ୍ରବୃତ୍ତିରଙ୍ଗିଳ ଚଳନରୁ, ଅନିୟନ୍ତ୍ରିତ ସ୍ୱଭାବରୁ ନାନା ଅଘଟଣ ଘଟାଏ, ଭୁଲ୍ କରିବସେ । ଆଉ ସେହି ଭୁଲ୍‌ର ଫଳ ମଧ୍ୟ ଦୁର୍ଭାଗ୍ୟ ରୂପେ ମଣିଷକୁ ନାନା କଷ୍ଟ ଦିଏ । ଅଦୃଷ୍ଟ ଫଦୃଷ୍ଟ ବୋଲି କିଛି ନାହିଁ । 'ଆପଣା କଲା କର୍ମମାନ, ଆଗୁ ହୋଇବ ସାବଧାନ' । ନିଜ କର୍ମର ଫଳ ମଣିଷ ନିଜେହିଁ ଭୋଗେ । ଯେପରି କର୍ମ ସେପରି ଫଳ । ସୁକର୍ମର ସୁଫଳ, କୁକର୍ମର କୁଫଳ । ନିଜର ବୁଝିବା, ଶୁଣିବା, ଦେଖିବା, କରିବା ଯଦି ସମୀଚୀନଭାବେ ସମ୍ପାଦିତ ନ ହୁଏ ତେବେ ଅଦୃଷ୍ଟ ପରିହାସ କରିବାକୁ ବାଧ ହୁଏ । ଅର୍ଥାତ୍ ଦୁର୍ଭୋଗରେ ପତିତ ହୁଏ ମଣିଷ । ଯିଏ ଇଷ୍ଟାନୁଗ ଜୀବନଯାପନ କରେ, ନିଜର ପ୍ରବୃତ୍ତିକୁ ଇଷ୍ଟାର୍ଥରେ ବିନିଯୋଗ କରେ ତା'ର ବୁଦ୍ଧି ସତ୍ ହୁଏ । ଚାଲିଚଳନ, କଥା, ଦର୍ଶନ, ବୋଧ ସବୁକିଛି ସମୀଚୀନଭାବେ ପରିଚାଳିତ ହୁଏ । ଏହିପରିଭାବେ ନିଜର ଚାଲିଚଳନ ଯାହାର ଶୁଦ୍ଧ ତା'ର ଅଦୃଷ୍ଟ ଶୁଭଙ୍କର ହେବା ସମୀଚୀନ । ସେଠାରେ ଅଦୃଷ୍ଟ ପରିହାସ ନ କରି ବରଂ ସହଯୋଗର ହାତ ବଢ଼ାଏ । ଆଉ ବର୍ଷଣ କରେ ସୁଫଳ । ମଣିଷ ଯେତେ ଇଷ୍ଟନିଷ୍ଠ ହୋଇ ଚାଲିବ ପ୍ରବୃତ୍ତିର ପ୍ରରୋଚନାରୁ ସେତେ ମୁକ୍ତ ହେବ । ଆଉ ତା'ର ଦେଖିବା, ଶୁଣିବା, ବୁଝିବା ଓ କରିବା ସବୁକିଛି ସମୀଚୀନ ହୋଇଉଠିବ । ଅଦୃଷ୍ଟ ସେଠାରେ କମ୍‌ହିଁ ପରିହାସ କରିବ ଅଥବା ପରିହାସ କରିବ ନାହିଁ ଆଦୌ । ସୁତରାଂ ବିପାକ ବିଧ୍ୱସ୍ତ ହେବାର ଦୁର୍ଯୋଗ କେବେ ବି ଆସିବ ନାହିଁ ।

-ବନ୍ଦେ ପୁରୁଷୋତ୍ତମମ୍

Published and Printed by Sri Sankar Sensarma on behalf of Satsang, P.o.- Satsang, Dist.- Deoghar, Jharakhanda and Printed at Ananda Printers, Chandi Chhaka, Cuttack-1 (Odisha).

ବିଜ୍ଞପ୍ତି

ପରମପ୍ରେମମୟ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ

୪୮ତମ ମହାପ୍ରୟାଣ ତିଥି

୧୬ ଫେବୃଆରୀ, ୨୦୧୬, ମଙ୍ଗଳବାର

(ମାଘ ଶୁକ୍ଳ ନବମୀ ତିଥି)

(ସତ୍‌ସଙ୍ଗିଗଣଙ୍କ ହବିଷ୍ୟକୃତ୍ୟ)

ପରମପ୍ରେମମୟ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ

ପବିତ୍ର ଦୋଳୋତ୍ସବ

(ଫାଲ୍‌ଗୁନ ପୂର୍ଣ୍ଣିମା)

ତା୨୩।୦୩।୨୦୧୬ରିଖ, ବୁଧବାର

ବିଶେଷ ବିଜ୍ଞପ୍ତି

ସତ୍‌ସଙ୍ଗ, ଦେଓଘରଠାରେ ଉତ୍ସବର ୧୫ଦିନ ଆଗରୁ ACCOMMODATION (ରହଣି ବ୍ୟବସ୍ଥା) ପାଇଁ ଯୋଗାଯୋଗ କରିବାକୁ ହେଲେ 9431384951 ଏହି ନମ୍ବରରେ ଫୋନ୍ କରିପାରନ୍ତି ।

ସମୟ :– ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ରାତି ୮ଟାରୁ ୯ଟା ଅବଧି ।

ONLINEରେ ଆବେଦନର ଠିକଣା :– acco.satsang.org.in

ସାଙ୍ଗରେ କୌଣସି ଯାନବାହନ ଥିଲେ ଅବଶ୍ୟହିଁ ଜଣାଇବାକୁ ହେବ ।

ସେକ୍ରେଟାରୀ, ସତ୍‌ସଙ୍ଗ

ସତ୍‌ସଙ୍ଗ, ଦେଓଘର

୨୬.୧୦.୨୦୧୫

ବି.ଦ୍ର. : Accommodation (ରହଣି ବ୍ୟବସ୍ଥା) ସମ୍ପୂର୍ଣ୍ଣ କର୍ତ୍ତୃପକ୍ଷଙ୍କ ବିବେଚନାଧୀନ ଏବଂ ସ୍ଥାନ ସଙ୍କୁଳାନସାପେକ୍ଷ

Postal Regd. No. CK(C)-28/2015-2017 R.N.I. - 33516/80 URJANA, **February - 2016**
(Regd. to post without pre-payment)

ପରମପ୍ରେମମୟ
ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର

ଶ୍ରୀମୁଖନିଃସୃତ-ଗ୍ରନ୍ଥାବଳୀ, ଦିବ୍ୟ ଜୀବନୀ, କଥୋପକଥନ
ଇତ୍ୟାଦି ପୁସ୍ତକର ଓଡ଼ିଆ ଅନୁବାଦ (ଗ୍ରନ୍ଥାବଳୀ)

ପୁସ୍ତକର ନାମ	ମୂଲ୍ୟ	ପୁସ୍ତକର ନାମ	ମୂଲ୍ୟ
ଉପାସନା	ଟ୧.୦୦	ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର	ଟ୩୨.୦୦
ସତ୍ୟାନୁସରଣ	ଟ୪.୦୦	ଦୟାଲ ଠାକୁର	ଟ୩୦.୦୦
ଜୀବନଦୀପ୍ତି (୧ମଖଣ୍ଡ)	ଟ୫.୦୦	ଆଲୋଚନା-ପ୍ରସଙ୍ଗ (୧ମଖଣ୍ଡ)	ଟ୧୪.୦୦
ଜୀବନଦୀପ୍ତି (୨ୟଖଣ୍ଡ)	ଟ୪.୦୦	ଆଲୋଚନା-ପ୍ରସଙ୍ଗ (୨ୟଖଣ୍ଡ)	ଟ୨୦.୦୦
ଜୀବନଦୀପ୍ତି (୩ୟଖଣ୍ଡ)	ଟ୧୭.୦୦	ଆଲୋଚନା-ପ୍ରସଙ୍ଗ (୩ୟଖଣ୍ଡ)	ଟ୩୬.୦୦
ପ୍ରୀତି ବିନାୟକ (୧ମଖଣ୍ଡ)	ଟ୨୫.୦୦	ନାରୀର ପଥେ	ଟ୧୮.୦୦
ନାରୀର ନୀତି	ଟ୧୮.୦୦	ନାନା ପ୍ରସଙ୍ଗେ	ଟ୧୬.୦୦
ସ୍ୱାସ୍ଥ୍ୟ ଓ ସଦାଚାର ସୂତ୍ର	ଟ୧୭.୦୦	ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଓ	
ସଂଜ୍ଞା ସମୀକ୍ଷା	ଟ୧୫.୦୦	ଦେଶବନ୍ଧୁ ଚିତ୍ତରଞ୍ଜନ	ଟ୩.୦୦
ଆଦର୍ଶ ବିନାୟକ	ଟ୨୫.୦୦	ଦେବୀସୂକ୍ତ	ଟ୪୦.୦୦
ଚଲାର ସାଥୀ	ଟ୩୫.୦୦	ପଥ କଉଡ଼ି	ଟ୨୫.୦୦
ପୁଣ୍ୟ ପୁଁଥି	ଟ୨୨.୦୦	ବିବାହ ବିଧାୟନା	ଟ୩୦.୦୦
କଥା ପ୍ରସଙ୍ଗ (୧ମଖଣ୍ଡ)	ଟ୧୭.୦୦	ଆଶିଷ ବାଣୀ (ବଡ଼ଦା)	ଟ୯.୦୦
ଶାଶ୍ୱତୀ	ଟ୪୦.୦୦	ସଦ୍‌ବିଧାୟନା(ଅଖଣ୍ଡ ସଂସ୍କରଣ)	ଟ୩୭.୦୦
ସମ୍ବିତୀ	ଟ୩୯.୦୦	କୃତି-ବିଧାୟନା	ଟ୩୨.୦୦

ପରମପୂଜ୍ୟପାଦ
ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ

ଇଷ୍ଟ ପ୍ରସଙ୍ଗେ (୧ମ ଖଣ୍ଡ)

ଇଷ୍ଟ ପ୍ରସଙ୍ଗେ (୨ୟ ଖଣ୍ଡ)

ପ୍ରାପ୍ତିସ୍ଥାନ :

ସତ୍‌ସଙ୍ଗ ପବ୍‌ଲିଶିଂ ହାଉସ୍

ପୋ. : ସତ୍‌ସଙ୍ଗ, ଦେଓଘର (ଝାଡ଼ଖଣ୍ଡ) PIN- 814116

ଶାଖା-୧୭୩/୩, ବିଧାନ ସାରଣୀ, କଲିକତା-୭୦୦ ୦୦୬